# ଉତ୍କଳ ପ୍ରସଙ୍ଗ

## ଜନରାଜ୍ୟ ଦିବସ ବିଶେଷାଙ୍କ ୧୯୭୩



ଗୋଟିଏ ଦେଶ ନିଜ ଉପରେ ନିର୍ଭର କରି ଯାହା କରିପାରେ ସେଥିରୁ ତାହାର ଶକ୍ତିର ପ୍ରମାଣ ମିଳିଥାଏ । କିନ୍ତୁ ଅନ୍ୟଠାରୁ ମାଗିଆଣି କୌଣସି ଦେଶ ଶକ୍ତିଶାଳୀ ହୋଇ ନ ପାରେ ।

—ଇନ୍ଦିରା ଗାନ୍ଧୀ



ଓଡ଼ିଶା ଆର୍ଥନୀତିକ ଦୃଷ୍ଟିରୁ ଅନୁନ୍ନତ ହୋଇଥିଲେ ହେଁ ଧନଜନରେ ପରିପୂର୍ଣ୍ଣ । ଆମ୍ଭେମାନେ ଗୋଟି
ପ୍ରାଚୀନ ସଭ୍ୟତାର ଦାୟାଦ ଏବଂ ଆମ ଦେଶର ସାଂସ୍କୃତିକ ଓ ସାମାଜିକ ଐତିହ୍ୟ ପ୍ରତି ଆମ ରାଜ
ବାସୀଙ୍କର ବିଶେଷ ଅବଦାନ ରହିଛି । କିନ୍ତୁ ଆମମାନଙ୍କୁ ଭବିଷ୍ୟତ ଆଡ଼କୁ ଦୃଷ୍ଟି ଦେବାକୁ ହେବ ଏ
ଓଡ଼ିଶାକୁ ସେହି ଜାତୀୟ ମହାସ୍ରୋତରେ ମିଶାଇ ଦେବାକୁ ପଡ଼ିବ—ଯାହା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ
ପ୍ରେରଣାଦାୟକ ଓ ପ୍ରଗତିଶୀଳ ନେତୃତ୍ୱରେ ଆଜି ଜାତୀୟ ଗର୍ବ, ଆଶା ଓ ଆକାଂକ୍ଷାର ବିପୁଳ ପ୍ଲାବନ
ଆଲୋଡ଼ିତ ହୋଇ ଉଠିଛି ।

—ନନ୍ଦିନୀ ଶତପଥ

ଉଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ... ରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ ପ୍ରସଙ୍ଗ ... ାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରଯାଇଥାଏ । ସେଗୁଡ଼ିକ ବିଷୟକୁ ସଂପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

❁


ସମ୍ପାଦକ ଗୋପବନ୍ଧୁ ଦାସ, ନିର୍ଦ୍ଦେଶକ, ଲୋକ ସଂପର୍କ ଓ ପର୍ଯ୍ୟଟନ ।

ସହଯୋଗୀ ସମ୍ପାଦକ : ଲୋକନାଥ ରାୟଗୁରୁ, ସହକାରୀ ଲୋକ ସଂପର୍କ ନିର୍ଦ୍ଦେଶକ ।

ସହକାରୀ ସଂପାଦକ : ବାମଦେବ ମିଶ୍ର, ରଚନା ଅଧିକାରୀ

❁

ପ୍ରଚ୍ଛଦପଟ ଶିଳ୍ପୀ : ଅସିତ ମୁଖାର୍ଜୀ

❁

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ

❁

ବାର୍ଷିକ ଦେୟ ଟ ୪.୮୦
ପ୍ରତି ଖଣ୍ଡ ଟ ୦.୪୦

❁

ପ୍ରକାଶନ : ପ୍ରତିମାସ ୧୫ ତାରିଖ



# ଉତ୍କଳ ପ୍ରସଙ୍ଗ

ଜାନୁଆରୀ, ୧୯୬୩/ପୌଷ, ୧୮୮୪
୧୯ଶ ଭାଗ, ଷଷ୍ଠ ସଂଖ୍ୟା


ଗଣତନ୍ତ୍ର ଦିବସ ବିଶେଷାଙ୍କ

---

## ଏହି ସଂଖ୍ୟାରେ ପଢ଼ନ୍ତୁ :—


୧ ଓଡ଼ିଶାରେ କୃଷି ଉନ୍ନୟନ .. ୧
୨ ଭୁବନେଶ୍ୱରସ୍ଥ ଆଞ୍ଚଳିକ ଗବେଷଣାଗାର .. ୨
୩ ଅଖିଳ ଭାରତ ଦୁଗ୍ଧ ବନ୍ୟା ଯୋଜନା .. ...
୪ ଜନ୍ମ-ନେଇ .. ୧
୫ ଅପରାଧର ମୂକ ସାକ୍ଷୀ .. ୨...
୬ କାଳିଜାଇ ମନ୍ଦିର .. ୨...
୭ ବରଗଡ଼ର ଜିଲର ଭୂତଳ ଜନ-ତାତ୍ତ୍ୱିକ ପରିବେଶ .. ୨
୮ ଓଡ଼ିଆ ନାଟକର ଅଗ୍ରଗତି . ୩...
୯ ଭାରତରେ ଉତ୍ପାଦ୍ ଶିଳ୍ପ .. ୩...
୧୦ ସ୍ୱାଧୀନତା ପର ଶ୍ରମିକ .. ୪
୧୧ କ୍ଷୁଦ୍ର ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା .. ୪...
୧୨ ଭାରତରେ ଜନଗଣନା .. ୪...
୧୩ ଏ ମାଟିର ଅମର ଶହୀଦ .. ୪
୧୪ ଗାନ୍ଧୀଜୀଙ୍କ ଚିନ୍ତାଧାରାର ସର୍ବକାଳୀନ ଗୁରୁତ୍ୱ .. ୫
୧୫ ସାହିତ୍ୟ ବିଭାଗ .. ୫
୧୬ ଆମ ଓଡ଼ିଶା . ୬

## ଭୁଲିଗଲେ ହେବ ନାହିଁ

କୌଣସି ସରକାର ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ଉପେକ୍ଷା କରି ଦେଇ ତିଷ୍ଠି ପାରିବ ନାହିଁ । କାରଣ ଏହି ଆଶା ଆକାଂକ୍ଷାର ଭିତ୍ତି ଉପରେ ଗଣତନ୍ତ୍ର ପ୍ରତିଷ୍ଠିତ । ଯଦି କୌଣସି ସରକାର ଏ ସବୁକୁ ଅବଜ୍ଞା କରେ, ତେବେ ସେ ବିତାଡ଼ିତ ହୋଇଥାଏ ଓ ଅନ୍ୟମାନେ ତା'ର ସ୍ଥାନ ଅଧିକାର କରନ୍ତି ।

—ଜବାହରଲାଲ ନେହରୁ

# ଭାରତର ସମ୍ବିଧାନ

ଆମେ ଭାରତର ଜନସାଧାରଣ ଭାରତକୁ ଗୋଟିଏ **ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର** ରୂପେ ଗଠନ କରିବା ନିମିତ୍ତ ଏବଂ ଏ ଦେଶର ସମସ୍ତ ନାଗରିକଙ୍କ ପାଇଁ :

ସାମାଜିକ, ଆର୍ଥନୀତିକ ଓ ରାଜନୀତିକ **ନ୍ୟାୟ**;
ଚିନ୍ତା, ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ
ଉପାସନାର **ସ୍ୱାଧୀନତା** :

ସାମାଜିକ ପ୍ରତିଷ୍ଠା ଓ ସୁଯୋଗ ଦିଗରେ **ସମତା** ; ହାସଲ କରିବା ତଥା **ବ୍ୟକ୍ତିବିଶେଷର ମର୍ଯ୍ୟାଦା ଓ ଜାତିର ଏକତା** ପାଇଁ ନିଶ୍ଚିତ ବ୍ୟବସ୍ଥା କରି ସେମାନଙ୍କ ସମସ୍ତଙ୍କ ମଧ୍ୟରେ **ଭ୍ରାତୃଭାବର** ବିକାଶ ସାଧନ ନିମନ୍ତେ ଦୃଢ଼ ସଂକଳ୍ପ ହୋଇ ;

ଆମ୍ଭମାନଙ୍କର **ଏହି ସଂବିଧାନ ସଭାରେ** ଅଦ୍ୟ ୧୯୪୯ ମସିହା ନଭେମ୍ବର ମାସର ଷଡବିଂଶ ଦିବସରେ **ଏତଦ୍ଦ୍ୱାରା ଏହି ସଂବିଧାନକୁ ଅଙ୍ଗୀକୃତ, ଅଧିନିୟମିତ ଓ ଆତ୍ମାର୍ପିତ କରୁଛୁଁ ।**



## ଜନରାଜ୍ୟ ଦିବସ ଉପଲକ୍ଷେ

# ରାଜ୍ୟପାଳ ଶ୍ରୀ ବି. ଡି. ଜାଟ୍ଟିଙ୍କ ବାର୍ତ୍ତା ।

ଜନରାଜ୍ୟ ଦିବସର ୨୩ତମ ବାର୍ଷିକ ଉତ୍ସବର ଏହି ଶୁଭ ଅବସରରେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ମୋର ସାଦର ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି ।

ଗତବର୍ଷ ଅଗଷ୍ଟ ୧୫ ତାରିଖରେ ଆମ ସ୍ୱାଧୀନତାର ରଜତ ଜୟନ୍ତୀ ଉତ୍ସବ ଆମ ଦେଶବାସୀଙ୍କ ଦ୍ୱାରା ମହାସମାରୋହରେ ପାଳିତ ହୋଇଥିଲା । ତଥାପି ଏହି ବର୍ଷଟି ଆମ ଓଡ଼ିଶାବାସୀଙ୍କ ପକ୍ଷରେ ଅତ୍ୟନ୍ତ କଠିନ ସମୟ ଥିଲା । କାରଣ ଦକ୍ଷିଣ ଓଡ଼ିଶାରେ ବାତ୍ୟା ଏବଂ ରାଜ୍ୟର ଅନ୍ୟ କେତେକ ଅଂଶରେ ମରୁଡ଼ି ଓ ବନ୍ୟା ଫଳରେ ଲୋକଙ୍କୁ ଦୁଃଖଦୁର୍ଦ୍ଦଶା ଭୋଗିବାକୁ ପଡ଼ିଥିଲା । ଯାହାହେଉ, ପ୍ରାକୃତିକ ବିପର୍ଯ୍ୟୟଜନିତ ଦୁଃଖଦୁର୍ଦ୍ଦଶା ଅତିକ୍ରମ କରିବା ପାଇଁ ବ୍ୟାପକ ରିଲିଫ କାର୍ଯ୍ୟ ସଂପାଦିତ ହୋଇଥିଲା । ଏବେ ମଧ୍ୟ ଖାଦ୍ୟ ପରିସ୍ଥିତି ଜଟିଳ ହୋଇ ରହିଛି । ପରିସ୍ଥିତିକୁ ସୁଧାରିବା ପାଇଁ ଆମମାନଙ୍କୁ ଦୃଢ଼ ସଂକଳ୍ପ ନେବାକୁ ପଡ଼ିବ ଏବଂ ବ୍ୟାପକ ରବି କାର୍ଯ୍ୟକ୍ରମର ସଫଳତା ପାଇଁ ପ୍ରଗାଢ଼ ଉଦ୍ୟମ କରିବାକୁ ହେବ ।

ଆମେମାନେ ଦାରିଦ୍ର୍ୟ ଦୂରୀକରଣ ପାଇଁ ସଂକଳ୍ପ ନେଇଛୁ । ତେଣୁ, ବିଭିନ୍ନ କର୍ମାଭିମୁଖୀ କାର୍ଯ୍ୟକ୍ରମ ପ୍ରତି ଅଗ୍ରାଧିକାର ଦିଆଯାଇଛି । ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ସହଯୋଗ କଲେ ଆମେମାନେ ଯୋଜନା ଅନ୍ତର୍ଭୁକ୍ତ କାର୍ଯ୍ୟକ୍ରମଗୁଡ଼ିକର ବିଭିନ୍ନ କ୍ଷେତ୍ରରେ ପ୍ରଗତିର ବେଗକୁ ତ୍ୱରାନ୍ୱିତ କରି ଆମମାନଙ୍କ ସଂକଳ୍ପ ନିଶ୍ଚୟ ପୂରଣ କରିପାରିବୁ । ଆସନ୍ତାବର୍ଷଟି ଚତୁର୍ଥ ଯୋଜନାର ଶେଷବର୍ଷ ହୋଇଥିବାରୁ ଆମମାନଙ୍କୁ ସ୍ଥିରୀକୃତ ଲକ୍ଷ୍ୟଗୁଡ଼ିକ ହାସଲ କରିବା ପାଇଁ କଠିନ ପରିଶ୍ରମ କରିବାକୁ ହେବ ।

ସାଧାରଣ ଭାବେ ଆମ ଦେଶର ଓ ବିଶେଷ କରି ଓଡ଼ିଶାର ଶୃଙ୍ଖଳିତ ପ୍ରଗତି ନିମନ୍ତେ ଶାନ୍ତି ରକ୍ଷା କରିବା ପାଇଁ ମୁଁ ପ୍ରତ୍ୟେକଙ୍କୁ ନିବେଦନ କରୁଛି । କାରଣ ଏହା ଫଳରେ ଆମେ ସମୃଦ୍ଧି ହାସଲ କରିବାକୁ ସମର୍ଥ ହୋଇପାରିବା ।

ଜୟ ହିନ୍ଦ୍.



ଜନରାଜ୍ୟ ଦିବସ ଉପଲକ୍ଷେ—

# ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ବାର୍ତ୍ତା

ତ୍ରୟୋବିଂଶ ଜନରାଜ୍ୟ ବାର୍ଷିକୀ ଉପଲକ୍ଷେ ମୁଁ ରାଜ୍ୟବାସୀଙ୍କ ପ୍ରତି ମୋର ହାର୍ଦ୍ଦିକ ଅଭିନନ୍ଦନ ତଥା ଶୁଭେଚ୍ଛା ଜ୍ଞାପନ କରୁଛି ।

ଆମ ଦେଶର ଇତିହାସରେ ଜନରାଜ୍ୟ ଦିବସ ଏକ ସ୍ମରଣୀୟ ଦିବସ । ଅତୀତ ଘଟଣାବଳୀର ସମୀକ୍ଷା କରିବା ତଥା ଭବିଷ୍ୟତ ପାଇଁ ପ୍ରେରଣା ଲାଭ କରିବା ଉଦ୍ଦେଶ୍ୟରେ ଏହି ଦିବସ ଆମ୍ଭମାନଙ୍କୁ ସୁଯୋଗ ଦେଇଥାଏ ।

ବିଗତ ବର୍ଷଟି ଆମ ଓଡ଼ିଶାବାସୀଙ୍କ ପକ୍ଷରେ ଏକ କଠିନ ପରୀକ୍ଷାର ସମୟ ଥିଲା । ପ୍ରାକୃତିକ ଦୁର୍ବିପାକ ଫଳରେ ଆମ ରାଜ୍ୟକୁ ଯଥେଷ୍ଟ ଅସୁବିଧା ଭୋଗ କରିବାକୁ ପଡ଼ିଥିଲା । ବର୍ତ୍ତମାନର ସରକାର ଶାସନ ଭାର ଗ୍ରହଣ କରିବା ପରଠାରୁ ଲୋକଙ୍କ ଦୁଃଖଦୁର୍ଦ୍ଦଶା ଦୂର କରିବା ଉଦ୍ଦେଶ୍ୟରେ ସାହାଯ୍ୟ ଯୋଗାଇ ଦେବା ପାଇଁ ଆମକୁ ପୂର୍ଣ୍ଣମାତ୍ରାରେ ମନୋନିବେଶ କରିବାକୁ ପଡ଼ିଥିଲା । ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ ରିଲିଫ୍ କାର୍ଯ୍ୟ ଚଳାଇବାକୁ ହୋଇଥିଲା । ଆମମାନଙ୍କ ସମ୍ବଳ ସୀମିତ ହୋଇଥିବା ଦୃଷ୍ଟିରୁ କେନ୍ଦ୍ର ସରକାରଙ୍କ ଠାରୁ ସାହାଯ୍ୟ ଆଣି ରାଜ୍ୟ ସରକାର ଲୋକଙ୍କ ଦୁର୍ଦ୍ଦଶା ମୋଚନ କରିବାକୁ ସବୁମତେ ଉଦ୍ୟମ କରିଥିଲେ । ରିଲିଫ୍ କାର୍ଯ୍ୟକ୍ରମ ସଙ୍ଗେ ସଙ୍ଗେ ସରକାର ରାଜ୍ୟର ସର୍ବାଙ୍ଗୀନ ଉନ୍ନତିବିଧାନ ପ୍ରତି ଲକ୍ଷ୍ୟ ରଖି ଗୁରୁତ୍ୱପୂର୍ଣ୍ଣ ଯୋଜନାମାନ ହାତକୁ ନେଇଥିଲେ । ଜନସାଧାରଣଙ୍କ ଅବସ୍ଥାର ଉନ୍ନତି ପାଇଁ ଆହୁରି ଅନେକଗୁଡ଼ିଏ ପ୍ରଗତିଶୀଳ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସ୍ଥିର ହୋଇଛି ।

ଆମ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ପ୍ରେରଣାଦାୟକ ତଥା ପ୍ରଗତିଶୀଳ ନେତୃତ୍ୱରେ ଆମ ଦେଶ ବର୍ତ୍ତମାନ ଏକ ବିରାଟ ଓ ସାହସିକ ଉଦ୍ୟମରେ ନିୟୋଜିତ ରହିଛି । ସମାଜରେ ପରିବର୍ତ୍ତନ ଆଣି ଦେଶକୁ ଶକ୍ତିଶାଳୀ ତଥା ମହାନ୍ କରି ଗଢ଼ି ତୋଳିବା ପାଇଁ ଏହି ସାହସିକ ପ୍ରଚେଷ୍ଟା ଅଭିପ୍ରେତ । ଏକ ନୂତନ ଯୁଗର ଶୁଭାରମ୍ଭ ହୋଇ ପାରିଥିବାରୁ ଏହି ଅବସରରେ ଦାରିଦ୍ର୍ୟ, ଅନଗ୍ରସରତା ତଥା ସାମାଜିକ ବୈଷମ୍ୟ ଦୂରୀକରଣ ନିମନ୍ତେ ସରକାର ଯେଉଁସବୁ କାର୍ଯ୍ୟକ୍ରମକୁ ହାତକୁ ନେଇଛନ୍ତି, ସେଗୁଡ଼ିକର ସଫଳ ରୂପାୟନ ନିମନ୍ତେ ଜନସାଧାରଣ ସରକାରଙ୍କ ସହିତ ପୂର୍ଣ୍ଣପ୍ରାଣରେ ସହଯୋଗ କରିବା ଆବଶ୍ୟକ ।

ଆମ ସମାଜରେ ଯେଉଁ ଦୁର୍ବଳତର ଶ୍ରେଣୀର ଲୋକମାନେ ଅଛନ୍ତି ସେମାନେ ବହୁ ଶତାବ୍ଦୀବ୍ୟାପୀ ସୁବିଧା ସୁଯୋଗରୁ ବଞ୍ଚିତ ହୋଇ ରହିଛନ୍ତି । ସେମାନଙ୍କୁ ସାହାଯ୍ୟ କରିବା ପାଇଁ ବିଶେଷ ଉଦ୍ୟମ ଚଳାଇବା ଆମ କାର୍ଯ୍ୟକ୍ରମର ଏକ ଲକ୍ଷ୍ୟ । ଆମ ସମାଜରୁ ଯଦି ବୈଷମ୍ୟ ଓ ଭେଦଭାବ ଲୋପ ନ ହୁଏ ତାହାହେଲେ ଆମ ଦେଶର ବିକାଶ ପଛେଇ ଯିବ ।

ଗଣରାଜ୍ୟ ଦିବସର ଏହି ଶୁଭ ଅବସରରେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ, ବିଶେଷକରି ଯୁବଗୋଷ୍ଠୀଙ୍କୁ ନିବେଦନ କରୁଛି ଯେ , ସେମାନେ ସମୃଦ୍ଧିଶାଳୀ ଭାରତର ଏକ ଅଙ୍ଗ ରୂପେ ଏକ ସୁଖୀ ଓ ସମୃଦ୍ଧ ଓଡ଼ିଶା ଗଠନ କାର୍ଯ୍ୟରେ ନିଜ ନିଜକୁ ପୁଣି ଥରେ ଉତ୍ସର୍ଗ କରନ୍ତୁ ।

ଜୟହିନ୍ଦ୍

## ସ୍ୱର୍ଗତ ରାଜାଜୀଙ୍କ ପ୍ରତି ଆମର ଶ୍ରଦ୍ଧାଞ୍ଜଳି



[୧୮୭୮—୧୯୭୨]

ସ୍ୱର୍ଗତ ଡକ୍ଟର ଆନସାରିଙ୍କ ପ୍ରତି ଆମର ଶ୍ରଦ୍ଧାଞ୍ଜଳି



[୧୯୦୮—୧୯୬୨]



# ଓଡ଼ିଶାରେ କୃଷି ଉନ୍ନୟନ

ଆମର ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କ ମଧ୍ୟରୁ ବହୁ ଭାଗ ହେଉଛନ୍ତି କ୍ଷୁଦ୍ର ଚାଷୀ ଓ କୃଷି ଶ୍ରମିକ । ସେମାନଙ୍କର ଆବଶ୍ୟକ ସୁବିଧା ପୂରଣକରି କୃଷି କ୍ଷେତ୍ରରେ ଏକ ବିରାଟ ଅଗ୍ରଗତି ହାସଲ କରାଯାଇପାରିଛି । କଟକରେ ଅବସ୍ଥିତ କ୍ଷୁଦ୍ର ଚାଷୀ ଓ କୃଷି ଶ୍ରମିକ ଉନ୍ନୟନ ସଂସ୍ଥାର ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅବଦାନ ରହିଛି । କ୍ଷୁଦ୍ର ଚାଷୀ ଓ କୃଷି ଶ୍ରମିକ ଉନ୍ନୟନ ସଂସ୍ଥା ଏପର୍ଯ୍ୟନ୍ତ ୨୭,୩୪୫ ଜଣ କ୍ଷୁଦ୍ର ଚାଷୀଙ୍କର ତାଲିକା ପ୍ରସ୍ତୁତ କରିଛନ୍ତି । ଏମାନଙ୍କ ମଧ୍ୟରୁ ୯,୧୮୫ ଜଣ କ୍ଷୁଦ୍ର ଚାଷୀ ସମବାୟ ବ୍ୟାଙ୍କମାନଙ୍କରୁ ଋଣ ପାଇବା ଉଦ୍ଦେଶ୍ୟରେ ବିଭିନ୍ନ ସମବାୟ ସମିତିମାନଙ୍କରେ ସଭ୍ୟ ହୋଇଛନ୍ତି । ୪,୭୫୧ କ୍ଷୁଦ୍ର ଚାଷୀ ପରିବାରଙ୍କୁ ସାର, କୀଟନାଶକ ଔଷଧ, ବିହନ ଓ ହଳ କିଣିବାପାଇଁ ଅର୍ଥ ସାହାଯ୍ୟ ଦିଆଯାଇଛି ।

## କୃଷକମାନଙ୍କୁ ଅର୍ଥ ସାହାଯ୍ୟ

ସମବାୟ ବ୍ୟାଙ୍କଗୁଡ଼ିକ ଜରିଆରେ କ୍ଷୁଦ୍ର ଚାଷୀମାନଙ୍କୁ ସ୍ୱଳ୍ପ ମିଆଦୀ ଋଣରୂପେ ଟ ୧୦,୬୨,୦୮୬.୭୬ ପଇସା ଓ ମଧ୍ୟମ ତଥା ଦୀର୍ଘ ମିଆଦୀ ଋଣ ରୂପେ ଟ ୩,୦୭,୨୨୪ ଦିଆଯାଇଛି । ଚଳିତ ବର୍ଷ ମଧ୍ୟରେ କ୍ଷୁଦ୍ର ଚାଷୀମାନଙ୍କୁ ବ୍ୟବସାୟୀ ବ୍ୟାଙ୍କଗୁଡ଼ିକରୁ ସ୍ୱଳ୍ପ ମିଆଦୀ ଋଣ ଟ ୨,୫୨,୬୦୧ ଓ ମଧ୍ୟମକାଳୀନ ଋଣ ବାବଦ ଟ ୪୩,୦୦୦ ଅଗ୍ରିମ ଦିଆଯାଇଛି ।

## କୃଷି କ୍ଷେତ୍ରରେ ନୂତନ ପ୍ରଣାଳୀ ପ୍ରବର୍ତ୍ତନ

ଗତ ଖରିଫ ଋତୁରେ କ୍ଷୁଦ୍ର ଚାଷୀ ଓ କୃଷି ଶ୍ରମିକ ସଂସ୍ଥା ପକ୍ଷରୁ ୬୨ ଟି ପ୍ରଦର୍ଶନ କ୍ଷେତ୍ର କାର୍ଯ୍ୟକାରୀ କରାଯାଇଥିଲା । ଦୁଇଟି ଅନୁଷ୍ଠାନ 'କଷ୍ଟମସ ସର୍ଭିସ ୟୁନିଟ୍ସ, ଆରମ୍ଭ କରିଛନ୍ତି । ଏଥିମଧ୍ୟରୁ ଗୋଟିଏ ଅନୁଷ୍ଠାନ କ୍ଷୁଦ୍ର ଚାଷୀମାନଙ୍କର ବ୍ୟବହାର ପାଇଁ ଟ୍ରାକ୍ଟର ଖରିଦ କରିଛନ୍ତି । ବ୍ୟକ୍ତିଗତ ଉଦ୍ୟମରେ ଏଭଳି ଅନ୍ୟ ଦୁଇଟି ସଂସ୍ଥା ସେଣ୍ଟ ଓ ଭରାଳି ଗ୍ରାମରେ ଖୋଲାଯାଇଛି । ଚାଷୀମାନଙ୍କର ଉପଯୋଗ ପାଇଁ ଏସବୁ ସଂସ୍ଥାମାନଙ୍କରେ ଟ୍ରାକ୍ଟର, ବିଦ୍ୟୁତ୍ ଚାଳିତ ସ୍ପ୍ରେୟର, ସାର, କୀଟନାଶକ ଔଷଧ ପ୍ରଭୃତି ଗଚ୍ଛିତ ରଖାଯିବ ।

## ଜଳସେଚନ ପରିକଳ୍ପନା

୧୯୭୩ ମସିହା ପାଇଁ ଜଳସେଚନ ଯୋଜନାଗୁଡ଼ିକୁ ଅର୍ଥ ଯୋଗାଇ ଦେବାନିମନ୍ତେ ସିଧାସଳଖ ଉଠା ଜଳସେଚନ ପମ୍ପସେଟମାନଙ୍କରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ସକାଶେ ପ୍ରସ୍ତାବ ରଖାଯାଇଛି । ଏହି ଖର୍ଚ୍ଚର ଶତକଡା ୫୦ ଭାଗ

ରାଜ୍ୟ ସରକାର ବହନ କରିବେ । ମାଛ ଅଞ୍ଚଳରେ କୂଅ ଖୋଳିବା ନିମନ୍ତେ ଏକକୋଟି ଆଠଲକ୍ଷ ଟଙ୍କାର ଏକ ବ୍ୟୟ ବରାଦ ସ୍ଥିର କରାଯାଇଛି । ସମବାୟ ଓ ବ୍ୟବସାୟୀ, ବ୍ୟାଙ୍କଗୁଡ଼ିକ ଏହି ପରିକଳ୍ପନା ନିମନ୍ତେ ଆର୍ଥିକ ସାହାଯ୍ୟ ଦେବାପାଇଁ ଇଚ୍ଛୁକ ଅଛନ୍ତି ।

## ଦୁଗ୍ଧ ଉତ୍ପାଦନ ଓ କୁକୁଡ଼ାପାଳନ

ଏହି ସଂସ୍ଥାର ଦୁଗ୍ଧ ଯୋଗାଣ ପରିକଳ୍ପନା ଆନୁକୂଲ୍ୟରେ ୭୦ ଟି ଦୁଗ୍ଧଯୋଗାଣ କେନ୍ଦ୍ର ସ୍ଥାପନ ନିମନ୍ତେ ଟ ୨,୦୩,୦୦୦ ମଞ୍ଜୁର କରାଯାଇଅଛି । ମଞ୍ଜୁର କରାଯାଇଥିବା ୨୭୩ଟି ଛାଗଳ କେନ୍ଦ୍ର ମଧ୍ୟରୁ ୧୩୦ କେନ୍ଦ୍ରକୁ ଛାଗଳ ଯୋଗାଇ ଦିଆଯାଇଅଛି । ମଞ୍ଜୁର ହୋଇଥିବା ଶହେଟି କୁକୁଡ଼ାପାଳନ କେନ୍ଦ୍ର ମଧ୍ୟରୁ ଏକତିରିଶଟି କେନ୍ଦ୍ରକୁ କୁକୁଡ଼ା ଯୋଗାଇ ଦିଆଯାଇଅଛି । ତନ୍ମଧ୍ୟରୁ ପଚିଶଟି କେନ୍ଦ୍ରରୁ ଅଣ୍ଡା ଉତ୍ପାଦିତ ହେଲାଣି । ଉକ୍ତ କୁକୁଡ଼ାପାଳନ ସମିତି ୨୪,୫୦୦ ଅଣ୍ଡା ବିକ୍ରୟ କରିସାରିଲେଣି ।

## ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ

ଏହି କାର୍ଯ୍ୟକ୍ରମ ଜରିଆରେ ଗ୍ରାମାଞ୍ଚଳଗୁଡ଼ିକରେ ବିଭିନ୍ନ କାମ ନିମନ୍ତେ ଟ ୮୦,୦୦୦ ଖର୍ଚ୍ଚ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୨୧୬ ଜଣ କୃଷି ଶ୍ରମିକ ଏହା ଫଳରେ ଉପକୃତ ହୋଇପାରିଛନ୍ତି ।

## ଏକ ନୂତନ ଚିନ୍ତାଧାରା

ଗ୍ରାମାଞ୍ଚଳର କାରିଗରମାନଙ୍କ ଉନ୍ନତିବିଧାନ ନିମନ୍ତେ ରହିଥିବା ପ୍ରସ୍ତାବଗୁଡ଼ିକ କେନ୍ଦ୍ରର ଅନୁମୋଦନ ପାଇଁ ପଠାଯାଇଅଛି । ଭୂମିହୀନ ହରିଜନମାନଙ୍କୁ ସାଇକେଲ ରିକ୍ସା ଯୋଗାଇଦେବା ସକାଶେ ଏକ ପରିକଳ୍ପନା ହାତକୁ ନିଆଯାଇଅଛି ଏବଂ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ବ୍ୟବସାୟୀ ବ୍ୟାଙ୍କଗୁଡ଼ିକରୁ ଋଣ ସୂତ୍ରରେ ୫୦୦ ଟି ସାଇକେଲ ରିକ୍ସା ଯୋଗାଇ ଦିଆଯିବବୋଲି ଆଶା କରାଯାଉଛି । ପ୍ରଥମ ସାଇକେଲ ରିକ୍ସାଟି ଯୋଗାଇ ଦିଆଗଲାଣି । ଉକ୍ତ ସଂସ୍ଥା ଅନ୍ୟାନ୍ୟ ସେହି ବିକାଶମୂଳକ ଯୋଜନା ପ୍ରସ୍ତୁତକରି ଭାରତ ସରକାରଙ୍କ ନିକଟକୁ ପଠାଇଥିଲେ, ତାହା ଅଦ୍ୟାବଧି ବିଚାରାଧୀନ ଅଛି ।



# ଭୁବନେଶ୍ୱରସ୍ଥ ଆଞ୍ଚଳିକ ଗବେଷଣାଗାର

ଅଧ୍ୟାପକ ପ୍ରଫୁଲ୍ଲ କୁମାର ଜେନା

ଗତବର୍ଷ ଆମ ଦେଶରେ ସ୍ୱାଧୀନତାର ରଜତଜୟନ୍ତୀ ଉତ୍ସବ ପାଳନ କରାଯାଇଅଛି । ସ୍ୱାଧୀନତା ପରଠାରୁ ମ୍ଭେମାନେ ନାନାଦିଗରେ ଆତ୍ମନିର୍ଭରଶୀଳ ହେବାପାଇଁ ଚେଷ୍ଟାକରି ଆସିଛୁ । ଦେଶରେ ଥିବା ନାନାବିଧ ପ୍ରାକୃତିକ ସମ୍ପଦ ଂ ଶକ୍ତିର ବିନିଯୋଗଦ୍ୱାରା ଆମ୍ଭେମାନେ କୃଷି, ଶିଳ୍ପ ଏବଂ ସାମରିକ କ୍ଷେତ୍ରରେ ପ୍ରଭୂତ ଉନ୍ନତି ସାଧନରେ ସମର୍ଥହୋଇ ଛିଁ । ଦେଶର ଶିଳ୍ପ ବିକାଶ ଲାଗି ବୈଦେଶିକ ସାହାଯ୍ୟ ଅନେକ କ୍ଷେତ୍ରରେ ଲୋଡ଼ା । ଆମ୍ଭେମାନେ ଏପର୍ଯ୍ୟନ୍ତ ଶିଳ୍ପ ତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିନାହୁଁ ଯାହା ଫଳରେ କି ଆମର ପ୍ରାକୃତିକ ସମ୍ପଦ ଓ ମାନବ ଶକ୍ତିର ସମ୍ପୂର୍ଣ୍ଣ ନିଯୋଗ ଦ୍ୱାରା ଅର୍ଥନୈତିକ ଉନ୍ନତି ହୋଇପାରିନାହିଁ ।

ଧାରାବାହିକ ବୈଜ୍ଞାନିକ ଗବେଷଣା ପାଶ୍ଚାତ୍ୟ ଦେଶଗୁଡ଼ିକର ଶିଳ୍ପ ଓ ଅର୍ଥନୈତିକ ମାନୋନ୍ନତିର ପ୍ରଧାନ କାରଣ । ଈଁ ଦେଶ ଶିଳ୍ପକୁଶଳତାରେ ଯେତେ ଅଗ୍ରଣୀ, ସେ ଦେଶ ସାଧାରଣତଃ ସେତେ ବିକାଶଶୀଳ । ସ୍ୱାଧୀନତା ପୂର୍ବରୁ ର ଅର୍ଥନୈତିକ ମାନ ବେଶ କମ୍ ଥିଲା । ଏହାର ସମାଧାନ ପାଇଁ ସ୍ୱାଧୀନତା ପରେ ପରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ତ ନେହରୁଙ୍କର ଚେଷ୍ଟାରେ ଏ ଦେଶରେ ଶିଳ୍ପ-ଗବେଷଣା ଅନୁଷ୍ଠାନଗୁଡ଼ିକର ଅଭ୍ୟୁଦୟ ହେଲା । ଏ ଦିଗରେ ଜ୍ଞାନିକ ସାର୍ ଶାନ୍ତିସ୍ୱରୂପ ଭଟ୍ଟନଗରଙ୍କର ଅବଦାନ ଉଲ୍ଲେଖଯୋଗ୍ୟ । ଏହି ମନୀଷୀମାନଙ୍କର ଉଦ୍ୟମରେ ବିଜ୍ଞାନ କାରିଗରି ଗବେଷଣା ପରିଷଦ ( C. S. I. R. ), ଦେଶରେ ପ୍ରତିଷ୍ଠିତ ହେଲା । ଆଜି ଏହି ଅନୁଷ୍ଠାନ ଉମ ଐକିକ ଶିଳ୍ପ ଗବେଷଣା ସଂସ୍ଥା ରୂପେ ଦେଶରେ ପରିଚିତ । ଦେଶର ପ୍ରାକୃତିକ ସମ୍ପଦର ବିନିଯୋଗ ନିମନ୍ତେ ଅନୁଷ୍ଠାନ କରିଥିବେ ଛବିଶ ଗୋଟି ମୁଖ୍ୟ ବିଜ୍ଞାନାଗାର ବ୍ୟତୀତ ୪ ଟି ବହୁମୁଖୀ ବିଜ୍ଞାନାଗାର ପ୍ରତିଷ୍ଠିତ ଇଛି । ଭୁବନେଶ୍ୱରର ଆଞ୍ଚଳିକ ଗବେଷଣାଗାର ୪ ଗୋଟି ବହୁମୁଖୀ ଜାତୀୟ ବିଜ୍ଞାନାଗାର ମଧ୍ୟରୁ ଅନ୍ୟତମ ଥାଇ ୧୯୬୪ ମସିହାରେ ଦେଶର ପୂର୍ବାଞ୍ଚଳରେ ଥିବା ଖଣିଜ, ବନଜ ଏବଂ ସାମୁଦ୍ରିକ ସମ୍ପଦର ବିନିଯୋଗ ନ୍ତେ ନିର୍ମିତ ହୋଇଥିଲା ।

ଏହି ଜାତୀୟ ବିଜ୍ଞାନାଗାରର ବୈଜ୍ଞାନିକ ଗବେଷଣା ୫ ଗୋଟି ମୁଖ୍ୟ ବିଭାଗରେ ବିଭକ୍ତ । ଖଣିଜ ଏବଂ ଧାତବ । ବିଭାଗର ଲକ୍ଷ୍ୟ ହେଉଛି ଦେଶରେ ପ୍ରଚୁର ପରିମାଣରେ ଥିବା ଲୁହାପଥର, ମାଙ୍ଗାନିଜ, କୋଇଲା, ଚୂନପଥର ବା ନିକେଲ, କ୍ରୋମାଇଟ ଧାତୁ ଏବଂ ଅନ୍ୟାନ୍ୟ ବହୁଳ ଖଣିଜ ଦ୍ରବ୍ୟଗୁଡ଼ିକର ବିନିଯୋଗ ନିମନ୍ତେ ଆବଶ୍ୟକ ଜ୍ଞାନ ଓ ବେଷଣାରେ ସାହାଯ୍ୟ କରିବା । ବିଭିନ୍ନ ଧାତୁ ପଥରର ବିଶୋଧନ, ଚୂର୍ଣ୍ଣଧାତୁ ପଥରର ଏକତ୍ରୀକରଣ, ପାଇରୋ ଟାଲର୍ଜିକାଲ ( Pyrometallurgical ) ଓ ହାଇଡ୍ରୋ ମେଟାଲର୍ଜିକାଲ ( Hydrometal-rgical ) ପ୍ରଣାଳୀରେ ଧାତୁ ନିଷ୍କାସନ, ଲୌହ ଓ ଅନ୍ୟାନ୍ୟ ଧାତର ଏଲୟ୍ ( Alloy ) ଉତ୍ପାଦନ ତି ଗବେଷଣାମାନ ଏହି ବିଭାଗରେ କରାହେଉଛି ।

ଭୁବନେଶ୍ୱରସ୍ଥ . . ଧାତବ ଓ ଶିଳ୍ପଜାତ କ୍ଷୟ-ଦ୍ରବ୍ୟରୁ

"ଅଜୈବିକ ରାସାୟନିକ" ବିଭାଗର ଲକ୍ଷ୍ୟ ହେଉଛି ଧାତୁ ଏବଂ ଖଣିଜ ଧାତବ ଓ ଶିଳ୍ପଜାତ କ୍ଷୟ-ଦ୍ରବ୍ୟରୁ ରାସାୟନିକ ପଦାର୍ଥ ସୃଷ୍ଟିକରିବା । ଏତଦ୍‌ବ୍ୟତୀତ ଏହାର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ଆଧୁନିକ ଯନ୍ତ୍ରପାତି ଓ ପଦ୍ଧତି ସାହାଯ୍ୟରେ ବିଭିନ୍ନ ରାସାୟନିକ ବିଶ୍ଳେଷଣ ଓ ଗବେଷଣା ।

"ବନଜ ଓ ସାମୁଦ୍ରିକ" ବିଭାଗର ଲକ୍ଷ୍ୟ ହେଉଛି ବହୁଳ ବା ସ୍ୱଳ୍ପ ବନଜାତ ପଦାର୍ଥଗୁଡ଼ିକର ବିନିଯୋଗ, କୃଷି ପଦାର୍ଥର କ୍ଷୟଜାତ ଦ୍ରବ୍ୟ ଓ ପ୍ରଚୁର ସାମୁଦ୍ରିକ ସମ୍ପଦର ବିନିଯୋଗ କରିବା । ବର୍ତ୍ତମାନ ଆମ୍ଭେମାନେ ଓଡ଼ିଶାର ଜଙ୍ଗଲରୁ ମିଳୁଥିବା ଶକ୍ତକାଠ ( Hard-wood ) ଗୁଡ଼ିକର ବିନିଯୋଗ କରି କାଗଜ ଶିଳ୍ପର ଉନ୍ନତି ନିମନ୍ତେ ଏବଂ କାଗଜ ଶିଳ୍ପର କ୍ଷୟଜାତ ଦ୍ରବ୍ୟରୁ ବିଭିନ୍ନ ରାସାୟନିକ ଶିଳ୍ପଜାତ ଦ୍ରବ୍ୟ ତିଆରି କରିବାପାଇଁ ସତତ ଚେଷ୍ଟିତ । ଭେଷଜଗୁଣ ବିଶିଷ୍ଟ ରାସାୟନିକ ଦ୍ରବ୍ୟ, ଅଠା ଓ ଅଠାଜାତୀୟ ଦ୍ରବ୍ୟ, ତୈଳ ଏବଂ ଚର୍ବିଜାତୀୟ ଦ୍ରବ୍ୟ ଏବଂ ଅତ୍ୟାବଶ୍ୟକୀୟ ସୁଗନ୍ଧ ତୈଳ ପ୍ରଭୃତି ସ୍ୱଳ୍ପ ବନଜ ପଦାର୍ଥରୁ ତିଆରି କରିବା ଓ କୃଷିଜାତ ଦ୍ରବ୍ୟର ବିନିଯୋଗ ଏହି ବିଭାଗର କେତେକ ମୁଖ୍ୟ କାର୍ଯ୍ୟ । ଓଡ଼ିଶାର ୪୮୦ କିଲୋମିଟର ବିସ୍ତୃତ ସମୁଦ୍ରଉପକୂଳବର୍ତ୍ତୀ ଅଞ୍ଚଳରୁ ପ୍ରଚୁର ପରିମାଣରେ ମତ୍ସ୍ୟ, ଚିଙ୍ଗୁଡ଼ି ଓ କଙ୍କଡ଼ା ଅଣାଯାଇ ମତ୍ସ୍ୟ ଖାଦ୍ୟ, ମତ୍ସ୍ୟଜାତ ପ୍ରୋଟିନ ଏବଂ ମତ୍ସ୍ୟ ଲିଭର ତୈଳ ପ୍ରଭୃତି ତିଆରି ହେଉଛି ଯେଉଁଥିରେ କି ଉଭୟ ଭେଷଜ ଓ ଶିଳ୍ପଜାତ ମୂଲ୍ୟ ରହିଛି ।

ବନଜାତ ପଦାର୍ଥର ବିନିଯୋଗ ବ୍ୟତୀତ ଭେଷଜ ବୃକ୍ଷ ଏବଂ ଲାଭଜନକ ସୁଗନ୍ଧି ବୃକ୍ଷଗୁଡ଼ିକର ପର୍ଯ୍ୟବେକ୍ଷଣ ଏବଂ ସ୍ୱଷ୍ଟ "ଭେଷଜ ଓ ସୁଗନ୍ଧ ବୃକ୍ଷ" ବିଭାଗର ଅନ୍ତର୍ଭୁକ୍ତ । ଏହି ବିଭାଗର ଉଦ୍ଦେଶ୍ୟ ହେଉଛି ବିଭିନ୍ନ ଜଳବାୟୁ ଯଥା: ପାର୍ବତ୍ୟ ଅଞ୍ଚଳ ଓ ସମତଳ ଅଞ୍ଚଳରେ ବୃଦ୍ଧିପାଉଥିବା ବୃକ୍ଷଗୁଡ଼ିକ ପାଇଁ ଆବଶ୍ୟକୀୟ ବିଭିନ୍ନ ମୃତ୍ତିକା ଓ ଜଳବାୟୁ ଗବେଷଣା ଓ ଅନୁଧ୍ୟାନ କରିବା ।

ଯାନ୍ତ୍ରିକ ବିଭାଗ ଗବେଷଣାଗାରରେ ଉଦ୍ଭାବିତ ନୂତନ ପ୍ରଣାଳୀଗୁଡ଼ିକର ଅଧିକ ଉତ୍ପାଦନକ୍ଷମ ପରୀକ୍ଷାଗାର ( Pilot plant ) ପ୍ରତିଷ୍ଠା କରିବାରେ ସାହାଯ୍ୟ କରେ । ଏହା ବ୍ୟତୀତ ନାନାପ୍ରକାର ଯନ୍ତ୍ରପାତି, ନୂତନ ପ୍ରକାରର ରୀତି ଏବଂ କାରିଗରି ବିଦ୍ୟାରେ ଶବ୍ଦତରଙ୍ଗର ଉପଯୋଗିତା ବିଷୟରେ ଅନୁଧ୍ୟାନ ଓ ଗବେଷଣା ଏହି ବିଭାଗରେ ମଧ୍ୟ ହୁଏ ।

ବିଜ୍ଞାନାଗାରରେ ଗବେଷଣାର ପ୍ରାରମ୍ଭିକ ସଫଳତା ଉପରେ ଭିତ୍ତିସ୍ଥାପନ କରି ଅଧିକ ଉତ୍ପାଦନକ୍ଷମ ପରୀକ୍ଷାଗାର ( Pilot plant ) ଗୁଡ଼ିକର ପଦାର୍ଥର ମୂଲ୍ୟ ନିରୂପିତ ହୁଏ । ଏହାର ଆର୍ଥିକ ମୂଲ୍ୟ ସ୍ଥିର ହୋଇ ସାରିଲେ ଶିଳ୍ପ ପ୍ରତିଷ୍ଠା ପାଇଁ ଗବେଷଣା ପ୍ରଣାଳୀର ସବିଶେଷ ବିବରଣୀ ଆଗ୍ରହୀ ଶିଳ୍ପପତିମାନଙ୍କୁ ଜାତୀୟ ଗବେଷଣା ଓ ଉନ୍ନତିମୂଳକ ପ୍ରତିଷ୍ଠାନ (N. R. D. C.) ମାଧ୍ୟମରେ ଯୋଗାଇ ଦିଆଯାଏ ।

ଏହାଛଡ଼ା ଏହି ଗବେଷଣାଗାରଟି ଏହି ଅଞ୍ଚଳରେ ଥିବା ଶିଳ୍ପସଂସ୍ଥା, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସମସଂସ୍ଥାମାନଙ୍କୁ ବିଶ୍ଳେଷଣମୂଳକ ଏବଂ ପରୀକ୍ଷାମୂଳକ କାର୍ଯ୍ୟ ଓ ତତ୍ ସଙ୍ଗେ ସଙ୍ଗେ କେତେକ ସ୍ୱତନ୍ତ୍ର ଗବେଷଣା ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଯଥାସାଧ୍ୟ ସାହାଯ୍ୟ କରିଆସୁଅଛି ।

ଏଥିରେ ଏକ ଅତ୍ୟାଧୁନିକ ପୁସ୍ତକାଗାର ମଧ୍ୟ ରହିଛି ଯେଉଁଥିରେ କି ପ୍ରାୟ ୧୨୦ ଟିରୁ ଊର୍ଦ୍ଧ୍ୱ ବୈଦେଶିକ ବିଜ୍ଞାନ ପତ୍ରିକା, ପ୍ରାୟ ୧୦୦ଟି ଭାରତୀୟ ବିଜ୍ଞାନ ପତ୍ରିକା ଏବଂ ୩,୦୦୦ ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଷୟର ପୁସ୍ତକ ସଙ୍କଳିତ ହୋଇପାରିଛି ।

ଦେଶର ଯୁବଗୋଷ୍ଠୀଙ୍କୁ କ୍ଷୁଦ୍ର ଓ ମଧ୍ୟମ ଧରଣର ଶିଳ୍ପାନୁଷ୍ଠାନ ଗଢ଼ିବାରେ ଏହି ଅନୁଷ୍ଠାନ ସବୁପ୍ରକାର ସାହାଯ୍ୟ କରିବା ନିମନ୍ତେ ପ୍ରସ୍ତୁତ । ଦେଶରେ ଥିବା ଅନ୍ୟାନ୍ୟ ବୈଜ୍ଞାନିକ ସଂସ୍ଥାଗୁଡ଼ିକ ତୁଳନାରେ ଏହା କ୍ଷୁଦ୍ର ହେଲେହେଁ ବିଗତ ଆଠବର୍ଷ ଭିତରେ ଏହା ଦେଶର ଶିଳ୍ପବିକାଶରେ ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଆସିଛି ।

ଏହି ଗବେଷଣାଗାରର କେତେଗୁଡ଼ିଏ ବିଶିଷ୍ଟ ସଫଳୀକୃତ ଗବେଷଣା ଏଠାରେ ଉଲ୍ଲେଖ କରିବା ଉଚିତ ମନେ କରୁଛି ।

(୧) ପ୍ରାକୃତିକ ଗ୍ରାଫାଇଟର ବିଶୁଦ୍ଧିକରଣ

(୨) ଓଡ଼ିଶାର ଲେଟେରାଇଟ ଧାତୁରୁ ନିକେଲ ଓ କୋବାଲ୍ଟ ଉତ୍ପାଦନ

(୩) କୁଣ୍ଡା ଓ ତୁଷର ବିନିଯୋଗ କରି ସେଥିରୁ ସିଲିକା ଜେଲ ଅଂଗାର ଓ କୁଣ୍ଡା ତେଲ ଇତ୍ୟାଦି ଆମଦାନୀ

(୪) କ୍ରୋମାଇଟରୁ ସୋଡ଼ିୟମ ଡାଇକ୍ରୋମେଟ୍‌ର ପ୍ରସ୍ତୁତିକରଣ

(୫) ମହୁଲ ଫୁଲରୁ ଆଲକହଲ ଉତ୍ପାଦନ ଓ ମହୁଲ ଖଡ଼ାରୁ ଅକ୍‌ଜେଲିକ୍ ଏସିଡ୍ ପ୍ରସ୍ତୁତି

(୬) ଫ୍ଲୁଇଡ ଏନରଜି ମିଲ (Fluid Euergy mill) ସାହାଯ୍ୟରେ ଅତି କ୍ଷୁଦ୍ରତମ ଅଣୁର ସୃଷ୍ଟି, ଯାହାକି ରଂଗ ଶିଳ୍ପ ଏବଂ ଭେଷଜ ଶିଳ୍ପରେ ଅତି ଦରକାରୀ

(୭) ଶବ୍ଦ ତରଂଗ ସୃଷ୍ଟି କରିବା ଯନ୍ତ୍ର ତିଆରି

(୮) ଅତି ସୁଗନ୍ଧି ତୈଳର ପାତନ ପ୍ରଣାଳୀର ଉତ୍ପାଦନ

(୯) ହିମ ଶୁଷ୍କିକରଣ ପ୍ରଣାଳୀ ।

ଏତଦବ୍ୟତୀତ କୃଷି ଆବଶ୍ୟକୀୟ ସ୍ପ୍ରେ ପମ୍ପ, ମାଟି ଖୋଳିବା ଯନ୍ତ୍ର (ନୂତନ ଧରଣର ଶାବଳ), ଟ୍ରଲି ପ୍ରଭୃତି ତିଆରି ହୋଇଛି ।

ନିମ୍ନଲିଖିତ ପ୍ରଣାଳୀଗୁଡ଼ିକରେ ମଧ୍ୟ ଯଥେଷ୍ଟ କାର୍ଯ୍ୟ ହେବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଏହାର ଶୈଳ୍ପିକ ମୂଲ୍ୟ ମଧ୍ୟ ରହିଛି । ସେ ଗୁଡ଼ିକ ହେଲା :—

(୧) ଅଂଗାର ଅଂଶ କମ ଥିବା ଫେରୋକ୍ରୋମ ତିଆରି ପାଇଁ କ୍ରୋମ ଧାତୁ ଧୂଳିର ପେଲେଟ ତିଆରି ।

(୨) ମେଗ୍‌ନେସାଇଟର ବିଶୁଦ୍ଧିକରଣ

(୩) ଦିନକୁ ୧ ଟନ କରି ଉତ୍ପାଦନ କରୁଥିବା ଖାଦ୍ୟ ପାଇଁ ହିମ ଶୁଷ୍କିକରଣ ସଂରକ୍ଷଣ ଯନ୍ତ୍ର (Freeze dyeing unit) ।

ଅଧିକ ଉତ୍ପାଦନକ୍ଷମ ପରୀକ୍ଷାଗାର (Pilot plant) ଗୃହଗୁଡ଼ିକ ନିକଟ ଭବିଷ୍ୟତରେ ତିଆରି ହୋଇସାରିବା ପରେ ପରେ ଏହି ଗବେଷଣାଗାର ସମ୍ପୂର୍ଣ୍ଣରୂପେ ଏହି ଅଞ୍ଚଳର ବିଭିନ୍ନ କାରଖାନାଗୁଡ଼ିକର କାରିଗରି ସମସ୍ୟାମାନ ସମାଧାନ କରିବା ସଙ୍ଗେ ସଙ୍ଗେ, ବହୁତ ନୂତନ କାରଖାନା ସୃଷ୍ଟି କରିବାରେ ସାହାଯ୍ୟ କରିବ ।

ଏହି ଗବେଷଣାଗାରର ଗବେଷଣା ଏବଂ ଉନ୍ନତିମୂଳକ କାର୍ଯ୍ୟଗୁଡ଼ିକର ପ୍ରଧାନ ଲକ୍ଷ୍ୟ ହେଉଛି ରପ୍ତାନି ବୃଦ୍ଧି, ବୈଦେଶିକ ଆମଦାନୀ ହ୍ରାସ, ଅଧିକ ଖାଦ୍ୟ ଉତ୍ପାଦନ ଏବଂ ସଂରକ୍ଷଣ ଓ ଦ୍ରୁତ ଶିଳ୍ପ ବିକାଶ ଦ୍ୱାରା ଲୋକମାନଙ୍କୁ ଉନ୍ନତ ଧରଣର କର୍ମ ଯୋଗାଣରେ ସାହାଯ୍ୟ କରିବା ।

ଏହି ଅଞ୍ଚଳର ଜନସାଧାରଣ, ବିଶେଷତଃ ଶିଳ୍ପପତି ଓ ସରକାରଙ୍କର ସକ୍ରିୟ ସହଯୋଗରେ, ଏହି ଗବେଷଣାଗାର ଦେଶର ଅର୍ଥନୈତିକ ବିକାଶ ତଥା "ଗରିବି ହଟାଓ" ଓ ଆତ୍ମ ନିର୍ଭରଶୀଳତା କ୍ଷେତ୍ରରେ ପ୍ରକୃତ ଅବଦାନ ସହ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିବ ବୋଲି ଆଶା କରାଯାଏ ।

(ଆକାଶବାଣୀ ସୌଜନ୍ୟରୁ)

# ଅଖିଳ ଭାରତ ଦୁଗ୍ଧ ବନ୍ୟା ଯୋଜନା

ଡକ୍ଟର ଗୁରୁପ୍ରସାଦ ମହାନ୍ତି

ଭାରତରେ "ଦୁଗ୍ଧ ବନ୍ୟା" ? ଏକ ଅବାସ୍ତବ ପରିକଳ୍ପନା ନୁହେଁ ତ ? ଯେଉଁ ଦେଶରେ କୋଟି କୋଟି ଲୋକଙ୍କ ପକ୍ଷରେ ଦୁଇଓଳି ପେଟଭରି ଖାଇବା ଅସମ୍ଭବ ହୋଇପଡୁଛି, ଯେଉଁ ଦେଶରେ ଲକ୍ଷାଧିକ ଲୋକ ମୁଣ୍ଡ ଗୁଞ୍ଜିବାର ଆଶ୍ରୟସ୍ଥଳୀ ଅଭାବରୁ ରାସ୍ତା କଡ଼ର ଫୁଟ୍‌ପାଥରେ କାଳାତିପାତ କରିବାରେ ଆତ୍ମସନ୍ତୋଷ ଲାଭ କରନ୍ତି, ଯେଉଁ ଦେଶରେ ବିଂଶ ଶତାବ୍ଦୀର ଶେଷ ଭାଗରେ ମଧ୍ୟ ଲକ୍ଷ ଲକ୍ଷ ଆଦିବାସୀ ଆଦିମ ମାନବ ଭଳି ଅର୍ଦ୍ଧନଗ୍ନ ଅବସ୍ଥାରେ ବଣର ଫଳମୂଳ ଓ ଦରପୋଡ଼ା ମାଂସ ଖାଇ ଜୀବିକା ନିର୍ବାହ କରନ୍ତି, ସେଇଦେଶକୁ ଦୁଗ୍ଧ ବନ୍ୟାରେ ପ୍ଲାବିତ କରିବାର ପ୍ରୟାସ ଅନେକଙ୍କ ମତରେ ଏକ ଦିବାସ୍ୱପ୍ନ ବା ପାଗଳାମି ଛଡ଼ା ଆଉ କିଛି ନୁହେଁ । ସ୍ୱାଧୀନତାର ଦୀର୍ଘ ୨୫ ବର୍ଷପରେ ଆମର ଅର୍ଥନୀତିରେ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶମାନଙ୍କ ତୁଳନାରେ କୌଣସି ଆଶାନୁରୂପ ଉନ୍ନତି ହୋଇ ପାରିନାହିଁ । ସେଥିଲାଗି ସ୍ୱାଧୀନତା ଲାଭପରେ କୃଷି, ଶିଳ୍ପ, ଗମନାଗମନ ଓ ପରିବହନ ଆଦି ବିଭିନ୍ନ ଦିଗରୁ ଦେଶକୁ ସମୃଦ୍ଧ କରିବା ଲାଗି ଚେଷ୍ଟା କରାଯାଉଛି । ବିଗତ ୨୦ ବର୍ଷହେବ କୃଷି ବିଜ୍ଞାନୀମାନଙ୍କର ଅଧ୍ୟବସାୟର ଫଳ ସ୍ୱରୂପ ତୃତୀୟ ପଞ୍ଚବାର୍ଷିକ ଯୋଜନାର ଶେଷ ଭାଗରେ ସବୁଜ ବିପ୍ଳବ ମୁଣ୍ଡଟେକି ଉଠିଲା । ଫଳରେ ୧୯୬୬-୬୭ ମସିହାରେ ଶସ୍ୟାଭାବରୁ ହାହାକାର କରି ଆମେରିକା ଠାରୁ ଲକ୍ଷ ଲକ୍ଷ ଟନ ଗହମ ଦାନ ବା ଧାର ସୂତ୍ରରେ ଗ୍ରହଣ କରିଥିବା ଦେଶର ୧୯୬୮।୬୯ ମସିହା ସୁଦ୍ଧା କୃଷି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ସମ୍ଭବ ହୋଇପାରିଲା । ଆଜି ପୁଣି ଏଇ ଦେଶ ଗହମ ଓ ଧାନ ଉତ୍ପାଦନ କ୍ଷେତ୍ରରେ ସଫଳତା ହାସଲ କରିପାରିଛି । ତା'ହେଲେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ କ'ଣ ସେହିଭଳି ବୈଜ୍ଞାନିକ ଅଧ୍ୟବସାୟ ସମ୍ଭବପର ନୁହେଁ ? ଏହାର ଉତ୍ତର ଦେବାକୁ ଯାଇ ଭାରତୀୟ ଜାତୀୟ ଦୁଗ୍ଧ ଉନ୍ନୟନ ସଂସ୍ଥା "ଅଖିଳ ଭାରତ ଦୁଗ୍ଧ ବନ୍ୟା ଯୋଜନା" ବା ଦେଶ ବ୍ୟାପୀ ଶ୍ୱେତ ବିପ୍ଳବର ସୂତ୍ରପାତ କରିଛନ୍ତି । ଦେଶର କେତେଜଣ ଅଭିଜ୍ଞ ଦୁଗ୍ଧ ବିଜ୍ଞାନୀଙ୍କ ଦ୍ୱାରା ୧୯୬୯ ମସିହାରେ ଏହି ଯୋଜନାର ସୃଷ୍ଟି । ଜାତୀୟ ଦୁଗ୍ଧ ଉନ୍ନୟନ ସଂସ୍ଥାର ସଭାପତି ଡକ୍ଟର ଭି. କୁରିଆନ ହେଉଛନ୍ତି ଏହି ରୂପାୟନର ପ୍ରଧାନ ଶିଳ୍ପୀ । ଅନ୍ୟମାନଙ୍କ ଭିତରେ ଡକ୍ଟର ଏସ୍. ଏନ. ରାୟ, ଡକ୍ଟର ପି. ଭଟ୍ଟାଚାର୍ଯ୍ୟ ଓ ଶ୍ରୀ ଡି. ଏନ: ଖୁରୋଡ଼ିଙ୍କ ନାମ ଉଲ୍ଲେଖଯୋଗ୍ୟ । ଏହି ଯୋଜନାର ଏକ ପୁଙ୍ଖାନୁପୁଙ୍ଖ ଚିଠା ୧୯୬୯ ମସିହା ଡିସେମ୍ବର ୩୧ ତାରିଖ ବରୋଦାଠାରେ ଅନୁଷ୍ଠିତ ସପ୍ତମ ବାର୍ଷିକ ଜାତୀୟ ଦୁଗ୍ଧ ବିଜ୍ଞାନ ଅଧିବେଶନରେ ଦେଶର ବିଭିନ୍ନ ଅଞ୍ଚଳରୁ ସମବେତ ଦୁଗ୍ଧ ବିଜ୍ଞାନୀ ଓ ଶିଳ୍ପପତିମାନଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଇଥିଲା । ୧୯୭୦ ମସିହାରୁ ୧୯୮୦ ମସିହା ଭିତରେ ଯେପରି ଦେଶବାସୀ ଏହି ଯୋଜନାର ସୁଫଳ ଉପଭୋଗ କରିପାରିବେ ସେଇ ଲକ୍ଷ୍ୟ ନେଇ ସମବେତ ବୈଜ୍ଞାନିକମାନଙ୍କ ମଧ୍ୟରୁ କେତୋଟି ଉପଦେଷ୍ଟା ଦଳ ଯୋଜନାଟିକୁ ବିଭିନ୍ନ ଦିଗରୁ ବିଶ୍ଳେଷଣ ଆଲୋଚନା କରିଥିଲେ । ଉକ୍ତ ଅଧିବେଶନରେ ଯୋଗଦାନକାରୀ ସହସ୍ରାଧିକ ସଭ୍ୟ-ମାନଙ୍କମଧ୍ୟରେ ଆମ ଓଡ଼ିଶାରୁ ମାତ୍ର ୩ଜଣ ପ୍ରତିନିଧି ଥିଲେ । ଇତି ମଧ୍ୟରେ ୨ବର୍ଷ ବିତିଗଲାଣି । ଏହି ଯୋଜନାର ପ୍ରାରମ୍ଭିକ କାର୍ଯ୍ୟକ୍ରମ ପ୍ରାୟ ଦେଶର ବିଭିନ୍ନ ଅଞ୍ଚଳରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଆରମ୍ଭ ହୋଇ ଗଲାଣି । ହୁଏତ୍ ଆମ ଅଞ୍ଚଳର ଲୋକେ ସେ ସମ୍ବନ୍ଧରେ ଖୁବ୍ କମ୍ ଜାଣିବାର ସୁବିଧା ପାଇ ପାରିଛନ୍ତି । ଏଭଳି ଏକ ବିଶାଳ କାର୍ଯ୍ୟକ୍ରମ ଦ୍ୱାରା ଦେଶର କିଭଳି ଭାଗ୍ୟ ନିୟନ୍ତ୍ରିତ ହେବ ଓ ଏହା ସହିତ ଆମ ଓଡ଼ିଶା ପ୍ରଦେଶ କେତେଦୂର ସମ୍ପୃକ୍ତ ତାହା ଜଣେ ଦାୟିତ୍ୱ ସମ୍ପନ୍ନ ନାଗରିକ ହିସାବରେ ଆମର ଜାଣିରଖିବା କର୍ତ୍ତବ୍ୟ ।

ଯୋଜନାର ପୃଷ୍ଠଭୂମି—ଯୋଜନାଟିର ନାମାନୁସାରେ ଏହାର ଫଳାଫଳକୁ ବ୍ୟାଖ୍ୟାକଲେ ଜଣାଯାଏ ଯେ, ଏହାଦ୍ୱାରା ଦେଶସାରା ଦୁଧ, ଦହି, ଲହୁଣୀ ଓ ଘିଅରେ ଭାସିବ ବା ଦେଶର ପ୍ରତ୍ୟେକ ନାଗରିକଙ୍କ ପାଇଁ ଯଥେଷ୍ଟ ପରିମାଣରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଉତ୍ପାଦିତ ହୋଇପାରିବ । ତେବେ ଏତେ ଦୁଧ ଆସିବ କେଉଁଠୁ ? ଅନେକ ଭାବିପାରନ୍ତି ଯେ, ବୈଜ୍ଞାନିକମାନେ ହୁଏତ କୌଣସି କଳ କାରଖାନା ବସାଇ ବା ରାସାୟନିକ ବିଜ୍ଞାନାଗାରମାନ ସ୍ଥାପନ କରି ଦେଶର କୋଟି କୋଟି ନାଗରିକଙ୍କର ଚାହିଦା ମେଣ୍ଟାଇବାର ସୁବନ୍ଦୋବସ୍ତ କରିପାରନ୍ତି । ଏଭଳି ଧାରଣା କରିବା ଅତି ଅମୂଳକ । ଦୁଧ ଏକ ପ୍ରାଣୀଜ ପଦାର୍ଥ । ଏହାକୁ ଅନ୍ୟ କୌଣସି ସୂତ୍ରରୁ ସୃଷ୍ଟି କରାଯାଇ ନପାରେ । ପୃଥିବୀର ଅନେକ ଦେଶରେ ଶସ୍ୟ ସାମଗ୍ରୀରୁ ପୁଷ୍ଟିସାର ଓ ସ୍ନେହସାର ସଂଗୃହୀତ ହୋଇ କୃତ୍ରିମ ଦୁଗ୍ଧ ତିଆରି ହୋଇ ଅବଶ୍ୟ ବଜାରରେ ବିକ୍ରି ହେଲାଣି, ମାତ୍ର ଏହାକୁ ଗାଈ ବା ମଇଁଷି ଦୁଗ୍ଧ ସଙ୍ଗେ ତୁଳନା କରାଯାଇ ପାରିବ । ଆମ ଯୋଜନାରେ ମଧ୍ୟ ଏଭଳି ନିକୃଷ୍ଟ ଧରଣର ଦୁଗ୍ଧ ଉତ୍ପାଦନ ଲାଗି କୌଣସି ଚିନ୍ତା କରାଯାଇ ନାହିଁ । ବର୍ତ୍ତମାନ ଅନେକ ପ୍ରଶ୍ନ କରିପାରନ୍ତି "ତା' ହେଲେ ଏତେ ଦୁଗ୍ଧ କୁଆଡୁ ଆସିବ ? ଉତ୍ତର ହେଉଛି "ଆମ ଦେଶର ଗାଈ ମଇଁଷିଙ୍କ ଠାରୁ", ପୁଣି ପ୍ରଶ୍ନ ଉଠିବ "ତେବେ ବର୍ତ୍ତମାନ କାହିଁକି ଆମେ ସେଇ ଗାଈ ମଇଁଷିଙ୍କଠାରୁ ଏତେ କମ୍ ଦୁଗ୍ଧ ପାଉଛୁ" ଓ ଏ ଯୋଜନା ଦ୍ୱାରା କି ବ୍ୟବସ୍ଥା କରାଯିବ ଯେ, ଆମ ଗାଈଗୋରୁ ଏତେ ଦୁଧ ଦେଇପାରିବେ ?

ଏ ସବୁ ପ୍ରଶ୍ନର ସିଧାସଳଖ ଉତ୍ତର ଦେବା ପୂର୍ବରୁ ଆମ ଦେଶର ଲକ୍ଷାଧିକ ଦୁଧିଆଳୀ ଗାଈଙ୍କ ସଂଖ୍ୟା ହ୍ରାସ ପାଇବା ସମ୍ବନ୍ଧରେ କେତେକ ଗୂଢ଼ ରହସ୍ୟ ଜାଣିବାକୁ ହେବ । ହଜାର ହଜାର ଲାଭଖୋର ଦୁଗ୍ଧ ବ୍ୟବସାୟୀଙ୍କର ଅମାନୁଷିକ ବର୍ବରୋଚିତ କୌଶଳର ଶିକାର ହୋଇ ବିଗତ ଶତାଧିକ ବର୍ଷ ଭିତରେ ଦେଶର କେତେ ଯେ, ନନ୍ଦିନୀ ଓ ସୁରଭିଙ୍କର ବଂଶ ବୁଡ଼ିଗଲାଣି ତାହା ଜାଣିଲେ ଆମକୁ ଆର୍ଯ୍ୟଭୂମି ଭାରତର ନାଗରିକ ବୋଲି କହିବାକୁ ଲଜ୍ଜାବୋଧ ହେବ । ଏମାନେ ହେଉଛନ୍ତି କଲିକତା, ମାଦ୍ରାଜ, ଦିଲ୍ଲୀ ଓ ବମ୍ବେ ମହାନଗରୀଗୁଡ଼ିକର ଦୁଗ୍ଧ ବ୍ୟବସାୟୀ । ଜନାକୀର୍ଣ୍ଣ ମହାନଗରୀର ଗଳି କନ୍ଦିରେ ଗାଈ ମଇଁଷି ରଖି ଏମାନେ ଲୋକମାନଙ୍କୁ ପାଣିମିଶା ଦୁଗ୍ଧ ଚଢ଼ା ଦରରେ ବିକ୍ରି କରନ୍ତି । ଏଭଳି ବ୍ୟବସାୟ ପାଇଁ ସେମାନେ ଦରକାର କରନ୍ତି ଖୁବ୍ ଭଲ ଦୁଧିଆଳୀ ଗାଈ । ଛୋଟ ଛୋଟ ଗୁଳିଆ ଘରେ ଖୁବ୍ କମରେ ୪।୫ଟି ଗାଈ ବା ମଇଁଷି ସଙ୍କୀର୍ଣ୍ଣଭାବେ ରଖି ସେମାନଙ୍କ ଠାରୁ ଯଥେଷ୍ଟ ଦୁଧ ଦୁହିଁବା ପାଇଁ ସେମାନେ ଯଥାସାଧ୍ୟ ଯତ୍ନ କରନ୍ତି । ତେଣୁ ଗାଈର ଉତ୍ପାଦିକା ଶକ୍ତି ଯେତେ ବେଶି ହୋଇପାରେ ସେମାନଙ୍କର ସେତେବେଶି ଲାଭ ଓ ବ୍ୟବସାୟର ସ୍ଥାୟିତ୍ୱ ଅଧିକ ହୁଏ । ଏଭଳି ଗାଈ କିଣିବା ଲାଗି ଉକ୍ତ ବ୍ୟବସାୟୀ ଦଳ ଦେଶର ଉତ୍ତର ପଶ୍ଚିମାଞ୍ଚଳରେ ଥିବା (ପଞ୍ଜାବ, ହରିଆନା, ଉତ୍ତରପ୍ରଦେଶ, ବିହାର ଓ ଗୁଜୁରାଟ) ସେମାନଙ୍କର ପ୍ରତିନିଧିମାନଙ୍କ ଜରିଆରେ ଖୁବ୍ ଭଲ ଭଲ ଗାଈସବୁ ବହୁତ ଚଢ଼ା ଦରରେ କିଣିନିଅନ୍ତି । ସାଧାରଣତଃ ଏସବୁ ଗାଈ ଜନ୍ମ କରିବାର ମାସେ ପନ୍ଦରଦିନ ଥାଉ କଲିକତା, ବମ୍ବେ, ଦିଲ୍ଲୀ, ବା ମାଦ୍ରାଜ ପ୍ରଭୃତି ମହାନଗରୀକୁ ପଠାଯାଆନ୍ତି । ସେଠି ପହଞ୍ଚି ଜନ୍ମ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ବାଛୁରୀଗୁଡ଼ିକୁ ଗାଈର ଅଜାଣତରେ ଲୁଚେଇ ମାରିଦିଆଯାଏ ଓ ବାଛୁରୀ ନ ଥାଇ ମନେଇକରି ଦୁହିଁବା ଅଭ୍ୟାସ କରାଇ ଦିଆଯାଏ । ଏତଦ୍ୱାରା ଉକ୍ତ ଦୁଗ୍ଧ ବ୍ୟବସାୟୀମାନେ ପ୍ରଚୁର ଲାଭବାନ ହୁଅନ୍ତି । ଯଥା—ବାଛୁରୀକୁ ମାରିଦେବା ଫଳରେ ଗାଈଠାରୁ ସମସ୍ତ ଦୁଗ୍ଧ ସେମାନଙ୍କୁ ବିକ୍ରୟ କରିବାପାଇଁ ମିଳିଯାଏ ଓ ବାଛୁରୀକୁ ଦାନା ଖୁଆଇ ବଢ଼େଇବା ଖର୍ଚ୍ଚରୁ ରକ୍ଷାମିଳେ । ବର୍ତ୍ତମାନ ଗାଈକୁ ବିଭିନ୍ନ ପ୍ରକାର ସାରବାନ ଖାଦ୍ୟଦେଇ ବହୁତଦିନ ପ୍ରଚୁର ଦୁଧ ଦୁହିଁନେବା ହେଲା ସେମାନଙ୍କର ପ୍ରଧାନ ଚିନ୍ତା । ଏସବୁ ଖାଦ୍ୟ ଭିତରେ ଘାସ ବା କଞ୍ଚା ପତ୍ରର ପ୍ରାୟ ଚିହ୍ନ ନ ଥାଏ । ତେଣୁ ଅଧିକାଂଶ ଗାଈ ଋତୁବତୀ ହୁଅନ୍ତି ନାହିଁ । ଯେଉଁ କେତେକ ଗାଈ ଋତୁବତୀ ହୁଅନ୍ତି ସେମାନଙ୍କ ଲାଗି ଷଣ୍ଢର

ଉନ୍ନତ ଜାତର . . ବିନ୍ଦୁବର୍ଣ୍ଣ ନଥାଏ । ତଦୁପରି ଉପରୋକ୍ତ ବ୍ୟବସାୟୀମାନଙ୍କ ପକ୍ଷରେ ପଢ଼ିଆ ଗାଈ ପାଳିବା ଅତି ବ୍ୟୟସାପେକ୍ଷ । ଗର୍ଭବତୀ ଗାଈମାନଙ୍କୁ ମଫସଲକୁ ପଠାଇ ଜନ୍ମ କରିବାଯାଏ ପାଳନ କରିବା ଲାଗି ମଧ୍ୟ ଅଯଥା ଅର୍ଥବ୍ୟୟ ହେବ ବୋଲି ସେମାନେ ମନେ କରନ୍ତି । ବରଂ ଗାଈ ବା ମଇଁଷିଟିଏ ପଢ଼ିଆ ହେବାପରେ ତାକୁ ଯତ୍ କିଞ୍ଚିତ ମୂଲ୍ୟରେ ମହାନଗରୀସ୍ଥ କଂସେଇଖାନାରେ ବିକ୍ରି କରିଦେଇ କିଛି ଅର୍ଥ ଉପାର୍ଜ୍ଜନ କରିବା ସଙ୍ଗେ ସଙ୍ଗେ ଆଉ ଗୋଟିଏ ନୂଆ ଗାଈ ତା'ର ସ୍ଥାନ ପୂରଣ କରିବା ଲାଗି ମଗାଇ ନେବା ସେମାନଙ୍କ ପକ୍ଷେ ଅଧିକ ଲାଭପ୍ରଦ ହୁଏ । ଫଳରେ ଦେଶରୁ ଦୁଧିଆଳି ଗାଈମାନଙ୍କର ବଂଶ ଲୋପ ହୁଏ ।

ଯଦି ଏଭଳି ମୂଲ୍ୟବାନ୍ ଗାଈମାନଙ୍କୁ ବଞ୍ଚାଇ ରଖାଯାଇ ଥାଆନ୍ତା ଓ ସେମାନଙ୍କର ବଂଶ ବୃଦ୍ଧି ଲାଗି ଯତ୍ନ କରାଯାଇ ଥାଆନ୍ତା ତା' ହେଲେ ଆଜି ଦେଶସାରା ଦୁଧିଆଳି ଗାଈମାନଙ୍କର ସଂଖ୍ୟା ଯଥେଷ୍ଟ ବଢି ଯାଇଥାନ୍ତାଣି । ଏତଦ୍ ବ୍ୟତୀତ ବିଜ୍ଞାନ ସମ୍ମତ ପନ୍ଥାନୁଯାୟୀ ଅଧିକ ଉତ୍ପାଦନକ୍ଷମ ଗାଈମାନଙ୍କଠାରୁ ଅଣ୍ଡିରା ବାଛୁରୀ ସଂଗ୍ରହ କରି ବଛା ବଛା ଷଣ୍ଢ ଉତାରିବା ଦ୍ୱାରା ଦେଶର ଲକ୍ଷାଧିକ ନିକୃଷ୍ଟ ଗାଈ ମଇଁଷିଙ୍କର ପୁରୁଷାନୁକ୍ରମିକ ଉତ୍ପାଦନ ଶକ୍ତି ବହୁତ ବଢ଼ାଯାଇ ପାରିଥାଆନ୍ତା । ତେଣୁ ଶତାଧିକ ବର୍ଷ ଧରି ଏଭଳି ଦୁଷ୍କର୍ମରେ ଲିପ୍ତଥିବା ଲାଭଖୋର ବ୍ୟବସାୟୀମାନଙ୍କୁ ଉକ୍ତ କର୍ମରୁ ନିବୃତ୍ତ କରିବା ଦ୍ୱାରା ଦେଶରେ ଦୁଗ୍ଧ ଉତ୍ପାଦନ ଦିଗରେ ପ୍ରାରମ୍ଭିକ ପଦକ୍ଷେପ ନିଆଯାଇ ପାରିବ । ଏହି ପୃଷ୍ଠଭୂମି ଉପରେ ଦେଶବ୍ୟାପି ଦୁଗ୍ଧ ବନ୍ୟା ଯୋଜନାର ପ୍ରସ୍ତୁତି ।

**ଏହାର ଉପାୟ**—କୌଣସି ନିୟମକାନୁନ୍ ବା ଆଇନ୍ ପ୍ରଣୟନ ଦ୍ୱାରା ଏହାର ନିରାକରଣ ସୁଗମ ନୁହେଁ । ଯେଉଁ ବ୍ୟବସାୟୀ ୨—୩ ହଜାର ଟଙ୍କା ଦେଇ ଗାଈଟିଏ କିଣି ତା' ଠାରୁ ଦୈନିକ ଖୁବ୍ କମ୍‌ରେ ୧୦—୧୫ ଲିଟର ଦୁଗ୍ଧ ଦୁହିଁ ପାରୁଛି ସେ ତହିଁରେ ଆହୁରି ୧୦—୧୫ ଲିଟର ପାଣି ମିଶାଇ ଏହି ପାଣିମିଶା ଦୁଧରୁ ଦୈନିକ ୪୦—୫୦ ଟଙ୍କା ପାଇପାରିବ । ଗାଈର ଖାଇବା ପିଇବା ପରେ ମାସକୁ ଅନ୍ତତଃ ଏକ ହଜାର ଟଙ୍କା ମିଳିଲେ ଉକ୍ତ ବ୍ୟବସାୟୀ ତା' ଠାରୁ ପ୍ରାୟ ବର୍ଷକ ଭିତରେ ୮—୧୦ ହଜାର ଟଙ୍କା ପାଇପାରିବ । ଏଇଭଳି ୪—୫ଟି ଗାଈଠାରୁ ୪୦—୫୦ ହଜାର ଟଙ୍କା ବର୍ଷକ ଭିତରେ ଆୟ କରିବା ଲାଗି ସେ କୌଣସି ଆଇନ୍ କାନୁନ୍ ବା ପୋଲିସ୍ ପ୍ରତିରୋଧ ଦୂର କରିବାକୁ ସେ ହୁଏତ ଗାଈ ପିଛା ହଜାରେ ଦୁଇ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଛେଇବ ନାହିଁ । ଏପରି ସ୍ଥଳେ ସେମାନଙ୍କୁ ହତୋତ୍ସାହ କରିବାର ପ୍ରଧାନ ଉପାୟ ହେଉଛି ସେମାନଙ୍କ ବ୍ୟବସାୟ ଉପରେ ଆଞ୍ଚ ଆଣିବା । ଦେଶର ସବୁ ମହାନଗରୀର ବାସିନ୍ଦାମାନଙ୍କୁ ଯଦି ସୁଲଭ ମୂଲ୍ୟରେ ଯଥେଷ୍ଟ ଭଲ ଦୁଧ ଯୋଗାଇ ଦିଆଯାଏ ତା' ହେଲେ କେହି ଏତେ ଚଢ଼ା ଦର ଦେଇ ପାଣିମିଶା ଦୁଧ ପିଇବାକୁ ଆଗ୍ରହ କରିବେ ନାହିଁ । ଫଳରେ ସହର ଭିତରେ ଗାଈ ରଖି ସେମାନଙ୍କୁ ଘାସ ବଦଳରେ ଅଧିକ ଦାମର ଦାନା ଖୁଆଇ ଭଲ ଦୁଧ ଉଚିତ୍ ଦାମ୍‌ରେ ବିକ୍ରି କରିବା ଦ୍ୱାରା ଉପରୋକ୍ତ ବ୍ୟବସାୟୀ ଗୋଷ୍ଠୀକୁ କ୍ଷତି ସହିବାକୁ ହେବ । ଫଳରେ ସେମାନେ ବିଗତ ବହୁ ବର୍ଷର ସମାଜଦ୍ରୋହୀ ବ୍ୟବସାୟ ଛାଡ଼ିବାକୁ ବାଧ୍ୟ ହେବେ ।

ବର୍ତ୍ତମାନ ପ୍ରଶ୍ନ ଉଠିପାରେ "ଏତେଗୁଡ଼ାଏ ଲୋକଙ୍କୁ ବେକାର କରି ସେମାନଙ୍କ ଭବିଷ୍ୟତ କର୍ମଯୋଗାଣ ଲାଗି କି ପ୍ରକାର ସୁବିଧା କରାଯାଇ ପାରିବ" ? ଏହାର ଉତ୍ତର ହେଲା "ସେମାନଙ୍କର କୌଣସି ରକମର କ୍ଷତି କରିବା ଏହି ବିଶାଳ ଯୋଜନାର ଲକ୍ଷ୍ୟ ନୁହେଁ । ବରଂ ଉପରୋକ୍ତ ବ୍ୟବସାୟୀ ଗୋଷ୍ଠୀ ଯୋଜନାର ସବୁ ପ୍ରକାର ସାହାଯ୍ୟ ନେଇ ସେମାନଙ୍କର ଅର୍ଥନୈତିକ ପ୍ରଗତିକୁ ଆହୁରି ସୁଦୃଢ଼ କରିବାର ସୁବିଧା କରାଯାଇଛି । ୧୯୬୭ ମସିହାରେ

ବିଶ୍ୱ ଖାଦ୍ୟ ସଂସ୍ଥା ତରଫରୁ ଭାରତକୁ ଏକ ୧୦ ବର୍ଷିଆ ସାହାଯ୍ୟ ଘୋଷଣା କରାଗଲା । ଏହା କେବଳ ଗୁଣ୍ଡ ଦୁଧ ଓ ଲହୁଣୀ ଆକାରରେ ୧୯୭୧ ମସିହାରୁ ୧୯୮୦ ମସିହା ଭିତରେ ଦିଆଯିବା ଲାଗି ପ୍ରସ୍ତାବ କରାଯାଇଥିଲା । ଏ ସବୁ ସାହାଯ୍ୟର କି ଉପାୟରେ ସଦୁପଯୋଗ ହୋଇ ପାରିବ ସେଥିଲାଗି ଭାରତ ସରକାର ଜାତୀୟ ଦୁଗ୍ଧ ଉନ୍ନୟନ ପରିଷଦର ପରାମର୍ଶ ଲୋଡ଼ିଥିଲେ । ସବୁଥର ଭଳି ଏ ସବୁ ବାଣ୍ଟି ନ ଦେଇ ଦେଶକୁ ଦୁଗ୍ଧ ଉତ୍ପାଦନ ଦିଗରେ ସ୍ୱାବଲମ୍ବୀ କରିବା ଦିଗରେ ଏହି ସାହାଯ୍ୟର ଉପଯୋଗ ପାଇଁ ଜାତୀୟ ଦୁଗ୍ଧ ଉନ୍ନୟନ ପରିଷଦ ଯେଉଁ ଚିଠା ପ୍ରସ୍ତୁତ କଲେ ତା'ର ନାମ ହେଲା "ଅଖିଳ ଭାରତ ଦୁଗ୍ଧ ବନ୍ୟା ଯୋଜନା" ।

ଯୋଜନାର ଆଭିମୁଖ୍ୟ—ଦିଲ୍ଲୀ, ବମ୍ବେ, ମାନ୍ଦ୍ରାଜ ଓ କଲିକତା ମହାନଗରୀମାନଙ୍କୁ ଯୋଜନାର ମୁଖ୍ୟ ଦୁଗ୍ଧ ଯୋଗାଣ ଅଂଚଳ ଓ ସେମାନଙ୍କୁ ପରସ୍ପର ସଂଯୋଗକାରୀ ମୁଖ୍ୟ ରେଳ ପଥର ଉଭୟ ପାର୍ଶ୍ୱସ୍ଥ ଅଂଚଳଗୁଡ଼ିକୁ ଦୁଗ୍ଧ ଉତ୍ପାଦନ ଅଂଚଳ ( Operation grid ) ନାମରେ ଅଭିହିତ କରାଯାଇଛି । ଉପରୋକ୍ତ ୪ଟି ମହାନଗରୀର ୨ କୋଟିରୁ ଅଧିକ ଅଧିବାସୀଙ୍କ ଲାଗି ଦୈନିକ ଏକ କୋଟି ଲିଟରରୁ ଅଧିକ ଦୁଗ୍ଧ ଯୋଗାଣର ଆବଶ୍ୟକତା ରହିଛି । ବିଶ୍ୱ ଖାଦ୍ୟ ସଂସ୍ଥାଙ୍କ ପ୍ରଦତ୍ତ ଗୁଣ୍ଡ ଦୁଗ୍ଧ ଓ ଲହୁଣୀରୁ ଟନ୍ନ ମିଶ୍ରିତ ଦୁଗ୍ଧ ( Tonned Milk ) ତିଆରି କରାଯାଇ ଏହି ଅଭାବ ପୂରଣ କରାଯାଇ ପାରିବ । ସଦ୍ୟ ଗାଈ ଦୁଗ୍ଧ ତୁଳନାରେ ଏହି ଟନ୍ନ ମିଶ୍ରିତ ଦୁଗ୍ଧର ଦାମ୍ ବହୁତ କମ୍ ହେବ ଓ ଏହାର ଖାଦ୍ୟମୂଲ୍ୟ ଗାଈ ବା ମଇଁଷି ଦୁଗ୍ଧଠାରୁ କୌଣସି ଗୁଣରେ କମ୍ ହେବ ନାହିଁ । ଫଳରେ ନଗରବାସୀମାନେ କମ୍ ଦାମ୍ ଦେଇ ଭଲ ଦୁଗ୍ଧ ଯଥେଷ୍ଟ ପରିମାଣରେ କିଣିବାକୁ ପାଇପାରିବେ । ତଦ୍ୱାରା ପାଣିମିଶା ଦୁଧ କାରବାର ପ୍ରାୟ ବନ୍ଦ ହୋଇ ଯାଇପାରେ । ଟନ୍ନମିଶ୍ରିତ ଦୁଗ୍ଧ ବିକ୍ରି ସୂତ୍ରରୁ ୨୫୦ କୋଟି ଟଙ୍କା ଆୟ ହେବ । ଉପରୋକ୍ତ ଦୁଗ୍ଧ ଉତ୍ପାଦନ ଅଂଚଳମାନଙ୍କରେ ଏହି ଟଙ୍କା ଖର୍ଚ୍ଚ କରାଯାଇ ଦୁଧିଆଳି ଗାଈମାନଙ୍କର ବଂଶ ବୃଦ୍ଧି , ଉପଯୁକ୍ତ ଗୋଖାଦ୍ୟ ଯୋଗାଣ , ପରିଷ୍କାର ଦୁଗ୍ଧ ଉତ୍ପାଦନ, ଗୋ ରୋଗ ନିରାକରଣ , ଘାସଚାଷ, ଦୁଗ୍ଧ ସଂଗ୍ରହ ଓ ଦୁଗ୍ଧ ବିକ୍ରୟ ପରିଚାଳନା କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଦୁଗ୍ଧ ଉତ୍ପାଦନ ଅଂଚଳ ଭିତରେ ଦେଶର ନିମ୍ନୋକ୍ତ ପ୍ରଦେଶଗୁଡ଼ିକ ଅନ୍ତର୍ଗତ , ଯଥା—ପଞ୍ଜାବ, ହରିଆନା, ରାଜସ୍ଥାନ, ଗୁଜୁରାଟ, ମହାରାଷ୍ଟ୍ର , ମହୀଶୂର, ତାମିଲନାଡୁ, ଆନ୍ଧ୍ର, ପଶ୍ଚିମ ବଙ୍ଗ, ବିହାର ଓ ଉତ୍ତର ପ୍ରଦେଶ, । ବଡ଼ ଦୁଃଖର କଥା ଯେ ମାନ୍ଦ୍ରାଜ ଓ କଲିକତାକୁ ସଂଯୁକ୍ତକାରୀ ପ୍ରଧାନ ରେଳପଥ ଓଡ଼ିଶା ମଧ୍ୟଦେଇ ଯାଇଥିଲେ ମଧ୍ୟ ଓଡ଼ିଶା ପ୍ରଦେଶକୁ ଦୁଗ୍ଧ ଉତ୍ପାଦନ ଅଂଚଳ ଭିତରେ ଏ ପର୍ଯ୍ୟନ୍ତ ନିଆଯାଇ ନାହିଁ । ବରୋଦା ସମ୍ମିଳନୀରେ ଓଡ଼ିଶା ପ୍ରତିନିଧି-ମାନଙ୍କ ଯୁକ୍ତିର ଉତ୍ତର ଦେବାକୁ ଯାଇ ଉନ୍ନୟନ ବୋର୍ଡର ସଭ୍ୟମାନେ ପରେ ଏହା ସପକ୍ଷରେ ବିଚାର କରିବେ ବୋଲି ସମ୍ମତ ହୋଇଥିଲେ । ପରେ ଓଡ଼ିଶାର ଭୂତପୂର୍ବ ଚିଫ୍ ସେକ୍ରେଟେରୀ ଶ୍ରୀଯୁକ୍ତ ଶିବରମଣ ଓ ଅନ୍ୟକେତେକ ମାନ୍ୟ-ଗଣ୍ୟ ବ୍ୟକ୍ତିଙ୍କର ଚାପ ଯୋଗୁଁ ଜାତୀୟ ଦୁଗ୍ଧ ଉନ୍ନୟନ ବୋର୍ଡ ଓଡ଼ିଶାରେ ଏହି ଯୋଜନାର ଚିଠା ପ୍ରସ୍ତୁତ କରିବା ଲାଗି ଉପଦେଶ ଦେଇଛନ୍ତି । ଫଳ କ'ଣ ହେବ ଭବିଷ୍ୟତ କହିବ । ଲକ୍ଷ୍ୟ ହାସଲ ନ ହେବା ପର୍ଯ୍ୟନ୍ତ ପ୍ରତିବର୍ଷ ନିଖିଳ ଭାରତ ଦୁଗ୍ଧ ବିଜ୍ଞାନ ସମ୍ମିଳନୀରେ ଓଡ଼ିଶାର ପ୍ରତିନିଧିମାନେ ନିଜର ଦାବୀ ଦୃଢ଼ତାର ସହିତ ଉପସ୍ଥାପିତ କରିବା ଉଚିତ । ଫଳାଫଳ ସେଇ ନୀଳାଦ୍ରିବିହାରୀଙ୍କ ମହାନଗରୀର ମଧ୍ୟ ଭାଗରେ କେତେଗୁଡ଼ିଏ ଗାଈ ରଖି ପାଳିବା ଯେତେ କଷ୍ଟକର ଓ ବ୍ୟୟସାପେକ୍ଷ ତାହା ଅପେକ୍ଷା ମହାନଗରୀ ଉପକଣ୍ଠରେ ଘନ ଜନବସତିଠାରୁ ଦୂରରେ ତାହାଠାରୁ ଅତି ସୁବିଧାରେ ଗୋପାଳନ କରାଯାଇ ପାରିବ । ଯେଉଁ ବ୍ୟବସାୟୀ

ଯୋଜନା ଧାର୍ଯ୍ୟ ଦୁଧ ଦର ଅନୁସାରେ ଖାଣ୍ଟି ଦୁଗ୍ଧ ବିକ୍ରିକରି କ୍ଷତିଗ୍ରସ୍ତ ହେବେ ସେମାନଙ୍କ ଲାଗି ନଗରୀ ଉପକଣ୍ଠରେ ଗାଈଗୋରୁ ରଖିବା ଲାଗି ବନ୍ଦୋବସ୍ତ କରାଯିବ । ଗାଈମାନଙ୍କଲାଗି କଞ୍ଚାଘାସ ପ୍ରଚୁର ପରିମାଣରେ ଯୋଗାଇ ଦିଆଗଲେ ଆଉ ଦାନା କିଣିବାଲାଗି ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବନାହିଁ । ଏହାଛଡ଼ା ଦୁଧିଆଳି ଗାଈମାନଙ୍କର ବାଛୁରୀ-ଗୁଡ଼ିକ ପ୍ରାୟ ବର୍ଷେ ପର୍ଯ୍ୟନ୍ତ ପାଳିବାଲାଗି ଅଧିକ ସାହାଯ୍ୟ ଦିଆଯିବ । ଏହା ଫଳରେ ଉକ୍ତ ବ୍ୟବସାୟୀ ଗୋଷ୍ଠୀ ଅଯଥା ଅର୍ଥ ଲୋଭରେ ବଶବର୍ତ୍ତୀ ହୋଇ ବାଛୁରୀଗୁଡ଼ିକୁ ମାରିଦେବାକୁ ଇଚ୍ଛା କରିବେ ନାହିଁ । ଏସବୁ ଗାଈ ବାଛୁରୀମାନଙ୍କର ଚିକିତ୍ସା ଓ ରୋଗ ନିବାରଣ ଦିଗରେ ମଧ୍ୟ ଯୋଜନା ତରଫରୁ ଉପଯୁକ୍ତ ବ୍ୟବସ୍ଥା କରାଯିବ । ଏହା ଦ୍ୱାରା ପୂର୍ବାପେକ୍ଷା କମ୍ ଖର୍ଚ୍ଚରେ ଅଧିକ ଦୁଗ୍ଧ ଉତ୍ପାଦିତ ହୋଇପାରିବ । ମହାନଗରୀର ଅଧିବାସୀମାନଙ୍କୁ ଏସବୁ ଦୁଧ ବିକ୍ରି କରିବା ଲାଗି ଉକ୍ତ ବ୍ୟବସାୟୀମାନଙ୍କୁ ଲୋକ ରଖିବାକୁ ପଡ଼ିବନାହିଁ ବା ନିଜେ ବାରଦୁଆର ହେବାକୁ ପଡ଼ିବନାହିଁ । କାରଣ ଯୋଜନାଭୁକ୍ତ ଦୁଗ୍ଧ ବିକ୍ରୟ ସଂସ୍ଥା ଏସବୁ ଦୁଧ କିଣିନେଇ ନଗରୀ ଅଧିବାସୀମାନଙ୍କୁ ବିଭିନ୍ନ କେନ୍ଦ୍ରରେ ଯୋଗାଇଦେବେ । ଏହାଦ୍ୱାରା ଉତ୍ପାଦନକାରୀଙ୍କୁ ଲିଟର ପିଛା ଏକ ସ୍ଥିରୀକୃତ ଲାଭାଂଶ ଦିଆଯିବା ଫଳରେ ଦୁଗ୍ଧ ଉତ୍ପାଦନ ଦିଗରେ ବହୁ ଦିଗରୁ ସ୍ଥାୟୀ ସୁବିଧା ହୋଇପାରିବ ଯଥା:—

(୧) ଦୁଧିଆଳି ଗାଈମାନଙ୍କର ବଂଶ ନିପାତ ହେବାର ଆଉ ଭୟ ରହିବ ନାହିଁ ।

(୨) ସେମାନଙ୍କର ମାଈ ବାଛୁରୀସବୁ ଯୋଜନା ସାହାଯ୍ୟ ଫଳରେ ଉପଯୁକ୍ତ ଖାଦ୍ୟ ପାଇ ଭଲମତରୂପେ ବଢ଼ି-ପାରିବେ ଓ ଯଥା ସମୟରେ ଗର୍ଭବତୀ ହୋଇ ପ୍ରଚୁର ଦୁଗ୍ଧ ଦେଇପାରିବେ ।

(୩) ନଗରୀମାନଙ୍କର ଉପକଣ୍ଠରେ ଯଥେଷ୍ଟ ଘାସ ସୃଷ୍ଟ କରାଯାଇ ଗାଈମାନଙ୍କୁ ଯୋଗାଇ ଦିଆଗଲେ ସେମାନଙ୍କର ଉତ୍ପାଦିକା ଶକ୍ତି ବୃଦ୍ଧିପାଇବ ।

(୪) ପ୍ରଚୁର ଘାସ ଖୁଆଇବା ଦ୍ୱାରା ଦାନା ଦେବାର ପରିମାଣ ଯଥେଷ୍ଟ କମିଯିବ ଓ ତଦ୍ୱାରା କମ ଖର୍ଚ୍ଚରେ ଅଧିକ ଦୁଗ୍ଧ ଉତ୍ପାଦିତ ହୋଇପାରିବ ।

(୫) ଦୁଧ ବ୍ୟବସାୟୀମାନଙ୍କଠାରୁ ଦୁଧ ସଂଗ୍ରହକରି ଯୋଜନା ତରଫରୁ ବିକ୍ରି କରିବାର ବନ୍ଦୋବସ୍ତ ହେଲେ ସେମାନେ ଗାଈମାନଙ୍କର ତତ୍ତ୍ୱ ନେବାକୁ ଅଧିକ ସମୟ ପାଇବେ ।

(୬) ଜନସାଧାରଣଙ୍କୁ ଉଚିତ ମୂଲ୍ୟରେ ଖାଣ୍ଟି ଦୁଗ୍ଧ ଯୋଗାଇ ଦିଆଯାଇ ପାରିବ ।

ଯୋଜନାପାଇଁ ଅର୍ଥ ବ୍ୟବସ୍ଥା—ଏହି ବିଶାଳ ଯୋଜନା ଲାଗି ସମୁଦାୟ ଏକଶତ କୋଟି ଟଙ୍କା ବ୍ୟୟ କରାଯିବାର ଅଟକଳ କରାଯାଉଛି । ଆଉ ଗୋଟିଏ ମଜା କଥା ହେଉଛି ଯେ, ଭାରତ ସରକାର ରାଜ୍ୟ ସରକାରମାନଙ୍କ ପାଇଁ ଏଥିଲାଗି କୌଣସି ଆର୍ଥିକ ବ୍ୟବସ୍ଥା କରିନାହାନ୍ତି । ତେବେ ଏତେ ପରିମାଣରେ ଅର୍ଥ କେଉଁଠୁ ମିଳିପାରିଲା ? ଏଥିଲାଗି ଯୋଜନା ପ୍ରସ୍ତୁତକାରୀ ବୈଜ୍ଞାନିକମାନଙ୍କର ଦୂରଦୃଷ୍ଟି ଓ ବୁଦ୍ଧିମତ୍ତାକୁ ପ୍ରଶଂସା କରାଯିବାର କଥା ।

ଦେଶ ସ୍ୱାଧୀନ ହେବାର ବିଗତ ୨୫ ବର୍ଷ ଭିତରେ ବିଶ୍ୱ ଖାଦ୍ୟ ସଂସ୍ଥା ଅନେକଥର ଭାରତର ଦୁଃସ୍ଥ ଜନସାଧାରଣଙ୍କ ପାଇଁ ଶୁଷ୍କ ଦୁଗ୍ଧ ଓ ଲହୁଣୀ ଦାନ କରିଛନ୍ତି । ପ୍ରତିଥର ଏସବୁ ସାହାଯ୍ୟ ପ୍ରାଦେଶିକ ସରକାରମାନଙ୍କ ଜରିଆରେ ଦେଶର ଅଧିକାଂଶ ବ୍ଲକକୁ ବାଣ୍ଟି ଦିଆଯାଏ । ଏହାଦ୍ୱାରା ଯେ ଦେଶର ପ୍ରକୃତ ଦୁଃସ୍ଥ ବା ବିପନ୍ନ ଲୋକେ ଏସବୁ ଜିନିଷ ପାଇପାରନ୍ତି ତାହାନୁହେଁ ବରଂ ଏଥି ମଧ୍ୟରୁ ଅଧିକାଂଶ ଦ୍ରବ୍ୟ ସହର ଓ ମଫସଲର ଦୁର୍ନୀତିଗ୍ରସ୍ତ ବ୍ୟବସାୟୀମାନଙ୍କ ଜରିଆରେ ବିକ୍ରି ହୋଇଯାଏ । ଫଳରେ ଦାନ ଦେଉଥିବା ଦେଶମାନଙ୍କର ମହତ୍ ଉଦ୍ଦେଶ୍ୟ ପଣ୍ଡ ହେବା ସଙ୍ଗେ ସଙ୍ଗେ ଦେଶରେ କଳା ବଜାର ଓ ଦୁର୍ନୀତି ବଢ଼ି ଯାଉଛି ।

---

ଲେଖକ ଡକ୍ଟର ଗୁରୁପ୍ରସାଦ ମହାନ୍ତି, ପି. ଏଚ. ଡି., ଫୁଲନଖରାସ୍ଥିତ ଡେଆରି ଡେଭଲପ୍‌ମେଣ୍ଟ ସଂସ୍ଥାର ଡେଆରି ଟେକ୍ନୋଲୋଜିଷ୍ଟ ତଥା ଆସିଷ୍ଟାଣ୍ଟ ଡ଼ିରେକ୍ଟର ରୂପେ କାର୍ଯ୍ୟ କରନ୍ତି ।

# କଟକ ବେତାର କେନ୍ଦ୍ର–



## ଜନ୍ମ-ଚେନାଲି

ଯତୀନ ଦାସ

କଟକ ବେତାର କେନ୍ଦ୍ରର ପଚିଶ ବର୍ଷ ପୂରିଗଲା , ହେଲେ ଏହି ପଚିଶ ବର୍ଷର ପୂର୍ବ ଇତିହାସ ବି ରହିଛି । ତା'ହେଲା ଓଡ଼ିଆ ବେତାର ପ୍ରସାରର ଜନ୍ମ ଇତିହାସ । ଏହି ପଚିଶ ବର୍ଷ ଭିତରେ ଯେଉଁମାନେ ଶୁଣୁଥିଲେ, କିମ୍ବା ଯେଉଁମାନଙ୍କର ହେତୁ ହୋଇ ନ ଥିଲା ଅଥବା ଯେଉଁମାନେ ଜନ୍ମ ବି ହୋଇ ନ ଥିଲେ; ମୂଳ ଇତିହାସ ବିଷୟରେ ସେମାନଙ୍କୁ କିଛି ଧାରଣା ଦିଆ ନ ଗଲେ, ନିଜ ରାଜ୍ୟର ବେତାର ଇତିହାସ ସମ୍ପର୍କରେ ସେମାନଙ୍କ ଜ୍ଞାନ ଅସମ୍ପୂର୍ଣ୍ଣ ରହିଯିବ । କେବଳ ସେତିକି ନୁହେଁ, ଯେଉଁମାନଙ୍କ ସମବେତ ପ୍ରଚେଷ୍ଟାରେ ଓଡ଼ିଶାରେ ଏହି ସାଂସ୍କୃତିକ କେନ୍ଦ୍ରଟି ଗଢ଼ି ଉଠିଛି, ସେମାନଙ୍କ ପ୍ରତି ମଧ୍ୟ ଆନ୍ତରିକ କୃତଜ୍ଞତା ପ୍ରକାଶ କରିବା ସୁଯୋଗରୁ ସେମାନେ ବଂଚିତ ହେବେ ।

ପ୍ରକୃତରେ କହିବାକୁ ଗଲେ, ଓଡ଼ିଆ ବେତାର ପ୍ରସାରର ଜନ୍ମ ହୋଇଥିଲା ପ୍ରବାସରେ । ସେତେବେଳେ ଆମେ ସ୍ୱାଧୀନ ହୋଇ ନ ଥିଲୁ , ବ୍ରିଟିଶ ସରକାର ଆମ ଦେଶ ଶାସନ କରୁଥିଲେ । ଦିନେ ଯୁଦ୍ଧ ଆରମ୍ଭ ହେଲା । ଦ୍ୱିତୀୟ ବିଶ୍ୱ ଯୁଦ୍ଧ । ଏହି ଯୁଦ୍ଧ ୧୯୩୯ ମସିହାରୁ ଆରମ୍ଭ ହୋଇ ବହୁଦିନ ଯାଏ ଲାଗିଲା । ସେତେବେଳେ କଲିକତା ଛଡ଼ା ବର୍ମା ଓ ଆସାମରେ ବହୁ ଓଡ଼ିଆ ରହୁଥିଲେ । ବିଶେଷକରି ସେହିମାନଙ୍କ ସକାଶେ କଲିକତା ବେତାର କେନ୍ଦ୍ରରୁ ପ୍ରତିଦିନ ଅଧଘଣ୍ଟା ଲେଖାଏଁ ଓଡ଼ିଆ ପ୍ରୋଗ୍ରାମ ପ୍ରସାରର ବ୍ୟବସ୍ଥା କରାଯାଇ ଥିଲା । ତାକୁ କୁହାଯାଉଥିଲା, 'ପ୍ରୋପାଗଣ୍ଡା - ପ୍ରୋଗ୍ରାମ' । ସେହି ଅଧଘଣ୍ଟାକ ଭିତରେ ସମ୍ବାଦ, ପ୍ରଚାର ମୂଳକ ନାଟକ ଏବଂ ଗ୍ରାମଫୋନ୍ ରେକର୍ଡ଼ ବଜାଯାଉ ଥିଲା । ଆଜିଭଳି ସେତେବେଳେ ସମ୍ବାଦ ସଂଗ୍ରହ କରିବାର ଏତେ ସୁବିଧା ନ ଥିଲା । ରୟଟର ବୋଲି ଗୋଟିଏ ନ୍ୟୁଜ୍ ଏଜେନସି ଥିଲା । ଏବେବି ରହିଛି । କେବଳ ଏହି ଏଜେନ୍ସି ଦ୍ୱାରା ପରିବେଷିତ ସମ୍ବାଦକୁ, ନିର୍ଭର ଯୋଗ୍ୟ ସମ୍ବାଦ ବୋଲି ସରକାର ମନେକରୁ ଥିଲେ । ଇଂରାଜି ଖବର କାଗଜରେ ରୟଟର୍ ଯାହା ସବୁ ଖବର ଛପା ଯାଉଥିଲା, ସେଥିରୁ ବାଛି ବାଛି ଆମେ ଓଡ଼ିଆରେ ଅନୁବାଦ କରି 'ବ୍ରଡ଼କାଷ୍ଟ' କରୁଥିଲୁ । ସେତେବେଳେ ମୋ ସାଙ୍ଗରେ କାମ କରୁଥିଲେ,

ଡାକ୍ତର ସୁବୋଧ ଦାସ ଓ ଶ୍ରୀମତୀ କୃଷ୍ଣକାମିନୀ ଦେବୀ (ତରୁଣ ନାଟ୍ୟକାର ବିଶ୍ୱଜିତ୍ ଦାସଙ୍କ ପିତା ଓ ମାତା) ଜଣେ ସୁଯୋଗ୍ୟ ହୋମିଓପ୍ୟାଥି ଡାକ୍ତର ହିସାବରେ ସୁବୋଧ ବାବୁଙ୍କର କଲିକତା ଓଡ଼ିଆ ମହଲରେ ଯଥେଷ୍ଟ ଖ୍ୟାତି ଥିଲା । ତା' ଛଡ଼ା ସେ ଜଣେ ଉଚ୍ଚକୋଟୀର ଅଭିନେତା ଓ ସାଂବାଦିକ ଥିଲେ । ଶ୍ରୀମତୀ କୃଷ୍ଣକାମିନୀ ଦେବୀ ତାଙ୍କରି ସହଧର୍ମିଣୀ । ତାଙ୍କୁ ଆମେ ଦେଈ ବୋଲି ଡାକୁ ଥିଲୁ । ସମାଜ ସେବିକା ହିସାବରେ ବିଶେଷ କରି ନାରୀ ମହଲରେ ତାଙ୍କର ସମାଦର ଥିଲା ବେଶୀ । କହିବାକୁ ଗଲେ ସେହିମାନଙ୍କ ଯୋଗୁହିଁ ମୁଁ ରେଡ଼ିଓକୁ ଆସିଲି; କିନ୍ତୁ କିଛିଦିନ ପରେ ଆଉ ଜଣେ ବନ୍ଧୁ ଆସିଲେ । ତାଙ୍କ ନାଁ । ଶ୍ରୀକାଶୀନାଥ ମିଶ୍ର । ସେ ସେତେବେଳେ କଲିକତାର ଗୋଟିଏ କଲେଜରେ ଇଂରାଜି ଅଧ୍ୟାପକ ଥିଲେ । କେଇବର୍ଷ ଏକାଠି କାମ କଲାପରେ ନିଜ ନିଜର ବ୍ୟକ୍ତିଗତ ଅସୁବିଧା ଯୋଗୁଁ ସେମାନେ ଗ୍ଲଲିଗଲେ ।

ସେମାନଙ୍କ ଯିବାର ବର୍ଷକପରେ ଶ୍ରୀସୁରେନ ମହାନ୍ତି ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଅର୍ଥାତ୍ ରେଡ଼ିଓ ଭାଷାରେ ପି. ଏ. ହୋଇ ଯୋଗଦେଲେ । ବର୍ତ୍ତମାନର ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭମାନଙ୍କୁ (ପେକ୍‌ସ) ସେତେବେଳେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ବୋଲି କୁହାଯାଉଥିଲା । ସୁର ମୋର ବାଲ୍ୟ ବନ୍ଧୁ । ସେ ଆସିବା ପରେ ମୋର ଉତ୍ସାହ ଆହୁରି ବଢିଗଲା । ଓଡ଼ିଆ ପ୍ରୋଗ୍ରାମକୁ ସର୍ବାଙ୍ଗସୁନ୍ଦର କରିବା ପାଇଁ ଆମେ ଦୁହେଁ ଲାଗି ପଡ଼ିଲୁ । 'ପ୍ରୋଗ୍ରାମ—ପ୍ଲାନିଂ' କରିବାରେ ସୁରର ଅସାଧାରଣ ଦକ୍ଷତା ଥିଲା କ'ଣ କରାଗଲେ ଓଡ଼ିଆ ପ୍ରୋଗ୍ରାମ ଅନ୍ୟ ପ୍ରୋଗ୍ରାମର ସମକକ୍ଷ ହୋଇ ପାରିବ, ସେ ବିଷୟ ନେଇ ଆମେ ଦୁହେଁ ଦିନେ ବହୁ ରାତିଯାଏ ଆଲୋଚନା କଲୁ । ସୁର କହିଲା ଓଡ଼ିଶାରୁ ବଛା ବଛା ଆର୍ଟିଷ୍ଟ ଓ ବକ୍ତାମାନଙ୍କୁ (ଟକର) ଅଣାଗଲେ ଓଡ଼ିଆ ପ୍ରୋଗ୍ରାମର ଷ୍ଟାଣ୍ଡାର୍ଡ ବଢିବ । ପ୍ରସ୍ତାବଟି ମନକୁ ପାଇଲା । ଷ୍ଟେସନ ଡିରେକ୍ଟର ବି ରାଜିହୋଇ ଗଲେ । କିନ୍ତୁ ଓଡ଼ିଶାରୁ ଯେଉଁମାନଙ୍କୁ ଅଣାହେବ, ସେମାନଙ୍କ ସକାଶେ ଯାହା ଫି ପ୍ରସ୍ତାବ କରାଗଲା ସେଥିରେ ଆମେ ଦୁହେଁ ସନ୍ତୁଷ୍ଟ ହୋଇ ପାରିଲୁ ନାହିଁ । ଯିବା ଆସିବା ଟ୍ରେନ ଭଡ଼ା ଛଡ଼ା ମାତ୍ର ପନ୍ଦର ଟଙ୍କା । ବିଶେଷକ୍ଷେତ୍ରରେ ପଚିଶ । ଟଙ୍କା ବଢ଼େଇବା ସକାଶେ ଲେଖିଲୁ, ହେଲେ କିଛି ଫଳ ହେଲା ନାହିଁ । ଷ୍ଟେସନ ଡିରେକ୍ଟର ଆମକୁ ଡାକି ଯାହାସବୁ କାରଣ ଦର୍ଶେଇଲେ, ସେଥିରେ ଆମେ ବି ଆଉ ସେ ସବୁ ପ୍ରସଙ୍ଗ ଉଠେଇଲୁ ନାହିଁ, ତେବେ ସେ ଆମର ଗୋଟିଏ ଛୋଟିଆ ପ୍ରସ୍ତାବକୁ ମାନିନେଲେ । ସ୍ଥିର ହେଲା, ଓଡ଼ିଶାରୁ ଯେଉଁମାନେ ଆସିବେ, ଲାଇଭ୍—ବ୍ରଡ଼କାଷ୍ଟ ଛଡ଼ା, ସେମାନଙ୍କ ପାଖରୁ ଆହୁରି ପନ୍ଦର କୋଡ଼ିଏ ମିନିଟର 'ଆଇଟମ୍' ରେକର୍ଡ କରି ରଖାହେବ । ଏବାବଦ ସେମାନେ କିଛି ଅଧିକା ଟଙ୍କା ପାଇ ପାରିବେ ।

ଓଡ଼ିଶାର ପ୍ରତିଭାଶାଳୀ କଳାକାର ଏବଂ ଲବ୍ଧ ପ୍ରତିଷ୍ଠ ସାହିତ୍ୟିକମାନଙ୍କ ସହଯୋଗ ଫଳରେ ସତକୁ ସତ ଓଡ଼ିଆ ପ୍ରୋଗ୍ରାମର ଷ୍ଟାଣ୍ଡାର୍ଡ ବଢିଗଲା । ଯେଉଁମାନେ କହୁଥିଲେ ଓଡ଼ିଶାରେ ଆର୍ଟିଷ୍ଟ ନାହାନ୍ତି, ସଙ୍ଗୀତ, ନାଟକ ବୋଲି କୌଣସି ପଦାର୍ଥ ନାହିଁ, ସେମାନଙ୍କ ଆଖି ଖୋଲିଗଲା । ଦିନେ କାଳିବାବୁଙ୍କ (ପଟ୍ଟନାୟକ) 'ଭାତ' ନାଟକ ବ୍ରଡ଼କାଷ୍ଟ ହେଉଥିଲା । ସେଥିରେ ଅଂଶ ଗ୍ରହଣ କରିବା ପାଇଁ ଓଡ଼ିଶା ଥିଏଟର (ବର୍ତ୍ତମାନ ଆଉ ନାହିଁ) ର କେଇଜଣ ଦକ୍ଷ ଅଭିନେତାଙ୍କୁ ଅଣାଯାଇ ଥିଲା । ସେ ନାଟକ ସେତେବେଳେ ଓଡ଼ିଶାରେ ଖୁବ୍ ନାଁ କରିଥିଲା । ଶୁଣିବା ସକାଶେ ଶ୍ରୀବିକାଶ ରାୟ (ବର୍ତ୍ତମାନ ବଙ୍ଗଳା ଚଳଚ୍ଚିତ୍ର ଜଗତର ଜଣେ ଖ୍ୟାତନାମା ଅଭିନେତା ଓ ପରିଚାଳକ), ଶ୍ରୀ ପ୍ରଭାତ ମୁଖାର୍ଜୀ ଓ ଶ୍ରୀ ବିରେନ ଭଦ୍ର ପ୍ରଭୃତିଙ୍କୁ ଡାକିଥିଲୁ । ଡ୍ରାମା ଶେଷ ହେବା ପରେ ବିରେନ ଦା ମୋତେ ପାଖ ଷ୍ଟୁଡ଼ିଓକୁ ଡାକି ନେଇ କହିଲେ, "ବାଃ ଚମତ୍କାର ହୟେଛେ । ତୋମାଦେର୍ ଅଭିନୟ ଷ୍ଟାଣ୍ଡାର୍ଡ ଏତୋ ଉଂଚୁ, ସେ କଥା ଆମାଦେର ଜାନାଛିଲୋନା" । ରେଡ଼ିଓ ନାଟକ ବିଭାଗର ମୁଖ୍ୟ ପରିଚାଳକ ଏବଂ ମଞ୍ଚ ଓ ଚଳଚ୍ଚିତ୍ର ନିର୍ଦ୍ଦେଶକଙ୍କ

ଜନ୍ମ-ବେଳି

ମୁହଁରୁ ଓଡ଼ିଆ ଅଭିନେତା ଓ ଅଭିନେତ୍ରୀମାନଙ୍କ ଅଭିନୟ ପ୍ରଶଂସା ଶୁଣି ଗର୍ବରେ ଛାତି ଫୁଲେଇ ମୋଟ ହୋଇଗଲା । ଡିରେକ୍ଟର ବର୍ତ୍ତମାନ ଅବସର ଗ୍ରହଣ କରି ସାରିଲେଣି ।

ଆଉ ଦିନକର ଘଟଣା ମୋର ମନେ ଅଛି । ସେଦିନ ଉପେନ୍ଦ୍ର ତ୍ରିପାଠୀଙ୍କର ଗୀତ ଥିଲା । ଉପେନ୍ଦ୍ରବାବୁ ଭାରି ସରଳ ଲୋକ । ତାଙ୍କ ମନ ଯେମିତି ସରଳ, ପୋଶାକପତ୍ର ବି ସେମିତି ସାଧାରଣ । ସବୁବେଳେ ଖାଲିପାଦରେ ଥାଆନ୍ତି । ଅଠୁଆଡ଼ି ଖଣ୍ଡେ ମୋଟା ଧୋତି ଆଣ୍ଠୁପାଖେ ଗୋଡ ଦିଶୁଥାଏ । ଦେହରେ ଖଣ୍ଡିଏ ପଞ୍ଜାବୀ । କାନ୍ଧରେ ସବୁବେଳେ ଖଣ୍ଡିଏ ଗାମୁଛା ପକେଇ ବୁଲନ୍ତି ବୋଲି ବହୁଥର ତାଙ୍କ ଉପରେ ମୁଁ ବିରକ୍ତ ହୋଇଛି । ଗୋପୀଯନ୍ତଟିକୁ ସେ କେବେ ହାତଛଡ଼ା କରନ୍ତି ନାହିଁ । ତାଙ୍କ ବଡ଼ ଦାଢ଼ି ଓ ମୁଣ୍ଡରେ ଲମ୍ବାବାଳ ଦେଖି ବାହାରର ଲୋକଙ୍କ ପକ୍ଷରେ ତାଙ୍କୁ ଜଣେ ବାବାଜୀ ବୋଲି ଭାବିବା କିଛି ବିଚିତ୍ର ନୁହେଁ । ଶେଷରେ ତାହାହିଁ ହେଲା । ତାଙ୍କୁ ଦେଖି ଜଣେ ଅଫିସର ମନ୍ତବ୍ୟ କଲେ— "କି ଯତୀନବାବୁ ଏ ବାବାଜୀଟିକେ କେଥୋଏ ଥେକେ ଯୋଗାଡ଼ କରଲେନ୍ ?" କଥାଟା ରହସ୍ୟ ଛଳରେ କହିଲେ ବି ତା ଭିତରେ ବିଦ୍ରୂପର ଗନ୍ଧ ଥିଲା; କିନ୍ତୁ ପ୍ରୋଗ୍ରାମ ଶୁଣି ସାରିବାପରେ ଭଦ୍ରଲୋକଙ୍କର ଧାରଣା ବିଲକୁଲ ବଦଳିଗଲା । ତାଙ୍କର ଅହେତୁକ ମନ୍ତବ୍ୟ ଯୋଗୁଁ ପରେ ସେ ଦୁଃଖିତ ହେଲେ । ତାଙ୍କ କଥାଭାଷାରୁ ଯାହା ଠଉରେଇଲି, ଭଦ୍ରଲୋକ ସେ ପର୍ଯ୍ୟନ୍ତ ଗୋପୀଯନ୍ତ୍ର ଦେଖି ନ ଥିଲେ । କାରଣ ସହରରେ ସେତେବେଳେ ଏ ଯନ୍ତ୍ରର ପ୍ରଚଳନ ନ ଥିଲା । ପଶ୍ଚିମବଙ୍ଗର ମାନଭୂମ୍‌ଜିଲ୍ଲା ଓ ତା'ଆଖପାଖ କେତେକ ଅଞ୍ଚଳରେ ଗୋଟିଏ ସମ୍ପ୍ରଦାୟର ଲୋକ ଅଛନ୍ତି, ସେମାନଙ୍କୁ 'ବାଉଲ' କୁହାଯାଏ । ଠିକ ଆମ ଯୋଗୀ ସମ୍ପ୍ରଦାୟଙ୍କ ଭଳି ଗାଁ ଗାଁ ବୁଲି ଗୀତ ବୋଲନ୍ତି । ଏହି ଯନ୍ତ୍ରଟିକୁ ବଙ୍ଗଳାରେ କହନ୍ତି 'ଏକତାରା' ।

ସେଦିନ ଯେଉଁମାନେ ନିଜର ସୁବିଧା କଥା ନ ଭାବି କେବଳ ପ୍ରବାସରେ ଓଡ଼ିଶାର କଳା ଓ ସାହିତ୍ୟ ପ୍ରଚାର ମନୋଭାବ ନେଇ, ଓଡ଼ିଶାରୁ ପ୍ରୋଗ୍ରାମ ଦେବା ସକାଶେ କଲିକତା ଯାଉଥିଲେ, ଯେଉଁମାନଙ୍କ ସକ୍ରିୟ ସହଯୋଗ ଦ୍ୱାରା ଓଡ଼ିଆ ବେତାର ପ୍ରସାରର ମୂଳଦୁଆ ମଜବୁତ୍ ହୋଇଥିଲା, ସେମାନଙ୍କ ଭିତରୁ ହୁଏତ ଅନେକ ଆଜି ବାର୍ଦ୍ଧକ୍ୟର ଦ୍ୱାର ଦେଶରେ ପହଂଚିଲେଣି କିମ୍ବା ହୁଏତ କେତେକ ଆଜି ନାହାନ୍ତି ; କିନ୍ତୁ ସେମାନଙ୍କ ଆଶୀର୍ବାଦ-ପୁଷ୍ଟ ସେଦିନର ସେହି ପ୍ରବାସୀ ଓଡ଼ିଆ ବେତାର ପ୍ରତିଷ୍ଠାନଟି ଆଜି ତା'ନିଜ ରାଜ୍ୟରେ 'ଜୟନ୍ତୀଉତ୍ସବ' ପାଳନ କରୁଥିବା ଦେଖି ଜୀବିତମାନେ ନିଜକୁ ଗୌରବାନ୍ୱିତ ମନେ କରିବା ସଙ୍ଗେ ସଙ୍ଗେ ଯେଉଁମାନେ ନାହାନ୍ତି ସେମାନଙ୍କ 'ଆତ୍ମା' ପରିତୃପ୍ତ ହେଉଥିବ; ଏଥିରେ କୌଣସି ସନ୍ଦେହ ନାହିଁ । ମୋର ଯେତେଦୂର ମନେଅଛି, ସେତେବେଳେ ବକ୍ତାମାନଙ୍କ ( talker ) ମଧ୍ୟରେ ଥିଲେ, ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ପଦ୍ମଭୂଷଣ ଶ୍ରୀକାଳିନ୍ଦୀ ଚରଣ ପାଣିଗ୍ରାହୀ, ପଦ୍ମଭୂଷଣ ଶ୍ରୀସଚ୍ଚିଦାନନ୍ଦ ରାଉତରାୟ, ସ୍ୱର୍ଗତ ଡ଼କ୍ଟର ଲକ୍ଷ୍ମୀନାରାୟଣ ସାହୁ, ଶ୍ରୀ ବୈକୁଣ୍ଠ ନାଥ ପଟ୍ଟନାୟକ, ଡ଼କ୍ଟର ମାୟାଧର ମାନସିଂହ, ଶ୍ରୀ ସୁରେନ୍ଦ୍ର ମହାନ୍ତି, ସୁପ୍ରତିଷ୍ଠିତ ନାଟ୍ୟକାର ଏବଂ ଆଧୁନିକ ଓଡ଼ିଆ ରଙ୍ଗମଞ୍ଚର ପ୍ରାଣ ପ୍ରତିଷ୍ଠାତା କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, ଶିଶୁ ସାହିତ୍ୟିକ ଶ୍ରୀ ଉଦୟନାଥ ଷଡ଼ଙ୍ଗୀ, କବି ଶ୍ରୀ ରାଧାମୋହନ ଗଡ଼ନାୟକ, ଡ଼ାକ୍ତର ସୁରେନ୍ଦ୍ର କୁମାର ବେଉରିଆ, ଶ୍ରୀ ନବକୁମାର ଦାସ, ଶ୍ରୀ ଅନନ୍ତ ପଟ୍ଟନାୟକ, ପାରଳାଖେମୁଣ୍ଡିର ଶ୍ରୀ ସତ୍ୟନାରାୟଣ ରାଜଗୁରୁ, ଡ଼କ୍ଟର ବସନ୍ତ କୁମାର ବେଉରିଆ, ସମାଜ ସମ୍ପାଦକ ଶ୍ରୀ ରାଧାନାଥ ରଥ, କୁମାରୀ ନନ୍ଦିନୀ ପାଣିଗ୍ରାହୀ (ବର୍ତ୍ତମାନ ଶତପଥୀ) ଶ୍ରୀମତୀ ସରଳା ଦେବୀ ଓ ଶ୍ରୀମତୀ ସୀତାଦେବୀ ଖାଡ଼ାଙ୍ଗା । ଗାୟକ ମାନଙ୍କ ମଧ୍ୟରେ ଥିଲେ, ସର୍ବଶ୍ରୀ ସିଂହାରି ଶ୍ୟାମ ସୁନ୍ଦର କର, ବାଣୀକଣ୍ଠ ନିମାଇଁ ଚରଣ ହରିଚନ୍ଦନ, ସର୍ବଶ୍ରୀ କାଶୀନାଥ ପୂଜାପଣ୍ଡା, ନୃସିଂହ ନାଥ ଖୁଣ୍ଟିଆ, ଲୋକନାଥ ରଥ,

ଉପେନ୍ଦ୍ର କୁମାର ତ୍ରିପାଠୀ, ଗୋବର୍ଦ୍ଧନ ମହାନ୍ତି, ରାଧାକାନ୍ତ ରଥ, ସୁକୁମାର ସାହୁ, ତାରିଣୀ ଚରଣ ପାତ୍ର, ଗୋକୁଳାନନ୍ଦ ମହାନ୍ତି, ଶ୍ୟାମ ସୁନ୍ଦର ଧିର, ଶ୍ରୀରବି ଘୋଷ, ଶ୍ରୀଜଗବନ୍ଧୁ ସାହୁ , ଶ୍ରୀବାଞ୍ଛାନିଧି ଦାସ, କୁମାରୀ ବୀଣାପାଣି ମହାପାତ୍ର, (ବର୍ତ୍ତମାନ ପତି) କୁମାରୀ ସଂଯୁକ୍ତା ମହାନ୍ତି, କୁମାରୀ ଶେଫାଳି ରାଉତ, କୁମାରୀ ବିଷ୍ଣୁପ୍ରିୟାଦେବୀ (ବର୍ତ୍ତମାନ ସାମନ୍ତ ସିଂହାର) କୁମାରୀ କବିତା ପ୍ରିୟା ମହାନ୍ତି, କୁମାରୀ କୃଷ୍ଣପ୍ରିୟା ଦେବୀ, କୁମାରୀ ମାଧରୀ ପଣ୍ଡା, ଶ୍ରୀମତୀ ସୁମତି ଦେବୀ ଓ କୁମାରୀ କଲ୍ୟାଣୀ ଘୋଷ । ଏମାନଙ୍କ ବ୍ୟତୀତ ସ୍ୱର୍ଗତ ଶ୍ରୀ ବଳାଇ ବେନାର୍ଜୀଙ୍କ ସମେତ ରଙ୍ଗମଞ୍ଚର କେତେକ ପ୍ରଖ୍ୟାତନାମା ଅଭିନେତା ଓ ଅଭିନେତ୍ରୀମାନେ ମଧ୍ୟ ଆସୁଥିଲେ ।

ଓଡ଼ିଶା ଏବଂ ସ୍ଥାନୀୟ କଳାକାର ମାନଙ୍କ ସମବେତ ପ୍ରଚେଷ୍ଟାରେ ଅଲଇଣ୍ଡିଆ ରେଡ଼ିଓ (ସେତେବେଳେ ଆକାଶବାଣୀ ବୋଲି କୁହାଯାଉ ନ ଥିଲା) କଲିକତା କେନ୍ଦ୍ରର ଓଡ଼ିଆ ବେତାର ପ୍ରଚାର ବିଭାଗଟି ଯେତେବେଳେ ଶକ୍ତି ସଞ୍ଚୟ କରି ଆସୁଥିଲା, ଠିକ୍ ସେତିକିବେଳେ ଦିନେ ସୁର ଚାକିରିରୁ ଇସ୍ତଫା ଦେଇ ଓଡ଼ିଶା ଫେରିଗଲେ । ପୁଣି ମୁଁ ଏକୁଟିଆ ପଡ଼ିଗଲି । ସୁର ଗଲାପରେ ଦିନେ ହଠାତ୍ ଦଙ୍ଗାହେଙ୍ଗାମା ଆରମ୍ଭ ହୋଇ ସାରା କଲିକତା ସହରର ବାତାବରଣ ବିଷାକ୍ତ ହୋଇ ପଡ଼ିଲା । ଅନେକ ସହର ଛାଡ଼ି ପଳେଇଲେ । ଯେଉଁମାନେ ଯାଇପାରିଲେ ନାହିଁ, ସେମାନେ ଡରମରା ହୋଇ ରହିଲେ । ଘନ ଘନ କରଫ୍ୟୁ (ସାଂଧ୍ୟ ଆଇନ୍) ଜାରି ହେବାକୁ ଲାଗିଲା । ସେଇଥି ଯୋଗୁ ଲୋକେ ଆହୁରି ଘାବରେଇ ଗଲେ । କେତେବେଳେ ଯେ କେଉଁ ଅଂଚଳରେ କରଫ୍ୟୁ ଜାରି ହେବ, ସେ କଥା ଆଗରୁ କେହି ଜାଣିପାରୁ ନ ଥିଲେ । ହୁଏତ କେହି ଜଣେ ନିଜର କାମଧନ୍ଦା ସାରି ବସାକୁ ଫେରୁଛନ୍ତି, ହଠାତ୍ ତାଙ୍କରି ଅଂଚଳରେ କରଫ୍ୟୁ ଜାରି ହୋଇ ଗଲା । ଭଦ୍ର ଲୋକ ଆଉ ରାତିସାରା ବସାକୁ ଫେରି ପାରିଲେ ନାହିଁ । ଘରଲୋକେ ଦୁଶ୍ଚିନ୍ତାରେ ରାତି ଅନିଦ୍ରା ହୋଇ କଟେଇଲେ । ଏପରିକି ବେଳେ ବେଳେ ତିନି ଚାରି ଦିନ ଯାକ କରଫ୍ୟୁ ଜାରି ରହୁଥିଲା । ଲୋକମାନେ ଘରୁ ପଦାକୁ ବାହାରି ପାରୁ ନଥିଲେ । ପୋଲିସ୍, ମିଲିଟାରି, ଡ଼ାକ୍ତର, ଏମ୍ବୁଲେନ୍ସ, ଦମ୍‌କଲ ଗାଡ଼ି ଛଡ଼ା ଅନ୍ୟ କିଛି ଯାନ ବାହାନ ଚଳୁ ନ ଥିଲା । ରାସ୍ତାଘାଟ ଶୁନଶାନ ଦିଶୁଥିଲା । ଇଏତ ଗଲା ଦିନ କଥା । ରାତିର ଅବସ୍ଥା ଆହୁରି ଖରାପ । ସେ ଏକ ସାଂଘାତିକ ଅବସ୍ଥା । ଯେଉଁମାନେ ଦେଖି ନାହାନ୍ତି, ଯେତେ କହିଲେ ବି ପ୍ରକୃତ ଘଟଣା କଳ୍ପନା କରିପାରିବେ ନାହିଁ । ଆମେ ଯେଉଁମାନେ ଅଙ୍ଗେ ନିଭେଇଛୁ 'ଏ ବୟସରେ ବି' ସେ ସବୁ କଥା ମନେ ପଡ଼ିଗଲେ ଦେହ ଶୀତେଇ ଉଠୁଛି । ସରକାରି ବେସରକାରି ଅଫିସ, କଳ କାରଖାନା, ସବୁଆଡ଼େ କାମ ଅଚଳ ହୋଇ ପଡ଼ିଲା ।

ସେତେବେଳେ କଲିକତା ରେଡ଼ିଓ ଷ୍ଟେସନ 'ଏକ ନମ୍ବର ଗାର୍ଷ୍ଟିନ ପ୍ଲେସ୍'ର ଗୋଟିଏ ଦୋମହଲା କୋଠାରେ ଥିଲା । ଅଫିସ ଏରିୟା ବୋଲି ଯଦିଓ ସେ ଇଲାକାରେ ଡରଭୟର କିଛି କାରଣ ନ ଥିଲା ତଥାପି ରେଡ଼ିଓଷ୍ଟେସନକୁ ଆସିବାକୁ ହେଲେ ସହରର ବିଭିନ୍ନ ଇଲାକା ଭିତର ଦେଇ ଆସିବାକୁ ପଡୁଥିବା ଯୋଗୁ ଡ଼ରରେ କୌଣସି ଆର୍ଟିଷ୍ଟ ରେଡ଼ିଓ ଷ୍ଟେସନକୁ ଆସୁ ନ ଥିଲେ । ରେଡ଼ିଓ ଷ୍ଟେସନର କର୍ମଚାରୀମାନଙ୍କ ଭିତରୁ ବି ଅନେକ ପଳେଇଗଲେ । ସେତେବେଳେ ଶ୍ରୀ ନୟନ କିଶୋର ମହାନ୍ତି ଏବଂ ଶ୍ରୀ ଉଦୟ ନାଥ ସାହୁ ମୋ ସାଙ୍ଗରେ କିଛିଦିନ ହେବ କାମ କରୁଥିଲେ । ଗଣ୍ଡଗୋଳ ଆରମ୍ଭ ହେବା ମାତ୍ରେ ସେମାନେ ବି ଆଉ ଆସିଲେ ନାହିଁ । ଏହିପରି ଅବସ୍ଥାରେ କେବଳ ଓଡ଼ିଆ ପ୍ରୋଗ୍ରାମ କାହିଁକି କଲିକତା ରେଡ଼ିଓ ଷ୍ଟେସନ ଚଳେଇବା ବି କଠିନ ହୋଇ ପଡ଼ିଲା । ଷ୍ଟେସନ ଡ଼ିରେକ୍ଟର ମୁଣ୍ଡରେ ହାତଦେଇ ବସିଲେ । ଏକେତ ତାଙ୍କ ଷ୍ଟେସନରେ ଏହି ଅବସ୍ଥା, ସେଥିରେ ମାତ୍ର ଜଣଙ୍କ ଉପରେ ନିର୍ଭର କରି ଓଡ଼ିଆ ପ୍ରୋଗ୍ରାମ ଚଳେଇବାର ଦାୟିତ୍ୱ ନେବା ତାଙ୍କ ପକ୍ଷରେ କଷ୍ଟକର । ଏକଥା ସେ ଡ଼ି. ଜି. ଙ୍କୁ (ଡାଇରେକଟର-ଜେନେରାଲ) ଲେଖିବା ସଙ୍ଗେ ସଙ୍ଗେ

ଚିନ୍ତା କରୁଛନ୍ତି ବୋଲି ତାଙ୍କରି ଜଣେ ବନ୍ଧୁଙ୍କ ପାଖରୁ ଶୁଣିଲି । ମୁଁ କହିଲି ଡିରେକ୍ଟରଙ୍କୁ ମୁଁ ଭଲଭାବରେ ଜାଣେ । ଓଡ଼ିଆମାନଙ୍କ ପ୍ରତି ତାଙ୍କ ମନରେ ପ୍ରଗାଢ଼ ଶ୍ରଦ୍ଧା ରହିଛି । ଓଡ଼ିଆ ପ୍ରୋଗ୍ରାମର ଭଲ ସକାଶେ ତାଙ୍କୁ ଯେତେବେଳେ ଯାହା କୁହାଯାଉଛି, କେଉଁଥିରେ ସେ ଆପତ୍ତି କରି ନାହାନ୍ତି । ଏ କ୍ଷେତ୍ରରେ ଅବଶ୍ୟ ତାଙ୍କୁ ଦୋଷ ଦିଆଯାଇ ନ ପାରେ କାରଣ ଏଭଳି ଏକ ପରିସ୍ଥିତିରେ ଯେ କୌଣସି ଚିନ୍ତାଶୀଳ ଲୋକ ଅତିରିକ୍ତ ଦାୟିତ୍ୱ ନେବା ପାଇଁ କୁଣ୍ଠା ବୋଧ କରିବା ସ୍ୱାଭାବିକ କଥା । ତେବେ ଏକମାତ୍ର ଡର—ସରକାରୀ ଦପ୍ତରରେ କୌଣସି କାମ ଥରେ ରୋକି ଗଲେ ପୁଣି ତାକୁ ସ୍ୱଚ୍ଛନ୍ଦରେ ଚଳାଇବା ଜାଠିକର ପାଠ । ତା'ପରଦିନ ଷ୍ଟେସନ ଡିରେକ୍ଟରଙ୍କୁ ଭେଟିଲି । ସେ କହିଲେ ଏହା ଛଡ଼ା ମୋର ଆଉ ଉପାୟ କ'ଣ ଅଛି କହନ୍ତୁ ? ପ୍ରଥମେ ମିଲିଟେରି ପୋଲିସ ପହରାରେ ଅଫିସ ଗାଡ଼ି ପଠେଇ ଷ୍ଟାଫ୍ ମାନଙ୍କୁ ଅଣାଉଥିଲି । କିନ୍ତୁ ଅଫିସ ଗାଡ଼ି ଉପରେ ଆକ୍ରମଣ ହେବାରୁ ଡ୍ରାଇଭରମାନେ ରାତିରେ ଗାଡ଼ି ଚଳେଇବାକୁ ରାଜି ହେଉ ନାହାନ୍ତି । ଷ୍ଟେସନ ଚଳିବ କିମିତି ସେ କଥା ମୁଁ ଭାବିପାରୁ ନାହିଁ । ସେତେବେଳେ ମୁଁ ବଙ୍ଗଳା ପ୍ରୋଗ୍ରାମ ବି ଆନାଉନ୍ସ କରୁଥିଲି । ସେହି କଥା ତାଙ୍କୁ ମନେ ପକେଇ ଦେଇ କହିଲି, ସାର୍ ! ଆମେ ଚାରି ଜଣ ଆନାଉନ୍ସର ଅଛୁ । ମୁଁ ଆଉ ଇନ୍ଦୁ (ସାହା) ଦି ଜଣ ବାହା ହୋଇ ନାହୁଁ । ଆମକୁ ଯଦି ରାତିରେ ଏଠି ରହିବା ସକାଶେ ଅନୁମତି ଦିଅନ୍ତେ ତାହାହେଲେ ଆମେ ବେଳ ବୁଡ଼ିବା ଆଗରୁ ଚାଲି ଆସନ୍ତୁ, ଆଉ ଟ୍ରାନ୍ସମିସନ୍ ଶେଷ ହେବା ପରେ ( ରାତି ୧୧ଟା ) ଆମେ କିମିତି ବସାକୁ ଫେରିବୁ ସେ ବିଷୟ କାହାରିକୁ ଚିନ୍ତା କରିବାକୁ ପଡ଼ିବ ନାହିଁ । ମୋ ପ୍ରସ୍ତାବଟି ତାଙ୍କ ମନକୁ ପାଇଲା । ସାଙ୍ଗେ ସଙ୍ଗେ ରାଜି ହୋଇଗଲେ ।

ରହିବା ସକାଶେ ଅନୁମତି ମିଳିଲା ସିନା, ଅସୁବିଧା ହେଲା ଖାଇବାକୁ । ରେଡ଼ିଓ ଅଫିସ ସାମନାରେ ଗୋଟିଏ ପାନ ଦୋକାନ ଥିଲା । ତା'ମାଲିକ ଥିଲେ ଜଣେ ଓଡ଼ିଆ । ତାଙ୍କ ନାଁ ଗୋବିନ୍ଦ ସାହୁ । ତାଙ୍କୁ ଯାଇ ସବୁ କଥା କହିଲି । ସେ ଖୁସିରେ ରାଜି ହୋଇଗଲେ । ଟଙ୍କା ପଇସା ଦେଇ କେବଳ ରାତି ଓଳିଟି ତାଙ୍କ ପାଖରେ ଖାଇବାର ଠିକଣା କଲି । ଦିନଓଳି ବସାରୁ ଖାଇ ଆସୁଥିଲୁ । ତେବେ ବେଶି ଦିନ ଆମକୁ କଷ୍ଟ କରିବାକୁ ହେଲା ନାହିଁ । ପାଞ୍ଚ ଛ ଦିନ ପରେ ପୂରାପୂରି ନ ହେଲେ ବି କେତେ ଗୁଡ଼ିଏ ଏରିଆରେ ଅବସ୍ଥା ଭଲ ଅଧିକେ ସୁଧୁରି ଗଲା । ଅବଶ୍ୟ ବହୁତେ ଲୋକ ବି ଯା ଆସ କଲେ । ଟ୍ରାମ ବସ୍ ଚାଲିଲା । ସବୁହେଲା । ହେଲେ ଗୁଣ୍ଡାମାନଙ୍କ ଉତ୍ପାତ ଯୋଗୁ ସଂଜ ପରେ କେହି ଆଉ ଘରୁ ପଦାକୁ ବାହାରିଲେ ନାହିଁ ।

ଦିନକର ଘଟଣାରେ ଆମେ ସମସ୍ତେ ଡରିଗଲୁ । ଆମରି ଜଣେ ସହକର୍ମୀ ଡ୍ୟୁଟିସାରି ଟ୍ୟାକ୍ସିରେ ବସାକୁ ଫେରିଲା-ବେଳେ, ସେହି ଟ୍ୟାକ୍ସି ଡ୍ରାଇଭର ଛୁରା ଭୁଷିଦେଇ ଟଙ୍କା ପଇସା, ଘଣ୍ଟା, ଫାଉଣ୍ଟେନ୍‌ପେନ ଇତ୍ୟାଦି ତାଙ୍କ ପାଖରେ ଯାହା କିଛିଥିଲା, ସେ ସବୁ ଛଡ଼େଇନେଇ ତାଙ୍କୁ ଗୋଟିଏ ନିଛାଟିଆ ଜାଗାରେ ପକେଇ ପଳେଇଲା । ଡାକ୍ତରଖାନାକୁ ନେବା ବାଟରେ ୧୯-୧୦-୪୬ ତାରିଖ ରାତି ସାଢ଼େ ଏଗାରଟା ବେଳେ ସେ ମରିଗଲେ । ତାଙ୍କ ନାଁ ଥିଲା ଇନ୍ଦୁସାହା । ତାଙ୍କର ମଧୁର କଣ୍ଠ ଓ ସୁନ୍ଦର ଅଭିନୟ ଯୋଗୁ ଶ୍ରୋତାମାନେ ତାଙ୍କୁ ଭାରି ଭଲ ପାଉଥିଲେ । ତା'ର କେଇମାସ ପରେ (୧୧-୧-୪୭) ମୋର ବି ସେହି ଦଶା ହେଲା । ପ୍ରୋଗ୍ରାମ ସାରି ଚାଲି ଚାଲି ବସାକୁ ଫେରିବାବେଳେ, ଚିତ୍ତରଞ୍ଜନ ଏଭିନ୍ୟୁ ପାଖ ଗୋଟିଏ ଗଳି ଭିତରେ ଗୁଣ୍ଡାମାନଙ୍କ ହାବୁଡ଼ରେ ପଡ଼ିଲି । ଘଟଣାଟି ବେଶ୍ ନାଟକୀୟ ଘଟଣା କହିଲେ ଚଳେ । ରାତି ସେତେବେଳେ ପ୍ରାୟ ସାଢ଼େନ'ଟା । ଚିତ୍ତରଞ୍ଜନ ଏଭିନ୍ୟୁ ପାରିହୋଇ ପାଖ ଗଳିର କିଛିବାଟ ଚାଲାପରେ ଆଠ ଦଶ ବର୍ଷର ପିଲାଟିଏ ମୋ ପାଖକୁ ଧାଇଁଆସି କାନ୍ଦୁଣୁ ମାନ୍ଦୁଣୁ ହୋଇ କହିଲା, ବାବୁ! ମୋ ବାପ ଏଯାଏଁ

ଫେରିନାହିଁ । ମା ବେମାର ହୋଇ ବେହୋସ ହୋଇପଡ଼ିଛି । ତାକୁ ଡାକ୍ତରଖାନାକୁ ନନେଲେ ସେ ଆଉ ବଞ୍ଚିବନାହିଁ । ସାଇ ପଡ଼ିଶା ଥାଇଁ ଥାଇଁ ଅଜଣା ଥଚିନ୍ତ । ଲୋକଙ୍କୁ ସାହାଯ୍ୟ କରିବା ସକାଶେ ଡାକୁଛି କାହିଁକି ? ଏଇତକ ଯଦି ସେତେବେଳେ ଚିନ୍ତା କରି ଦେଖି ଥାଆନ୍ତି ତାହାହେଲେ ଏତେ କାଣ୍ଡ ହୋଇ ନଥାଆନ୍ତା । ମା' ବେମାର କଥା ଶୁଣି, ସେ ସବୁ ସେତେବେଳେ କିଛି ମୁଣ୍ଡରେ ପଶିଲାନାହିଁ । ତା ସାଙ୍ଗରେ ଗଲି । ଗୋଟିଏ ଅନ୍ଧାରିଆ ଘର ସାମନାରେ ପହଞ୍ଚିବା ମାତ୍ରେ, ପିଲାଟି ବଡ ପାଟିକରି ଅତି ଜଘନ୍ୟ ଭାଷାରେ ମୋତେ ଗାଳି ଫଜିତ କରିବା ଆରମ୍ଭ କରିଦେଲା । ତା ପାଟି ଶୁଣି ସ୍ଥାନି ପାଞ୍ଚଜଣ ଗୁଣ୍ଡାମାର୍କା ଲୋକ ଧାଇଁ ଆସିଲେ । ଘଟଣା ଦେଖି ମୁଁ ଭୀଷଣ ଘାବରେଇ ଗଲି । ପାଟି ଥଠା ଥଠା ହୋଇଗଲା । ଦେହ ହାତ ବରଫ ପରି ଥଣ୍ଡା ପଡ଼ିଗଲା । କଣ ହୋଇଛି ବୋଲି ଜଣେ ପଚାରିଲାରୁ ପିଲାଟି ମୋଠି ଆଡକୁ ଆଙ୍ଗୁଠି ଦେଖେଇ କହିଲା,—"ମୁଁ ସଉଦା କିଣିବାକୁ ଯାଉଥିଲି । ଏଇ ଲୋକଟା ମୋ ହାତରୁ ପଇସା ଛଡେଇନେଲା । ପାଟି କଲାରୁ ମୋତେ ବାଡେଇଲା" ତା କଥା ଶୁଣି ମୁଁ ଅବାକ୍ ହୋଇଗଲି । କିଛି କହିବା ଆଗରୁ ଜଣେ ଲୋକ ଖଣ୍ଡିଏ ଭାରି ଲୁହାରଡରେ ମୋ ପଛପଟୁ ପାହାରେ ପିଟିଦେଲା । ମୁଣ୍ଡ ବୁଲେଇ ପଡ଼ିଗଲି । ଚାରିଆଡ ଅନ୍ଧାର ଦିଶିଲା । ଜଣେ କହିଲା, 'ଶାଲାକେ ଖତମ୍ କରେଦେ । ନା ନହେଲେ ଶାଲା ପୁଲିଶେ ଖବର ଦିବେ ।'' ତା'ପରେ କ'ଣହେଲା କିଛି ଜାଣି ପାରିଲିନାହିଁ । ଯେତେବେଳେ ଚେତା ଫେରିଲା, ଦେଖିଲି ହସ୍ପିଟାଲର ଗୋଟିଏ ବେଡରେ ଶୋଇଛି । ପାଖ ଚୌକିରେ ଜଣେ ପୋଲିସ ଅଫିସର ଆଉ ତାଙ୍କ ପାଖରେ ମୋର କେଇଜଣ ସହକର୍ମୀ ଠିଆହୋଇଛନ୍ତି । କଥା କହିବାର ଶକ୍ତିନଥିଲା । କ'ଣ ହୋଇଥିଲା ବୋଲି ମୋର ଜଣେ ସହକର୍ମୀଙ୍କୁ ଇଙ୍ଗିତରେ ପଚାରିଲି । ସେ ଯାହା କହିଲେ—ଜଣେ ମିଲିଟେରି ଅଫିସର ଯଦି ଠିକ୍ ସେତିକିବେଳେ ସେହିବାଟ ଦେଇ ଜିପ୍ ଚଳେଇ ଯାଇ ନଥାଆନ୍ତେ ତାହାହେଲେ ମୋର ବି ଇନ୍ଦୁସାହା ଦଶା ହୋଇଥାଆନ୍ତା । ରାତିସାରା ଭଲ ନିଦ ହେଲାନାହିଁ । ଗୁରୁଜନମାନଙ୍କ ପାଖରୁ ଶୁଣା କଥାପଦକ ବାରମ୍ବାର ମୋର ମନେପଡୁଥିଲା—

"ଯାହାକୁ ରଖିବେ ଅନନ୍ତ
କି କରି ପାରେ ବଳବନ୍ତ ।''

ଦ୍ୱିତୀୟ ମହାଯୁଦ୍ଧ, ଜାପାନୀବୋମା ଆତଙ୍କ, ବ୍ଲାକଆଉଟ୍ ଏବଂ ଦଙ୍ଗା ହେଙ୍ଗାମା ଭଳି ନାନା ଅଶାନ୍ତିପୂର୍ଣ୍ଣ ପରିସ୍ଥିତି ଭିତରେ ଯେଉଁମାନେ ସେଦିନ, ଓଡ଼ିଆ ବେତାର ପ୍ରଚାର ବିଭାଗଟିର ମୂଳଦୁଆ ପକେଇଥିଲେ, ସେହିସବୁ ପ୍ରବାସୀ ଓଡ଼ିଆ କଳାକାର, ଛାତ୍ର ତଥା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମହତ୍ୱପୂର୍ଣ୍ଣ ଅବଦାନ କଥା, ମଣିଷ ଭୁଲିଗଲେବି ଇତିହାସ କେବେ ଭୁଲିପାରିବ ନାହିଁ । ସେମାନଙ୍କ ଭିତରୁ ଅନେକଙ୍କର ପରଲୋକ ହୋଇସାରିଣି । ଆଜିର ଏହି ଆନନ୍ଦ ଉତ୍ସବ ଦିନରେ ସେମାନଙ୍କ କଥା ସ୍ମରଣ କରାନଗଲେ ସେମାନଙ୍କ ପ୍ରତି ଘୋର ଅବିଚାର କରାହେବ । ଶ୍ରୀ ଲାଲା ନଗେନ୍ଦ୍ର କୁମାର ରାୟ, ନାଟ୍ୟକାର ସ୍ୱର୍ଗତ ଶ୍ରୀ ଅଶ୍ୱିନୀ କୁମାର ଘୋଷ, ପଣ୍ଡିତ ଆର୍ତ୍ତତ୍ରାଣ ମିଶ୍ର, ଡାକ୍ତର ଅମୂଲ୍ୟ ମିତ୍ର, ଅଧ୍ୟାପକ ମହେଶ୍ୱର ଦାସ, ଶ୍ରୀ ଲଳିତମୋହନ ଦାସ, ଶ୍ରୀ ଶ୍ରୀକୃଷ୍ଣ ବାରିକ, ସ୍ୱର୍ଗତ ଗୋକୁଳାନନ୍ଦ ଶ୍ରୀଚନ୍ଦନ, ଶ୍ରୀ ବାଳକୃଷ୍ଣ ଦାସ, ଶ୍ରୀ ଉଦୟନାଥ ସାହୁ, ଶ୍ରୀ ପତିତପାବନ ମହାନ୍ତି, ସ୍ୱର୍ଗତ କୃପାସିନ୍ଧୁ ମହାନ୍ତି, ସ୍ୱର୍ଗତ ଜଗବନ୍ଧୁ ଦାସ, ଶ୍ରୀ କୃପାସିନ୍ଧୁ ଦାସ, ଶ୍ରୀ ଦାମୋଦର ଦାସ, ସ୍ୱର୍ଗତ ଗିରିଧାରୀ ପଣ୍ଡା, ଶ୍ରୀ ସତିଶ ଚନ୍ଦ୍ର ମିତ୍ର, ଶ୍ରୀ ଧ୍ରୁବଚରଣ ରଥ, ସ୍ୱର୍ଗତ କିଶୋରି ଦେବୀ, ଶ୍ରୀମତୀ ପ୍ରଭାବତୀ ଦେବୀ, ଶ୍ରୀମତୀ ପଦ୍ମାବତୀ ଦେବୀ, ଶ୍ରୀମତୀ କମଳା ଦେବୀ, ଶ୍ରୀମତୀ ରମା ଗୋଏଙ୍କା, କୁମାରୀ ଇଲାମିତ୍ର ପ୍ରଭୃତି କଳାକାର ତଥା ସାହିତ୍ୟିକମାନଙ୍କର ସର୍ବାନ୍ତକରଣ ସହଯୋଗ ପାଇ ନଥିଲେ, ସମସ୍ୟା ବହୁଳ କଲିକତା ସହରରେ ଓଡ଼ିଆ ବେତାର ଅନୁଷ୍ଠାନଟିକୁ ବଞ୍ଚେଇ ରଖିବା କଦାପି ସମ୍ଭବ ହୋଇପାରି ନଥାଆନ୍ତା ।

ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ଓ ଅବିସ୍ମରଣୀୟ

ଏସବୁ ହେଲା ୧୯୪୭ ମସିହାର ପୂର୍ବ ଘଟଣା । ତା' ପର ଘଟଣାଗୁଡ଼ିକ ଭିତରୁ ସବୁଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ଓ ଅବିସ୍ମରଣୀୟ ଘଟଣା ଘଟିଥିଲା ଅଗଷ୍ଟମାସ ୧୪ ତାରିଖ ଦିନ । ସେଦିନ ରାତି ଠିକ୍ ବାରଟାବେଳେ ତିନିଶହ ବର୍ଷର ଗୋଟିଏ କଳଙ୍କମୟ ଅଧ୍ୟାୟ ଉପରେ ଯବନିକା ପଡ଼ିଲା । ଆରମ୍ଭ ହେଲା ନୂତନ ଯୁଗ । ତିନିଶହ ବର୍ଷର ରାଜଗାଦିକୁ ଯମୁନା ଜଳରେ ଚିର ବିସର୍ଜନ ଦେଇ ଦାମ୍ଭିକ ବ୍ରିଟିଶ ସରକାର ନିଜ ଦେଶକୁ ଫେରିଗଲେ । ଦେଶ ସ୍ୱାଧୀନ ହେଲା । ଅଲଇଣ୍ଡିଆ ରେଡ଼ିଓ ମୁହୂର୍ତ୍ତକ ଭିତରେ ଏହି ଶୁଭ ସମ୍ବାଦଟି ଦେଶର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତଯାଏ କୋଟି କୋଟି ଲୋକଙ୍କ ପାଖରେ ପହଞ୍ଚାଇଦେଲା । ଦେଶର ସର୍ବବୃହତ ପ୍ରଚାର ମାଧ୍ୟମ ହିସାବରେ, ଅଲଇଣ୍ଡିଆରେଡ଼ିଓର ସେଦିନର ଭୂମିକା ସ୍ୱାଧୀନ ଭାରତର ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ । କେବଳ ସେତିକି ନୁହେଁ, ସେତେବେଳେ ଏହି ପ୍ରତିଷ୍ଠାନରେ କାମ କରୁଥିବା ସାନ ବଡ ପ୍ରତ୍ୟେକ କର୍ମଚାରୀ ଓ କଳାକାର ଯେଉଁମାନେ ସେଦିନ ଦେଶର କୋଟି କୋଟି ଲୋକଙ୍କ ସାଙ୍ଗରେ ମିଶି, ଅଗଷ୍ଟମାସ ଚଉଦତାରିଖ ଅପରାହ୍ନରେ ପରାଧୀନ ଦେଶର ଶେଷ ସୂର୍ଯ୍ୟକୁ ଚିର ବିଦାୟଦେଇ ତା' ପରଦିନ ସ୍ୱାଧୀନ ଭାରତର ନବୋଦିତ ସୂର୍ଯ୍ୟକୁ ସ୍ୱାଗତ ଜଣେଇଥିଲେ, ସେମାନେ ମଧ୍ୟ ପରମ ସୌଭାଗ୍ୟବାନ ବୋଲି ବିବେଚିତ ହେବେ । କାରଣ ତା' ପରଠାରୁ ରେଡ଼ିଓର ଯାହାକିଛି ଉନ୍ନତି ହୋଇଛି ଭବିଷ୍ୟତରେ ତାହା ଆହୁରି ବହୁମୁଖୀ ହେବ, ଶହ ଶହ କର୍ମଚାରୀ ଆସିବେ, ପ୍ରତିଭାଶାଳୀ କଳାକାରମାନଙ୍କର ସୃଷ୍ଟିହେବ, ଯୁଗ ଯୁଗ ବିତିଯିବ, ହେଲେ ସେ'ଦିନର ସେହି ଐତିହାସିକ ଶୁଭ ଘଡ଼ିର ପୁନରାବୃତ୍ତି ବୋଧହୁଏ କାହାରି ଜୀବନରେ କେବେ ସମ୍ଭବ ହୋଇ ପାରିବନାହିଁ ।

ସେତେବେଳେ ଆମ ଦେଶରେ ବେତାରକେନ୍ଦ୍ର ସଂଖ୍ୟା ଖୁବ ଅଳ୍ପ ଥିଲା । ଓଡ଼ିଶାରେ ଗୋଟିଏ ରେଡ଼ିଓ ଷ୍ଟେସନ ଖୋଲିବା ସକାଶେ ସେତେବେଳେ ଆମେ ଜନମତ ସୃଷ୍ଟିକରିବା ଆରମ୍ଭ କରିଦେଇଥିଲୁ । ୧୯୪୬ ମସିହା ଶେଷ ଆଡକୁ ଆମେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ସହିତ ସାକ୍ଷାତ କରି ତାଙ୍କୁ ସବୁକଥା କହିଲୁ । ସେତେବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ପ୍ରଧାନମନ୍ତ୍ରୀବୋଲି କୁହାଯାଉଥିଲା । ଓଡ଼ିଶାବାସୀଙ୍କ ଆକାଂକ୍ଷା ପୂରଣ କରିବା ସକାଶେ ତାଙ୍କ ପକ୍ଷରେ ଯାହା କିଛି ସମ୍ଭବ, ସବୁ ପ୍ରକାର ଉଦ୍ୟମ କରିବେବୋଲି ମହତାବବାବୁ ଆମକୁ ନିର୍ଭର ପ୍ରତିଶ୍ରୁତି ଦେଲେ । ଦିଲ୍ଲୀକୁ ମଧ୍ୟ ଚିଠି ଲେଖାହେଲା । ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ସାହୁ, ସ୍ୱର୍ଗତ ଭୁବନାନନ୍ଦ ଦାସ ଓ ସ୍ୱର୍ଗତ ଉମାଚରଣ ପଟ୍ଟନାୟକ ପ୍ରଭୃତି କନ୍‌ଷ୍ଟିଚ୍ୟୁଏଣ୍ଟ୍ ଆସେମ୍ବ୍ଲିର ସଦସ୍ୟମାନେ ଦିଲ୍ଲୀରେ ଥିଲେ । ସେତେବେଳେ ପାର୍ଲିଆମେଣ୍ଟ ଗଢ଼ା ଯାଇ ନଥିଲା । ଏହିପରି ଭାବରେ ଆହୁରି ତିନି ଚାରିମାସ କଟିଗଲା ।

୧୯୪୭ ମସିହା ନଭେମ୍ବର ମାସ । ଦିନେ ଷ୍ଟେସନ ଡ଼ିରେକ୍ଟର ହଠାତ୍ ଡକେଇପଠେଇ କହିଲେ, "Jatin Babu, you will be glad to know that Government of India has agreed to open a Radio Station at Cuttack, 'କଟକ ରେଡ଼ିଓ ଷ୍ଟେସନର ରଜତଜୟନ୍ତୀ କଥା ଭାବିଲାବେଳକୁ ଷ୍ଟେସନ ଡ଼ିରେକ୍ଟରଙ୍କ ସେଦିନର ସେହି କଥାପଦକ ବାରମ୍ବାର ମୋର ମନେ ପଡୁଛି । ସେତେବେଳେ ଷ୍ଟେସନ ଡ଼ିରେକ୍ଟର ଥିଲେ ଶ୍ରୀ ଅଶୋକ କୁମାର ସେନ । ଡାଇରେକ୍ଟର-ଜେନେରାଲ ହିସାବରେ ସେ ବର୍ଷକ ତଳେ ଚାକିରିରୁ ଅବସର ନେଇଛନ୍ତି ।

କଟକ ରେଡ଼ିଓ ସକାଶେ ପ୍ରୋଗ୍ରାମର ଆୟୋଜନ କରିବାପାଇଁ ସେହିବର୍ଷ ଡିସେମ୍ବର ମାସ ଚଉଦ ତାରିଖ ରାତି, ପୁରୀ ଏକସ୍‌ପ୍ରେସରେ ଆମେ ଚାରିଜଣ କଟକ ଗଲୁ । ମୋ ସାଙ୍ଗରେ ଯେଉଁ ତିନିଜଣ ଅଫିସର ଯାଇଥିଲେ ସେମାନଙ୍କ

ଭିତରୁ ଶ୍ରୀ ଦିଲୀପ କୁମାର ସେନଗୁପ୍ତ ବର୍ତ୍ତମାନ କଲିକତା ବେତାର କେନ୍ଦ୍ରର ଷ୍ଟେସନ ଡିରେକ୍ଟର ଅଛନ୍ତି । ଶ୍ରୀ ସୁଧୀନ ଭଟାର୍ଯୀ ରିଟାୟାର କରିଗଲେଣି । ବାକି ଶ୍ରୀ ଏସ୍. ଏଲ୍. ସିହ୍ନା କେଇବର୍ଷ ବି. ବି. ସିରେ ରହିବା ପରେ ଭାରତକୁ ଫେରିଆସି ବର୍ତ୍ତମାନ ଦିଲ୍ଲିରେ ଅଛନ୍ତି । ସେଦିନ ଦିନସାରା ବର୍ଷା ହେଉଥାଏ । ତା' ସତ୍ତ୍ୱେ କଳାକାର, ଛାତ୍ର, ମାନ୍ୟଗଣ୍ୟ ଲୋକଙ୍କ ସମେତ ବହୁ ସ୍ଥାନୀୟ ଓଡ଼ିଆ ଆମକୁ ବିଦାୟ ଦେବା ସକାଶେ ହାଓଡ଼ା ଷ୍ଟେସନକୁ ଆସିଥିଲେ ।

ତା ପରଦିନ ସକାଳେ କଟକ ଷ୍ଟେସନରେ ଓହ୍ଲେଇଲୁ । ଝିପି ଝିପି ବର୍ଷା ହେଉଥାଏ । ଘୋଡ଼ା ଗାଡ଼ିଟିଏ ଭଡ଼ାକରି ସିଧା ମଧୁପୁର କୋଠିକୁ ଗଲୁ । ସେଠିଯାଇ ଦେଖିଲୁ ସେ କୋଠିରେ ଏୟାରଫୋର୍ସର ଜଣେ ବଡ଼ ଅଫିସର ଅଛନ୍ତି । ଶୁଣିଲୁ ଘର ଖାଲି କରିଦେବା ସକାଶେ ତାଙ୍କୁ ନୋଟିସ୍ ଦିଆ ସରିଥିଲେବି, ତାଙ୍କର ବ୍ୟକ୍ତିଗତ କେତେକ ଅସୁବିଧା ଯୋଗୁ ଆଜି କାଲି କରି ଦିନ ଗଡ଼ାଉଛନ୍ତି । ହତା ଭିତରେ ଗୋଟିଏ ଗୁନଘର ଥାଏ । ତା'ରି ଭିତରେ ଇଂଜିନିୟରମାନେ କାମ କରୁଥାଆନ୍ତି । ତା' ପାଖକୁ ଲାଗି ଗୋଟିଏ ଛୋଟିଆ ଘର ଭିତରେ ଚେୟାର, ଟେବୁଲ, ହାରମୋନିୟମ, ତବଲା ଓ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ଇତ୍ୟାଦି ଯାହା କିଛି କଲିକତାରୁ ପ୍ୟାକିଙ୍ଗ ହୋଇ ଆସିଥାଏ, ସେ ସବୁକୁ ସେହି ଛୋଟିଆ ଘର ଭିତରେ ରଖାଯାଇଥିଲା । ସେଠି ରହିବାର ସୁବିଧା ନହେବାରୁ ସେହି ଗାଡ଼ିରେ କାଳି ବାବୁଙ୍କ ବସାକୁ ଗଲୁ । ନାଟ୍ୟାଚାର୍ଯ୍ୟ କବିଚନ୍ଦ୍ର କାଳି ଚରଣ ପଟ୍ଟନାୟକଙ୍କ ସାଙ୍ଗରେ ମୋର ବନ୍ଧୁ ସମ୍ପର୍କ ଥିଲେମଧ୍ୟ, ଅନ୍ତରରେ ଗୁରୁ-ଶିଷ୍ୟ ସମ୍ବନ୍ଧ ଥାଏ । ତାଙ୍କୁ ମୁଁ ଗୁରୁଜୀ ବୋଲି ଡାକେ । ସେତେବେଳେ ତାଙ୍କର 'ଓଡ଼ିଶା ଥିଏଟର' ଚାଲିଥାଏ । ଆମକୁ ସେ ଗୋଟିଏ ହୋଟେଲରେ ରହିବାର ବ୍ୟବସ୍ଥା କରେଇ ଦେଲେ । 'କୋଣାର୍କ' ହୋଟେଲ । ତା' ପରଠାରୁ ଯାହା କିଛି ପ୍ରୟୋଜନ ହେଲା, ସେ ଆମକୁ ସାହାଯ୍ୟ କଲେ ।

ତା'ପରେ ଆର୍ଟିଷ୍ଟ ଖୋଜା ଚାଲିଲା । ଖଣ୍ଡିଏ ସାଇକେଲ ରିକ୍ସା ଧରି ଘର ଘର ବୁଲିଲି । ପୁରୀ, ବ୍ରହ୍ମପୁର, ବାଲେଶ୍ୱର ଗଲୁ । ଯେଉଁମାନେ ପ୍ରୋଗ୍ରାମଦେବା ସକାଶେ କଲିକତା ଯାଉଥିଲେ ସେମାନେବି ସେମାନଙ୍କ ଜଣାଶୁଣା ଆର୍ଟିଷ୍ଟମାନଙ୍କୁ ଆଣିଲେ । ନିୟମ ଅନୁଯାୟୀ ନବାଗତ କଳାକାରମାନଙ୍କର କଣ୍ଠ ପରୀକ୍ଷା (ଅଡ଼ିସନ୍) ହେବା କଥା । କିନ୍ତୁ ପ୍ୟାକିଙ୍ଗ ଖୋଲା ହୋଇ ନଥିବାଯୋଗୁ ଆମ ପାଖରେ ଗୋଟିଏହେଲେ ବାଦ୍ୟଯନ୍ତ୍ର ନଥାଏ । ଶ୍ରୀ ନକୁଳ ବୋଷ ଏବଂ ଶ୍ରୀ ଅଭିମନ୍ୟୁ ନାୟକ ଏ ଦିଗରେ ଆମକୁ ସାହାଯ୍ୟ କଲେ । ହାରମୋନିୟମ, ତବଲା, ତାନପୁରା ଇତ୍ୟାଦି ଯୋଗାଡ଼ କରିଦେବାପରେ କଣ୍ଠ ପରୀକ୍ଷା ନିଆଗଲା । ପ୍ରଥମ ଦଫାରେ ଆମେ କେଇଜଣ ଭଲ ଆର୍ଟିଷ୍ଟ ପାଇଗଲୁ । ଏମାନଙ୍କ ଭିତରୁ ସୁଲକ୍ଷଣା ମହାନ୍ତି, ସୁନନ୍ଦା ପଟ୍ଟନାୟକ, ବୀଣାପାଣି ରଥ (ବର୍ତ୍ତମାନ ମିଶ୍ର), ସୁକୃତି ପଟ୍ଟନାୟକ, ଦୟା ମର୍ଦ୍ଦରାଜ, ବୀଣାପାଣି ମହାନ୍ତି, ରାଧାରାଣୀ ବିଶ୍ୱକର୍ମା, ଉଷା ମର୍ଦ୍ଦରାଜ ବର୍ତ୍ତମାନ (ପଟେଲ), ଶ୍ରୀ ରଘୁନାଥ ପାଣିଗ୍ରାହୀ, ଶ୍ରୀ କାଶୀନାଥ ସାହୁ, ଓ ଶ୍ରୀ ଧିରେନ ଦାସ (ଉଚ୍ଚାଙ୍ଗ ସଙ୍ଗୀତ) ଙ୍କ ନା ମନେ ଅଛି । ଏମାନଙ୍କ ବ୍ୟତୀତ, ପ୍ରୋଗ୍ରାମ ଦେବା ସକାଶେ ଯେଉଁସବୁ ଆର୍ଟିଷ୍ଟ କଲିକତା ଯାଉଥିଲେ, ସେମାନେ ସମସ୍ତେ ସହଯୋଗ କଲେ ।

କିନ୍ତୁ ରେଡ଼ିଓ ନାଟକରେ ଅଭିନୟ କରିବା ପାଇଁ ସହଜରେ କେହି ରାଜି ହେଉ ନାହିଁ । ବିଶେଷ କରି କୁଳୀନ ଘରର ଝିଅମାନେ କୁଣ୍ଠାବୋଧ କଲେ । କାରଣ ଝିଅ-ପୁଅ ଏକାଠି ଅଭିନୟ କରିବା ସେତେବେଳର ସମାଜ, ଭଲ ଆଖିରେ ଦେଖୁନଥିଲା । ବାରମ୍ବାର ସେମାନଙ୍କ ଘରକୁ ଯାଇ ସେମାନଙ୍କୁ ଏବଂ ସେମାନଙ୍କ ଅଭିଭାବକଙ୍କୁ ବୁଝାସୁଝା କଲାପରେ ଅତି କଷ୍ଟରେ କେଇଜଣ ଶିକ୍ଷିତା ଝିଅ ରାଜି ହେଲେ । ସେମାନଙ୍କ ମଧ୍ୟରେ ଥିଲେ, ଭୁବନେଶ୍ୱରୀ ଦଳବେହେରା ରାଜେଶ୍ୱରୀ ଦଳବେହେରା, ଶୈଳ ଜେମା, ମିନତି ଦାସ (ବର୍ତ୍ତମାନ ମିଶ୍ର), ସ୍ନେହ ଜେମା, ଅନ୍ନଦା ମହାନ୍ତି, ଜ୍ୟୋତ୍ସ୍ନା ଦାସ,

ଜନ୍ମ ନେଲି

ବିଜୟା ମହାନ୍ତି, ସ୍ନେହଲତା ପଟ୍ଟନାୟକ, ମାହେଶ୍ୱରୀ ଦାସ, ଅନିମା ପେଡ଼ି, ଗ୍ଲୋରିଆ ରାଉତ, ସୁପ୍ରୀତି କ (ବର୍ତ୍ତମାନ ଶତପଥୀ), ଛବି ଦାସ, ଇନ୍ଦିରା ପଟ୍ଟନାୟକ ମୀରା ପଟ୍ଟନାୟକ । ଏମାନଙ୍କ ଦେଖାଦେଖି ଧୀରେ ଧୀରେ ଅନ୍ୟମାନେ ମଧ୍ୟ ଆସିବାକୁ ଲାଗିଲେ । ସୌଖୀନ ନାଟ୍ୟ ସଂସ୍ଥାଗୁଡ଼ିକ ମଧ୍ୟରୁ ସର୍ବଶ୍ରୀ ବିମଳା ନନ୍ଦ ମହାପାତ୍ର ନନ୍ଦକିଶୋର ଦାସ, କାଳି ଅଗ୍ରୱାଲ, ରବିନାରାୟଣ ମହାନ୍ତି, ଧୀର ବିଶ୍ୱାଳ, ନିଖିଳ ଦେ, ଭଗବତୀ ଚରଣ ଘୋଷ, ଅଦ୍ୱୈତ ନାରାୟଣ (ଗୋଡ଼ି) ଅକ୍ଷୟ ଦାସ, ଅଧ୍ୟାପକ ଜାନକୀ ବଲ୍ଲଭ ମହାନ୍ତି ପ୍ରଭୃତି କେତେଜଣ ସୁଅଭିନେତା ପାଇଲୁ ପେଶାଦାର ରଙ୍ଗମଞ୍ଚର କାବି, ଦୁଲର, ନିରଞ୍ଜନ, ରୋକା, ମଧୁ, କେଶବ, ନଟବର ପାଣ୍ଡେ, ପଙ୍କଜ, କୃଷ୍ଣ, ପୁଷ୍ପଶିଶ୍ୟାମ ପୂର୍ଣ୍ଣ, କାଳିନ୍ଦୀ ଏବଂ ରାଧାରାଣୀ, ମଣିମାଳା, ସୁମତୀ, ଲିଳାଦୁଲାରି, ମେନା, ଭାନୁମତୀ, ସରୋଜ, ଲକ୍ଷ୍ମୀପ୍ରିୟା ଭଳି ସୁପ୍ରତିଷ୍ଠିତ ଅଭିନେତା, ଅଭିନେତ୍ରୀମାନଙ୍କ ସହଯୋଗ ଫଳରେ ନାଟକ ବିଭାଗଟି ସୁଦୃଢ଼ହେଲା । 'ବେତାର ନାଟକ' ରଚନାପାଇଁ ଶ୍ରୀ ନରସିଂହ ମହାପାତ୍ର ଏବଂ ଶ୍ରୀ ସାମୁଏଲ ନାୟକଙ୍କୁ ବଛାଗଲା ।

ଶିଶୁସଂସାର ପ୍ରୋଗ୍ରାମ ସକାଶେ ଆମକୁ ଆଦୌ ଚିନ୍ତା କରିବାକୁ ହେଲାନାହିଁ । କଲିକତାରୁ ଏହି ପ୍ରୋଗ୍ରାମଟି ଓଡ଼ିଶାର ଶିଶୁମାନଙ୍କର ଏତେ ପ୍ରିୟହୋଇ ସାରିଥିଲା ଯେ ପ୍ରଥମଦିନ ସେମାନଙ୍କ ଗହଳି ସମ୍ଭାଳିବା କଷ୍ଟକର ହେଲା ଏକ ନମ୍ବର ଷ୍ଟୁଡ଼ିଓର (ଡ୍ରାମା ଷ୍ଟୁଡ଼ିଓ) ଏତେବଡ଼ ଘର ଭିତରେବି ପାଦ ପକେଇବାର ଯାଗା ନଥିଲା । ଶହ ଶହ ପିଲା ବାହାରେ ଅପେକ୍ଷା କରୁଥିଲେ । ସେମାନଙ୍କ ସକାଶେ ହତା ଭିତରେ ଅଧିକା ଯୋଡ଼ିଏ ଲାଉଡସ୍ପିକର ଖଂଜିବାକୁ ପଡ଼ିଥା । ସେଦିନର ଶିଶୁ, ଆଜିର ନାଗରିକ । ଇତି ମଧ୍ୟରେ ସେମାନେ ଦେଶର ବିଭିନ୍ନ କ୍ଷେତ୍ରରେ ନିଜ ନିଜର ଯୋଗ୍ୟ ସ୍ଥାନ ଅଧିକାର କରିନେଇ ସାରିଲେଣି । ଏମାନଙ୍କ ମଧ୍ୟରୁ କେଇଜଣଙ୍କ ନାମ ବିଶେଷ ଉଲ୍ଲେଖଯୋଗ୍ୟ । ଶ୍ରୀ ଅକ୍ଷୟ କୁମ ମହାନ୍ତି ଓ ଶ୍ରୀ ପ୍ରଣବ କିଶୋର ପଟ୍ଟନାୟକ—ଆଧୁନିକ ସଙ୍ଗୀତ ଶିଳ୍ପୀ ହିସାବରେ ସର୍ବଜନ ପ୍ରଶଂସିତ । ଶ୍ରୀ ବିଶ୍ୱଜି ଦାସ, ଶ୍ରୀ ନୃସିଂହ ମହାପାତ୍ର, ତରୁଣ ନାଟ୍ୟକାର । ଶ୍ରୀ ଅନନ୍ତ ମହାପାତ୍ର, ଶ୍ରୀ ଅକ୍ଷୟ ମହାନ୍ତି, ଶ୍ରୀ ହେମନ୍ତ କୁମାର ଦାସ ଓ ଶ୍ରୀ ଗୋବିନ୍ଦ ତେଜ, ନାଟ୍ୟ ପରିଚାଳକ ଓ ସୁଦକ୍ଷ ଅଭିନେତାରୂପେ ପରିଚିତ । ଶ୍ରୀ ଶୋଭନ କାନୁନଗୋ (ଆଇ.ଏ.ଏସ୍) ଭାରତ ସରକାରଙ୍କ ପ୍ରଶାସନିକ ବିଭାଗର ଜଣେ ସୁଯୋଗ୍ୟ ପ୍ରଶାସକ । ଶିବ ଶେଖର ସରକା (ସି.ଆଇ.ଏସ୍) ଭାରତ ସରକାରଙ୍କଅଧୀନରେ ଜଣେ ପଦସ୍ଥ ଅଫିସର । କୁମାରୀ ପୂର୍ଣ୍ଣିମା ମିଶ୍ର (ବର୍ତ୍ତମାନ ମାଥୁର) ଦି ଆଇ.ଆଇ. ଟି.ର ଅଧ୍ୟାପିକା । ସେଦିନ ମୋର ଶହ ଶହ ଶିଶୁ ଭାଇ ଭଉଣୀଙ୍କ 'ଜୟହିନ୍ଦ' "ଯତିଭାଇ—ନମସ୍କାର ଧ୍ୱନୀରେ ସାରା ମଧୁପୁର କୋଠି କମ୍ପି ଉଠି ଥିଲା । ସେ ଶବ୍ଦ ଆଜି ବି ଭୁଲି ନାହିଁ କିମ୍ବା ଜୀବନର ଶେଷ ଦିନ ଯାଏ ଭୁଲି ପାରିବି ନାହିଁ । ଯାହା ହେଉ ଜଣେ ସୁଯୋଗ୍ୟ ପରିଚାଳକଙ୍କ ହାତରେ ବର୍ତ୍ତମାନ ଶିଶୁ ସଂସାର ପ୍ରୋଗ୍ରାମଟି ତା ଲୋକପ୍ରିୟତା ବଜାୟ ରଖିଛି, ଏହା ହିଁ ହେଉଛି ମୋ ମନରେ ସବୁଠାରୁ ବଡ଼ ସାନ୍ତ୍ୱନା । ଘର ଖାଲି ନ ହେବାଯାଏ ଅଫିସ କାମ ଖୋଲା ପଡ଼ିଆରେ ହେଉଥିଲା । ହତା ଭିତରେ ଗୋଟିଏ ବେଲଗଛ ଥିଲା (ଷ୍ଟେସନ ଡିରେକ୍ଟରଙ୍କ ଅଫି ସାମନା) । ସେହି ଗଛ ମୂଳରେ ସପ ବିଛେଇ ବସୁଥିଲୁ । କାଠ ବାକ୍ସ ଉପରେ ଟେବୁଲ କାମ ଚଳି ଯାଉଥିଲା ସେତେବେଳେ ପିଅନ, ଚପରାଶି କେହି ନଥିଲେ । ସବୁ କାମ ନିଜ ହାତରେ କରିବାକୁ ପଡ଼ୁଥିଲା । ଅଫିସରମାନେ ଓଡ଼ିଆ ନହିଁ ପାରୁନଥିବା ଯୋଗୁ, ବେଳେ ବେଳେ ମୋ ଉପରେ କାମର ଚାପ ଟିକିଏ ବେଶି ପଡ଼ୁଥିଲା । କନଟ୍ରାକ୍ଟ ଟିଆରି କରିବା, ଅର୍ଟିଷ୍ଟମାନଙ୍କ ପାଖକୁ ଯାଇ ସେ ସବୁ ସାଇନ କରେଇ ଆଣିବା, ସେଇମାନେ କଣ୍ଠ ପରୀକ୍ଷାରେ ପା କଲେ ଡାକରେ ହେଉ ବା କାହାରି ହାତରେ ହେଉ ସେମାନଙ୍କୁ ଖବର ଦେବା ଇତ୍ୟାଦି ଯୋଡା ବୃନ୍ଦଶଠାରୁ ଚଣ୍ଡୀପାଠ ଯା ସବୁକିଛି କରିବାକୁ ପଡ଼ୁଥିଲା । କେବଳ ସେତିକି ନୁହଁ ନୂଆ ରେଡ଼ିଓ ଷ୍ଟେସନ ଖୋଲୁଥିବା ଯୋଗୁ ସକାଳୁ ସଞ୍ଜଯା

ବହୁ ଲୋକ ଆସୁଥିଲେ । ନାଟକ କିମିତି ହୁଏ, ଗୀତ ଦେବାକୁ ହେଲେ କ'ଣ କରିବାକୁ ପଡ଼ିବ, ମୋ ପୁଅ—ଝିଅକୁ ଶିଶୁସଂସାର ସଭ୍ୟ କରି ହେବକି ନାହିଁ, ଗୀତ କିମ୍ବା ନାଟକ ଲେଖିଲେ କେତେ ଟଙ୍କା ମିଳିବ, ମୋ ସାନ ପୁଅଟା ବି.ଏ. ପାଶକରି ବର୍ଷେହେଲା ଘରେ ବସିଛି, ତା ପାଇଁ ଚାକିରୀ ମିଳିପାରିବ କି ନାହିଁ ଇତ୍ୟାଦି ନାନା ଧରଣର ପ୍ରଶ୍ନର ଉତ୍ତର ଦେବାକୁ ପଡୁଥିଲା । ଖିଆପିଆର କିଛି ଠିକ ଠିକଣା ନଥିଲା । ବେଳ ପାଇଲେ ହୋଟେଲକୁ ଯାଇ ଖାଇ ଆସୁଥିଲି, ନହେଲେ ଜଳଖିଆ ଖାଇ ରହିଯାଉଥିଲି । ପ୍ରୋଗ୍ରାମ ଆଡେ ମନଥିଲା ବେଶି । ସେଇଥିପାଇଁ ଦୁଃଖକଷ୍ଟ କିଛି ବାଧୁ ନଥିଲା । ଇତିମଧ୍ୟରେ ଶ୍ରୀ ଏଇଚ. ଆର. ଲୁଥରା ଷ୍ଟେସନ ଡିରେକ୍ଟର ହୋଇ ଆସିଲେ । ଦିବର୍ଷ ହେଲା ସେ ରିଟାୟାର କରିଗଲେଣି । ଲୁଥରା ସାହେବଙ୍କ ଆସିବାର କେଇଦିନ ପରେ ଆସିଲେ ଶ୍ରୀ ଆର୍‌ ଏନ୍‌ ଦାସ । ରେଡ଼ିଓ ଷ୍ଟେସନରେ ସେ ଦାସ ସାହେବ ନାମରେ ପରିଚିତ । ସେ ସେତେବେଳେ ଷ୍ଟୁଡ଼ିଓ ସୁପରଭାଇଜର ହୋଇ ଆସିଥିଲେ । ତିନି ଚାରିବର୍ଷ ତଳେ କଟକ ରେଡ଼ିଓଷ୍ଟେସନରେ ଡିରେକ୍ଟର ହୋଇ ରହିବାପରେ ବର୍ତ୍ତମାନ ଟ୍ରାନ୍‌ସ-କ୍ରିପ୍‌ସନ ବିଭାଗର ଡାଇରେକ୍ଟର ରୂପେ ଦିଲ୍ଲୀରେ ଅଛନ୍ତି । ଶ୍ରୀ ଆର. କେ. ଆଚାର୍ଯ୍ୟ ମଧ୍ୟ ଠିକ୍ ସେତିକିବେଳେ କଲିକତାରୁ କଟକ ବଦଳିହୋଇ ଆସିଲେ । ସେ ସେତେବେଳେ ଥିଲେ ସିନିୟର ପେକ୍‌ସ । ସେ ବି ରିଟାୟାର କରି ସାରିଲେଣି । ସୁର ପୁଣି ପ୍ରୋଗ୍ରାମ ଆସିଷ୍ଟାଣ୍ଟ ହୋଇ କଟକରେ ଯୋଏନ୍ କଲା । ବର୍ତ୍ତମାନ ସେ ଆସାମର ଗୌହାଟି ରେଡ଼ିଓ ଷ୍ଟେସନରେ ଅଛି, ଆସିଷ୍ଟାଣ୍ଟ ଷ୍ଟେସନ ଡିରେକ୍ଟର । ନୟନ ଆସିଲା ଷ୍ଟେସନ ଖୋଲିବାର କେଇଦିନ ଆଗରୁ ।

ଏହିପରି ଭାବରେ ଡକ୍ଟର ହରେକୃଷ୍ଣ ମହତାବ, ସ୍ୱର୍ଗତ ଡକ୍ଟର ପ୍ରାଣକୃଷ୍ଣ ମହାନ୍ତି, ମାତୃଭୂମିର ପ୍ରତିଷ୍ଠାତା ସ୍ୱର୍ଗତ ବାଳକୃଷ୍ଣ କର, ଭୂତପୂର୍ବ କୁଳପତି ସ୍ୱର୍ଗତ ଚିନ୍ତାମଣି ଆଚାର୍ଯ୍ୟ, ସମାଜ ସମ୍ପାଦକ ଶ୍ରୀ ରାଧାନାଥ ରଥ, ପଦ୍ମଭୂଷଣ ଶ୍ରୀ କାଳିନ୍ଦୀ ଚରଣ ପାଣିଗ୍ରାହୀ, ନିଆଁଖୁଣ୍ଟାର ସମ୍ପାଦକ ସ୍ୱର୍ଗତ ଶ୍ରୀ ଗୋଦାବରୀଶ ମହାପାତ୍ର, ଶ୍ରୀ ଗୌରୀକୁମାର ବ୍ରହ୍ମା, ପ୍ରଜାତନ୍ତ୍ରର ସମ୍ପାଦକ ଶ୍ରୀ ଶ୍ରୀହର୍ଷ ମିଶ୍ର, ସାମ୍ବାଦିକ ଶ୍ରୀ ରାମଚନ୍ଦ୍ର ଦାସ, ଅମୃତବଜାର ପତ୍ରିକାର ମୁଖ୍ୟ ପ୍ରତିନିଧି ଶ୍ରୀ ଶଚିନ ଦତ୍ତ, ଶ୍ରୀ ଚିନ୍ତାମଣି ମିଶ୍ର, ଡକ୍ଟର ହରିବନ୍ଧୁ ମହାନ୍ତି, ଭୂତପୂର୍ବ କୁଳପତି ଡକ୍ଟର ପ୍ରାଣକୃଷ୍ଣ ପରିଜା, ଅଧ୍ୟାପକ ଶ୍ରୀ ରାଜକିଶୋର ରାୟ, ଡକ୍ଟର ମାୟାଧର ମାନସିଂହ, ନିଉ ଓଡ଼ିଶାର ସମ୍ପାଦକ ଶ୍ରୀ ରାମ ପ୍ରସାଦ ସିଂହ, ବିହାରର ଭୂତପୂର୍ବ ରାଜ୍ୟପାଳ ଶ୍ରୀ ନିତ୍ୟାନନ୍ଦ କାନୁନଗୋ, ଭୂତପୂର୍ବ ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀ, ଶ୍ରୀ ଭୈରବ ଚନ୍ଦ୍ର ମହାନ୍ତି, କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ, ଲୋକ ସମ୍ପର୍କ ବିଭାଗର ଭୂତପୂର୍ବ ଡିରେକ୍ଟର ଶ୍ରୀ ସୁଧୀର ଘୋଷ, ଆଡଭୋକେଟ ଶ୍ରୀ ବାଞ୍ଛାନିଧି ମହାପାତ୍ର, ପାଟଣା ହାଇକୋର୍ଟର ଭୂତପୂର୍ବ ବିଚାରପତି ଶ୍ରୀ ହରିହର ମହାପାତ୍ର, ପବ୍ଲିକ୍ ସର୍ଭିସ କମିଶନର ଭୂତପୂର୍ବ ଚେୟାରମ୍ୟାନ ଶ୍ରୀ ସାମୁଏଲ ଦାସ, ଶ୍ରୀ ହରିହର ମର୍ଦ୍ଦରାଜ, ନାଟ୍ୟକାର ଶ୍ରୀ ପ୍ରାଣବନ୍ଧୁ କର, ଅଧ୍ୟାପକ ରାଜ କିଶୋର ରାୟ, ଡାକ୍ତର ଜର୍ଜ ପଟ୍ଟନାୟକ, ପଣ୍ଡିତ ସୂର୍ଯ୍ୟ ନାରାୟଣ ମିଶ୍ର, ଶ୍ରୀ ବିଚିତ୍ରାନନ୍ଦ ମହାନ୍ତି, ସମାଜର ବାର୍ତ୍ତା ସମ୍ପାଦକ ଶ୍ରୀ ଉଦୟନାଥ ଷଡ଼ଙ୍ଗୀ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ସ୍ୱର୍ଗତ ଶ୍ରୀ ବାଉରି ବନ୍ଧୁ ମହାନ୍ତି, ପ୍ରଭୃତି ସମାଜର ସମ୍ମାନିତ, ପୂଜ୍ୟ ତଥା ପ୍ରତିଷ୍ଠାବାନ ବ୍ୟକ୍ତିଙ୍କର ଆଶିର୍ବାଦ ଏବଂ ଶତ ସହସ୍ର ଶ୍ରୋତା, କଳାକାର, ସାହିତ୍ୟକ, ସାମ୍ବାଦିକ, ଶିକ୍ଷାବିତ୍, ଛାତ୍ର-ଛାତ୍ରୀ ଓ ଷ୍ଟେସନର ସାନଠୁ ଆରମ୍ଭ କରି ବଡ ପର୍ଯ୍ୟନ୍ତ ପ୍ରତ୍ୟେକ କର୍ମଚାରୀଙ୍କର ଆନ୍ତରିକ ଶୁଭେଚ୍ଛା ଉପରେ ଭିତ୍ତିକରି, ୧୯୪୮ ମସିହା ଜାନୁଆରୀ ମାସ ୨୮ ତାରିଖ ଅପରାହ୍ନ ଠିକ୍ ୫ଟା ବେଳେ 'ନବ-ପ୍ରତିଷ୍ଠିତ ଏହି ବେତାର କେନ୍ଦ୍ରରୁ ସର୍ବପ୍ରଥମ ଓଡ଼ିଆ ବେତାର ପ୍ରଚାରର ଶୁଭାରମ୍ଭ ହେଲା । ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ପୌରହିତ୍ୟରେ ଏହାର ଶୁଭାରମ୍ଭ କରିଥିଲେ ସ୍ୱର୍ଗତ ଡକ୍ଟର କୈଳାଶନାଥ କାଟଜୁ । ଡକ୍ଟର କାଟଜୁ ଥିଲେ ସେତେବେଳେ ଓଡ଼ିଶାର ରାଜ୍ୟପାଳ ।

ସେହିଦିନ ଦିଲ୍ଲୀରୁ ମଧ୍ୟ ଓଡ଼ିଆ ସଂବାଦ ପ୍ରସାରଣ ଆରମ୍ଭ ହେଲା । ସତ କହିବାକୁ ଗଲେ ସେତେବେଳେ ଦିଲ୍ଲୀ
ଯିବା ସକାଶେ କେହି ରାଜି ହେଉ ନ ଥିଲେ । ଦୂରବାଟ, ଅଜଣା ଯାଗା—ଘରଦ୍ୱାର ଛାଡ଼ି କେହି ଯିବାକୁ ମଙ୍ଗିଲେ
ନାହିଁ । ଶ୍ରୀ ପ୍ରଭାତ ମୁଖାର୍ଜି ସେତେବେଳେ ଦିଲ୍ଲୀ ସମ୍ବାଦ ବିଭାଗର ଡେପୁଟି ଡାଇରେକ୍ଟର ଥିଲେ । କଲିକତା
ଷ୍ଟେସନରେ ତାଙ୍କ ଅଧୀନରେ ମୁଁ କାମ କରୁଥିଲି । ମୋ ନାଁ ପ୍ରସ୍ତାବ କରି ସେ, ଷ୍ଟେସନ ଡ଼ିରେକ୍ଟରଙ୍କୁ ଟେଲିଫୋନ
କଲେ । କୁଥରା ସାହେବ ଛାଡ଼ିବାକୁ ରାଜି ହେଲେ ନାହିଁ । ମୋର ବି ସେତେବେଳେ ଦିଲ୍ଲୀ ଯିବାର ଆଗ୍ରହ ନ ଥିଲା ।
ଓଡ଼ିଶାର ସର୍ବପ୍ରଥମ ବେତାର ପ୍ରସାରର ଶୁଭ ସମ୍ବାଦଟି ଶ୍ରୋତାମାନଙ୍କୁ ଜଣେଇ ସେମାନଙ୍କର ଆଶୀର୍ବାଦ ପାଇବା
ସୌଭାଗ୍ୟରୁ ବଂଚିତ ହେବାକୁ ଚାହୁଁ ନ ଥିଲି । ତେବେ ଅଫିସ ଅର୍ଡର ପାଇଥିଲେ ନିଶ୍ଚୟ ଯିବାକୁ ପଡ଼ି ଥାଆନ୍ତା ।
ସେତେବେଳେ ଅଫିସ ଅର୍ଡର ଉପରେ କେହି ପାଟି ଫିଟାଉ ନ ଥିଲେ । ଯେତେବେଳେ ଯାହା ଆଦେଶ ଦିଆ ଯାଉ
ଥିଲା, ଯେତେ ଅସୁବିଧା ହେଉ ପଛକେ, ବିନା ପ୍ରତିବାଦରେ ତତ୍‌କ୍ଷଣାତ ମୁଣ୍ଡପାତି ସେ ଆଦେଶ ମାନି ନେଉଥିଲୁ ।

ଶୁଭାରମ୍ଭ ଦିନ ବି ପାଖେଇ ଆସିବାକୁ ଲାଗିଲା । ଲୋକ ନ ମିଳିଲେ କଣ କରାଯିବ—ସେଥିପାଇଁ ଆମେ ଚିନ୍ତିତ ହୋଇ
ପଡ଼ିଲୁ । ଠିକ୍ ସେତିକି ବେଳେ ଶ୍ରୀ ମନୋରଞ୍ଜନ ଦାସ (ନାଟ୍ୟକାର) ଆସି ଦିଲ୍ଲୀପ ସେନଗୁପ୍ତଙ୍କ (ସିନିୟର ଅଫିସର)
ସାଙ୍ଗରେ ସାକ୍ଷାତ କଲେ । ତରୁଣ ବୟସ, ଓଡ଼ିଆରେ ମାର୍ଜିତ ଜ୍ଞାନ, ବିନମ୍ର ସ୍ୱଭାବ ଦେଖି ଆମେ ସମସ୍ତେ ଖୁସି ହେଲୁ,
କଣ୍ଠ ପରୀକ୍ଷାରେ ପାଶ କଲାପରେ ମନୋରଞ୍ଜନ ବାବୁ ସେହିଦିନ ରାତି ଗାଡ଼ିରେ ଦିଲ୍ଲୀ ଗଲେ । ତାର ଦି ଚାରିଦିନ
ପରେ ଶ୍ରୀ ଶ୍ରୀମନ୍ତ ପଣ୍ଡାଙ୍କୁ ପଠାଗଲା । ସେ ଦୁହିଁଙ୍କ ପ୍ରଚେଷ୍ଟାରେ ସେଦିନ (୨୮ ତାରିଖ) ସନ୍ଧ୍ୟା ୭।୧୫ ମିନିଟରେ
ଦିଲ୍ଲୀରୁ ସର୍ବପ୍ରଥମେ ଓଡ଼ିଆ ସମ୍ବାଦ ରିଲେ କରାଗଲା । ବର୍ଷକରୁ ଅଧିକ ସମୟ ରହିବା ପରେ ମନୋରଞ୍ଜନ ବାବୁ ଫେରି
ଆସିଲେ, ପଣ୍ଡାବାବୁ ରହିଗଲେ । ସ୍ଥାନୀୟ ଦୁଇ ଜଣ ଶିକ୍ଷିତ ଯୁବକ ଶ୍ରୀ ଲିଙ୍ଗରାଜ ପାଣି ଏବଂ ଶ୍ରୀ ଶୁକଦେବ ଦାସଙ୍କୁ
ନେଇ କିଛି ଦିନ କାମ ଚାଲିବା ପରେ ଶ୍ରୀ ଗୋପବନ୍ଧୁ ଦାସ, ଶ୍ରୀ ଉପେନ୍ଦ୍ର କୁମାର ଦାସ ଓ ଶ୍ରୀ ନଦିଆ ବିହାରୀ ମହାନ୍ତି
ଦିଲ୍ଲୀ ଓଡ଼ିଆ ସମ୍ବାଦ ବିଭାଗରେ ଯୋଗ ଦେଲେ । ଗୋପ ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଲୋକସମ୍ପର୍କ ବିଭାଗର
ଡିରେକ୍ଟର ଏବଂ ଉପେନ୍ଦ୍ର ବମ୍ବେ ଫିଲ୍ମ ଡିଭିଜନର ଓଡ଼ିଆ ବିଭାଗ ଦାୟିତ୍ୱରେ ଅଛନ୍ତି । ନଦିଆ ବହୁଦିନରୁ ଦିଲ୍ଲୀରୁ
ଆସି ଓଡ଼ିଶା ସରକାରଙ୍କ ଅଧିନରେ ଜଣେ ପଦସ୍ଥ ଅଫିସର ହିସାବରେ କାମ କରୁଛି । ମୁଁ ୧୯୪୯ ମସିହା ଅଗଷ୍ଟ
ମାସ ୨୨ ତାରିଖ ସୋମବାର ଦିନ ଓଡ଼ିଆ ସମ୍ବାଦ ବିଭାଗରେ ଯୋଗ ଦେଲି । ତା ଆଗରୁ ଶ୍ରୀ ଗୋବିନ୍ଦ ଚନ୍ଦ୍ର ରଥ
କେତମାସ ଯାଏ ଖବର ପଢ଼ୁଥିଲେ । ମୁଁ ଆସିବାରୁ ସେ କଟକ ଫେରି ଗଲେ । ବର୍ତ୍ତମାନ ଗୋବିନ୍ଦ, କଟକ ରେଡ଼ିଓ
ଷ୍ଟେସନରେ ସିନିୟର ଆନାଉନ୍‌ସର ହିସାବରେ କାମ କରୁଛି ।

କଟକ ଷ୍ଟେସନରେ କାମ ସୁରୁ ହେବା ପରେ ପରେ ସ୍ଥାୟୀ ବ୍ୟବସ୍ଥା କରାଗଲା । ଓଡ଼ିଆ କର୍ମଚାରୀମାନଙ୍କୁ ନିଯୁକ୍ତ
ଦିଆଗଲା ଏବଂ ଯେଉଁମାନେ ବାହାରୁ ଆସିଥିଲେ ସେମାନେ ଫେରି ଗଲେ । ପ୍ରଥମେ ଆନାଉନସର ହିସାବରେ
ଶ୍ରୀ ଗୋବିନ୍ଦ ରଥ ଏବଂ ଶ୍ରୀ ବିଜନ ପାତ୍ରଙ୍କୁ ନିଯୁକ୍ତି ଦିଆଗଲା । ତା ପୂର୍ବରୁ ମୁଁ ଏବଂ ନୟନ (ମହାନ୍ତି) ଆନାଉନ୍‌ସ
କରୁଥିଲୁ । ପ୍ରୋଗ୍ରାମ ଆସିଷ୍ଟାଣ୍ଟ ହେଲାପରେ ନୟନ ଏ ଲାଇନ ଛାଡ଼ି ଦେଲା । କିଛିଦିନ ଭିତରେ ଶ୍ରୀ ମାଧବ ଚନ୍ଦ୍ର
ମହାନ୍ତି, ଶ୍ରୀ ମହମ୍ମଦ ରଫିକ ଓ ଶ୍ରୀ ରେବତି ନନ୍ଦନ ମହାପାତ୍ର ପ୍ରଭୃତି ଓଡ଼ିଆ ଅଫିସରମାନେ ଯୋଗ ଦେଇ ବିଭିନ୍ନ
ବିଭାଗର ଦାୟିତ୍ୱ ନେଲେ । ହେଡ଼କ୍ଲର୍କ ଥିଲେ ସର୍ଦ୍ଦାର ଭୂପିନ୍ଦର ସିଂ । ତାଙ୍କ ସାଙ୍ଗରେ ଶ୍ରୀ ସିଧରା ବୋଲି ଜଣେ
ଆସିଷ୍ଟାଣ୍ଟ ଥିଲେ । ଦୁହେ ଯାକ ଦିଲ୍ଲୀରୁ ଆସିଥିଲେ । ଷ୍ଟେସନ ଚାଲୁ ହେଲା ପରେ ସେମାନେ ଦିଲ୍ଲୀ ଫେରି ଗଲେ ।

ତା ପୂର୍ବରୁ ଶ୍ରୀ ଦଣ୍ଡଧର ନାୟକ, ଶ୍ରୀ ଏ. କେ. ଦାସ, ଶ୍ରୀ ରାମଚନ୍ଦ୍ର ମହାନ୍ତି, ଶ୍ରୀ ଗୌର କିଶୋର ମହାନ୍ତି, ଶ୍ରୀ ରାମଚନ୍ଦ୍ର ନାୟକ ଓ ଆହୁରି କେତେଜଣ ଓଡ଼ିଆ କର୍ମଚାରୀ ନିଯୁକ୍ତ ପାଇ ସାରିଥିଲେ ।

ତଳିଆ କର୍ମଚାରୀ ହେଲେ ମଧ୍ୟ, ସର୍ବ ଶ୍ରୀ ସୋଲାପୁରୀ, ଦୟାନିଧି ଦାସ, ଦେବରାଜ ସାବତ, ଶଚି ବିଶ୍ୱାଳ, ରାଧା ପଣ୍ଡା, ରାମଜି ପାସମାନ, ଲକ୍ଷ୍ମଣ ଏବଂ ସ୍ୱର୍ଗତ ଯୋଗି ମଣି ପରିଡ଼ା ଟପରାଣି ପିଅନ, ଡ୍ରାଇଭର ଓ ଷ୍ଟୁଡ଼ିଓ ପରି-ମାନଙ୍କର ନୂଆଷ୍ଟେସନ ଗଢ଼ିବା ପଛରେ ଯେ ଯଥେଷ୍ଟ ଅବଦାନ ରହିଛି ଏକଥା ଅସ୍ୱୀକାର କରାଯାଇ ନ ପାରେ । ସେମାନେ ଖରା ବର୍ଷାରେ କଠୋର ପରିଶ୍ରମ କରିଛନ୍ତି । ଆଜିର ଏହି ଆନନ୍ଦ ଉତ୍ସବ ଦିନରେ ସେମାନେ ମଧ୍ୟ ଯଥା ଯୋଗ୍ୟ ସମ୍ମାନ ପାଇବାର ହକଦାର ।

ଶେଷରେ ମୋର ନିଜର ପଦେ କହିବାର ଅଛି । ମୂଳରୁ ଏହି ପ୍ରତିଷ୍ଠାନଟି ସହିତ ସମ୍ପୃକ୍ତ ଥିବା ଯୋଗୁ ଯାହା ଦେଖିଥିଲି, ଯାହା ଜଣା ଥିଲା ସେ ସବୁ ସଂକ୍ଷେପରେ ବର୍ଣ୍ଣନା କଲି । ଏଥି ସକାଶେ ମୁଁ ତିଳେ ହେଲେ କୃତିତ୍ୱ ଦାବୀ କରୁନାହିଁ । କାରଣ କୌଣସି ପ୍ରତିଷ୍ଠାନ ଗଢ଼ିବା ଜଣେ କିମ୍ବା ଦୁଇଜଣ ଙ୍କ କାମ ନୁହେଁ । ଏଥି ସକାଶେ ପ୍ରୟୋଜନ ସାମୂହିକ ପ୍ରଚେଷ୍ଟା । କଟକ ବେତାର କେନ୍ଦ୍ର ହେଉଛି ତାହାରି ଏକ ଜ୍ୱଳନ୍ତ ନିଦର୍ଶନ । ଆହୁରି ବହୁ କଥା ରହିଗଲା । ଭବିଷ୍ୟତରେ ସୁଯୋଗ ହେଲେ ସେ ସବୁ ବିସ୍ତାରିତ ଭାବେ ଲେଖିବି । ମୋ ପାଖରେ କୌଣସି ରେକର୍ଡ଼ ନାହିଁ । ସହସ୍ରା-ଧିକ ମାଇଲ ଦୂରରେ ରହି ଏତେ ଶୀଘ୍ର ସେ ସବୁ ସଂଗ୍ରହ କରିବା ମଧ୍ୟ ସମ୍ଭବ ନୁହେଁ । ସନ୍ଦେହ ହେଲେ ପଚାରି ବୁଝିବି ପାଖରେ ଏଭଳି ଜଣେ ହେଲେ କେହି ପୁରୁଣା ଲୋକବି ନାହାନ୍ତି । ଯାହା କିଛି ଲେଖିଲି, ସେ ସବୁ କେବଳ ସ୍ମୃତି ଉପରେ ନିର୍ଭର କରି ଲେଖିଛି । ଯଦି କିଛି ଭୁଲଭ୍ରାନ୍ତି ଥାଏ, କୌଣସି ସହୃଦୟ ବନ୍ଧୁ ଓ ଶୁଭାକାଂକ୍ଷୀ ସେ ସବୁ ଦର୍ଶାଇ ଦେଲେ, ତାଙ୍କ ନିକଟରେ ଚିର କୃତଜ୍ଞ ରହିବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଭୁଲଗୁଡ଼ିକୁ ସଂଶୋଧନ କରିନେବି ।

ପ୍ରତିଷ୍ଠାନଟିର ଉତ୍ତରୋତ୍ତର ଉନ୍ନତି ହେଉ ଏବଂ ଏହାର କର୍ମଚାରୀମାନେ ସୁଖ ଶାନ୍ତିରେ ରହି ଦୀର୍ଘ ଦିନ ଯାଏ ଜାତିର ସେବା କରିବାର ସୁଯୋଗ ପାଆନ୍ତୁ । ସର୍ବ କଲ୍ୟାଣମୟ ଈଶ୍ୱରଙ୍କ ନିକଟରେ ଏହାହିଁ ମୋର ଏକମାତ୍ର ପ୍ରାର୍ଥନା । ମୋର ନିଜର କୌଣସି ବିଶେଷ ଯୋଗ୍ୟତା ନ ଥିବା ସତ୍ତ୍ୱେ କେବଳ ସେହିମାନଙ୍କ ଅପୂରନ୍ତ ଆଶୀର୍ବାଦ ଏବଂ ଶୁଭେଚ୍ଛା ଫଳରେ, ଦୀର୍ଘଦିନଯାଏ ଦେଶର ଏହି ସର୍ବବୃହତ୍ ସାଂସ୍କୃତିକ ପ୍ରତିଷ୍ଠାନରେ ଓଡ଼ିଶାର ପ୍ରତିନିଧିତ୍ୱ କରିବାର ପରମ ସୌଭାଗ୍ୟ ଅର୍ଜନ କରିଛି, ପରିଶେଷରେ ସେହିସବୁ ଅଗଣିତ ଶ୍ରୋତାଙ୍କୁ ମୋର ଆନ୍ତରିକ କୃତଜ୍ଞତା ଓ ନବବର୍ଷର ଶୁଭେଚ୍ଛା ଜଣେଇ ଆଜି ଏତିକିରେ ବିଦାୟ ନେଉଛି ।

---

# ଅପରାଧର ମୂକ ସାକ୍ଷୀ

କାଳୀଚରଣ ପଟ୍ଟନାୟକ

ଆଜିକାଲି ଆମେମାନେ ଯେପରି ଭାରତୀୟ ପୋଲିସ କିମ୍ବା ରାଜ୍ୟସ୍ତରୀୟ ପୋଲିସ ସଂସ୍ଥାମାନ ଦେଖୁଛେ ଏହା ପ୍ରଥମେ ଏପରି ନଥିଲା । ଆଜିକୁ ଶହ ଶହ ବର୍ଷ ତଳେ ଯେତେବେଳେ ଲୋକମାନେ ଏକାଠି ହୋଇ ଗୋଟିଏ ଯାଗାରେ ଜଣେ ଦଳପତିର ନିର୍ଦ୍ଦେଶରେ ରହିବାକୁ ଶିଖିଲେ ସେହିଦିନଠାରୁ ସମାଜ ଓ ଜନବସତିର ପ୍ରଥମ ଉତ୍ପତ୍ତି । ଧନ ଜୀବନକୁ ରକ୍ଷା କରିବାପାଇଁ ସେତେବେଳେ ପୋଲିସ କିମ୍ବା ଏହିଭଳି କୌଣସି ସଂସ୍ଥା ନ ଥିଲା । ତେଣୁ ଲୋକମାନେ ପ୍ରତିଦିନ ପାଳି କରି ନିଜ ଗଡ଼କୁ ଜଣେ ଲେଖାଏଁ ଜଗି ଦେଉଥିଲେ । ଏହାପରେ ସମାଜରେ ଯେତେବେଳେ ଧନୀ ଓ ଦରିଦ୍ରର ପ୍ରଭେଦ ଆସିଲା, ସେତେବେଳେ ଧନୀ ଲୋକମାନେ ନିଜେ ଏହି କାମ ନ କରି ପଇସା ଦେଇ ଅନ୍ୟ ଲୋକମାନଙ୍କୁ ତାଙ୍କ ତରଫରୁ ପଠାଇଲେ । କାଳକ୍ରମେ ଏହିପରି ଦଳେ ଲୋକ ଧନୀମାନଙ୍କଠାରୁ ପଇସା ନେଇ ଏହି ପ୍ରକାର କାମ କରିବାକୁ ରହିଲେ ଏବଂ ସେମାନେ ପୋଲିସ ନାମରେ ପରିଚିତ ହେଲେ ।

ଇତିହାସ ଓ ଅନ୍ୟାନ୍ୟ ବହିପତ୍ରରୁ ଆମେ ଆଗକାଳର ନିରଙ୍କୁଶ ଶାସକମାନଙ୍କ ପାଖରେ ଥିବା ପୋଲିସମାନଙ୍କ ବିଷୟରେ ବହୁତ କିଛି ଜାଣିଛେ । ସେମାନଙ୍କର କୁତ୍ସ ବର୍ବରୋଚିତ ଓ ଅମାନୁଷିକ ବ୍ୟବହାର ପ୍ରାୟ ସମସ୍ତଙ୍କୁ ଜଣାଅଛି । ଆମେମାନେ ଏହି ପ୍ରକାର ବ୍ୟବହାର ପରାଧୀନ ଭାରତର ବ୍ରିଟିଶ ସରକାରଙ୍କ ପୋଲିସମାନଙ୍କଠାରୁ ପାଇଛୁ । ଏହିପରି ବ୍ୟବହାର ଆମ ଭାରତୀୟ ପୋଲିସଙ୍କ ଜୀବନରେ ଏତେ ନିବିଡ଼ଭାବରେ ପ୍ରଭାବ ବିସ୍ତାର କରିଛି ଯେ ଆଜିର ପୋଲିସ ସ୍ୱାଧୀନତା ଲାଭ ପରେ ମଧ୍ୟ ତତ୍‌କାଳୀନ ପୋଲିସଙ୍କଠାରୁ ନିଜକୁ ପୁରାପୁରି ଅଲଗା କରି ପାରି ନାହିଁ । ପୋଲିସର ଏହି ବ୍ୟବହାରକୁ ପରିବର୍ତ୍ତନ କରି ଯୁଗୋପଯୋଗୀ କରିବାପାଇଁ ବର୍ତ୍ତମାନ ଭାରତ ସରକାର ସବୁ ପ୍ରକାର ଚେଷ୍ଟା କରୁଛନ୍ତି ।

ପୋଲିସ ଅଫିସରମାନଙ୍କୁ ବିଭିନ୍ନ ଦିଗରେ ତାଲିମ ଦେଇ ଆମ ସରକାର ବର୍ତ୍ତମାନ ପ୍ରମାଣ କରାଇ ଦେବାକୁ ଚାହାନ୍ତି ଯେ ଆମର ପୋଲିସ ଆଉ ନିରଙ୍କୁଶ ଶାସକ ଗୋଷ୍ଠୀର ପୋଲିସ ନୁହନ୍ତି । ଏଥିପାଇଁ କେନ୍ଦ୍ରୀୟ ଗୁଇନ୍ଦା ତାଲିମ ବିଦ୍ୟାଳୟ (Central Detective Training School) ନାମକ ଦୁଇଟି ଅନୁଷ୍ଠାନ କେନ୍ଦ୍ର ସରକାରଙ୍କର ତତ୍ତ୍ୱାବଧାନରେ ଚାଲୁଛି । ଏଥିରୁ ଗୋଟିଏ କଲିକତାରେ ଓ ଅନ୍ୟଟି ହାଇଦ୍ରାବାଦଠାରେ ଅନୁଷ୍ଠିତ । ଏହି ଦୁଇଟି ଅନୁଷ୍ଠାନର ଦାୟିତ୍ୱରେ ଜଣେ କମାଣ୍ଡାଣ୍ଟ (Commandant) (ଆଇ. ଜି. ସ୍ତରର ଅଫିସର) ଅଛନ୍ତି । S.P. ପାହ୍ୟାର ଦୁଇଜଣ ଅଫିସର ଏହାର Principal ଦାୟିତ୍ୱରେ ଅଛନ୍ତି । ଆଗକାଳର ପୁରୁଣା ପଦ୍ଧତିରେ ଅନୁସନ୍ଧାନ ପରିବର୍ତ୍ତେ ବୈଜ୍ଞାନିକ ପଦ୍ଧତିରେ ଅନୁସନ୍ଧାନ ଚଳାଇ ଅପରାଧୀକୁ ଧରିବା ପାଇଁ ତାଲିମ ଦେବା ଏହି ଅନୁଷ୍ଠାନମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ । ତେଣୁ ଏହି ଅନୁଷ୍ଠାନର ଗୋଟିଏ ନୀତି ବଚନ ରଖା ଯାଇଛି । ସେଇଟି ହେଲା "Let us reach truth by honest means".

ବହୁଦିନ ପୂର୍ବେ ଯେତେବେଳେ ବିଜ୍ଞାନକୁ ଚୋର ଧରିବାପାଇଁ ବ୍ୟବହାର କରାଯାଇ ନ ଥିଲା ସେତେବେଳେ ପୋଲିସ ସ୍ଥାନୀୟ କେତେକଣ ସଂଦେହଜନକ ଲୋକଙ୍କ ମଧ୍ୟରେ ତାଙ୍କର ଅନୁସଂଧାନ ସୀମାବଦ୍ଧ ରଖୁଥିଲେ । ସେମାନେ ଯଦି ଅପରାଧ ବିଷୟରେ କୌଣସି ଆଶାଜନକ ତଥ୍ୟ ଦେଇ ନ ଥିଲେ ତେବେ ସେମାନଙ୍କୁ ମାନସିକ ଓ ଶାରୀରିକ ଯନ୍ତ୍ରଣା (Third Degree) ଦିଆ ଯାଉଥିଲା । ପରିଶେଷରେ ସେମାନେ ବାଧ୍ୟ ହୋଇ ନିଜକୁ ଦୋଷୀ ବୋଲି ମାନୁଥିଲେ । କିନ୍ତୁ ଅଦାଲତରେ ସେମାନେ ପ୍ରମାଣ ଅଭାବରୁ ଖଲାସ ହୋଇଯାଉଥିଲେ । ଅନ୍ୟ ପକ୍ଷରେ ଦେଖିଲେ ଜଣାଯିବ ଯଦି ଜଣେ ପ୍ରକୃତ ଅପରାଧୀ ପ୍ରମାଣ ଅଭାବରୁ ଅଦାଲତରେ ଖଲାସ ହୁଏ ତେବେ ତାହା ସମସ୍ତ ପୋଲିସ ସଂସ୍ଥାପ୍ରତି ଗୋଟିଏ ଆହ୍ୱାନ । ଏହି ପ୍ରକାରର ଅନୁସଂଧାନ ବେଆଇନ ଓ ଅସାମ୍ବିଧାନିକ । ଅନ୍ୟପକ୍ଷରେ ଏହାଦ୍ୱାରା ବହୁ ପୋଲିସ ଅଫିସର ଅସୁବିଧାର ସମ୍ମୁଖୀନ ହୁଅନ୍ତି । କିନ୍ତୁ ବୈଜ୍ଞାନିକ ପ୍ରଣାଳୀର ଅନୁସଂଧାନରେ ଏସବୁର ଭୟ ନ ଥାଏ ।

ଏଠାରେ ଗୋଟିଏ ନିର୍ଦ୍ଦିଷ୍ଟ ଅପରାଧ ସଂପର୍କରେ ସମୀକ୍ଷା କଲେ ବୈଜ୍ଞାନିକ ପଦ୍ଧତିର ଆବଶ୍ୟକତା କ'ଣ ଓ ତାହା କିପରି ତଦନ୍ତକାରୀ ଅଫିସରଙ୍କୁ ଅନୁସଂଧାନରେ ସାହାଯ୍ୟ କରେ ତାହା ସହଜରେ ଅନୁମାନ କରାଯାଇ ପାରିବ । ଦିନେ ରାତିରେ ଜଣେ ଲୋକ ଛୁରାଧରି ଜଣେ ଧନୀ ଲୋକର ଘର କାନ୍ଥ କଣା କରି ଭିତରକୁ ଚୋରି କରିବା ଉଦ୍ଦେଶ୍ୟରେ ପଶିଲା । ଲୋକଟି ଚୋରି କରୁଥିବା ସମୟରେ ହଠାତ୍ ଘର ମାଲିକଙ୍କର ନିଦ ଭାଙ୍ଗିଗଲା ଏବଂ ସେ ଲୁଚି ଲୁଚି ଯାଇ ଚୋରଟିକୁ ମାଡିବସିଲେ । କିଛି ସମୟ ପର୍ଯ୍ୟନ୍ତ ଚୋର ଓ ମାଲିକ ତଳେ ପଡି ଗଡ଼ାଗଡି ହେବାପରେ ଚୋର ଛୁରାଦ୍ୱାରା ମାଲିକଙ୍କୁ ହତ୍ୟାକରି କବାଟ ଖୋଲି ବାହାରକୁ ପଳାଇଲା । ଏହିପରି ଅବସ୍ଥାରେ ଘଟଣାସ୍ଥଳକୁ ଗୋଳମାଳ ନ କରି ପୋଲିସ ଆସିବା ପର୍ଯ୍ୟନ୍ତ ସୁରକ୍ଷିତ ଅବସ୍ଥାରେ ରଖିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ । କାରଣ ଏହି ଘଟଣାକୁ କୌଣସି ଲୋକ ଆଖିରେ ଦେଖିବାର ସୁବିଧା ପାଇ ନାହାନ୍ତି । ଘଟଣାସ୍ଥଳରେ କେତେଗୁଡିଏ ଜିନିଷ ଥାଇପାରେ ଯେଉଁଥିରୁ କି ଅପରାଧ ଓ ଅପରାଧୀ ବିଷୟରେ ବହୁତକିଛି ଜଣା ପଡିବ ଯଦି ସେହି ଜିନିଷଗୁଡ଼ିକୁ (Phisical clue) ନଷ୍ଟ ନକରି ଭଲ ଭାବରେ ସାଇତି ରଖାଯାଏ । ବୈଜ୍ଞାନିକ ପଦ୍ଧତିରେ ତାଲିମ ପାଇଥିବା ଜଣେ ପୋଲିସ ଅଫିସର ଖବର ପାଇ ତାଙ୍କର Investigation kit box, Camera ଓ ଅନ୍ୟାନ୍ୟ ଉପକରଣ ସହିତ ଘଟଣା-ସ୍ଥଳରେ ପହଂଚି ଅତି ସତର୍କତା ଅବଲମ୍ବନ କରି ନିମ୍ନଲିଖିତ ଜିନିଷମାନ (Physical clues) ପାଇଲେ—

୧—ସିଂଧିଗାତ ପାଖରେ କେତୋଟି ପାଦଚିହ୍ନ ।

୨—ଛୁରା ସିଂଧୁକର handle ରେ ୫ଟି ଟିପଚିହ୍ନ ।

୩—ଯେଉଁ କବାଟ ଖୋଲି ହତ୍ୟାକାରୀ ଘରୁ ବାହାରକୁ ପଳାଇପାରିଛି ସେହି କବାଟର Bolt ରେ ଦୁଇଟି ଉତ୍ତାଳ ଟିପଚିହ୍ନ ।

୪—ମୃତ ଗୃହ ମାଲିକଙ୍କ ବାମ ହାତମୁଠାରେ ପ୍ରାୟ ୫-୬ ସେଂଟିମିଟର ଲମ୍ବର ଦୁଇଟି ବାଳ ଓ ଡାହାଣ ହାତମୁଠାରେ ଖଣ୍ଡେ ଛିଣ୍ଡାକନା ।

Investigating Officer Spot ରୁ ମିଳିଥିବା ଟିପଚିହ୍ନ ଗୁଡ଼ିକୁ Single Disit Bureau କୁ ପଠାଇଦେଲେ । ଖୁବ୍ ଅଳ୍ପ ସମୟ ପରେ ସେ Bureau ରୁ ଟିପଚିହ୍ନର ମାଲିକ ବିଷୟରେ ପୁରା ଠିକଣା ପାଇଗଲେ । ସେହି ଦିନ ହଠାତ୍ ତାର ଘର ଘେରାଉକରି ସେ ଲୋକକୁ ଗିରଫ କଲେ ଓ ତାର ଗୋଟିଏ ରକ୍ତ ଲୁଗା ଓ ସାର୍ଟ ଜବତ କଲେ । ସେଇ ସାର୍ଟର ବାମ ପାଖ ଛାତି ପକେଟ୍ ଚିରି ଯାଇଥିଲା । ଅପରାଧୀକୁ ଗିରଫ କରିବା ପରେ ତା'ର ମୁଣ୍ଡର ନମୁନାବାଳ ନିଆଯାଇଥିଲା । ମୃତ ବ୍ୟକ୍ତିର ହାତରେ ଥିବା କନା ମଧ୍ୟ ନିଆଯାଇ Forensic Laboratory କୁ ବିଶେଷଜ୍ଞମାନଙ୍କର ମତାମତ ପାଇଁ ପଠାଗଲା । Laboratory ରୁ Report ଆସିଲା ଯେ ରକ୍ତ ଦୁଇଟିର Group ସମାନ୍ ଯାହାକି ଅପରାଧୀର Group ଠାରୁ ଭିନ୍ନ । ସବୁ ବାଳଗୁଡ଼ିକ ମଣିଷର ଏବଂ ତାହା ଗୋଟିଏ ଲୋକର । ପରୀକ୍ଷାରୁ ଆହୁରି ଜଣାଗଲା ଯେ ଘଟଣା ସ୍ଥଳରୁ ମିଳିଥିବା କନା ଖଣ୍ଡିକ ଆଉକିଛି ନୁହେଁ, ଅପରାଧୀ ସାର୍ଟର ବାମ ଛାତିର ପକେଟ୍ ମାତ୍ର । ଏହିସବୁ ସୂତ୍ର ଜାଣିବା ପରେ ଅପରାଧୀର ନୈତିକ ମନୋବଳ ଭାଙ୍ଗିଗଲା ଓ ସେ ଯେଉଁ ଛୁରୀରେ ହତ୍ୟା କରିଥିଲା ସେଇ ଛୁରୀଟି ମଧ୍ୟ ଦେଖାଇ ଦେଇ ସମସ୍ତ ବିଷୟ ସ୍ୱୀକାର କରିଗଲା । ଯଦିଓ ଏହି ହତ୍ୟା କୌଣସି ମଣିଷ ସାକ୍ଷୀର ଉପସ୍ଥିତିରେ ହୋଇନାହିଁ ତଥାପି ଏହି ଘଟଣାର ରହସ୍ୟ ଓ ତଥ୍ୟ ଉଦ୍‌ଘାଟନ କରିବାକୁ ଅନେକ ମୂକସାକ୍ଷୀ ଅଛନ୍ତି । ଏହିସବୁ ସାକ୍ଷୀଗୁଡ଼ିକୁ Physical clue ବା ଅପରାଧ ବିଜ୍ଞାନରେ Corpus delicti କୁହାଯାଏ । ମଣିଷ ସାକ୍ଷୀମାନଙ୍କ ଉପରେ ପୁରାପୁରି ନିର୍ଭର ନ କରି ଏହି Physical clue ଉପରେ ନିର୍ଭର କରି ଅନୁସନ୍ଧାନ ଚଳାଇବା ହେଲା Scientific Investigation । ମଣିଷ ସାକ୍ଷୀମାନେ କେବେ କେବେ ଅସାଧୁ ହୋଇ ମିଛର ଆଶ୍ରୟ ନେଇପାରନ୍ତି ବା ଭୁଲ କରିପାରନ୍ତି ଯାହାକି ମଣିଷ ପକ୍ଷରେ ହିଁ ସମ୍ଭବ । କିନ୍ତୁ Physical clue କେବେହେଲେ ମିଥ୍ୟାହୋଇ ନପାରେ । ଯଦି ସେମାନଙ୍କୁ ଠିକ୍ ଉପାୟରେ ରକ୍ଷାକରି ପରୀକ୍ଷଣ କରାଯାଏ ।

ଏହିସବୁ ବିଷୟରେ ସାରା ଭାରତର ପୋଲିସ୍ ଅଫିସରମାନଙ୍କୁ ତାଲିମ୍ ଦେବା ପାଇଁ କଲିକତା ଓ ହାଇଦ୍ରାବାଦଠାରେ ଥିବା ବିଦ୍ୟାଳୟ ଦୁଇଟି ଯଥେଷ୍ଟ ନୁହେଁ ବୋଲି ଭାରତ ସରକାର ଉପଲବ୍ଧି କଲେଣି । ତେଣୁ ଅନ୍ୟାନ୍ୟ ପ୍ରଦେଶରେ ଏହି ଅନୁଷ୍ଠାନମାନ ଖୋଲିବା ପାଇଁ ସରକାର ବିଚାର କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ଏହି ଦୁଇଟି ବିଦ୍ୟାଳୟରେ ଓଡ଼ିଶାର ୬୨ ଜଣ ସବ୍‌ଇନିସ୍‌ପେକ୍ଟର ତାଲିମ୍ ପାଇ ଆସି ବିଭିନ୍ନ ଥାନାରେ ନିଜ ନିଜର ଦାୟିତ୍ୱ ତୁଲାଉ ଅଛନ୍ତି ।

---

# କାଳିଜାଇ ମନ୍ଦିର

ନବଘନ ଜେନା

ଅନିନ୍ଦ୍ୟରୂପମୟୀ, କବିମନଲୋଭା, ଶୋକପାସୋରା, ଅପସରା ଭୁବନ ଚିଲିକାର ସୌନ୍ଦର୍ଯ୍ୟ-ବିଭବ ଦର୍ଶକର କଳୁଷ କାଳିମା ଧୌତକରି ମନରେ ଅପାର ଆନନ୍ଦ ଜନ୍ମାଇଥାଏ । ବହୁ ଦୂର ଦୂରାନ୍ତରୁ ଆଗନ୍ତୁକ ପର୍ଯ୍ୟଟକଗଣ ଚିଲିକାର ସେହି ଅପରୂପ ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇଥାନ୍ତି । ଏହାର ଦର୍ଶନୀୟ ସ୍ଥାନଗୁଡ଼ିକ ମଧ୍ୟରେ ନଳବଣ, ଧୂଆଁ ନଳୀ, ବଢ଼େଇ ହଗା ପାହାଡ଼, ବରକୁଦା ଓ ସାତପଡ଼ା ଦ୍ୱୀପ ଏବଂ କଳିଯୁଗେଶ୍ୱର ଓ କାଳିଜାଇ ମନ୍ଦିର ଅନ୍ୟତମ । ଶୁଭଦା କାଳିଜାଇଙ୍କର ମନ୍ଦିର ପ୍ରଥମ ଦର୍ଶନୀୟ ସ୍ଥାନରେ ପରିଗଣିତ ହୋଇଛି । କିମ୍ବଦନ୍ତୀର ପୃଷ୍ଠ ଭୂମି ଉପରେ ପର୍ଯ୍ୟବସିତ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ମାନସସରୋବର କାଳିଜାଇ ପଦ୍ୟ ଯେ ଶୁଣିଛି ସେ କାଳିଜାଇ ମନ୍ଦିର ନ ଦେଖି ଚିଲିକା ଭ୍ରମଣରେ ଆତ୍ମସନ୍ତୋଷ ଲାଭ କରି ନ ପାରେ ।

ଏହି ମନ୍ଦିର ପୁରୀ ଜିଲ୍ଲା ଅନ୍ତର୍ଗତ ବାଲୁଗାଁଠାରୁ ପ୍ରାୟ ୧୫ କି. ମି. ଏବଂ ଗଞ୍ଜାମ ଜିଲ୍ଲାର ରମ୍ଭାଠାରୁ ପ୍ରାୟ ୩୦ କି. ମି. ଦୂରସ୍ଥ ଚିଲିକା ଗର୍ଭରେ ପ୍ରାୟ ୨୫।୩୦ ଏକର ପରିମିତ ଏକ କ୍ଷୁଦ୍ର ଦ୍ୱୀପରେ ଅବସ୍ଥିତ । ମନ୍ଦିରଟି ଏକ ଛୋଟ ପାହାଡ଼ର (କାଳିଜାଇ ମୁଣ୍ଡିଆ) ନିମ୍ନଦେଶରେ ବିଦ୍ୟମାନ । ପ୍ରାୟ ୩୦ ଫୁଟ ଉଚ୍ଚତା ବିଶିଷ୍ଟ, ଏହା ପୁରୀ, ଭୁବନେଶ୍ୱର କିମ୍ବା କୋଣାର୍କ ମନ୍ଦିର ସଦୃଶ ନିର୍ମିତ କି କାରୁକାର୍ଯ୍ୟ ଖଚିତ ମନ୍ଦିର ନୁହେଁ । ଅନ୍ୟାନ୍ୟ ମନ୍ଦିରର ମୁଖଶାଳାପରି ପୂର୍ବମୁଖାସୀନା କାଳିଜାଇଙ୍କର ମନ୍ଦିରକୁ ଲାଗି ଏକ ବଡ଼ ମଣ୍ଡପ ନିର୍ମିତ ହୋଇଛି । ଚିଲିକାର ଅଥଳ ଜଳରାଶି ମନ୍ଦିରର ପାହାଚଗୁଡ଼ିକୁ ଧୌତକରି କଳକଳନାଦରେ ମା'ଙ୍କର ମହିମା କୀର୍ତ୍ତନ କରିବାରେ ସତେ ଯେପରି ଅହରହ ବ୍ୟଗ୍ରହୋଇ ତାଙ୍କ ନିକଟରେ ନତମସ୍ତକ ହୋଇ ରହିଛି । ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଭୋଗ ଘର ଓ ବିଶ୍ରାମାଗାର ରହିବା ସଙ୍ଗେ ସଙ୍ଗେ ଏହାର ଅନତିଦୂରରେ ମଧୁର ଜଳବିଶିଷ୍ଟ ଗୋଟିଏ କୂପ ମଧ୍ୟ ଖନନ କରାଯାଇଛି । ବିଷ୍ଣୁପୀଠାସୀନା ବନ୍ଧାବତୀଙ୍କର ଚୌରା ମା'ଙ୍କ ସ୍ଥଳୀକୁ ଆହୁରି ପବିତ୍ର କରିବା ସଙ୍ଗେ ସଙ୍ଗେ ନାନାଜାତି ପୁଷ୍ପଫଳ ଶୋଭିତ ଏହି ସ୍ଥାନଟି ଅତ୍ୟନ୍ତ ମନୋହର । କାଳିଜାଇ ପାହାଡ଼ଟିର ମଧ୍ୟଦେଶରେ ଥିବା ଏକ କ୍ଷୁଦ୍ର ପୁଷ୍କରିଣୀକୁ ଗୋଟିଏ ଚଲାବାଟ ପଡ଼ିଅଛି । ଗୁଳ୍ମଲତା ପରିପୂର୍ଣ୍ଣ, ପକ୍ଷୀମାନଙ୍କର ସୁମଧୁର ରବରେ ପ୍ରତିଧ୍ୱନିତ ଏହି ପୀଠଟିର ପ୍ରାକୃତିକ ପରିବେଶ ଅତ୍ୟନ୍ତ ମନୋରମ । ମନ୍ଦିରର ସମ୍ମୁଖଭାଗସ୍ଥ ମଣ୍ଡପାସୀନ ହେଲେ ଚିଲିକାର ପ୍ରାକୃତିକ ବର୍ଣ୍ଣବୈଭବ, ନାବିକମାନଙ୍କର ଅପୂର୍ବ ନୌରଞ୍ଜନ, ନାନାଜାତି ବିହଙ୍ଗମଙ୍କର ଜଳକ୍ରୀଡ଼ା ତଥା ଅନ୍ୟାନ୍ୟ ଦୃଶ୍ୟ ଦେଖି ଦର୍ଶକ ଅତ୍ୟନ୍ତ ତୃପ୍ତି ଲାଳସାରେ କେଉଁ ଏକ ସ୍ୱପ୍ନରାଜ୍ୟର ମଧୁପୁରୀରେ ନିଜର ଆତ୍ମସନ୍ତୋଷ ଲାଭ କରୁଥାଏ ।

ଏହି ପୀଠଟିରେ ମକର ସଂକ୍ରାନ୍ତିଦିନ ବର୍ଷକେ ଥରେ ଏକ ବଡ଼ ପର୍ବ ହୁଏ । ଏଠାରେ ବହୁଲୋକ ରୁଣ୍ଡ ହୁଅନ୍ତି । ପାଲା, ସଙ୍ଗୀତ, ଦାସକାଠିଆ ଓ ନାଚ ପ୍ରଭୃତିରେ ସ୍ଥାନଟି ମୁଖରିତ ହୋଇଥାଏ । ଦିନଟିସାରା ଲୋକମାନଙ୍କର ଆନନ୍ଦକୋଳାହଳ ମଧ୍ୟରେ ଗଗନ ପବନ କମ୍ପି ଉଠିବା ସଙ୍ଗେ ସଙ୍ଗେ ଚିଲିକା ମଧ୍ୟ ତାର କୁଳୁକୁଳୁ ତାନରେ ଅନୁରୂପ ଆନନ୍ଦକୋଳାହଳ ମଧ୍ୟରେ ନିଜକୁ ଭାଗ୍ୟବତୀ ମନେ କରୁଥାଏ । ଅନେକ ଲୋକ ମଧ୍ୟ

ପୂର୍ବେ ଏହି ସ୍ଥାନରେ ... ସମାପନ କରିଥାନ୍ତି । ଏହି ସ୍ଥାନଟି

ପୁଣ୍ୟାର୍ଥୀମାନଙ୍କର ବିବାହବ୍ରତାଦି ଶୁଭକାର୍ଯ୍ୟମାନ ଏଠାରେ ମହାସମାରୋହରେ ସମାପନ କରିଥାନ୍ତି । ଏହି ସ୍ଥାନଟି ମଧ୍ୟ ବଣଭୋଜି ପାଇଁ ପ୍ରଶସ୍ତ । ରହିବା, ରନ୍ଧାବଢ଼ାପାଇଁ ବାସଗୃହ, ମଧୁର ଜଳର ମଧ୍ୟ ଉପଯୁକ୍ତ ବ୍ୟବସ୍ଥା ରହିଛି । ବିଶେଷ କରି ବାଲୁଗାଁ ଠାରୁ ପ୍ରତ୍ୟହ ମା'ଙ୍କ ନିକଟକୁ ଯିବାପାଇଁ ଜଳଯାତ୍ରା ମଧ୍ୟ ବେଶ୍ ସୁଗମ ହୋଇ ପାରିଛି । ସରକାରଙ୍କ ପର୍ଯ୍ୟଟନ ବିଭାଗ ତରଫରୁ ଗୋଟିଏ ମଟର ଲଞ୍ଚ ମା'ଙ୍କ ନିକଟକୁ ସ୍ୱଳ୍ପ ଭଡ଼ାରେ ଯାତାୟାତ କରେ । ଏତଦ୍‌ବ୍ୟତୀତ ନୌକା ଓ ଅନ୍ୟାନ୍ୟ ଲଞ୍ଚର ମଧ୍ୟ ବେଶ୍ ସୁବିଧା ରହିଛି । ଯାତ୍ରୀମାନଙ୍କର ସୁବିଧା ପାଇଁ ସରକାରଙ୍କ ତରଫରୁ ଚିଲିକାକୂଳସ୍ଥ ବଡ଼କୁଳରେ ଡାକବଙ୍ଗଳା ଏବଂ ରମ୍ଭାରେ ପାନ୍ଥନିବାସ ଖୋଲାଯାଇଛି । ରହିବା ଓ ଖାଇବାର ମଧ୍ୟ ସୁବନ୍ଦୋବସ୍ତ କରାଯାଇଛି ।

୧୯୬୦ ମସିହାରେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ପଥରା ଗ୍ରାମ ନିବାସୀ ଶ୍ରୀ ନାରାୟଣବାଲା ଓ ତହସିଲଦାର (ଦେବୋ-ତ୍ତର) ଶ୍ରୀଗଣେଶ୍ୱର ତ୍ରିପାଠୀ କାଳିଜାଇଙ୍କ ମନ୍ଦିର ସାମ୍ନାରେ ଏକ ସୁନ୍ଦର ମଣ୍ଡପ ଏବଂ ଏକ ବିଶ୍ରାମାଗାର ନିର୍ମାଣ କରିଛନ୍ତି । ଏହି ପୀଠଟିର ଅଧିକ ଉନ୍ନତିପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଗଲେ ଏହି ପୀଠ ଓଡ଼ିଶାର ଏକ ପ୍ରଧାନ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହୋଇପାରିବ ।

---

# ବଲାଙ୍ଗିର ଜିଲ୍ଲାର ଭୂତଳ ଜଳ-ତାତ୍ତ୍ୱିକ ପରିବେଶ

**ତ୍ରିଲୋଚନ ଦାଶ, ଇଂଜିନିୟର**

ବହିଯାଏ ସମୟ ଆଉ ଜଳ । କୃଷୀବାପୁଡ଼ା ଚାହିଁରହେ ଆକାଶକୁ ଇନ୍ଦ୍ରଙ୍କର ଦୟା ଉପରେ ତା ଭାଗ୍ୟଡୋରିକୁ ଛାଡ଼ିଦେଇ ।

ପକୃତି କିନ୍ତୁ ନିଷ୍କରୁଣ ନୁହେଁ । ବହିଯିବା ଜଳକୁ ଛାଡ଼ିଦେଇ ଭୂଅନ୍ତରରେ ରଖିଛି ଭୂତଳ ଜଳସମ୍ପଦ । ସଚ୍ଛିଦ୍ର ମୃତ୍ତିକା ଓ ଶିଳାସ୍ତର ଦେଇ ବୃଷ୍ଟିଜଳ ବିଗଳିତ ହୋଇ ସୃଷ୍ଟି କରେ ଭୂତଳ ଜଳଭଣ୍ଡାର ।

ଏହି ଭୂଗର୍ଭ ଜଳ ସମ୍ପଦର ପରିମାଣ ବହୁତ ଏବଂ ଏହାକୁ ସ୍ୱଳ୍ପ ଖର୍ଚ୍ଚରେ କୃଷି କର୍ମରେ ବିନିଯୋଗ କରିପାରିଲେ ସବୁଜ ବିପ୍ଳବ ସାଫଲ୍ୟମଣ୍ଡିତ ହେବ । କୃଷିକର୍ମ ବ୍ୟତୀତ ମରୁଡ଼ି ପ୍ରପୀଡ଼ିତ ଅଞ୍ଚଳରେ ପାନୀୟ ଜଳାଭାବ ଦୂରୀକରଣରେ ମଧ୍ୟ ଭୂଗର୍ଭ ଜଳ ଉତ୍ତୋଳିତ ହୋଇ ବ୍ୟବହୃତ ହୋଇପାରିବ ।

କ୍ରମାନ୍ୱୟରେ ମରୁଡ଼ି ପ୍ରପୀଡ଼ିତ ପଶ୍ଚିମ ଓଡ଼ିଶାରେ ଭୂଗର୍ଭ ଜଳର ପୂର୍ଣ୍ଣ ସଦୁପଯୋଗ ଲକ୍ଷ୍ୟରେ ଉଠା ଜଳସେଚନ ନିର୍ଦ୍ଦେଶାଳୟର ଆନୁକୂଲ୍ୟରେ ୧୯୬୭ ମସିହାରେ ଆରମ୍ଭ ହୋଇଥିଲା ଭୂଗର୍ଭ ଜଳ ଅନୁସନ୍ଧାନ କାର୍ଯ୍ୟକ୍ରମ ମହାନଦୀ ଓ ତାର ଉପନଦୀମାନଙ୍କର ଅବବାହିକାରେ । ଏହି ଅନୁସନ୍ଧାନ ଫଳରେ କେତେକ ଅଞ୍ଚଳରେ ପ୍ରଚୁର ପରିମାଣରେ ଭୂତଳ ଜଳ ସମ୍ପଦ ପରିଲକ୍ଷିତ ହୋଇଛି । କେତେକ ଅପେକ୍ଷାକୃତ ସ୍ୱଳ୍ପ ପରିମାଣ ଭୂତଳ ଜଳଭଣ୍ଡାରମାନ ମଧ୍ୟ ଚାଷୀର ଶାରଦ ଜଳ ଆବଶ୍ୟକତା ପରିପୂରଣ କରିବାକୁ ସମର୍ଥ ।

## ଭୂତାତ୍ତ୍ୱିକ ପରିବେଶ

ବଲାଙ୍ଗିର ଜିଲା ଭାରତୀୟ ପରୀସମୀକ୍ଷା (Survey of India) ମାନଚିତ୍ର ନଂ ୬୪ ସି' ଏଲ୍' ଡି ଏବଂ କେ ମଧ୍ୟରେ ଅବସ୍ଥିତ । ଏହା ୨୦° ୯' ଉତ୍ତର ଅକ୍ଷାଂଶରୁ ୨୦° ୧୧' ଉ ଅକ୍ଷାଂଶ ଏବଂ ୮୨° ୪' ପୂର୍ବ ଦ୍ରାଘିମାରୁ ୮୨° ୧୨'ପୂ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ମହାନଦୀ, ତେଲ ଏବଂ ଏହି ଦୁଇ ନଦୀର ଉପନଦୀଗୁଡ଼ିକ (ଲାଂଥ, ଅଙ୍ଗ, ସକତେଲ, ସେନେଗୁଡ଼ି ଇତ୍ୟାଦି) ବଲାଙ୍ଗିର ଜିଲା ମଧ୍ୟରେ ପ୍ରବାହିତ । ବସ୍ତୁତଃ ମହାନଦୀ ଓ ତେଲ ନଦୀ ଏହି ଜିଲାର ଭୂତତ୍ତ୍ୱକୁ (Geohydrology) ଅନେକାଂଶରେ ନିୟନ୍ତ୍ରିତ କରିଛନ୍ତି ।

ଜିଲାର ପଶ୍ଚିମାଂଶ ମାଙ୍କଡ଼ାପଥର ମୃତ୍ତିକା ଦ୍ୱାରା ଗଠିତ । ଏହାଛଡ଼ା କେତେକାଂଶରେ କୃଷ୍ଣକାର୍ପାସ ମୃତ୍ତିକା ଦେଖାଯାଏ । ବଲାଙ୍ଗିର ଓ ଲୋଇସିଂହା ପ୍ରଭୃତି ଅଞ୍ଚଳର ମୃତ୍ତିକା ପ୍ରଧାନତଃ କୃଷ୍ଣକାର୍ପାସ ଜାତୀୟ । ଏହି ଜିଲାର ପୂର୍ବାଞ୍ଚଳରେ ସାଧାରଣତଃ ଲାଲ ମୃତ୍ତିକା ଦେଖାଯାଏ । ବିଭିନ୍ନ ନଦୀର ଉଭୟ ପାର୍ଶ୍ୱରେ ଓ ଅନ୍ୟ କେତେକ ସ୍ଥାନରେ ବିଭିନ୍ନ ଗଭୀରତାର ସ୍ରୋତବାହିତ ମୃତ୍ତିକା (Alluvium) ଦେଖାଯାଏ । ଉପରିସ୍ଥ ଏହି ସ୍ରୋତ ବାହିତ ମୃତ୍ତିକା ୫ ଫୁଟ୍ ରୁ ୨୦ ଫୁଟ୍ ବା ତଦୂର୍ଦ୍ଧ୍ୱ ଗଭୀରତାରେ ହୋଇଥାଏ । ଶାରଦ ଧାନ ଏ ଅଞ୍ଚଳର ପ୍ରଧାନ ଶସ୍ୟ ।

ବଲାଙ୍ଗିର ଜିଲ୍ଲାର · ସାଧାରଣତଃ ଏଇ ଏକଫସଲି ଗୁଣ୍ଡ ହୋଇ ବର୍ଷର ଅନ୍ୟ ସମୟ
କୃଷିଯୋଗ୍ୟ ଜମିର ୩୦ ଭାଗରୁ ୮୦ ଭାଗ
ପଡ଼ିଆ ପଡ଼େ । ସ୍ଥାନେ ସ୍ଥାନେ ଚିନାବାଦାମ, କୋଳଥ ଓ ସୋରିଷ ପ୍ରଭୃତି ଗୁଣ୍ଡ ହୁଏ । କ୍ଷୁଦ୍ର ଜଳସେଚନର କୂପକୁ ଢେଣ୍ଡା
ଲଗାଇ ବହୁତ ସ୍ଥାନରେ ଶସ୍ୟୋତ୍ପାଦନ ସକାଶେ ଜଳଉତ୍ତୋଳନ କରାଯାଏ ।

ବଲାଙ୍ଗିର ଜିଲ୍ଲାର ପ୍ରଧାନ ଶିଳା ପ୍ରକାର ହେଲା (୧) ଗାରନେଟି ଫେରସ୍ ନିସ୍ ଓ ସିଷ୍ଟ, (୨) ଖଣ୍ଡାଲାଇଟ୍, (୩) ପେଗମାଟାଇଟ୍, (୪) ବାଲିପଥର, (୫) ଶେଲ୍, (୬) ମାଙ୍କଡ଼ାପଥର ।

ଗାରନେଟି ଫେରସ୍ ନିସ୍ ଓ ସିଷ୍ଟ ବହୁତ ଅଞ୍ଚଳରେ ପରିବ୍ୟାପ୍ତ । ଖଣ୍ଡାଲାଇଟ୍ ଶିଳା ଜିଲ୍ଲାର ଉତ୍ତର ପଶ୍ଚିମାଞ୍ଚଳରେ ବହୁତ ପରିମାଣରେ ପରିଦୃଷ୍ଟ ହୋଇଥାଏ । ସୂକ୍ଷ୍ମରୁ ସ୍ଥୂଳକଣିକା ଗଠିତ ବାଲିପଥର ସାଲେଭଟା ଓ ଉପରବାହାଲ ଅଞ୍ଚଳରେ ଦେଖାଯାଏ । ଏହା ଅଙ୍ଗନଦୀର ଅବବାହିକାରେ ଲକ୍ଷ୍ମୀପୁର ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଅଛି । ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଭିନ୍ନ ଉଚ୍ଚତାରେ ମାଙ୍କଡ଼ାପଥର ପରିଲକ୍ଷିତ ହୁଏ । ମାଙ୍କଡ଼ାପଥରମାନ ସଚ୍ଛିଦ୍ର ଓ ଜଳବାହୀ ।

ବଲାଙ୍ଗିର ଜିଲ୍ଲାର ଜଳବାୟୁ ଉପଉଷ୍ଣୀୟ (Sub-tropical) ଗ୍ରୀଷ୍ମଦିନରେ ପ୍ରଚଣ୍ଡ ଉତ୍ତାପ (୪୧·୪୦ ସେଣ୍ଟିଗ୍ରେଡ ପ୍ରାୟ) ହୋଇଥାଏ । ସାମୟିକ ଘୂର୍ଣ୍ଣିବାତ୍ୟା ଓ କରକାପାତ ମଧ୍ୟ ହୋଇଥାଏ । ଜୁନ ମାସ ୨ୟ ସପ୍ତାହରୁ ବର୍ଷାଗମ ହୋଇଥାଏ । ବର୍ଷାଋତୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ବଳବତର ଥାଏ । ଗ୍ରୀଷ୍ମର ପ୍ରଚଣ୍ଡ ରୌଦ୍ର ଓ ଶୀତର ଅସହ୍ୟ ଶୈତ୍ୟ ଏ ଜଳବାୟୁର ବୈଶିଷ୍ଟ୍ୟ । ଶୀତଦିନେ ହାରାହାରି ସର୍ବନିମ୍ନ ଉତ୍ତାପ ୧୩·୨° ସେଣ୍ଟିଗ୍ରେଡ ।

ଏହି ଜିଲ୍ଲାର ହାରାହାରି ବାର୍ଷିକ ବୃଷ୍ଟିପାତ ୧୪୪୩·୫ ମି· ମି· (୫୬·୮୩") ; ବାର୍ଷିକ ବୃଷ୍ଟିଦିନ (Rainy day) ହାରାହାରି ୬୭ ଦିନ ; ବିଭିନ୍ନ ସ୍ଥାନରେ ବୃଷ୍ଟିପାତର ବିଭିନ୍ନତା ଓ ଅସାମୟିକ ବୃଷ୍ଟିହିଁ ମରୁଡ଼ିରେ ପର୍ଯ୍ୟବସିତ ହୁଏ । ବଲାଙ୍ଗିରର ନଦୀସମୂହ ସାଧାରଣତଃ ବନ୍ୟା ଜଳ ପୁଷ୍ଟ, ବିଭିନ୍ନ ନଦୀର ଗ୍ରୀଷ୍ମପ୍ରବାହ (Dry weather flow) ମଧ୍ୟ ବହୁତ ଅଳ୍ପ । ମହାନଦୀର ଗ୍ରୀଷ୍ମପ୍ରବାହ ପ୍ରାୟ ୧୦୦,୦୦୦ ଘ: ଫୁ: ସେ: । ତେଲନଦୀର ଗ୍ରୀଷ୍ମପ୍ରବାହ ୩୦ ଘ: ଫୁ: ସେ: । ଏତଦ୍‌ବ୍ୟତୀତ ଅଙ୍ଗ, ସଗଡ଼ା ଓ ସୁକତେଲର ଗ୍ରୀଷ୍ମପ୍ରବାହ ଅତି ଅଳ୍ପ । ଲାଂଶ ଓ ଉଦନ୍ତୀର ଗ୍ରୀଷ୍ମପ୍ରବାହ ପ୍ରାୟ ନାହିଁ କହିଲେ ଚଳେ ।

ବଲାଙ୍ଗିର ଜିଲ୍ଲାର ପ୍ରକୃତି ବିନଷ୍ଟସ୍ତର (Weathered, zone) ଭୂଗର୍ଭ ଜଳର ଏକ ମୁଖ୍ୟ ଉତ୍ସ । ଭୂଗର୍ଭସ୍ଥ ଯୋଡ଼ା (joints), ଫାଟ ପ୍ରଭୃତି ଭୂଗର୍ଭଜଳର ଆଧିକ୍ୟରେ ସାହାଯ୍ୟ କରନ୍ତି । ଏହି ଜିଲ୍ଲାର ସାଲେଭଟା ପ୍ରଭୃତି ଅଞ୍ଚଳରେ ବାଲିପଥର ଏକ ମଧ୍ୟମ ଧରଣର ଜଳଧାରକ ସ୍ତର ବୋଲି (Aquifer) ଜଣାଯାଉଛି ।

ଉଠା ଜଳସେଚନର ଭୂଗର୍ଭଜଳ ଅନୁସନ୍ଧାନ ସଂସ୍ଥା ତରଫରୁ ବିଭିନ୍ନ ଗ୍ରାମମାନଙ୍କରେ ପରିସମୀକ୍ଷା କରାଯାଇ ବିଭିନ୍ନ ସ୍ଥାନରେ ପ୍ରକୃତି ବିନଷ୍ଟସ୍ତରର ପରିବ୍ୟାପ୍ତି ଓ ଜଳତତ୍ତ୍ୱର ବିଭିନ୍ନ ପରୀକ୍ଷା କରାଯାଉଛି ।

ପ୍ରତ୍ୟେକ ପଞ୍ଚାୟତ ସମିତି ଅଞ୍ଚଳରେ ସଘନ ଅନୁସନ୍ଧାନ (Intensive investigation) କରାଯାଇ ସେହିସବୁ ପଞ୍ଚାୟତ ସମିତି ନିମିତ୍ତ ପରିକଳ୍ପନା (Scheme) ପ୍ରସ୍ତୁତ କରାଯାଉଛି । ଭୂଗର୍ଭ ଜଳଭଣ୍ଡାରର ଉର୍ଦ୍ଧ୍ୱାଧ (Fluctuation) ଗତି ଜାଣିବା ନିମିତ୍ତ କୂପମଧ୍ୟସ୍ଥ ଜଳର ପରିବର୍ତ୍ତିତ ସମତା

(Reduced level) ବୀକ୍ଷଣ ନଳୀ ସାହାଯ୍ୟରେ ବାହାର କରାଯାଏ । ବିଭିନ୍ନ ନଦୀ ଓ ଉପନଦୀଗୁଡ଼ିକ ସେଗୁଡ଼ିକର ଅବବାହିକାରେ ଭୂଜଳ ତତ୍ତ୍ୱ ଉପରେ (Geohydrology) କିପରି ପ୍ରଭାବପାତ କରୁଛନ୍ତି ତାହା ଜଳପତନର ସମତାକୁ ନେଇ ଉଚ୍ଚତା ନିର୍ଦ୍ଦେଶକ ମାନଚିତ୍ର (Water table level contour map) ପ୍ରସ୍ତୁତ କଲାପରେ ଜଣାଯାଇଥାଏ ।

ବିଭିନ୍ନ ଜଳତାତ୍ତ୍ୱିକ ଦୃଷ୍ଟିରୁ ନିର୍ଦ୍ଦିଷ୍ଟୀକୃତ କୂପରେ ପମ୍ପଦ୍ୱାରା ପରୀକ୍ଷା କରାଯାଏ । ପରୀକ୍ଷାର ଫଳାଫଳରୁ ସେହିପ୍ରକାର ବାତାବରଣରେ (Environment) ଗୋଟାଏ କୂଅ କେତେ ଜଳ ଦେଇପାରିବ ତାହା ବିଭିନ୍ନ ରେଖଚିତ୍ର (Graph) ସାହାଯ୍ୟରେ ବାହାର କରାଯାଏ । ବିଭିନ୍ନ ଉଚ୍ଚରେ ବିଭିନ୍ନ ଗଭୀରତାର ଜଳ-ଉତ୍ତୋଳନ କଲେ (Imposing diff. draw-downs) ତାହା ରାତ୍ରିର ୧୨ ଘଣ୍ଟା ବିଶ୍ରାମରେ କିପରି ପୂରିତ ହେବ (Recouperate) ତାହା ମଧ୍ୟ ନିର୍ଣ୍ଣୟ କରାଯାଏ । ଭୂଗର୍ଭର ଏହି ଜଳର ପ୍ରାକ୍‌କଳନ (Estimation) କରାଯାଇ ତାହା ଏକ ଆଦର୍ଶ ଫସଲ ସୂଚୀରେ (Cropping pattern) କେତେ ପାଣି ମଡାଇପାରିବ ତାହା ବାହାର କରାଯାଏ । ପମ୍ପ ପରୀକ୍ଷା ଦ୍ୱାରା ବିଭିନ୍ନ ସ୍ତରର ଜଳୀୟ ପରିବହନରୁ (Hydraulic conductivity) ଜଣାପଡେ ।

ଭୂପୃଷ୍ଠର ଏହି ପ୍ରକୃତି ବିନଷ୍ଟସ୍ତରର ଆଞ୍ଚଳିକ ପରିବ୍ୟାପ୍ତି ପାଠ କରିବା ନିମିତ୍ତ ବିଭିନ୍ନ ସ୍ଥାନରେ ତୀର୍ଯ୍ୟକ ଛେଦ (Cross section) ନିଆଯାଇଥାଏ । ପମ୍ପ ପରୀକ୍ଷା ଦ୍ୱାରା କୂପର ନିର୍ଦ୍ଦିଷ୍ଟ ଧାରଣଶକ୍ତି (Specific capacity) ମଧ୍ୟ ବାହାର କରାଯାଏ ।

ଭୂଗର୍ଭ ଜଳର ବ୍ୟବହାର ସମ୍ବନ୍ଧରେ ପରିକଳ୍ପନା ପୂର୍ବରୁ ଜଳର ବାର୍ଷିକ ଅନ୍ତଃ ଓ ବହିଃପ୍ରବେଶ ହିସାବ (Ground water budgeting) ହେବା ଉଚିତ । ଭୂଗର୍ଭଜଳର ପରିଭରଣର ଉତ୍ସ ହେଉଛି ବୃଷ୍ଟିପାତ, ବିଭିନ୍ନ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଧରଣର ଜଳଭଣ୍ଡାର (Reservoir) । ବିଭିନ୍ନ ଜଳାଧାରର ବିସ୍ତୃତ ବୃଷ୍ଟିପାତହିଁ ଏହି କ୍ରିୟାର ପ୍ରଧାନ ପରିଭରଣ ଉତ୍ସ । ଯଦି ପରିଭରଣ ପରିମାଣରୁ ବହିର୍ସ୍ରାବ ପରିମାଣ ବେଶି ହୋଇଯାଏ ଭୂଗର୍ଭ ଜଳଭଣ୍ଡାରର ପତନ କ୍ରମଶଃ ନିମ୍ନ ହୋଇ କୂପସବୁ ଶୁଷ୍କ ହୋଇଯିବ । କିନ୍ତୁ ଦରକାର ସମୟରେ ଭୂଗର୍ଭ ଜଳଭଣ୍ଡାରରୁ କେତେକ ପରିମାଣ ଜଳ ବାହାରକରି ନିଆଯାଇପାରେ । ସେହି ବହିଃସ୍ରୁତ ଜଳ ବୃଷ୍ଟିବହୁଳ ବର୍ଷମାନଙ୍କରେ ପରିଭରଣ ଦ୍ୱାରା ପରିପୂର୍ଣ୍ଣ ହେବ । ଏହି ପ୍ରକାରେ ବିଭିନ୍ନ ସ୍ଥାନରେ ବ୍ୟବହାର ଉପଯୋଗୀ ଭୂଗର୍ଭ ଜଳର ପରିମାଣ ପ୍ରାକ୍‌କଳନ କରାଯାଇଥାଏ ।

ଏହି ପ୍ରାକ୍‌କଳିତ ଜଳ ଅନୁସାରେ ଗୋଟିଏ ସ୍ଥାନରେ କୂପମାନଙ୍କର ସଂଖ୍ୟା ସ୍ଥିର କରାଯାଏ । କୂପମାନଙ୍କର ଦୂରତ୍ୱ ମଧ୍ୟ ଏପରି ଭାବରେ ସ୍ଥିର କରାଯାଏ ଯେପରି ଗୋଟିଏ କୂପ ଅନ୍ୟ କୂପର ଜଳ ନିଷ୍କାସନର ପ୍ରଭାବରୁ ମୁକ୍ତ ରହିବ କିମ୍ବା ବିଶେଷ ଆକ୍ରାନ୍ତ ହେବନାହିଁ ।

ପ୍ରକୃତି ବିନଷ୍ଟସ୍ତରର ଗଭୀରତା ପ୍ରକୃତି ବିନଷ୍ଟ ବା ଯନ୍ତ୍ରୀକରଣ ପରିମାଣ (Degree of weathering) ଏବଂ ବିଭିନ୍ନ ଭୂତାତ୍ତ୍ୱିକ ସ୍ତରର (Geographical formation) ଉତ୍ତମରୂପେ ଅନୁଧ୍ୟାନଠାରୁ

ସାଲେଭଟା, ଇପରବାହାଲ ଓ ସାଲେପାଲି ପ୍ରଭୃତି ବିଭିନ୍ନ ସ୍ଥାନରେ ଖନନ ଯନ୍ତ୍ରଦ୍ୱାରା ପରୀକ୍ଷାମୂଳକ ଖନନ କରାଯାଏ । (Trial boring) କରାଯାଇଛି । ଏତଦ୍‌ଭିନ୍ନ ବିଭିନ୍ନ ସ୍ଥାନରେ (Rig) ପରୀକ୍ଷାମୂଳକ ଖନନ ହସ୍ତଖନନ ମଧ୍ୟ କରାଯାଇଛି (Hand boring) ।

ପ୍ରାକ୍କଳନ ଦ୍ୱାରା ଦେଖାଯାଇଛି ଯେ କୂପର ବ୍ୟାସ ଯେତେ ବଡ ହେବ ତାହାଦ୍ୱାରା ଜଳସେଚିତ ଜମିର ପରିମାଣ ସେତେ ବେଶି ହେବ । ଏକର ପିଛା ଖର୍ଚ୍ଚର ପରିମାଣ ଓ ଏକର ଇଞ୍ଚ ବ୍ୟବହୃତ ଜଳନିମିର ଖର୍ଚ୍ଚ କମିଯିବ । କିନ୍ତୁ କୂପର ବ୍ୟାସ ବହୁତ ବଢାଇଲେ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ଓ ପ୍ରାଥମିକ ବ୍ୟବହୃତ ଧନ (Primary investment) ବେଶ ହୋଇଯାଏ । ବଲାଙ୍ଗିର ଜିଲ୍ଲାର ଅଧିକାଂଶ ଅଞ୍ଚଳପାଇଁ ୨୦ ଫୁଟ ବ୍ୟାସ ବିଶିଷ୍ଟ ଦୃଷ୍ଟିରୁ ସର୍ବୋତ୍କୃଷ୍ଟ ବୋଲି ସ୍ଥିରୀକୃତ ହୋଇଛି ।

ଉଚ୍ଚ ଅମଳକ୍ଷମ ଧାନର ଆଧାର ସମୟ (Base period) ୮୦ ଦିନ ଓ ସାଧାରଣତଃ ଆବଶ୍ୟକୀୟ ଜଳ ପରିମାଣ ଏକରପିଛା ୧୫ ଏକରଇଞ୍ଚ ନେଲେ ୨୦ ଫୁଟ ବ୍ୟାସ କୂପ ୧୦ ଏକରରୁ ୧୨ ଏକର ପର୍ଯ୍ୟନ୍ତ ଜମିକୁ ଜଳର ପରିପୂରଣ କରିବ (Supplement water) । ଶୀତଦିନେ ଗହମ ଫସଲ କରାଯିବ ବୋଲି ଧରାଯାଇ ତାହାର ଆଧାର ସମୟ ୮୫ ଦିନ ନିଆଯାଇଛି । ଗହମ ୪ରୁ ୫ଥର ପାଣି ଦରକାର କରେ । ଏହାର ଦରକାରୀ ଜଳ ପରିମାଣ ଏକର ପିଛା ୧୫ ଏକରଇଞ୍ଚ ଧରିଲେ ୨୦ ଫୁଟ କୂଅ ପ୍ରାୟ ୨ ଏକରରୁ ୫ ଏକର ପର୍ଯ୍ୟନ୍ତ ଜମିକୁ ସେଚିତ କରିପାରିବ । ଖରାଦିନରେ ସ୍ୱଳ୍ପ ଆଧାର ଦିନଫସଲ ଯଥା ମାଣ୍ଡିଆ, ଚିନାବାଦାମ ଓ କଖାରୁ ପ୍ରଭୃତି କରାଯିବ । ପାଣିକୁ (optimum) ସର୍ବୋତ୍କୃଷ୍ଟ ଭାବରେ ବ୍ୟବହାର କରାଯିବ । ଏହାର ଆଧାର ସମୟକୁ ୬୦ ଦିନ ନେଇ ୧୦ ଦିନରେ ଥରେ ପାଣିନେଇ ଫସଲ ଉତ୍ପନ୍ନ କଲେ ଗୋଟିଏ କୂପ ପ୍ରାୟ ୧ରୁ ୩ ଏକର ଜମିକୁ ସେଚିତ କରିପାରିବ । କୃଷକମାନଙ୍କୁ ଏ ଦିଗରେ ସାହାଯ୍ୟ କରିବାପାଇଁ ବ୍ଳକ୍‌ଉନ୍ନୟନ ଅଫିସର, କ୍ଷୁଦ୍ର କୃଷକ ଉନ୍ନୟନ ସଂସ୍ଥା (S. F. D. A.), ଉଠା ଜଳସେଚନ ବିଭାଗର କର୍ମକର୍ତ୍ତା ସମବାୟ, ବିଭାଗର ସହକାରୀ ନିବନ୍ଧକ ଓ ବିଦ୍ୟୁତ ବିଭାଗର କର୍ମକର୍ତ୍ତା ପ୍ରଭୃତି ଅଛନ୍ତି । ବିଭିନ୍ନ ବ୍ୟାଙ୍କ ଓ ଭୂବନ୍ଧକ ବ୍ୟାଙ୍କ ସେମାନଙ୍କର ଆବଶ୍ୟକୀୟ ଅର୍ଥ ଧାର ସୂତ୍ରରେ ଦେବେ । ବିଭିନ୍ନ ପରିକଳ୍ପନାର ବୈଷୟିକ ପରିଚାଳନା (Technical guidance) ଉଠା ଜଳସେଚନର ଅଫିସରମାନେ ପରିବହନ କରିବେ ।

ଭୂଗର୍ଭଜଳ ଅନୁସନ୍ଧାନ ସଂସ୍ଥା ତରଫରୁ ୧୯୭୦-୭୧ ସୁଦ୍ଧା ଲୋଇସିଂହା, ବଲାଙ୍ଗିର-୧, ବଲାଙ୍ଗିର-୨, ତରଭା, ପାଟଣାଗଡ ଓ ବେଲପଡା ପଞ୍ଚାୟତ ସମିତିମାନଙ୍କର ପରିକଳ୍ପନାମାନ ପ୍ରସ୍ତୁତ ହୋଇ ପଲ୍ଲୀ ବିଦ୍ୟୁତ କର୍ମସଂସ୍ଥାକୁ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସଂସ୍ଥାକୁ ଦେଇ ସେମାନଙ୍କର ଯୋଜନାମାନ ପ୍ରସ୍ତୁତ କରିବାକୁ ଅନୁରୋଧ କରାଯାଇଛି । ୧୯୭୧-୭୨ ମଧ୍ୟରେ ସଇଁତଲା, ସୋନପୁର, ଟିଟିଲାଗଡ, ଖପରାଖୋଲ, ବଙ୍ଗୋମୁଣ୍ଡା ଓ ତୁରେଇକେଲା ପଞ୍ଚାୟତ ସମିତିମାନଙ୍କର ପରିକଳ୍ପନା ପ୍ରସ୍ତୁତି ହୋଇଅଛି । ଅନ୍ୟ କେତେକ ପଞ୍ଚାୟତ ସମିତିର ସମୀକ୍ଷା (Survey) ସରିବାପରେ ସେଗୁଡ଼ିକର ପରିକଳ୍ପନା କାର୍ଯ୍ୟ ଆରମ୍ଭ ହେବ । ୧୯୭୦-୭୧ ମଧ୍ୟରେ ପରିକଳ୍ପନା ପ୍ରସ୍ତୁତ ହୋଇଥିବା ପଞ୍ଚାୟତ ସମିତିମାନଙ୍କର କ୍ଷେତ୍ରଫଳ ୬୨୧ ବର୍ଗମାଇଲ । ଏଥିରେ ୫୨୫ଟି ଗ୍ରାମରେ ୧୧,୬୯୦ଟି କୂପ ଖନନ ବନ୍ଦୋବସ୍ତ ଅଛି । ଏହା ଖରିଫ ଫସଲକୁ ମରୁଡ଼ିରୁ ରକ୍ଷାକରିବ ଏବଂ ୩୫,୩୭୦ ଏକର ଜମିକୁ ଜଳସେଚିତ କରିବ । ଏହାର ଏକରପିଛା ଖର୍ଚ୍ଚ ଟ ୬୦୦ ରୁ ୭୦୦ ଟଙ୍କା ମଧ୍ୟରେ ପଡ଼ିବ ।

ଅନୁରୂପ ବ୍ୟବସ୍ଥାମାନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗ୍ରହଣ କରାଯାଉଅଛି । ସବୁଜ ବିପ୍ଳବ ସଙ୍ଗେ ସଙ୍ଗେ ରାଜ୍ୟର ସମୂହ ଉନ୍ନତିସାଧନ ଏସବୁ ପରିକଳ୍ପନା ଗୁଡ଼ିକର ଅନ୍ତିମ ଲକ୍ଷ୍ୟ । ଢେଙ୍କାନାଳ ଜିଲ୍ଲାରେ କ୍ଷୁଦ୍ର କୃଷକ ଉନ୍ନୟନ ସଂସ୍ଥା ଓ ବ୍ୟକ୍ତିଗତ ଉଦ୍ୟମରେ କୂପମାନ ଖୋଦିତ ହୋଇଅଛି ଏବଂ ଉଠା ଜଳସେଚନ କରାଯାଇ ଭୂତଳ ଜଳ ଅନୁସନ୍ଧାନ ଶାଖାର ବୈଜ୍ଞାନିକ ପରିକଳ୍ପନାମାନଙ୍କର ସାର୍ଥକତା ପ୍ରତିପାଦନ କରିଛି । ବିଭିନ୍ନ ଜିଲ୍ଲା ଏହି ପଦକ୍ଷେପ ଗ୍ରହଣକରି ବୈଷୟିକ ଜ୍ଞାନସମ୍ଭୂତ ସୁପରିକଳ୍ପିତ ଯୋଜନାଗୁଡ଼ିକର ସୁଯୋଗ ନେବା ବାଞ୍ଛନୀୟ ।




# ମୋ ମା' ଲୋକଙ୍କର ଜାମାପଟା ସିଲେଇ କରି ମୋତେ ପଢେଇଥିଲା ମୁଁ ସେଇଥିପାଇଁ କଲେଜକୁ ଯାଇପାରିଲି ନାହିଁ ।

## ମୁଁ ମୋ ରାଜୁକୁ କଲେଜରେ ପଢ଼ାଇବା ପାଇଁ ଶିକ୍ଷା-ବୃତ୍ତି ପଲିସି ଦ୍ୱାରା ବ୍ୟବସ୍ଥା କରି ସାରିଛି

ମୋ ରାଜୁ ଜନ୍ମ ହେବା ସଙ୍ଗେ ସଙ୍ଗେ ମୁଁ ତା ପାଇଁ ୨,୦୦୦ ଟଙ୍କାର ଗୋଟିଏ ୧୬ ବର୍ଷୀୟା ପଲିସି ନେଇଥିଲି । ତାର ମାସିକ ପ୍ରିମିୟମ ହେଉଛି ମାତ୍ର ଟ. ୯୦.୮୦ ପଇସା । ପଲିସିର ଅବଧି ସମ୍ପୂର୍ଣ୍ଣ ହେବା ମାତ୍ରେ ଏଲ୍.ଆଇ.ସି. ମୋତେ ପ୍ରତି ଛ'ମାସରେ ୨୫୦ ଟଙ୍କା ଲେଖାଏଁ ଦେବେ । ସେଥିରେ ମୋ ରାଜୁ ସୁବିଧାରେ କଲେଜରେ ପଢ଼ିପାରିବ । ତା'ଭିତରେ ଯଦି ଦୁର୍ଭାଗ୍ୟବଶତଃ ମୋର ମୃତ୍ୟୁ ହୋଇଯାଏ, ତାହେଲେ ରାଜୁ ଉପଯୁକ୍ତ ସମୟରେ ସେ ଟଙ୍କା ପାଇବ ( ସେତେବେଳେ ଆଉ ପ୍ରିମିୟମ ଦେବାକୁ ପଡ଼ିବ ନାହିଁ) ।

### ଆପଣଙ୍କ ପିଲାର ଉଚ୍ଚ-ଶିକ୍ଷା

ଆପଣ ମଧ୍ୟ ଏଲ୍.ଆଇ.ସି.ଙ୍କର ଏହି ପଲିସି ନେଇ ଆପଣଙ୍କ ପିଲା ଉଚ୍ଚ-ଶିକ୍ଷାର ନିଶ୍ଚିତ ବ୍ୟବସ୍ଥା କରିପାରନ୍ତି । ଆପଣଙ୍କର ବୀମାର ପରିମାଣ ଓ ପଲିସିର ଅବଧି ଅନୁଯାୟୀ ପ୍ରିମିୟମ ସ୍ଥିର ହୋଇଥିବ । ଆପଣଙ୍କ ପିଲାର ଭବିଷ୍ୟତ ଜୀବନକୁ ଅନିଶ୍ଚିତତା ସୁରକ୍ଷିତ ରଖିବା ପାଇଁ ବୀମା ହେଉଛି ସବୁଠାରୁ ଉତ୍କୃଷ୍ଟ ପନ୍ଥା । ଆପଣଙ୍କର ସମସ୍ତପ୍ରକାର ଆବଶ୍ୟକତା ପୂରଣ କରିବା ପା ଏଲ୍.ଆଇ.ସି. ଙ୍କର ଅଠର ୩୨ ପ୍ରକାର ପଲିସି ରହିଛି । ଆପଣ ବୀମା ଏଜେଣ୍ଟଙ୍କ ସହିତ ଯୋଗାଯୋଗ କରନ୍ତୁ ।

ASP/LIC Z 93 A

ଜୀବନ ବୀମା ହେଉଛି ସେମାନଙ୍କର ଭବିଷ୍ୟତର କବଚ।

# ଓଡ଼ିଆ ନାଟକର ଅଗ୍ରଗତି

## ଗୁଣନିଧି ମହାନ୍ତି

ଓଡ଼ିଆ ଭାଷା ତଥା ସଂସ୍କୃତିର ପାରମ୍ପରିକ ପରାକାଷ୍ଠା ଯେ ସର୍ବଜନବିଦିତ ଏଥିରେ ସନ୍ଦେହ ନାହିଁ । ଅତି ପ୍ରାଚୀନ କାଳରୁ ଉତ୍କଳର ସ୍ଥାପତ୍ୟ, କଳା ତଥା ଭାସ୍କର୍ଯ୍ୟର ନୟନଲୋଭା ଗରିମା ପୃଥିବୀବ୍ୟାପୀ ଆଦୃତ । ଦିନ ଥିଲା ଏହି ଜାତିର ଗୌରବ ଡିଣ୍ଡିମ ସୁଦୂର ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶମାନଙ୍କରେ ଓଡ଼ିଆମାନଙ୍କର ପରାକାଷ୍ଠା ପ୍ରଦର୍ଶନ କରୁଥିଲା । ମାତ୍ର କାଳର ବିଚିତ୍ର ଗତିରେ ସେହି ସର୍ବଗୁଣାଳଂକୃତ ଜାତି ସୁପ୍ତ ଥିଲା । ମାତ୍ର ଅଧୁନା ଓଡ଼ିଆ ଜାତି ତଥା କୃଷ୍ଟିର ଯେ ଜାଗ୍ରତ ଅବସ୍ଥା ଆସିଛି ତାହା ଉପଲବ୍ଧି କରିହୁଏ ଏହାର କଳା କ୍ଷେତ୍ରରେ ଅଗ୍ରଗତିରୁ । ଅନ୍ୟ ପ୍ରଦେଶ ତୁଳନାରେ ଏ ଦେଶର ଆଦର୍ଶ, ଚିନ୍ତାଧାରା ତଥା ପରମ୍ପରା ଯେ ଅତୀବ ଉଚ୍ଚକୋଟୀର ତାହା ଜାଣିବାକୁ ମିଳିଲା ସେଦିନ ଅହମ୍ମଦାବାଦଠାରେ ଅନୁଷ୍ଠିତ ହୋଇଥିବା ସର୍ବଭାରତୀୟ ସ୍ତରର ନାଟକ ପ୍ରତିଯୋଗିତାରୁ—ସେହି ପ୍ରତିଯୋଗିତାରେ ଓଡ଼ିଶାର ସଚିବାଳୟର ସୌଖିନ ନାଟ୍ୟସଂସ୍ଥା ଅଂଶ ଗ୍ରହଣ କରି ପରିବେଷଣ କରିଥିଲେ ତରୁଣ ନାଟ୍ୟକାର ଶ୍ରୀ ରତ୍ନାକର ଚଇନିଙ୍କର ଅନବଦ୍ୟ ସୃଷ୍ଟି ରାଜହଂସ ।

ରାଜହଂସ ଯେ ଏକ ଉଚ୍ଚାଙ୍ଗ ନାଟକ ତାହା କହିଲେ ଅତ୍ୟୁକ୍ତି ହେବ ନାହିଁ—ଏହାର ବଳିଷ୍ଠ ସଂଳାପ, ନିର୍ଦ୍ଦୋଷ ଚରିତ୍ର ଚିତ୍ରଣ ତଥା ଡ୍ରାମାଟିକ୍ ସସ୍‌ପେନ୍‌ସ ତରୁଣ ନାଟ୍ୟକାରର ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦିଏ—ଏହି ନାଟକଟିକୁ ଅହମ୍ମଦାବାଦରେ ଅଣଓଡ଼ିଆ ଦର୍ଶକମାନେ ଯେଉଁଳି ଭାବରେ ଉପଭୋଗ କରିଥିଲେ ତାହା ଦେଖିବାର ତଥା ଅନୁଭବ କରିବାର କଥା ।

ଏ ସଂପର୍କରେ ଜାଣିବାର କଥା ଯେ ଗତ ପାଞ୍ଚବର୍ଷ ଧରି ସର୍ବ ଭାରତୀୟ ସ୍ତରରେ ଅନୁଷ୍ଠିତ ହେଉଥିବା ନାଟକ ପ୍ରତିଯୋଗିତାରେ ସଚିବାଳୟର ନାଟ୍ୟ ସଂସ୍ଥା ଅଭିନୟ କରି ଆସୁଅଛନ୍ତି । ଗତବର୍ଷମାନଙ୍କରେ ସେମାନେ ପରି-ବେଷଣ କରି ଆସିଥିଲେ ଯଥାକ୍ରମେ 'ଦି ପଟ ବୃଢ଼ି', 'ଅଶାନ୍ତ', 'ସେ ଆପଣମାନଙ୍କ ଭିତରେ' ଏବଂ 'ଅନୁପ୍ରାସ' । ଗତବର୍ଷମାନଙ୍କରେ ଆମର କଳାକାରମାନଙ୍କର ଅଭିନୟ ଚତୁରୀ ଆମର ଜାତିର ଅଭିନୟ ପରମ୍ପରା ବଜାୟ ରଖିଆସିଥିଲେ ମଧ୍ୟ ଏବଂ ପ୍ରତିବର୍ଷ କେତେକ ପୁରସ୍କାର-ବିଜେତା ହୋଇ ଆସିଥିଲେ ମଧ୍ୟ ଏ ବର୍ଷ ପରି ଗୌରବର ସର୍ବଶ୍ରେଷ୍ଠ ସୋପାନ ଅଧିରୂଢ଼ କରିପାରି ନଥିଲେ । ଏବର୍ଷ ଆମରି କଳାକାରମାନଙ୍କର କର୍ମନିଷ୍ଠା ଓ ଅଭିନୟ-ନିପୁଣତା ଯୋଗୁଁ ଆମ ନାଟକ 'ରାଜହଂସ' ଉପସ୍ଥାପନା ଦିଗରେ ସର୍ବଶ୍ରେଷ୍ଠ ବିବେଚିତ ହେଲା । ଏହି ସଫଳତା ଆମ ଜାତିର ହୃତ ଗୌରବ ଫେରାଇ ଆଣିବାରେ ଯେ ଯଥେଷ୍ଟ ତାହା ଭାବିଲେ ଅତ୍ୟୁକ୍ତି ହେବ ନାହିଁ । ତଦୁପରି ସର୍ବଶ୍ରେଷ୍ଠ ପୁରୁଷ ଅଭିନେତା ଭାବରେ ଶ୍ରୀ ସୀତାକାନ୍ତ ମହାନ୍ତି ଗୌରବ ଅର୍ଜନ କରିଥିବାବେଳେ କୁମାରୀ ଝୁନୁ ମିଶ୍ର ସର୍ବଶ୍ରେଷ୍ଠ ଶିଶୁ କଳାକାରରୂପେ ପରିଗଣିତ ହେଲେ । ସର୍ବୋପରି ଶ୍ରୀ ନୃସିଂହ ଚରଣ ମହାନ୍ତିଙ୍କର ବଳିଷ୍ଠ ନିର୍ଦ୍ଦେଶନା ବିଚାରକ-ମଣ୍ଡଳୀକୁ ଏଭଳି ଭାବପ୍ରବଣ କରିଥିଲା ଯେ ସେମାନେ ତାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶନାର ଆସନ ପ୍ରଦାନ କରିଥିଲେ । ଏତଦ୍‌ବ୍ୟତୀତ କୁମାରୀ ବାସନ୍ତୀ ବେହେରା ତାଙ୍କର ଅଭିନୟ-କୁଶଳତା ବଳରେ ଦ୍ୱିତୀୟା ଶ୍ରେଷ୍ଠା ନାରୀ କଳାକାର-ରୂପେ ବିବେଚିତ ହେଲେ । ଶ୍ରୀ ଗଜେନ୍ଦ୍ର ନାଥ ଦାସ ଯେ କି ସର୍ବସମ୍ମତ କ୍ରମେ ଏକ କୃତୀ କଳାକାରରୂପେ ବିବେଚିତ

ଦିଗରେ ବିଶ୍ୱରଙ୍ଗ ମଣ୍ଡଳୀକୁ ନାଟକ ପ୍ରତିଯୋଗିତାରେ କୌଣସି ସୁବିଧା ହେଲେ ମାତ୍ର ଯାହାଙ୍କୁ ପୁରସ୍କୃତ କରିବା ଦିଗରେ ବିସ୍ମୟ ପ୍ରକାଶ କରିବା ସଂଗେ ସଂଗେ ତାଙ୍କୁ ଏକ ସ୍ୱତନ୍ତ୍ର ନଥିଲା ସେମାନେ ତା'ର ନିପୁଣ ଅଭିନୟରେ ଯୁଗପତ୍ ବିସ୍ମୟ ପ୍ରକାଶ କରିବା ସଂଗେ ସଂଗେ ତାଙ୍କୁ ଏକ ସ୍ୱତନ୍ତ୍ର ପୁରସ୍କାରର ଅଧିକାରୀ କରିଥିଲେ ।

ସର୍ବୋପରି ଅତୀବ ଗର୍ବର ବିଷୟ ଥିଲା ଯେ ପୁରସ୍କାର ବିତରଣ ଦିବସରେ ବିଶ୍ୱରଙ୍ଗ ମଣ୍ଡଳୀ ମୁକ୍ତ କଣ୍ଠରେ ସ୍ୱୀକାର କରିବାର ଜଣାଗଲା ଯେ ଓଡ଼ିଶାର ଏହି ନାଟ୍ୟସଂସ୍ଥାର କୁଶଳୀ କଳାକାରମାନେ ପ୍ରତ୍ୟେକ ପୁରସ୍କାର ପାଇବାକୁ ଉପଯୁକ୍ତ । ମାତ୍ର ସମସ୍ତଙ୍କୁ ପୁରସ୍କୃତ କରିବାର ସୁବିଧାରୁ ବଞ୍ଚିତ ହେଲେ ସେମାନେ ନାନାବିଧ କାରଣରୁ—ସେଦିନର ଏହି ଉକ୍ତି ଶୁଣିଲେ ସତରେ ପ୍ରତ୍ୟେକ ଓଡ଼ିଆ ଉଲ୍ଲସିତ ହୋଇ ଉଠିବାର କଥା—କାରଣ ଆମର ଜାତି ତଥା ସଂସ୍କୃତି କେତେ ମହାନ୍ ଓ ଗରୀୟାନ ତାହା ଉପଲବ୍ଧି କରିବାର ଅବକାଶ ଆମେ ପାଇ ପାରିଲୁ । ଏଭଳି ଏକ ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ହେଉଥିବା ନାଟକ ପ୍ରତିଯୋଗିତାରୁ ।

କେବଳ ଅଜିତ ଏଇ ସାଫଲ୍ୟ ଆମକୁ ଉଦ୍‌ବୁଦ୍ଧ କରୁ ଭବିଷ୍ୟତରେ ଆଗେଇ ଯିବାକୁ ଆହୁରି ଦୃଢ଼ ପଦକ୍ଷେପ ନେଇ । ଏହାହିଁ ଆଜିର ଏକମାତ୍ର କାମନା ।

# ଭାରତରେ ଇସ୍ପାତ୍ ଶିଳ୍ପ


## ଏସ୍. ମୋହନ କୁମାର ମଙ୍ଗଲମ୍

### କେନ୍ଦ୍ର ଇସ୍ପାତ୍ ଓ ଖଣି ମନ୍ତ୍ରୀ


ଆମେ ୨୫ ତମ ସ୍ୱାଧୀନତା ବାର୍ଷିକୀ ପାଳନ କରୁଛୁ । ଜାତିର ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ଏହା ଆଉ ଏକ ଯୁଗ । ରାଜନୈତିକ ସ୍ୱାଧୀନତା ସଂଗେ ସଂଗେ ବିଦେଶୀ ଶାସନରୁ ମୁକ୍ତି ମିଳିଲା ଏବଂ ସାମାଜିକ ତଥା ଅର୍ଥ-ନୈତିକ ସ୍ୱାଧୀନତାପାଇଁ ସଂଗ୍ରାମ ଆରମ୍ଭ ହୋଇଥିଲା । ଦୀର୍ଘ କାଳର ପରାଧୀନତା ଫଳରେ ନବ ସ୍ୱାଧୀନ ରାଷ୍ଟ୍ରକୁ ଘୋର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା ।

ପଞ୍ଚ ବାର୍ଷିକ ଯୋଜନା ଜରିଆରେ ଅର୍ଥନୈତିକ ସ୍ୱାଧୀନତା ଦିଗରେ ଉଦ୍ୟମ କରାଗଲା । ଉନ୍ନତ ଜୀବନ ଧାରଣ ମାନ ଓ ଅଧିକ ସମାନ ସୁଯୋଗ ପାଇଁ ଏକ ସ୍ୱାଧୀନ ରାଷ୍ଟ୍ରର ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ଯୋଜନାରେ ପ୍ରତିଫଳିତ ହୁଏ । ଅର୍ଥ ନୈତିକ କ୍ଷେତ୍ରରେ ଜନସାଧାରଣ ଓ ରାଷ୍ଟ୍ରର ଅଧିକ ଶକ୍ତିଶାଳୀ ଓ ଆତ୍ମ-ନିର୍ଭରଶୀଳ ହେବାର ଦାୟିତ୍ୱ ବଢିଯାଏ, ଯେତେବେଳେ ଗୋଟିଏ ଯୋଜନା ଶେଷ ହୋଇ ଆଉ ଗୋଟିଏ ଯୋଜନା ଆରମ୍ଭ ହୁଏ । ଶିଳ୍ପ ଉନ୍ନୟନ ଓ କୃଷି ବିକାଶ ପାଇଁ ଇସ୍ପାତ୍ ଏକ ମୌଳିକ ଉପାଦାନ ହୋଇ ଥିବାରୁ ପଞ୍ଚ ବାର୍ଷିକ ଯୋଜନାର ଅନ୍ୟତମ ପ୍ରଧାନ ଲକ୍ଷ୍ୟ ରୂପେ ଇସ୍ପାତ୍ ଉତ୍ପାଦନ ସ୍ୱୀକୃତ ହୋଇଛି ।

ଆମ ଦେଶରେ ଲୁହା ଓ ଇସ୍ପାତ ଶିଳ୍ପର ଇତିହାସ ସଂକ୍ଷେପରେ ଉଲ୍ଲେଖ କରୁଛି । ଜାମସେଦପୁରରେ ୧୯୦୬ ମସିହାରେ ଦେଶର ପ୍ରଥମ ଲୁହା ଓ ଇସ୍ପାତ କାରଖାନା ବସା ଯାଇ ଥିଲା । ଏହାର ନାମ ହେଲା ଟାଟା ଲୁହା ଓ ଇସ୍ପାତ କମ୍ପାନୀ । ସେତେବେଳେ ଜଣେ ବ୍ରିଟିଶ ବିଶେଷଜ୍ଞ ଉକ୍ତ କମ୍ପାନୀର ପ୍ରତିଷ୍ଠାତା ଦୂରଦର୍ଶୀ ଶ୍ରୀ ଜାମସେଦଜୀ ଟାଟାଙ୍କୁ ବ୍ୟଙ୍ଗକରି କହି ଥିଲେ ଯେ, ଯଦି ଟାଟା ଭାରତରେ ଇସ୍ପାତ ତିଆରି କରି ପାରିବେ, ତେବେ ସେ ତାକୁ ଖାଇ ପାରିବେ; କିନ୍ତୁ ଇସ୍ପାତ୍ ତିଆରି ହେଲା ଓ ୧୯୧୭ ସୁଦ୍ଧା ଉତ୍ପାଦନ ଛଅ ଗୁଣ ବଢି ଯାଇଥିଲା । ପ୍ରାରମ୍ଭିକ ଅସୁବିଧା ସତ୍ତ୍ୱେ, ପ୍ରଥମ ୩୦ ବର୍ଷ ମଧ୍ୟରେ ସଂପ୍ରସାରଣ କାର୍ଯ୍ୟକ୍ରମ ଅବ୍ୟାହତ ରହିଥିଲା ଓ ଶତକଡ଼ା ଆଠ ଭାଗ ହାରାହାରି ଅଭିବୃଦ୍ଧି ହାର ହାସଲ ହୋଇଥିଲା ।

ଇଣ୍ଡିଆନ ଲୁହା ଓ ଇସ୍ପାତ କମ୍ପାନୀ ୧୯୧୮ରେ କଲିକତାରେ ବ୍ରିଟିଶ ପୁଞ୍ଜିରେ ପ୍ରତିଷ୍ଠା କରାଗଲା । ଉକ୍ତ କମ୍ପାନୀ ଯୁକ୍ତ ରାଷ୍ଟ୍ର, ବ୍ରିଟେନ ଓ ଜାପାନକୁ ରପ୍ତାନୀ ପାଇଁ କେବଳ ଲୁହା ପିଣ୍ଡ ଉତ୍ପାଦନ କଲା । ୧୯୨୬ରେ ଷ୍ଟିଲ କର୍ପୋରେସନ ଅଫ୍ ବେଂଗଲ ଗଠିତ ହେଲା । ଇସ୍କୋର ବର୍ନପୁର ନିକଟରେ ଏକ ଇସ୍ପାତ୍ କାରଖାନା ନିର୍ମାଣ ହାତକୁ ନିଆ ଯାଇ-ଥିଲା ।

୧୯୧୮ରେ ଭଦ୍ରାବତୀରେ ମହୀଶୂର ଲୁହା ଓ ଇସପାତ୍ ଲିମିଟେଡ୍ ନାମକ ଏକ ଛୋଟ କାରଖାନା ବସାଗଲା । ସେଠାରେ ଅଙ୍ଗାର କୋଇଲା ଲୁହା ପିଣ୍ଡ ଉତ୍ପାଦନ କରାଗଲା । ୧୯୩୦ ମଧ୍ୟ ଭାଗରେ ଇସ୍ପାତ ଓ ତା'ପରେ ପରେ ବିଦ୍ୟୁତ ଲୁହା ପଥର ମେଲ୍ଟିଂ କରା ଗଲା । ପ୍ରଗତିଶୀଳ ଦେଶ ଗୁଡ଼ିକରେ ଶିଳ୍ପକରଣ ଓ ଇସ୍ପାତ ଉତ୍ପାଦନର କ୍ଷିପ୍ର ଗତି ତୁଳନାରେ ଆମର ଉଦ୍ୟମ ଅତି ସାମାନ୍ୟ । ଉଦାହରଣ ସ୍ୱରୂପ, ଏଇ ଶତାବ୍ଦୀର ପ୍ରଥମାର୍ଦ୍ଧରେ, ସୋଭିଏଟ ରୁଷରେ ଇସ୍ପାତ ଉତ୍ପାଦନ ତିନି ନିୟୁତ ମେଟ୍ରିକ ଟନରୁ ପ୍ରାୟ ୫୦ ନିୟୁତ, ଯୁକ୍ତରାଷ୍ଟ୍ର ଆମେରିକାରେ ୧୧ ନିୟୁତରୁ ପ୍ରାୟ ୯୦

'ସ୍ପୁଟନିକ୍' ପ୍ରାୟ ୧୦ ନିୟୁତ ମେଟ୍ରିକ ଟନରୁ ସାମାନ୍ୟ
ନିୟୁତ, ବ୍ରିଟେନରେ ସାତ ନିୟୁତରୁ ପ୍ରାୟ ୨୦ ନିୟୁତ, ଜାପାନରେ 'ଶୂନ'ରୁ ପ୍ରାୟ ୧୦ ନିୟୁତ ମେଟ୍ରିକ ଟନରୁ ସାମାନ୍ୟ ଅଧିକ ବୃଦ୍ଧି ପାଇଥିଲା । ଇଉରୋପୀୟ ଅର୍ଥନୈତିକ ଗୋଷ୍ଠୀ ବୋଲି ଆଜି ଯାହାକୁ କୁହା ଯାଉଛି ସେଠାରେ ପ୍ରାୟ ୧୦ ନିୟୁତରୁ ପ୍ରାୟ ୬୫ ନିୟୁତ ମେଟ୍ରିକ ଟନକୁ ଇସ୍ପାତ୍ ଉତ୍ପାଦନ ବୃଦ୍ଧି ପାଇଥିଲା ।

ସ୍ୱାଧୀନତା ପରେ ଇସ୍ପାତ ଉତ୍ପାଦନ ବୃଦ୍ଧି ଦିଗରେ ତୀକ୍ଷ୍ଣ ଦୃଷ୍ଟି ଦିଆ ଗଲା । ପ୍ରଥମ ପଞ୍ଚ ବାର୍ଷିକ ଯୋଜନା କାଳରେ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଏକ ଇସ୍ପାତ କାରଖାନା ବସାଇବାକୁ ଉଦ୍ୟମ ହୋଇ ଥିଲା ; କିନ୍ତୁ ବିଦେଶୀ ସହଯୋଗ ପାଇଁ କଥାବାର୍ତ୍ତାରେ ବହୁ ସମୟ ନଷ୍ଟ ହେବାରୁ ଏହା ହୋଇ ପାରିଲା ନାହିଁ । ବହୁ ପାଶ୍ଚାତ୍ୟ ଦେଶ ଯେଉଁମାନଙ୍କ ସହ ଭାରତର ବାଣିଜ୍ୟ ଓ ଅର୍ଥନୈତିକ ସମ୍ପର୍କ ରହି ଥିଲା, ପ୍ରଥମେ ଭାରତକୁ ସେପରି ସାହାଯ୍ୟ କରି ପାରି ନ ଥିଲେ । ବିସ୍ମୟକର ବିଷୟ, ସେମାନେ ପରାମର୍ଶ ଦେଇ ଥିଲେ, ଭାରତ ବେଶି ଇସ୍ପାତ ଓ ଆବଶ୍ୟକ କରେ ନାହିଁ । ଭାରତ ସୋଭିଏଟ ସରକାରଙ୍କୁ ଅନୁରୋଧ କଲା । ୧୯୫୪ରେ ସୋଭିଏଟ ସହାୟତାରେ ଏକ ଇସ୍ପାତ କାରଖାନା ବସାଇବା ପାଇଁ କଥାବାର୍ତ୍ତା ଆରମ୍ଭ ହୋଇ ୧୯୫୫ ଫେବ୍ରୁଆରୀ ଦୁଇ ତାରିଖରେ ଭିଲାଇ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ଆମକୁ ମାତ୍ର ଶତକଡ଼ା ଅଢ଼େଇ ଭାଗ ସୁଧ ଦେବାକୁ ପଡ଼ିଲା । କିନ୍ତୁ ପାଶ୍ଚାତ୍ୟ ଅର୍ଥ ପ୍ରତିଷ୍ଠାନମାନେ ଶତକଡ଼ା ଛଅ ଭାଗ କିମ୍ବା ଅଧିକ ସୁଧ ମାଗୁ ଥିଲେ । ପ୍ରଥମ କେତେ ବର୍ଷ ସୁଧ ଦେବାକୁ ପଡ଼ିବ ନାହିଁ ଓ ଯନ୍ତ୍ରପାତି ଦେବାର ୧୨ ବର୍ଷରେ ପରିଶୋଧ କରିବାକୁ ପଡ଼ିବ । ଏହା ପରେ ପରେ ଆଉ ବହୁ ଦେଶ ଯେଉଁ ମାନେ ଭାବୁ ଥିଲେ, ଭାରତର ଇସ୍ପାତ ଆବଶ୍ୟକ ନାହିଁ, ସେମାନେ ଭାରତର ଇସ୍ପାତ ଉତ୍ପାଦନ କ୍ଷମତା ବୃଦ୍ଧି କରିବାକୁ ଆଗୁଆ ହୋଇ ଥିଲେ ।

ରାଉରକେଲାରେ ଏକ ନିୟୁତ ମେଟ୍ରିକ ଟନ୍ ଇସ୍ପାତ କାରଖାନା ବସାଇବାକୁ ଜର୍ମାନୀ ସୁପାରିଶ କଲା । ବ୍ରିଟିଶ ପ୍ରସ୍ତାବ ଦେଲା ଦୁର୍ଗାପୁରରେ ଏକ ନିୟୁତ ମେଟ୍ରିକ ଟନ୍ ଇସ୍ପାତ କାରଖାନା ପ୍ରତିଷ୍ଠା ।

ପ୍ରଧାନମନ୍ତ୍ରୀ ନେହେରୁଙ୍କ ଦୂରଦର୍ଶିତା ଓ ସାହସିକତା ଯୋଗୁଁ ଏକ ସମୟରେ ଭିଲାଇ, ରାଉରକେଲା ଓ ଦୁର୍ଗାପୁରରେ ଗୋଟିଏ କରି ଏକ ନିୟୁତ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ଯଥାକ୍ରମେ ସୋଭିଏଟ୍, ଜର୍ମାନ ଓ ବ୍ରିଟିଶ ସହାୟତାରେ ବସାଇବାକୁ ନିଷ୍ପତ୍ତି ନିଆଯାଇପାରିଥିଲା । ତା' ସଂଗେ ସଂଗେ, ଟିସ୍କୋ ଓ ଇସ୍କୋର କ୍ଷମତା ଯଥାକ୍ରମେ ଦୁଇ ଓ ଏକ ନିୟୁତ ମେଟ୍ରିକ ଟନକୁ ବୃଦ୍ଧି କରିବାକୁ ନିଆଗଲା । ତେଣୁ ଦ୍ୱିତୀୟ ପଂଚବାର୍ଷିକ ଯୋଜନା କାଳରେ ଇସ୍ପାତ ଉନ୍ନୟନ ଉଲ୍ଲେଖନୀୟ ଅଟେ । ଇସ୍ପାତ କ୍ଷମତା ୧.୫ ନିୟୁତରୁ ୬ ନିୟୁତ ଇନଗଟ ମେଟ୍ରିକ ଟନକୁ ବୃଦ୍ଧି ପାଇଥିଲା । ତୃତୀୟ ଯୋଜନା କାଳରେ ଏଇ ତିନୋଟି ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନାରେ ଉତ୍ପାଦନ କ୍ଷମତା ଆଉ ବୃଦ୍ଧି ପାଇଛି । ରାଉରକେଲାରେ ଏକଦମ୍ ୧.୮, ଭିଲାଇରେ ଏକଦମ୍ ୨.୫ ଓ ଦୁର୍ଗାପୁରରେ ଏକଦମ୍ ୧.୬ ନିୟୁତ ମେଟ୍ରିକ ଟନ୍ କ୍ଷମତା ବୃଦ୍ଧି ହୋଇଛି । ତୃତୀୟ ଯୋଜନା କାଳରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ବୋକାରୋ ଇସ୍ପାତ କାରଖାନା ପ୍ରତିଷ୍ଠା । ବୋକାରୋ ପାଇଁ ଅର୍ଥ ସଂଗ୍ରହ ସଂପର୍କରେ ଯୁକ୍ତରାଷ୍ଟ୍ର ଆମେରିକା ସହ ଦୀର୍ଘ ଆଲୋଚନା ବିଫଳ ହେଲା । ପୁନର୍ବାର ରୁଷ ଠିକ୍ ସମୟରେ ସାହାଯ୍ୟ ଦେବାରୁ ବହୁ ବିଳମ୍ବ ହେଲେ ମଧ୍ୟ ୧୯୬୪-୬୫ ସୁଦ୍ଧା ବୋକାରୋ କାମ ହାତକୁ ନିଆଯାଇପାରିଲା । ବୋକାରୋର ପୂର୍ଣ୍ଣ କ୍ଷମତା ହେଉଛି ଚାରି ନିୟୁତ ମେଟ୍ରିକ ଟନ୍ । ଚଳିତବର୍ଷ ସୁଦ୍ଧା ଏହାର ପ୍ରଥମ ପର୍ଯ୍ୟାୟ କାମ ଶେଷ ହେବ ବୋଲି ଧାର୍ଯ୍ୟ ହୋଇଛି । ଏହାର କ୍ଷମତା ହେବ ୧.୭ ନିୟୁତ ଇନଗଟ ମେଟ୍ରିକ ଟନ୍ । ଆସନ୍ତା ବର୍ଷ ସୁଦ୍ଧା ୨.୫ ନିୟୁତ ଇନଗଟ ମେଟ୍ରିକ ଟନ୍ କ୍ଷମତା ହାସଲ ହେବ । ପରେ ପରେ ଅବଶିଷ୍ଟ କ୍ଷମତା ହାସଲ କରାଯିବ ।

ଆମ ଦେଶର ଇସ୍‌ପାତ ଉତ୍ପାଦନ କ୍ଷମତା ୧'୫ ନିୟୁତ ମେଟ୍ରିକ ଟନ୍‌ରୁ ନଅ ନିୟୁତ ମେଟ୍ରିକ ଟନକୁ ବଢିଥିଲେ ସୁଦ୍ଧା (୬ ଗୁଣ) ଆଉ ବହୁ ଦେଶର ପଛରେ ଆମେ ପଡ଼ିଛୁ । ଭାରତରେ ମୁଣ୍ଡପିଛା ଇସ୍‌ପାତ ବ୍ୟବହାର ମାତ୍ର ୧୦ କେ. ଜି. ସ୍ଥଳେ ବଡ଼ ବଡ଼ ଶିଳ୍ପ ପ୍ରଧାନ ଦେଶଗୁଡ଼ିକରେ ଏହା ମୁଣ୍ଡ ପିଛା ୬୦୦-——୭୦୦ କେ. ଜି. ଅଟେ । ଇସ୍‌ପାତ ବରାବର ନିଅଣ୍ଟ ହୋଇରହିଛି । ଆମର କ୍ଷମତା ଅନୁସାରେ ଉତ୍ପାଦନ ହୋଇପାରୁନାହିଁ । କ୍ଷମତାର ପ୍ରାୟ ଦ୍ୱିତୃତୀୟାଂଶ ଉତ୍ପାଦିତ ହେଉଛି । ୧୯୬୬-୬୭ ଶେଷରେ ଭାରତରେ ପ୍ରାୟ ୪'୬ ନିୟୁତ ମେଟ୍ରିକ ଟନ୍ ତିଆରି ଇସ୍‌ପାତ ଉତ୍ପାଦିତ ହୋଇଥିଲା । ବର୍ତ୍ତମାନ ଉତ୍ପାଦନ ଆଉ ବଢିନାହିଁ । ଅନ୍ୟପକ୍ଷରେ ଉତ୍ପାଦନ ଖର୍ଚ୍ଚ ଅତି ଅଧିକ ବଢିବାରେ ଲାଗିଛି । ଇସ୍‌ପାତ କାରଖାନାଗୁଡ଼ିକରେ ଉତ୍ପାଦନ ଶକ୍ତି ଉନ୍ନତି ଦିଗରେ ବହୁ ସୁଯୋଗ ରହିଛି । ଶ୍ରମିକ ସଂପର୍କ କ୍ଷେତ୍ରରେ ମଧ୍ୟ ଯଥେଷ୍ଟ ଉନ୍ନତି ସାଧନ କରିବାକୁ ପଡ଼ିବ । ଏକ ଦୁଇ-ନିୟୁତ ମେଟ୍ରିକ ଟନ୍ କାରଖାନାରେ କାମ ବନ୍ଦ ହେଲେ ପ୍ରତି ଘଣ୍ଟାରେ ପ୍ରାୟ ଦୁଇ ଲକ୍ଷ ଟଂକା ମୂଲ୍ୟର ମୋଟ ଉତ୍ପାଦନ କ୍ଷତି ହୁଏ, ତା'ଛଡ଼ା ଅଧିକ ଦିନ ଅଟକ ହେବା ଫଳରେ ମେସିନ ମରାମତି ବାବଦ ବହୁ ଖର୍ଚ୍ଚ ଆବଶ୍ୟକ । ଶ୍ରମିକ ଓ ପରିଚାଳନା ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା ଦିଗରେ ପ୍ରବଳ ଉଦ୍ୟମ ଚାଲୁ ରହିବା ଅତି ଜରୁରୀ । ଶ୍ରମିକର ସନ୍ତୋଷ ଅବଶ୍ୟ ଜାତିର ସମୂହ କଲ୍ୟାଣର ମାତ୍ର ଏକ ଦିଗ ; କିନ୍ତୁ ଇସ୍‌ପାତ ଉତ୍ପାଦନ ଉପରେ ଏହା ଅଧିକ ନିର୍ଭର କରେ । ଯଦି ବିଭିନ୍ନ ଦୋଷତ୍ରୁଟି ଦୂର ହୋଇପାରିବ ତେବେ ଆଗାମୀ ବର୍ଷଗୁଡ଼ିକରେ ଇସ୍‌ପାତ ଉତ୍ପାଦନ ନିଶ୍ଚୟ ଯଥେଷ୍ଟ ବୃଦ୍ଧି ପାଇବ ।

ଇସ୍‌ପାତ୍ ଉତ୍ପାଦନ ବୃଦ୍ଧିଲାଗି ବହୁ ପୂର୍ବରୁ ଯୋଜନା ହେବା ଉଚିତ । ଏପରି କି ୧୯୮୫ରେ ଇସପାତ୍ ଉତ୍ପାଦନ-କ୍ଷମତା କେତେ ହେବ ତାହା ମଧ୍ୟ ଆଜିଠାରୁ ସ୍ଥିର ହୋଇ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ । ୧୯୮୦ ସୁଦ୍ଧା ୧୯ ନିୟୁତ ଓ ୧୯୮୫ ସୁଦ୍ଧା ୨୯ ନିୟୁତ ଇନଗଟ ମେଟ୍ରିକ ଟନ୍ ଇସପାତ୍ ଉତ୍ପାଦନ ଲକ୍ଷ୍ୟ ହାସଲ୍ କରିବାକୁ ହେଲେ ଆଗୁଆ ଯୋଜନା ଲାଗି ପ୍ରବଳ ପ୍ରଚେଷ୍ଟା ଆବଶ୍ୟକ । ପ୍ରଚଳିତ ବିଧି ବିଧାନରେ ଯେଉଁଭଳି କଡ଼ାକଡ଼ି ବ୍ୟବସ୍ଥା ଅଛି ତାହା ଉଠିଯିବା ଉଚିତ । ନୂଆ ଇସ୍‌ପାତ୍ କାରଖାନା ବସାଇବା ଅପେକ୍ଷା ଉତ୍ପାଦନ କ୍ଷମତା ସଂପ୍ରସାରଣ ଅଳ୍ପ ସମୟରେ ଓ ଅଳ୍ପ ଖର୍ଚ୍ଚରେ କରାଯାଇ ପାରିବ । ଭିଲାଇରେ ୨'୫ ନିୟୁତରୁ ୪ ନିୟୁତ ମେଟ୍ରିକ ଟନ୍‌କୁ ଓ ପରେ ୪'୮ ନିୟୁତ ମେଟ୍ରିକ୍ ଟନ୍‌କୁ ସଂପ୍ରସାରଣ କରିବାକୁ ସ୍ଥିର ହୋଇଛି । ଦୁର୍ଗାପୁର ଓ ରାଉରକେଲା ସଂପ୍ରସାରଣ ମଧ୍ୟ ବିଚାରାଧୀନ ଅଛି । ଘରୋଇ କ୍ଷେତ୍ରରେ ମଧ୍ୟ ସଂପ୍ରସାରଣ କରାଯିବ । ନୂଆ ଇସ୍‌ପାତ୍ କାରଖାନା ବସାଇବା ଦିଗରେ ମଧ୍ୟ ସକ୍ରିୟ ବ୍ୟବସ୍ଥା ଗୃହୀତ ହେଉଛି । ନୂଆ ଇସ୍‌ପାତ୍ କାରଖାନା ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଓ ମହୀଶୂରର ବିଜୟ-ନଗର ପ୍ରୋଜେକ୍ଟରେ ଦୁଇ ନିୟୁତ ଇନ୍‌ଗଟ୍ ମେଟ୍ରିକ୍ ଟନ୍ ହାଲୁକା ଇସ୍‌ପାତ୍ର ଉତ୍ପାଦନ କ୍ଷମତା ରହିବ । ସାଲେମରେ ବସୁଥିବା ସ୍ୱତନ୍ତ୍ର ଓ ଏଲୟ ଇସ୍‌ପାତ୍ କାରଖାନାର ଉତ୍ପାଦନ କ୍ଷମତା ଅଢ଼େଇ ଲକ୍ଷ ମେଟ୍ରିକ୍ ଟନ୍ ଅଟେ । ଏହା ଚାରିବର୍ଷରେ ଉତ୍ପାଦନ ଆରମ୍ଭ କରିବ ବୋଲି ଆଶାକରାଯାଏ । ବ୍ୟୟ ସଂକୋଚ, କାରଖାନା ନିର୍ମାଣ ଓ ଚାଲୁ କରିବା ସମୟ କମେଇ ଦେବା ଓ ଯନ୍ତ୍ରପାତିର ପୂର୍ଣ୍ଣ ଉପଯୋଗ ଦିଗରେ ବହୁ ବ୍ୟବସ୍ଥା କରାଯାଇଛି ।

ଇସ୍‌ପାତ୍ କାରଖାନା ବସାଇବା କ୍ଷେତ୍ରରେ ମେକାନିକାଲ୍ ଓ ବିଦ୍ୟୁତ୍‌ଚାଳିତ ଯନ୍ତ୍ରପାତି ତିଆରି ପାଇଁ ବିଶେଷ ପରିକଳ୍ପନା ଆବଶ୍ୟକ । ଓଜନଦାର, ମେକାନିକାଲ ଯନ୍ତ୍ରପାତି, କନ୍‌ଭେୟର ଇତ୍ୟାଦି ତିଆରି ଲାଗି ଭାରତୀୟ

ଓଜନଦାର ଇଞ୍ଜିନିୟରିଂ କର୍ପୋରେସନ ଓ ଦୁର୍ଗାପୁରର ଖଣି ଓ ମେସିନାରୀ କର୍ପୋରେସନ ସଂପ୍ରସାରିତ ହେବ । କୋଟାର ଇନ୍‌ଷ୍ଟ୍ରୁମେଂଟେସନ୍ ଲିମିଟେଡ୍ କମ୍ପାନୀରେ ଅଧିକ ଉତ୍ପାଦନ ଶକ୍ତି ବ୍ୟବସ୍ଥା ହୋଇଛି ।

ଇସ୍ପାତ୍ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ । ଜାତିର ଶିଳ୍ପ ବିକାଶ ଅନେକାଂଶରେ ଏହାଦ୍ୱାରା ନିରୂପିତ ହୁଏ । ବିଗତ ୨୫ ବର୍ଷରେ ଆମେ ଇସ୍ପାତ କ୍ଷେତ୍ରରେ ବହୁଦୂର ଆଗେଇପାରିଛୁ । ଆଉ ବହୁଦୂର ଆଗେଇବାକୁ ପଡ଼ିବ ତେବେ ଯାଇ ଆସ୍ଥା ସହ କହି ହେବ ଯେ ଆମେ ଆତ୍ମ-ନିର୍ଭରଶୀଳ ଓ ଶକ୍ତିଶାଳୀ ହୋଇ ପାରିଛୁ । ବିରାଟ ଉନ୍ନୟନ କାର୍ଯ୍ୟକ୍ରମର ଭିତ୍ତି ପଡ଼ିଛି । ଭାରତବାସୀଙ୍କ ଦୃଢ଼ ନିଷ୍ଠାରୁ ଆଗାମୀ ବର୍ଷ ଗୁଡ଼ିକରେ ବିରାଟ ସାଫଲ୍ୟ ଘଟାଇବା ସମ୍ଭବ ।

## ଭାରତର ବିଶିଷ୍ଟ ଘଟଣାବଳୀ

### ଜାନୁଆରୀ ୧୯୫୦

୧-୧-୧୯୫୦ .. ଭାରତର ଉତ୍ତର-ପୂର୍ବ ସୀମାନ୍ତରେ ଅବସ୍ଥିତ, ୧୯୪୯ ସେପ୍ଟେମ୍ବର ୧୨ଠାରୁ କେନ୍ଦ୍ରଶାସିତ କୁଚ ବିହାରର ପଶ୍ଚିମବଙ୍ଗ ସହିତ ମିଶ୍ରଣ ।

୩-୧-୧୯୫୦ .. ନେହରୁଙ୍କ ଦ୍ୱାରା ପୁନାଠାରେ ଜାତୀୟ ରାସାୟନିକ ଗବେଷଣାଗାର ଉଦ୍‌ଘାଟନ ।

୪-୧-୧୯୫୦ .. ଭାରତର ଆଫଗାନିସ୍ତାନ ସହିତ ଗୋଟିଏ ପାଞ୍ଚବର୍ଷିଆ ଶାନ୍ତି ଓ ମୈତ୍ରୀ ଚୁକ୍ତି ସ୍ୱାକ୍ଷର ।

୧୯-୧-୧୯୫୦ .. ଭାରତ ଓ ପାକିସ୍ତାନ ମଧ୍ୟରେ ରେଳ ଚଳାଚଳ ସାମୟିକ ଭାବେ ସ୍ଥଗିତ ।

୨୧-୧-୧୯୫୦ .. ନୂଆଦିଲ୍ଲୀରେ ଜାତୀୟ ପଦାର୍ଥବିଜ୍ଞାନ ଗବେଷଣାଗାର ଉଦ୍‌ଘାଟନ ।

୨୪-୧-୧୯୫୦ .. ଡକ୍ଟର ରାଜେନ୍ଦ୍ର ପ୍ରସାଦ ଭାରତର ପ୍ରଥମ ରାଷ୍ଟ୍ରପତିରୂପେ ସର୍ବସମ୍ମତିକ୍ରମେ ନିର୍ବାଚିତ ।

୨୬-୧-୧୯୫୦ .. ଭାରତ ବ୍ରିଟିଶ ରାଜ୍ୟଗୋଷ୍ଠୀ ମଧ୍ୟରେ ଏକ ଜନରାଜ୍ୟରୂପେ ସରକାରୀ ଭାବରେ ଘୋଷିତ ।

୨୮-୧-୧୯୫୦ .. ଭାରତର ସୁପ୍ରିମ କୋର୍ଟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ।

# ସ୍ୱାଧୀନତା ପରେ ଶ୍ରମିକ

ଆର୍. କେ. ଖାଡ଼ିଲକର
କେନ୍ଦ୍ର ଶ୍ରମ ଓ ପୁନର୍ବାସନ ମନ୍ତ୍ରୀ

ସ୍ୱାଧୀନତାର ୨୫ ବର୍ଷ ପାଳନ କରିବାବେଳେ ଗୋଟିଏ ପ୍ରଶ୍ନ ସାଧାରଣତଃ ମନକୁ ଆସେ "ଶ୍ରମିକଙ୍କର କଅଣ ହୋଇଛି ? ଜାତିର ଅର୍ଥନୈତିକ କ୍ଷେତ୍ରରେ ତା'ର ସ୍ଥାନ ଦୃଢ଼ ହୋଇଛି କି ?" ଯେଉଁ ଭାରତୀୟ ଜାତୀୟ କଂଗ୍ରେସ ଦେଶ ସ୍ୱାଧୀନ କରିଥିଲା, ସେଇ କଂଗ୍ରେସ ଦେଶର ଶ୍ରମିକ ଆନ୍ଦୋଳନ ସହ ଘନିଷ୍ଠ ଭାବେ ସଂପୃକ୍ତ ଥିଲା । ବସ୍ତୁତଃ ଶ୍ରମିକ କଲ୍ୟାଣ ଆନ୍ଦୋଳନ ଦେଶର ସ୍ୱାଧୀନତା ସଂଗ୍ରାମର ଏକ ଅଂଶ ଥିଲା । ୧୯୩୧ ରେ କରାଚି କଂଗ୍ରେସ ଶ୍ରମିକ ସଂସ୍କାର କାର୍ଯ୍ୟକ୍ରମ ଗ୍ରହଣ କରିଥିଲା । ପରବର୍ତ୍ତୀ ବର୍ଷଗୁଡ଼ିକରେ ବିଭିନ୍ନ ଇସ୍ତାହାରରେ ଏହା ବୁଝାଇ ଦିଆଯାଇଥିଲା ଓ ପୁନରୁଲ୍ଲେଖ କରାଯାଇଥିଲା । ଏହା ସ୍ୱାଭାବିକ ଯେ ସେଇ ଦଳ ଆମର ଶାସକରୂପେ ତା'ର ସେଇ ଶ୍ରମିକ କଲ୍ୟାଣ କାର୍ଯ୍ୟକ୍ରମକୁ ରୂପାୟିତ କରୁଛି । ସରକାର ଏକ ପାଞ୍ଚ-ବର୍ଷିଆ ଶ୍ରମିକ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ । ଆମର ଅର୍ଥନୈତିକ ଯୋଜନାରେ ଶ୍ରମିକ କାର୍ଯ୍ୟକ୍ରମକୁ ସାମିଲ କରାଗଲା । ସ୍ୱାଧୀନତା ପରେ ଏକ ସକ୍ରିୟ ଶ୍ରମ ନୀତି ହାତକୁ ନିଆଗଲା ।

## ଶ୍ରମିକଙ୍କ ପାଇଁ କଅଣ କରାଯାଇଛି

ଶ୍ରମିକଙ୍କ ପାଇଁ କଅଣ ସବୁ କରାଯାଇଛି, ତା' ହେଉଛି—ଯେଉଁ ସବୁ ଶିଳ୍ପରେ ଶ୍ରମିକମାନଙ୍କର ଦାବୀ କରିବା ଅବସ୍ଥା ଦୁର୍ବଳ ସେଠାରେ ଆଇନମୂଳକ ସର୍ବନିମ୍ନ ମଜୁରୀ ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଛି । ସଂଗଠିତ କର୍ମସଂସ୍ଥାନ କ୍ଷେତ୍ରରେ ସରକାର ଉଚିତ ମଜୁରୀ ବ୍ୟବସ୍ଥା ପ୍ରୋତ୍ସାହନ କରିଛନ୍ତି । ତ୍ରିପକ୍ଷୀୟ ମଜୁରୀ ବୋର୍ଡ କିମ୍ବା ଆଇନାନୁଯାୟୀ ଗଠିତ ଏଡ୍‌ଜୁଡ଼ିକେଶନ ଟ୍ରିବୁନାଲ ଜରିଆରେ ତାକୁ କାର୍ଯ୍ୟକାରୀ କରିବାକୁ ବ୍ୟବସ୍ଥା ହେଲା । ଏସବୁ ମଜୁରୀ ବୋର୍ଡର ସୁପାରିଶରେ ପ୍ରାୟ ୨୦ ଟି କର୍ମସଂସ୍ଥାନ କ୍ଷେତ୍ରରେ ୫୦ ଲକ୍ଷରୁ ଅଧିକ ଶ୍ରମିକ ଉପକୃତ ହୋଇଛନ୍ତି । ଏକ ବୋନସ ଆଇନ ଜରିଆରେ ଶିଳ୍ପର ଲାଭର ଅଂଶୀଦାର ହେବାକୁ ଶ୍ରମିକଙ୍କୁ ଆଇନମୂଳକ ଅଧିକାର ମିଳିଛି । ଏଥିରେ ବ୍ୟବସ୍ଥା ଅଛି ଯେ ଏକ ନିର୍ଦ୍ଦିଷ୍ଟ ବର୍ଷ ଗୋଟିଏ ପ୍ରତିଷ୍ଠାନ ଲାଭ ନକଲେ ମଧ୍ୟ ଏକ ସର୍ବନିମ୍ନ ବୋନସ ମିଳିବ । ଅସୁସ୍ଥତା, କାମକରିବାବେଳେ ଆଘାତ ଓ ଦୁର୍ଘଟଣାରେ ମୃତ୍ୟୁ ଇତ୍ୟାଦି ଆକସ୍ମିକ ପରିସ୍ଥିତି ବିରୁଦ୍ଧରେ ବ୍ୟବସ୍ଥା ପାଇଁ ୧୯୪୮ ରେ ସମାଜିକ ନିରାପତ୍ତା ଆଇନ ପ୍ରଣୀତ ହୋଇଥିଲା । ବର୍ତ୍ତମାନ ଦେଶରେ ପ୍ରାୟ ୪୨ ଲକ୍ଷ ଶ୍ରମିକ ବୀମାଭୁକ୍ତ ହୋଇ ନଗଦ ଓ ଡାକ୍ତରୀ ସାହାଯ୍ୟ ପାଉଛନ୍ତି । ଯଦି ଏଥିରେ ଶ୍ରମିକ ପରିବାରକୁ ଅନ୍ତର୍ଭୁକ୍ତ କରାଯାଏ ତେବେ ସେଇ ସଂଖ୍ୟା ହେବ ୧୬୪ ଲକ୍ଷ । ଆଉ ଗୋଟିଏ ପ୍ରଧାନ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ହେଉଛି ଭବିଷ୍ୟନିଧି । ଏଥିରେ କୋଇଲା ଖଣିରେ କାମ କରୁଥିବା ଚାରିଲକ୍ଷରୁ ଅଧିକ ଶ୍ରମିକ ଓ ଅନ୍ୟାନ୍ୟ ଶିଳ୍ପରେ କାମ କରୁଥିବା ୬୦ ଲକ୍ଷ ଶ୍ରମିକ ଅନ୍ତର୍ଭୁକ୍ତ । ଏଥିରେ ଶ୍ରମିକମାନଙ୍କର ଦେୟ ଧୀରେ ଧୀରେ ଶତକଡ଼ା ୬ ୧/୪ ଭାଗରୁ ଆଠ ଭାଗକୁ ବୃଦ୍ଧି ହେଉଛି । ସଂପ୍ରତି ସରକାର ଏକ ପରିବାର ପେନସନ ତଥା ଜୀବନବୀମା ଯୋଜନା ପ୍ରବର୍ତ୍ତନ କରିଛନ୍ତି । ସୁପରଏନୁଏସନ ବର୍ଷରେ ପହଞ୍ଚିବା ପୂର୍ବରୁ ଜଣେ ଭବିଷ୍ୟନିଧିଦାତା ଶ୍ରମିକ ମରିଗଲେ ତାଙ୍କ ପରିବାର ପେନସନ ପାଇବା ବ୍ୟବସ୍ଥା ଅଛି । ଜଣେ ଶ୍ରମିକ ଚାକିରୀ କରିବାବେଳେ ମରିଗଲେ ବାଧ୍ୟତାମୂଳକ ଜୀବନବୀମା ମଧ୍ୟ ମିଳିବ । ଆୟ ନିରାପତ୍ତା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ

ବ୍ୟବସ୍ଥା ହେଉଛି ପ୍ରାଚୁରଚି । ଗୋଟିଏ ରାଜ୍ୟରେ ଏହା ବଳବତ୍ତର ଅଛି ଓ ସର୍ବଭାରତୀୟ ସ୍ତରରେ ଏକ ଆଇନ ବ୍ୟବସ୍ଥା ହେଉଛି । ଖଣି, କାରଖାନା, ବଗିଚା, ଡକ୍, ମୋଟର ପରିବହନ ଓ ବିଡି ତିଆରି ଶ୍ରମିକମାନଙ୍କ ନିରାପତ୍ତା ଓ କାମ କରିବା ବ୍ୟବସ୍ଥା ଉନ୍ନତି ଦିଗରେ ବ୍ୟାପକ ଆଇନ କରାଯାଇଛି । କୋଇଲା, ଅଭ୍ର ଓ ଲୁହାପଥର ଖଣି ଶ୍ରମିକଙ୍କ କଲ୍ୟାଣ ଦିଗରେ ଘର, ଡାକ୍ତରଖାନା, ସ୍କୁଲ, ରିକ୍ରିଏସନ କ୍ଲବ ଇତ୍ୟାଦି ପାଇଁ ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା ହୋଇଛି ।

ଶ୍ରମିକ ବିବାଦ ସମାଧାନ ଦିଗରେ ବିହିତ ବ୍ୟବସ୍ଥା ହୋଇଛି । ୧୯୪୭ ରେ ଏକ ଶିଳ୍ପ ବିବାଦ ଆଇନ ପ୍ରଣୀତ ହୋଇଛି । ୧୯୫୮ ରେ ଏକ ସ୍ୱେଚ୍ଛାକୃତ ଶୃଙ୍ଖଳାବିଧି ପ୍ରବର୍ତ୍ତନ କରାଯାଇଛି । ଶିଳ୍ପ ଶ୍ରମିକ ଓ ମାଲିକ ମଧ୍ୟରେ ଶାନ୍ତି ଓ ସହଯୋଗ ସ୍ଥାପନ ହେଲା ଏହାର ଉଦ୍ଦେଶ୍ୟ । ଶ୍ରମିକମାନଙ୍କୁ ସେମାନଙ୍କର ଅଧିକାର ଓ ଦାୟିତ୍ୱ ସଂପର୍କରେ ପରିଚିତ କରାଇବା ଉଦ୍ଦେଶ୍ୟରେ ୧୯୫୮ ରୁ ଏକ ଶ୍ରମିକ ଶିକ୍ଷା କାର୍ଯ୍ୟକ୍ରମ ଚାଲିଛି । ଏ ବାବଦରେ ଚାରିକୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରାଯାଇଛି । ଚବିଶ ହଜାରରୁ ଅଧିକ ଶ୍ରମିକ-ଶିକ୍ଷକ-ତାଲିମ ପାଇଛନ୍ତି । ଏହି ଯୋଜନା ଅଧୀନରେ ପ୍ରାୟ ବାର ଲକ୍ଷ ଶ୍ରମିକ ଉପକୃତ ହୋଇଛନ୍ତି । ବହୁ ସଂଖ୍ୟକ ଶିଳ୍ପାନୁଷ୍ଠାନରେ ପରିଚାଳନାରେ ଶ୍ରମିକ ଅଂଶ ଗ୍ରହଣ କରିବା ଉଦ୍ଦେଶ୍ୟରେ ମିଳିତ ପରିଚାଳନା ପରିଷଦ ଗଠନ କରାଯାଇଛି । ରାଷ୍ଟ୍ରାୟତ୍ତ ଶିଳ୍ପର ପରିଚାଳନା ସଂସଦରେ ଶ୍ରମିକ ପ୍ରତିନିଧିତ୍ୱ ପାଇଁ ବ୍ୟବସ୍ଥା କରାଯାଇଛି । ଏହା ଏକ ପରୀକ୍ଷାମୂଳକ ବ୍ୟବସ୍ଥା ।

ଶ୍ରମିକମାନଙ୍କୁ କାମ ଯୋଗାଇବା ଦିଗରେ ସରକାର ଦୁଇଟି ଦିଗରୁ ମୌଳିକ ବ୍ୟବସ୍ଥା ଗ୍ରହଣ କରିଛନ୍ତି—(୧) ବିଭିନ୍ନ ଶିଳ୍ପରେ ସହଜରେ କାମ ପାଇବାକୁ ଯୋଗ୍ୟ କରିବା ପାଇଁ ତାଲିମ ବ୍ୟବସ୍ଥାର ସଂପ୍ରସାରଣ (୨) ଶ୍ରମିକ ଅଭିମୁଖୀ ଉନ୍ନୟନ ଯୋଜନା କରି କର୍ମସଂସ୍ଥାନ ସୁଯୋଗ ପ୍ରସାର । ଗ୍ରାମାଞ୍ଚଳରେ ଅଧିକ କାମ ସୃଷ୍ଟି କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଛି । ଶିଳ୍ପାନୁଷ୍ଠାନ ବନ୍ଦ ହେବା ଫଳରେ ଶ୍ରମିକମାନେ ଅସୁବିଧାରେ ଯେପରି ନ ପଡ଼ନ୍ତି ସେ ଦିଗରେ ସରକାର ସଂପ୍ରତି ଯଥାର୍ଥ ଆଇନମୂଳକ ବ୍ୟବସ୍ଥା ଗ୍ରହଣ କରିଛନ୍ତି ।

## ଶ୍ରମିକର ଏକତା

ଶ୍ରମିକର ଅବସ୍ଥା ଓ ମର୍ଯ୍ୟାଦା ଉନ୍ନତ ହୋଇଛି କି ? ବହୁ ବ୍ୟବସ୍ଥା ତ ନିଆଯାଇଛି । ଯଦି ସନ୍ତୋଷଜନକ ଅଗ୍ରଗତି ହୋଇପାରି ନାହିଁ ତେବେ ତ୍ରୁଟି କେଉଁଠି । ଟ୍ରେଡ୍ ୟୁନିୟନ ଆନ୍ଦୋଳନରେ ଦୁର୍ଭାଗ୍ୟଜନକ ବିଭେଦ ଯୋଗୁଁ ଶ୍ରମିକଙ୍କ ଶକ୍ତି ହ୍ରାସ ପାଇଛି । ଶ୍ରମିକମାନେ ବିଗତ ବର୍ଷଗୁଡ଼ିକରେ ଏକ ମନ ଓ ଏକ ପ୍ରାଣରେ ସେମାନଙ୍କର ଦାବୀ ଜଣାଇ ଥିଲେ ଦେଶର ଅର୍ଥନୈତିକ ନୀତି ନିର୍ଦ୍ଧାରଣ କରିବାରେ ସେମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଥାନ୍ତେ । ତେବେ ଆଜି ମୋର ଏତିକି ସନ୍ତୋଷ ଯେ ଶ୍ରମିକ ନେତାମାନେ ଠିକ୍ କଥା ଉପଲବ୍ଧି କରିଛନ୍ତି । ସେମାନେ ବୁଝି ପାରିଲେଣି ଯେ ସେମାନଙ୍କର ଅସଲ ଶକ୍ତି ଆସିବ ଏକତାରୁ । ପ୍ରଧାନ ଟ୍ରେଡ ୟୁନିୟନ କେନ୍ଦ୍ରଗୁଡ଼ିକ ଏକ ସାଧାରଣ ଜାତୀୟ ପରିଷଦ ଗଠନ କରିଛନ୍ତି । ଯଦି ଏହି ପରିଷଦ ଏକତା ଆଣିପାରିବ ତେବେ ଟ୍ରେଡ ୟୁନିୟନ ଆନ୍ଦୋଳନ ଆତ୍ମନିର୍ଭରଶୀଳ ହେବ । ବିଗତ ୨୫ ବର୍ଷ ମଧ୍ୟରେ ଶ୍ରମିକମାନେ ଯାହା ପାଇ ନାହାନ୍ତି ତାହା ପାଇ ପାରିବେ ।

# କ୍ଷୁଦ୍ରଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା

ଆବିଦ ହୁସେନ

ଶିଳ୍ପ କ୍ଷେତ୍ରରେ କ୍ଷୁଦ୍ରଶିଳ୍ପର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାଧାରଣତଃ କାରଖାନା ଓ ଯନ୍ତ୍ରପାତି ଆଦିରେ ଯେଉଁ ଶିଳ୍ପ ସଂସ୍ଥା ୭ ଲକ୍ଷ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ପୁଞ୍ଜି ବିନିଯୋଗ କରିଥାଏ, ତାକୁ କ୍ଷୁଦ୍ର ଶିଳ୍ପ ବୋଲି ଧରାଯାଏ । ଅବଶ୍ୟ ଏହି ହିସାବରେ ଶିଳ୍ପ ସଂସ୍ଥାର ଜମି ଏବଂ ଗୃହର ମୂଲ୍ୟ ତଥା କାର୍ଯ୍ୟକାରି ମୂଳଧନ ବାଦ ଦିଆଯାଏ । ସହାୟକ କ୍ଷୁଦ୍ରଶିଳ୍ପ ସଂସ୍ଥାରେ କାରଖାନା ଓ ଯନ୍ତ୍ରପାତି ଆଦି ବାବଦକୁ ବିନିଯୋଗ ପରିମାଣ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇପାରେ । କ୍ଷୁଦ୍ରଶିଳ୍ପ ଉନ୍ନୟନ ସଂସ୍ଥାର ଏକ ହିସାବ ଅନୁଯାୟୀ ଜଣାଯାଇଛି ଯେ, କ୍ଷୁଦ୍ର ଶିଳ୍ପ କ୍ଷେତ୍ରରେ ବାର୍ଷିକ ଉତ୍ପାଦନ ହାର ହେଉଛି ଶତକଡ଼ା ୧୧ ଭାଗ । ବର୍ଷକୁ କ୍ଷୁଦ୍ରଶିଳ୍ପ ସଂଖ୍ୟା ଶତକଡ଼ା ୧୦ ହାରରେ ବୃଦ୍ଧି ପାଉଛି । ଦେଶରେ ବର୍ତ୍ତମାନ ଦୁଇଲକ୍ଷ ୮୨ ହଜାରରୁ ଅଧିକ କ୍ଷୁଦ୍ରଶିଳ୍ପ ସଂସ୍ଥା ରେଜେଷ୍ଟ୍ରିଭୁକ୍ତ ହୋଇଛି । ଏହି ଶିଳ୍ପ କ୍ଷେତ୍ରରେ ୩୩ ଲକ୍ଷ ୪୦ ହଜାର ବ୍ୟକ୍ତି ନିଯୁକ୍ତି ପାଉଛନ୍ତି । ୧୯୬୯—୭୦ରେ କ୍ଷୁଦ୍ରଶିଳ୍ପ ସଂସ୍ଥାରୁ ୩୨ କୋଟି ଟଙ୍କା ମୂଲ୍ୟର ଅଣ-ପାରମ୍ପରିକ ଦ୍ରବ୍ୟ ରପ୍ତାନି ହୋଇଛି ।

## ଲାଇସେନ୍ସ ନୀତି

ଦେଶର ଶିଳ୍ପ ଲାଇସେନ୍ସ ନୀତି କ୍ଷୁଦ୍ର ଶିଳ୍ପର ପ୍ରସାର ପାଇଁ ସହାୟକ ହୋଇପାରିଛି । ଏହି ଶିଳ୍ପ କ୍ଷେତ୍ରରେ କେତେକ ଦ୍ରବ୍ୟର ଉତ୍ପାଦନକୁ ସଂରକ୍ଷିତ କରାଯାଇଛି । କ୍ଷୁଦ୍ର ଶିଳ୍ପ ସଂସ୍ଥାରେ ଉତ୍ପାଦନ ଲାଗି ୧୨୮ ଟି ଦ୍ରବ୍ୟ ସଂରକ୍ଷିତ ହୋଇଛି । ଆହୁରି ଅଧିକ ୮୦ଟି ଦ୍ରବ୍ୟ ଏଥିପାଇଁ ସଂରକ୍ଷିତ କରିବା ବିଷୟ ସରକାରଙ୍କ ବିଚାରାଧୀନ ଅଛି । ଏଭଳି ଅନେକ ଦ୍ରବ୍ୟ ଅଛି ଯାହାର ଉତ୍ପାଦନ କ୍ଷୁଦ୍ର ଶିଳ୍ପ ସଂସ୍ଥା କ୍ଷେତ୍ରରେ ବୈଷୟିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଲାଭଜନକ ହେବ ।

## କ୍ଷୁଦ୍ର ଶିଳ୍ପ ଓ ଉଦ୍ୟୋଗକାରୀ

କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରୁଥିବା ଉଦ୍ୟୋଗକାରୀମାନେ ସାଧାରଣତଃ ବ୍ୟବସାୟୀ ଶ୍ରେଣୀର ବ୍ୟକ୍ତି । କାରିଗରୀ ତଥା ବୈଷୟିକ ତାଲିମପ୍ରାପ୍ତ ଖୁବ୍ କମ୍ ବ୍ୟକ୍ତି ଏଥିପ୍ରତି ଆକୃଷ୍ଟ ହେବାର ଦେଖାଯାଏ । ତେଣୁ ବୈଷୟିକ ତାଲିମପ୍ରାପ୍ତ ଲୋକଙ୍କୁ ଏ ଦିଗରେ ଆକୃଷ୍ଟ କରିବା ଲାଗି ସ୍ୱତନ୍ତ୍ର ଉଦ୍ୟମ କରାଯାଉଛି ।

## କଞ୍ଚାମାଲ୍ ଯୋଗାଣ

କ୍ଷୁଦ୍ର ଶିଳ୍ପ ସଂସ୍ଥାକୁ କଞ୍ଚାମାଲ ଯୋଗାଇ ଦେବାର ସ୍ୱତନ୍ତ୍ର ସୁବିଧା ରହିଛି । ଆବଶ୍ୟକ କଞ୍ଚାମାଲ ବିଦେଶରୁ ଆଣି ମଧ୍ୟ ଯୋଗାଇ ଦେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଅଛି । କିନ୍ତୁ ଏହିସବୁ ବ୍ୟବସ୍ଥାରେ କିଂଚିତ ପରିବର୍ତ୍ତନ ଆବଶ୍ୟକ ହେଉଛି । ବାଲଚନ୍ଦ୍ରନ କମିଟିଙ୍କ ସୁପାରିଶ ଅନୁଯାୟୀ କ୍ଷୁଦ୍ରଶିଳ୍ପ ସଂସ୍ଥାକୁ ତା'ର ଉତ୍ପାଦନ ଦକ୍ଷତା ଅନୁସାରେ କଞ୍ଚାମାଲ ଯୋଗାଇ ଦେବା ଆବଶ୍ୟକ କରୁଛି । ଆହୁରି ମଧ୍ୟ ଆବଶ୍ୟକ ଅନୁଯାୟୀ ଯଥେଷ୍ଟ ପରିମାଣରେ କ୍ଷୁଦ୍ର ଶିଳ୍ପକୁ କଞ୍ଚାମାଲ ଯୋଗାଇ ପାରିଲେ ଉତ୍ପାଦନ ବୃଦ୍ଧି ପାଇବ ।

## ଶିଳ୍ପାଞ୍ଚଳ କାର୍ଯ୍ୟକ୍ରମ

ଶିଳ୍ପାଞ୍ଚଳ କାର୍ଯ୍ୟକ୍ରମରେ ଅନେକ କ୍ଷୁଦ୍ର ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରାଯାଇଛି । ଏପର୍ଯ୍ୟନ୍ତ ପାଞ୍ଚଶହରୁ ଅଧିକ ଶିଳ୍ପାଞ୍ଚଳ ସ୍ଥାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସହରାଞ୍ଚଳ ତଥା ଅର୍ଦ୍ଧ-ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ କ୍ଷୁଦ୍ରଶିଳ୍ପ ସ୍ଥାପନ କରାଯାଇଛି । ଏକ ଉଲ୍ଲେଖଯୋଗ୍ୟ ବିଷୟ ହେଉଛି, ଶିଳ୍ପାଞ୍ଚଳ କାର୍ଯ୍ୟକ୍ରମର ପ୍ରସାର ଯୋଗୁଁ ବାର୍ଷିକ ଉତ୍ପାଦନ ମୂଲ୍ୟ ୧୫୦ କୋଟି ଟଙ୍କାରୁ ଅଧିକ ହୋଇପାରିଛି । ବେସରକାରୀ ତଥା ସମବାୟ କ୍ଷେତ୍ରରେ ଅନେକ ଶିଳ୍ପାଞ୍ଚଳ ସ୍ଥାପିତ ହେଉଛି ।

ସରକାରୀ ଓ ବେସରକାରୀ ଉଭୟ କ୍ଷେତ୍ରରେ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥାଗୁଡ଼ିକର ସହାୟକ ଶିଳ୍ପକୁ ସାହାଯ୍ୟ କରିବା ଲାଗି ବିଶେଷ ଉଦ୍ୟମ କରାଯାଇଛି । ସରକାରୀ ଉଦ୍ୟୋଗରେ ପରିଚାଳିତ କ୍ଷୁଦ୍ର ଶିଳ୍ପରେ ବ୍ୟବହୃତ ହେଉଥିବା କଞ୍ଚାମାଲ ତଥା ଅର୍ଦ୍ଧ-ନିର୍ମିତ କଞ୍ଚାମାଲ ଯୋଗାଇ ଦେବା ଲାଗି କେତେକ ସହାୟକ ଶିଳ୍ପ ସଂସ୍ଥା ପ୍ରତିଷ୍ଠିତ ହୋଇଛି । ଏହି ସହାୟକ ଶିଳ୍ପ ସଂସ୍ଥାର ଉତ୍ପାଦନ ପରିମାଣ ହେବ ୩୦ କୋଟି ଟଙ୍କା ।

## ଆର୍ଥିକ ସହାୟତା

କ୍ଷୁଦ୍ର ଶିଳ୍ପକୁ ଆର୍ଥିକ ସହାୟତା ଯୋଗାଇ ଦେବା ଲାଗି କେତେକ ପଦକ୍ଷେପ ନିଆଯାଇଛି । ଷ୍ଟେଟବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପକ୍ଷରୁ ୧୯୭୧ ମସିହା ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଏହି ଶିଳ୍ପକୁ କାର୍ଯ୍ୟକାରୀ ମୂଳଧନ ବାବଦକୁ ୨୯୩ କୋଟି ଟଙ୍କା ଏବଂ ମିଆଦୀ ଋଣ ବାବଦକୁ ୩୬ କୋଟି ଟଙ୍କା ଦିଆ ଯାଇଛି । ଅନ୍ୟ ବାଣିଜ୍ୟକ ବ୍ୟାଙ୍କ ପକ୍ଷରୁ ଏହି ସମୟ ମଧ୍ୟରେ ୫୭୪ କୋଟି ଟଙ୍କା ସହାୟତା ଦିଆଯାଇଛି । ରାଜ୍ୟ ଅର୍ଥଯୋଗାଣ କର୍ପୋରେସନ ଓ ରାଜ୍ୟ ସରକାରମାନେ ଯଥାକ୍ରମେ ୯୩ କୋଟି ଟଙ୍କା ଓ ୪୬ କୋଟି ଟଙ୍କାର ଦୀର୍ଘ ମିଆଦୀ ଋଣ ଯୋଗାଇ ଦେଇଛନ୍ତି । ରିଜର୍ଭ ବ୍ୟାଙ୍କ ପ୍ରାୟ ୭୫୦ କୋଟି ଟଙ୍କାର ଗ୍ୟାରେଣ୍ଟି ଦେଇଛି ।

## ଯନ୍ତ୍ରପାତି ଯୋଗାଣ

କ୍ଷୁଦ୍ର ଶିଳ୍ପ ସଂସ୍ଥାକୁ ଜାତୀୟ କ୍ଷୁଦ୍ର ଶିଳ୍ପ କର୍ପୋରେସନ ପକ୍ଷରୁ ଆବଶ୍ୟକ ଯନ୍ତ୍ରପାତି ଓ ଉପକରଣ ଯୋଗାଇ ଦିଆଯାଉଛି । ୧୯୭୧-୭୨ ରେ ପ୍ରାୟ ୮୫୯ ଲକ୍ଷ ଟଙ୍କା ମୂଲ୍ୟର ବିଭିନ୍ନ ଯନ୍ତ୍ରପାତି ଯୋଗାଇ ଦିଆଯାଇଛି ।

କ୍ଷୁଦ୍ର ଶିଳ୍ପ ଲୋକଙ୍କୁ ବହୁ ପରିମାଣରେ ନିଯୁକ୍ତି ଯୋଗାଇ ପାରିବ । ପଞ୍ଚମ ଯୋଜନା କାଳରେ ଏହି କ୍ଷେତ୍ରରେ ଦେଢ଼ ନିୟୁତ ଲୋକଙ୍କ ପାଇଁ ଧନ୍ଦା ଯୋଗାଇ ଦେବା ଏବଂ ଦୁଇଲକ୍ଷ ନୂଆ କ୍ଷୁଦ୍ର ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହି ଲକ୍ଷ୍ୟ ପୂରଣ ଲାଗି ଆବଶ୍ୟକ ୪୫୦ କୋଟି ଟଙ୍କା ମୂଲ୍ୟର ବୈଦେଶିକ ବିନିମୟ ମୁଦ୍ରା ମଧ୍ୟ ଯୋଗାଇ ଦେବାକୁ ସ୍ଥିର ହୋଇଛି । ଏହି ଶିଳ୍ପ ସଂସ୍ଥାଗୁଡ଼ିକ ଆବଶ୍ୟକ କରୁଥିବା ଇସ୍ପାତ ଦ୍ରବ୍ୟ ୧୫ ଟନ୍ ପର୍ଯ୍ୟନ୍ତ ଯୋଗାଇ ଦିଆଯିବ । ବର୍ତ୍ତମାନ ଯୋଗାଇ ଦିଆଯାଉଥିବା ଇସ୍ପାତ ଦ୍ରବ୍ୟର ପରିମାଣ ହେବ ଦଶଲକ୍ଷ ଟନ୍ । ଏହା ବ୍ୟତୀତ ୧୯୩୦ କୋଟି ଟଙ୍କାର ଆନୁଷଙ୍ଗିକ ଋଣ ମଧ୍ୟ ଯୋଗାଇ ଦିଆଯିବ ।

# ଭାରତରେ ଜନଗଣନା

ଏ. ଚନ୍ଦ୍ରଶେଖର

ଶହେ ବର୍ଷ ଧରି ପ୍ରତି ଦଶ ବର୍ଷରେ ଥରେ ଭାରତରେ ଜନଗଣନା ହୋଇ ଆସୁଛି । ଭାରତର ଜନଗଣନା ସମଗ୍ର ପୃଥିବୀରେ ବୃହତ୍ତମ । ୧୯୩୧ ଯାଏ ଭାରତର ଜନଗଣନା କହିଲେ, ଆଜିର ଭାରତ ବଙ୍ଗଳାଦେଶ, ପାକିସ୍ଥାନ, ନେପାଳ ଏବଂ ବର୍ମା ଆଦି ଦେଶର ଜନଗଣନା ବୁଝାଉଥିଲା । ସେତେବେଳର ଜନସଂଖ୍ୟା ଚୀନ ଜନସଂଖ୍ୟାଠୁ ଅଧିକ ଥିଲା । ଚୀନରେ ନିୟମିତ ଜନଗଣନା ନ ହେଉଥିବାରୁ ଭାରତର ଜନଗଣନା ଆଜିଯାଏ ଶୀର୍ଷସ୍ଥାନ ଅଧିକାର କରି ରହିଛି । ୧୯୭୧ ର ଜନଗଣନାକୁ ବିସ୍ମରକୁ ନିଆଯାଉ । ୧୦ ଲକ୍ଷରୁ ଅଧିକ ଲୋକ ଏହି କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । ଏହା ବିଶେଷ କଷ୍ଟସାଧ୍ୟ । ଗତ ଜନଗଣନା ଅନୁସାରେ ଭାରତର ଲୋକସଂଖ୍ୟା ୫୪ କୋଟି ୮୦ ଲକ୍ଷ ।

ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଚାଣକ୍ୟ ଅର୍ଥଶାସ୍ତ୍ରରେ ଜନଗଣନାକୁ ଏକ ରାଷ୍ଟ୍ରନୀତି ରୂପେ ସ୍ଥାନ ଦେଇଥିଲେ । ଏହା କରଧାର୍ଯ୍ୟ କରିବାରେ ସହାୟକ ହେଉଥିଲା । କିନ୍ତୁ ପୁରାତନ ଜନଗଣନା ବିଷୟରେ କିଛି ତଥ୍ୟ ମିଳେ ନାହିଁ । କେବଳ କରଧାର୍ଯ୍ୟ ଏବଂ ବାଧ୍ୟତାମୂଳକ ସାମରିକ ଶିକ୍ଷା ଲାଗି ଜନଗଣନା କରାଯାଉଥିବାରୁ ଲୋକମାନେ ଏଥିପାଇଁ ଉତ୍ସାହ ଦେଖାଉ ନ ଥିଲେ । ମୋଗଲ ସାମ୍ରାଜ୍ୟରେ ଜନସଂଖ୍ୟା, କୃଷି, ଭୂ-ରାଜସ୍ୱ ଆଦି ବିଷୟରେ ହିସାବ କିତାବ୍ ରହୁଥିଲା । କିନ୍ତୁ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ସର୍ବଭାରତୀୟ ସ୍ତରରେ ନିୟମିତ ରୂପେ କୌଣସି ଜନଗଣନା ବ୍ୟବସ୍ଥା ନଥିଲା । ଇଂରେଜ ଶାସନ ଅମଳରେ ଏଥି ପାଇଁ ପ୍ରଥମ କରି ଉଦ୍ୟମ ହେଲା ।

୧୮୫୬ ମସିହାରେ ଇଂରେଜ ଶାସକମାନେ ଭାରତୀୟ ଜନଗଣନା କରିବା ପାଇଁ ଚିନ୍ତା କଲେ । ୧୮୬୧ ରେ ପ୍ରଥମ ଜନଗଣନା ହେବାର ଥିଲା । କିନ୍ତୁ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଯୋଗୁଁ ଏହାକୁ ଘୁଞ୍ଚାଇ ଦିଆଗଲା । ୧୮୭୧ ରେ ପ୍ରଥମ ଜନଗଣନା ହେବା ପାଇଁ ୧୮୬୫ ମସିହାରେ ସିଦ୍ଧାନ୍ତ ଗ୍ରହଣ କରାଗଲା । ୧୮୬୭ ମସିହାରୁ ୧୮୭୨ ଯାଏ ବିଭିନ୍ନ ସମୟରେ ବିଭିନ୍ନ ପ୍ରଦେଶରେ ଜନଗଣନା କରାଯାଇଥିଲା । ତା'ପରଠାରୁ ପ୍ରତି ଦଶ ବର୍ଷରେ ଥରେ ଭାରତରେ ଜନଗଣନା ହୋଇଆସୁଅଛି । ୧୯୭୧ରେ ସର୍ବଭାରତୀୟ ସ୍ତରରେ ଏକାଦଶ ଜନଗଣନା କରାଯାଇଛି ।

ପ୍ରଥମେ ଯେତେବେଳେ ଜନଗଣନା ହେଲା କେତେ ଲୋକ ଭାବିଲେ ଯେ ସରକାର ଅଧିକ କର ବସାଇବା ପାଇଁ ଏହା କରୁଛନ୍ତି । ଆଉ କେତେକ ଭାବିଲେ ପ୍ରତି ପରିବାରରୁ ଜଣେ ଲେଖାଏଁ ଲୋକ ସେନା ବାହିନୀରେ ଯୋଗ ଦେବାକୁ ହେବ । ସୁଦୂର ଇଂରେଜ ଉପନିବେଶଗୁଡ଼ିକରେ ଲୋକମାନଙ୍କୁ ବାଧ୍ୟତାମୂଳକ ଭାବେ ଖଟାଇବା ପାଇଁ ସରକାର ଲୋକସଂଖ୍ୟା ହିସାବ କରୁଛନ୍ତି ବୋଲି ଅନ୍ୟ କେତେ ଲୋକ କଳ୍ପନା ଜଳ୍ପନା କଲେ । ଅନେକ ସନ୍ଦେହ କଲେ ଯେ ଇଂରେଜ ସରକାର ଭାରତରୁ ଝିଅମାନଙ୍କୁ ନେଇ ଇଂରେଜ ସୈନ୍ୟମାନଙ୍କୁ ବିବାହ କରାଇବା ବ୍ୟବସ୍ଥା କରୁଛନ୍ତି ।

୧୯୩୧ ରେ ଦେଶରେ ଅସହଯୋଗ ଆନ୍ଦୋଳନ ଚାଲିଥିଲା । ତେଣୁ ଜନଗଣନାରେ ପ୍ରତିବନ୍ଧକ ଦେଖାଦେଲା । ଜନଗଣନା ପାଇଁ ନିଯୁକ୍ତ ବ୍ୟକ୍ତିମାନେ ଏବଂ ଜନସାଧାରଣ ଏଥିରେ ଅସହଯୋଗ କଲେ । ଇଂରେଜ ସରକାର ମହାତ୍ମା ଗାନ୍ଧୀଙ୍କୁ ଅନୁରୋଧ କଲେ ଯେ ଜନଗଣନା ଭବିଷ୍ୟତରେ ବିଶେଷ ସହାୟକ ହେବ । ତେଣୁ ଲୋକମାନେ ଏଥିରେ ସାହାଯ୍ୟ କରିବା ଉଚିତ । ମହାତ୍ମା ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ୧୯୨୧ ଏବଂ ୧୯୩୧ ଜନଗଣନାରେ ଜନସାଧାରଣ ସହଯୋଗ କଲେ ।

୧୯୪୧ ବେଳକୁ ଦେଶରେ ସାଂପ୍ରଦାୟିକ ଗଣ୍ଡଗୋଳ ଚାଲିଥିଲା । ତେଣୁ ଜନଗଣନା ବେଳେ ପ୍ରତି ସଂପ୍ରଦାୟର ଲୋକମାନେ ଅଧିକ ଜନସଂଖ୍ୟା ଦେଖାଇବା ପାଇଁ ଚେଷ୍ଟା କଲେ । ଫଳରେ ୧୯୪୧ ଜନଗଣନାରେ ଅନେକ ଭ୍ରମ ରହିଥିଲା ।

ସ୍ୱାଧୀନତା ପରେ ୧୯୫୧ରେ ଜନଗଣନା ହେଲା । ସେତେବେଳକୁ ପାକିସ୍ତାନରୁ ଅନେକ ଲୋକ ତଡ଼ା ଖାଇ ଆସିଥିଲେ । ଜାମ୍ମୁ ଓ କାଶ୍ମୀରକୁ ନେଇ ଗୋଳମାଳ ଲାଗିଥିଲା । ତେଣୁ ଜନଗଣନା ବେଳେ କେତେକ ଅସୁବିଧା ଦେଖାଦେଲା । ୧୯୬୧ ଜନଗଣନା ସୁରୁଖୁରୁରେ ଶେଷ ହେଲା ।

ସେତେବେଳେ ଯାହା କିଛି ଅସୁବିଧା ରହିଥିଲା ସେଥିପାଇଁ ସରକାର ଆଗରୁ ସତର୍କ ବ୍ୟବସ୍ଥା ଗ୍ରହଣ କରିଥିଲେ ।

୧୯୭୧ ଜନଗଣନା ବେଳକୁ ପାର୍ଲାମେଣ୍ଟ ଲାଗି ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେଉଥିଲା । ତେଣୁ ଜନଗଣନାକୁ ମାସେ ପୁଞ୍ଚାଇ ଦିଆଗଲା । ସମସ୍ତ ଦେଶରେ ସଫଳଭାବେ ଏହି ଜନଗଣନା କାର୍ଯ୍ୟ ଶେଷ ହୋଇଥିଲା ।

ଜନଗଣନା ପଦ୍ଧତି ଅତି ସରଳ । ଦେଶର ପ୍ରାଥମିକ ସ୍କୁଲ ଶିକ୍ଷକମାନେ ବହୁ ସଂଖ୍ୟାରେ ଏଥିରେ ଅଂଶ ଗ୍ରହଣ କରନ୍ତି । ତେଣୁ ଦେଶର ଲୋକମାନଙ୍କ ବିଷୟରେ ବିଭିନ୍ନ ଧରଣର ତଥ୍ୟ ସଂଗ୍ରହ କରିହୁଏ । ଜନଗଣନାରୁ ଦେଶର ଭୌଗୋଳିକ, ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ତଥ୍ୟ ମିଳେ । ଜନଗଣନା ବିବରଣୀରୁ ଯେ କୌଣସି ଦେଶ ବିଷୟରେ ଧାରଣା କରିହୁଏ ।

ଗତ ଜନଗଣନାରେ ଦେଶର ଲୋକମାନଙ୍କର ବାସଗୃହ ବିଷୟରେ ବିବରଣୀ ସଂଗ୍ରହ କରାଯାଇଛି । ଗାଁରେ ବା ସହରରେ କେଉଁ ଲୋକର କେତେ ଘର ଅଛି, ତାର ଛାତ କିପ୍ରକାର, ଟାଇଲ, ଖପର, କିମ୍ବା ସିମେଣ୍ଟରେ ତିଆରି ସେ ସମ୍ପର୍କରେ ବିବରଣୀ ସଂଗ୍ରହ କରାଯାଇଛି । ଲୋକମାନଙ୍କର ନାମ, ଧର୍ମ, ଜାତି, ସଂପ୍ରଦାୟ, ଜାତୀୟତା, ନିଯୁକ୍ତ ବ୍ୟକ୍ତିଙ୍କ ସଂଖ୍ୟା, ସାକ୍ଷର ସଂଖ୍ୟା, ସ୍କୁଲ ଓ କଲେଜରେ ପଢୁଥିବା ଛାତ୍ରମାନଙ୍କ ସଂଖ୍ୟା ଇତ୍ୟାଦି ଜନଗଣନା ବିବରଣୀରୁ ଜଣାପଡେ । ଘରେ କେହି ଅନ୍ଧ, ବଧିର, ମୂକ, ପାଗଳ, ସଇତାନ ବା କୁଷ୍ଠରୋଗୀ ଥିଲେ ତାର ହିସାବ ମଧ୍ୟ କର୍ମଚାରୀମାନେ ସଂଗ୍ରହ କରନ୍ତି ।

୧୯୭୧ ଜନଗଣନାରେ ଗୋଟିଏ ସ୍ଥାନ ଛାଡ଼ି ଅନ୍ୟସ୍ଥାନକୁ ଚାଲିଯାଇଥିବା ଲୋକମାନଙ୍କର ଜନ୍ମସ୍ଥାନ ଏବଂ ବର୍ତ୍ତମାନ ବାସକରୁଥିବା ସ୍ଥାନର ବିବରଣୀ ସଂଗ୍ରହ କରାଯାଇଥିଲା । ଲୋକମାନଙ୍କର ପ୍ରଜନନ କ୍ଷମତା ବିଷୟରେ ମଧ୍ୟ ବିବରଣୀ ସଂଗୃହୀତ ହୋଇଥିଲା ।

ଏତେ ବଡ଼ ଦେଶରେ ଏତେ ଅଧିକ ଲୋକମାନଙ୍କୁ କିପରି ଗଣି ହେଉଛି ତାହା ଭାବିଲେ କେତେକ ଆଶ୍ଚର୍ଯ୍ୟ ହୁଅନ୍ତି । ପ୍ରାଥମିକ ସ୍ତରରୁ ପ୍ରତିଗାଁର ହାତଟଣା ମାନଚିତ୍ର ପ୍ରସ୍ତୁତ କରାଯାଏ । ଗାଁର ପ୍ରତିଘର ଏବଂ ପ୍ରତିଘରେ ରହୁଥିବା ଲୋକମାନଙ୍କର ସଂଖ୍ୟା ନିର୍ଣ୍ଣୟ କରାଯାଏ । ଜନଗଣନାରେ ନିଯୁକ୍ତ ପ୍ରତି ଲୋକଙ୍କୁ ୬୫୦ ରୁ ୭୫୦ ଜନବସତି ଥିବା ଗାଁର ଭାର ଦିଆଯାଏ । ଗାଁଗହଳିର ଶିକ୍ଷକମାନଙ୍କୁ ଗଣନା କରିବା ପାଇଁ ନିଯୁକ୍ତ କରାଯାଏ ଏବଂ ପ୍ରତି ପାଞ୍ଚଜଣ ଶିକ୍ଷକଙ୍କ ପାଇଁ ଜଣେ ସୁପରଭାଇଜର ନିଯୁକ୍ତ ହୁଅନ୍ତି । ଏମାନଙ୍କୁ ଜନଗଣନା ପଦ୍ଧତି ବିଷୟରେ ବିଶେଷ ତାଲିମ ଦିଆଯାଇଥାଏ । ଜନଗଣନାର ବିଭିନ୍ନ ଧାରା ଏବଂ ନିର୍ଦ୍ଦେଶ ଯତ୍ନର ସହିତ ପ୍ରସ୍ତୁତ କରାଯାଇ ଭିନ୍ନ ଭିନ୍ନ ଆଞ୍ଚଳିକ ଭାଷାରେ ଛପାଯାଏ । ଏହାକୁ ଛାପିବାରେ ତିନିହଜାର ମେଟ୍ରିକଟନ କାଗଜ ଦରକାର ହୁଏ । ଲୋକମାନଙ୍କୁ କିପରି ପ୍ରଶ୍ନ ପଚାରି ସବୁ ତଥ୍ୟ ଆଦାୟ କରାଯାଇପାରିବ ଏବଂ ନବଜାତ ଶିଶୁଠାରୁ ଶହେ ବର୍ଷର ବୃଦ୍ଧ ପର୍ଯ୍ୟନ୍ତ ତାଲିକା ଭୁକ୍ତ ହୋଇପାରିବେ ସେ ବିଷୟରେ ଜନଗଣନା କର୍ମଚାରୀମାନଙ୍କୁ ବିଭିନ୍ନ ନିର୍ଦ୍ଦେଶ ଦିଆଯାଇଥାଏ । ଗୋଟିଏ ବ୍ଲକର ଶହେରୁ ପଚାଶ ଘର ବୁଲି ତଥ୍ୟ ସଂଗ୍ରହ କରିବା ପାଇଁ ଜଣେ ଜନଗଣନାକାରୀଙ୍କୁ ୨୦ ଦିନ ସମୟ ଦିଆଯାଏ । ଗଣନାପରେ ଭ୍ରମ ସଂଶୋଧନ ପାଇଁ ପୁଣି ଥରେ ତାହୁ ପରୀକ୍ଷା କରି ଦେଖାଯାଏ ।

ଗତ ଜନଗଣନାର ଫଳାଫଳ ଗଣନାର ଦଶଦିନ ଭିତରେ ଘୋଷଣା କରାଯାଇ ପାରିଥିଲା । ଯେଉଁମାନେ ଏହି କାର୍ଯ୍ୟର ଦାୟିତ୍ୱରେ ଥିଲେ ସେମାନଙ୍କ ନିଷ୍ଠା ଦ୍ୱାରା ଏହା ସମ୍ଭବ ହେଲା । ଲକ୍ଷ ଲକ୍ଷ କର୍ମଚାରୀଙ୍କ ସଂଗୃହୀତ ତଥ୍ୟକୁ ଏକାଠି କରି ମାନଚିତ୍ର ପ୍ରସ୍ତୁତ କରି ଏବଂ ଛପାଇ ମାତ୍ର ନଅଦିନ ଭିତରେ ପ୍ରକାଶ କରାଯାଇ ପାରିଲା ।

ଗତ ଶହେ ବର୍ଷ ଧରି ଭାରତରେ ଏହିଭଳି ଜନଗଣନା କାର୍ଯ୍ୟ ହୋଇ ଆସୁଛି । ଯେ କୌଣସି ବିକାଶମୂଳକ ଯୋଜନା ପ୍ରସ୍ତୁତ କରିବା ଲାଗି ଜନଗଣନା ବିବରଣୀ ଆବଶ୍ୟକ । ଏହି ବିବରଣୀରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଜନବସତି, ଆଦିବାସୀ ଓ ହରିଜନ ସଂଖ୍ୟା, ପୁରୁଷ ଓ ନାରୀ ହାର, ଜୀବନକାଳର ବିଭିନ୍ନତା, ସାକ୍ଷର ସଂଖ୍ୟା ବୃଦ୍ଧି, ବିଭିନ୍ନ ଭାଷାଭାଷୀ ଓ ଭିନ୍ନ ଭିନ୍ନ ଧର୍ମାବଲମ୍ବୀଙ୍କ ସଂଖ୍ୟା, ସମାଜରେ ଅକର୍ମାଙ୍କ ସଂଖ୍ୟା ଏବଂ ଅର୍ଥନୈତିକ ଅବସ୍ଥାର ପରିବର୍ତ୍ତନ ଆଦି ଜାଣି ହୁଏ । ଏକ ଗଣତାନ୍ତ୍ରିକ ଦେଶରେ ନିର୍ବାଚନମଣ୍ଡଳୀ ଗଠନ କରିବାରେ ଉକ୍ତ ବିବରଣୀ ସହାୟକ ହୁଏ । ଏହା ବ୍ୟତୀତ ଯୋଜନା ପ୍ରଣୟନ କଲାବେଳେ ସବୁ କ୍ଷେତ୍ରରେ ଏହାର ଆବଶ୍ୟକତା ରହିଛି । ତେଣୁ ଜନଗଣନା ବିବରଣୀ ଆମର ଏକ ଅମୂଲ୍ୟ ସଂପଦ ।

# ଏ ମାଟିର
# ଅମର ଶହୀଦ

(କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ଖୋରଧା ପାଇକ କବିତା ଲେଖି ପାଇକ କବି ଭାବରେ ସାରା ଓଡ଼ିଶାରେ ସୁପରିଚିତ । ତାଙ୍କର କବିତାଗୁଡ଼ିକର ଛତ୍ରେ ଛତ୍ରେ ଫୁଟି ଉଠିଛି ଦେଶପ୍ରେମ ଓ ଜାତୀୟ ମମତା । ନିମ୍ନୋକ୍ତ 'ଏମାଟିର ଅମର ଶହୀଦ' କବିତାର କେତେକ ଉଦ୍ଧୃତାଂଶ ତାଙ୍କର ପ୍ରତିଭାବାନ୍ ବଳିଷ୍ଠ ଲେଖନୀର ପରିଚୟ ପ୍ରଦାନ କରେ । ଆଜି ସ୍ୱାଧୀନତାର ପଂଚବିଂଶତିତମ ବାର୍ଷିକୀ ପାଳନ ବେଳେ ଏହି ପଂକ୍ତିଗୁଡ଼ିକ ଓଡ଼ିଶାର ଜନସାଧାରଣଙ୍କୁ ଜାତୀୟତା ମହାମନ୍ତ୍ରରେ ଦୀକ୍ଷିତ କରୁ ।)

ସ୍ୱାଧୀନ ଜୀବନ ଅର୍ଘ୍ୟ ବୁକୁରେ ଧରି
ମରିଯିବା ଭଲ ସିଂହ ପରାୟେ ଲଢ଼ି,

ବଞ୍ଚିବା ପାଇଁ ନିର୍ଲଜ ଦେହ ଧରି,
ଶତ୍ରୁ ଶରଣ ଯିବିନି ଭିକ୍ଷା କରି ।

ଏମୋର ଜୀବନ ମୋହର ନୁହେଁତ ଖାଲି
ମୋ ସାରା ଦେଶର ଏ ଯେ ନିଶ୍ୱାସ ନଳୀ,
ମୋ ଦେହର ପ୍ରତି ରେଣୁରେ ରେଣୁରେ ପରା,
ମୋ ଦେଶ ଜାତିର ଗର୍ବ ଉଠଇ ଥରି ।

ମଥା ନତକରି ତୁମରି ଚରଣ ତଳେ,
ଆଜି ମୁଁ ଯେବେ ମୋ ଜୀବନ ଭିକ୍ଷା କରେ,
ମୋ ଜାତି ଭିତରୁ ଦର୍ପ ନିଭାଇଦେଇ,
ରଖିବି କିନା ମୁଁ ନେଇ କେଉଁ ରସାତଳେ ।

ଉତ୍କଳ ପ୍ରସଙ୍ଗ, ଜାନୁଆରୀ—୧୯୭୩

ଏ ମହା ଜାତିର ସନ୍ତାନ ହେଲା ଠିଆ,
ବରଗଛ ତଳେ ଫାସିରେ ଲଗାଇ ମଥା,
ଅନ୍ତର ତା'ର କହୁଥିଲା ଅବା କଥା,
ମୃତ୍ୟୁ ଭିତରେ ମରେ ନାହିଁ ସ୍ୱାଧୀନତା ।

ଗଡ଼ି ପ୍ରାନ୍ତର ଅସୀମ ଶୂନ୍ୟେ ଖୁନ୍ଦି,
ନିର୍ଜନ ରାତିରେ ପଚାରଇ ବେଳେ ବେଳେ,
ଏଭଳି ନେତାର କଂଠେ ଦେବାକୁ ଫାସୀ
ଶତ୍ରୁର ହାତ କେଉଁଭଳି ଗଲା ହେଲେ ?

ଶାନ୍ତ ଶୀତଳ ସମୀରଣ ଦୂରୁ ଆସି
ଘନ ବନ ଦେହେ ଛୁଇଁ ଛୁଇଁ ଦିଏ କହି,
ଜୟୀ ରାଜଗୁରୁ ଏଇଠି ପାଇଲା ଫାସି
ନଥିଲେ ତାହାର ସୈନ୍ୟ ପଦାତି ରହି ?

ଦୂର ଧେନୁ ପଲ ଗୁରୁ ଗୁରୁ ଟିପାନାଦେ
ମଂତ୍ରି ଉଠଇ ଯେବେ ଏ ବୀର ବାଣୀ,
ଜୟୀ ରାଜଗୁରୁ ପାଇବାର ବେଳେ ଫାସୀ
ମରିନି ତାହାର ବୁକୁର ସିଂହଠାଣି ।

ପ୍ରତି ଜନପଦ ଜନ ପଦେ ଗୁହଁ କହେ
ଜୟୀ ରାଜଗୁରୁ ପାଇଲା ପଛକେ ଫାସି
ନିଜକୁ କିନ୍ତୁ ଶତ୍ରୁର ପାଦତଳେ
ବିକିନି ବିକିନି ପ୍ରଲୋଭନରେ ଭାସି ।

ଅସୀମ ଶୂନ୍ୟ ଏ ମାଟିର ପ୍ରତି କାନେ
କହିଛି କହନ୍ତି କହୁଥିବ କାଳ କାଳ
ଜୟୀ ରାଜଗୁରୁ ଅନ୍ତିମ ଆଖି ବୋଜା
କହିଥିଲା ଯେଉଁ ବାଣୀ ଚିର ବଳିୟାର ।

"ପ୍ରଳୟଙ୍କର ଝଡ଼ ମାଡ଼ି ମାଡ଼ି ଆସୁ
ଆକାଶ ଭାଙ୍ଗୁ ପଡ଼େ ମସ୍ତକ ପରେ,
ଝୁଲିବାକୁ ହେବ ପ୍ରତି ମଣିଷକୁ ଏଥି
ସ୍ୱାଧୀନ ପ୍ରାଣର ନିଆଁ ଜାଳି ବକ୍ଷ ତଳେ" ।



# ଗାନ୍ଧୀଜୀଙ୍କ ଚିନ୍ତାଧାରାର ସର୍ବକାଳୀନ ଗୁରୁତ୍ୱ

ଭାରତର ସ୍ୱାଧୀନତା ଅର୍ଜନ ଦ୍ୱାରାହିଁ ଗାନ୍ଧୀଜୀ ବିଶ୍ୱ-ଭ୍ରାତୃତ୍ୱର ଆଦର୍ଶରେ ଉପନୀତ ହେବାକୁ ... ଜାତି-ବିଦ୍ୱେଷର ବହୁ ଊର୍ଦ୍ଧ୍ୱରେ ସେ ଥିଲେ, ଏହା କହିବା ବାହୁଲ୍ୟ ମାତ୍ର । କେବଳ ସେତିକି ନୁହେଁ ; "ବିଶ୍ୱ ... ପ୍ରତି ରକ୍ତ ବିନ୍ଦୁ"—ଭାରତର ଏହି ପ୍ରାଚୀନ ଆଦର୍ଶ ତାଙ୍କ ଜୀବନରେ ଚରମ ସାର୍ଥକତା ଲାଭ କରିଥିଲା ।

"ବସୁଧୈବ କୁଟୁମ୍ବକମ୍", ସମଗ୍ର ବିଶ୍ୱହିଁ ଏକ ପରିବାର—ଏହାହିଁ ଥିଲା ତାଙ୍କ ଦୃଷ୍ଟିରେ ମାନବିକ ଐକ୍ୟର ...

ବିଶ୍ୱ ମାନବ ଜାତି ପାଇଁ ସଦିଚ୍ଛା ସେ ଯେପରି ପୋଷଣ କରୁଥିଲେ, ଭାରତର ଆଦର୍ଶ ଓ ଭାଗ୍ୟରେ ... ବିଶ୍ୱାସ ଥିଲା ସେହିପରି ଅଟଳ । ଅଖଣ୍ଡ ଭାରତ ଥିଲା ତାଙ୍କର ସ୍ୱପ୍ନ । ଏ ଦେଶର ଐକ୍ୟ ରକ୍ଷା କରିବା ... ଥିଲେ ବଦ୍ଧ ପରିକର । ସଂକୀର୍ଣ୍ଣ ପ୍ରାଦେଶିକତା ଏବଂ ଆଞ୍ଚଳିକ ମନୋଭାବକୁ ଯଦି ପ୍ରଶ୍ରୟ ଦିଆଯାଏ, ତାହ... ଭାରତର ସ୍ୱାଧୀନତାର କୌଣସି ଅର୍ଥ ରହିବ ନାହିଁ ଏବଂ ତାହା ସଂଗେ ସଂଗେ ଦେଶର ବିଭିନ୍ନ ବିଭାଗ... ସ୍ୱାଧୀନତା ମଧ୍ୟ ଲୋପ ପାଇବ—ଏହି ସତର୍କ ବାଣୀ ସେ ସର୍ବଦା ଦେଶବାସୀଙ୍କୁ ଶୁଣାଉଥିଲେ । "ବାହା... ଆଗରେ ଆମ୍ଭେମାନେ ଗୁଜୁରାଟି, ମରାଠି ବା ତାମିଲ ପ୍ରଭୃତି ରୂପେ ପରିଚିତ ନୋହୁଁ ; କେବଳ ମାତ୍ର ... ରୂପେହିଁ ପରିଚିତ"—ଏହା ସେ ଥରେ ଦୃଢ଼ ଭାବରେ ବ୍ୟକ୍ତ କରିଥିଲେ । ଗାନ୍ଧୀଜୀ କଥାରେ ଯାହା ... ହୃଦୟରେ ମଧ୍ୟ ତାହା ଅନୁଭବ କରୁଥିଲେ ଏବଂ କାର୍ଯ୍ୟରେ ପାଳନ କରୁଥିଲେ । ଏ ବିରାଟ ଦେଶର ... ପ୍ରାନ୍ତ ସହିତ ତାଙ୍କର ସଂପର୍କ ନିବିଡ଼ ଥିଲା, ପ୍ରତ୍ୟେକ ଭାଷାର ବର୍ଣ୍ଣମାଳା ସେ ଆୟତ କରିଥିଲେ, ଅଧିକାଂଶ ... ଅକ୍ଷର ଲେଖି ପାରୁଥିଲେ ଏବଂ ଭାରତର ବହୁସଂଖ୍ୟକ ଆଞ୍ଚଳିକ ଭାଷା ବୁଝିବା ଏବଂ କହିବାର ଦକ୍ଷତା ଅର୍ଜନ କ... ଭାରତର ଜାତୀୟ ଐକ୍ୟ ଥିଲା ତାଙ୍କ ଜୀବନର ମହାମନ୍ତ୍ର ।

## କୁଟୀର ଶିଳ୍ପ

ସ୍ୱଦେଶର ଲକ୍ଷ ଲକ୍ଷ, କୋଟି କୋଟି ଲୋକ ଅର୍ଦ୍ଧନଗ୍ନ, ଅର୍ଦ୍ଧଭୁକ୍ତ ଅବସ୍ଥାରେ କାଳାତିପାତ କରୁଥିବା ... ସେ ପ୍ରାଣରେ ବଡ଼ ବ୍ୟଥା ପାଇଥିଲେ । ନଗର ସଭ୍ୟତାର ଜୟଯାତ୍ରା ମଧ୍ୟରେ ପଲ୍ଲୀଗୁଡ଼ିକ ହତଶ୍ରୀ ... ଦେଖି ସେ ମର୍ମାହତ ହେଲେ । ଏହି କାରଣରୁ ପ୍ରାଚୀନ ପଲ୍ଲୀଶିଳ୍ପଗୁଡ଼ିକର ପୁନର୍ଜାଗରଣ ପ୍ରତି ସେ ଅତ୍ୟ... ଆରୋପ କରିବାକୁ ଲାଗିଲେ । ପଲ୍ଲୀଗୁଡ଼ିକୁ ସଂସ୍ଥଂସଂପୂର୍ଣ୍ଣ କରିବାଦ୍ୱାରା ଯଥାର୍ଥ ଗ୍ରାମସ୍ୱରାଜ ପ୍ରତିଷ୍ଠା ... ଲକ୍ଷ୍ୟରେ ପରିଣତ ହେଲା ।

ଗାନ୍ଧୀଜୀଙ୍କ ଦୃଷ୍ଟିରେ କୋଟି କୋଟି ଭାରତବାସୀଙ୍କର ଅର୍ଥନୈତିକ ସ୍ୱାଧୀନତା ଏବଂ ସାମ୍ୟର ପ୍ରତୀକ ଥିଲା ଖଦୀ । କେବଳ ରାଜନୈତିକ ଏକତା ପ୍ରତି ନୁହେଁ, ମଣିଷ ମଣିଷ ମଧ୍ୟରେ ସାମ୍ୟ ପ୍ରତିଷ୍ଠା ଏବଂ ଶ୍ରେଣୀ ବିଭେଦର ବିଲୋପ ପ୍ରତି ମଧ୍ୟ ସେ ବିଶେଷ ଗୁରୁତ୍ୱ ଦେଇଥିଲେ ।

* * *

## ଅହିଂସା

ମହାତ୍ମା କହିଛନ୍ତି, "ଇତିହାସର ଆରମ୍ଭରୁ ମାନବ ଅହିଂସା ଆଡ଼କୁ ସୁସ୍ପଷ୍ଟଭାବେ ଅଗ୍ରଗତି କରୁଛି ବୋଲି କୁହାଯାଇପାରେ । ଏହାର ଗୋଟିଏ ଉଦାହରଣ—ମଣିଷର ଆଦିପୂର୍ବପୁରୁଷମାନେ ନରମାଂସାହାରୀ ଥିଲେ । ତା'ପରେ ସମୟ ଆସିଲା ଯେତେବେଳେ ସେମାନେ ନରମାଂସ ଭକ୍ଷଣରେ ଅତିଷ୍ଠ ହୋଇ ପଶୁ ଶିକାର ଦ୍ୱାରା ଜୀବନ-ଧାରଣ କଲେ । ତା'ପରେ ଏକ ପର୍ଯ୍ୟାୟ ଆସିଲା ଯେତେବେଳେ କି ସେହି ଶିକାରୀ ଜୀବନ ମଣିଷକୁ ଲଜ୍ଜାଜନକ ମନେ ହେଲା । ତେଣୁ ସେ କୃଷି ଅବଲମ୍ବନ କଲା । ଏହିପରି ଭାବରେ ସେ ଏକ ଶାନ୍ତ, ସୁଶୃଙ୍ଖଳ ଜୀବନଯାତ୍ରା ଆରମ୍ଭ କଲା । ଗ୍ରାମ ଓ ସହର ପ୍ରତିଷ୍ଠା କଲା ଏବଂ ଏକ ସମାଜ ଓ ଜାତିର ଅଙ୍ଗରୂପେ ସଂଘବଦ୍ଧ ଜୀବନ ଅତିବାହିତ କରିବାକୁ ଲାଗିଲା ।

ଉପରୋକ୍ତ ଉଦାହରଣରୁ ଅହିଂସା ପଥରେ ମଣିଷର କ୍ରମିକ ଅଗ୍ରଗତିର ସୂଚନା ସ୍ପଷ୍ଟ । ଅନ୍ୟଥା ହୋଇଥିଲେ ମାନବଜାତି ଲୋପ ପାଇ ଯାଆନ୍ତାଣି । ହୁଏତ ଆମେ ଅହିଂସା ଆଡ଼କୁ ଆଗେଇବା କିମ୍ବା ନିଶ୍ଚିହ୍ନ ହୋଇଯିବା ; ଏହାର ଅନ୍ୟ କୌଣସି ବିକଳ୍ପ ନାହିଁ ।

ଅହିଂସା ମାର୍ଗରେ ସମାଜ ସଂଗଠନ ସମ୍ଭବ ବୋଲି ଯେଉଁମାନେ ବିଶ୍ୱାସ କରି ପାରୁ ନ ଥିଲେ, ସେମାନଙ୍କ ଉଦ୍ଦେଶ୍ୟରେ ଗାନ୍ଧୀଜୀ ଲେଖିଥିଲେ, "ବାପ ଯେତେବେଳେ ତା'ର ଅବାଧ୍ୟ ସନ୍ତାନକୁ ଚପେଟାଘାତ କରେ ସେତେବେଳେ ସନ୍ତାନ ପ୍ରତିହିଂସା ନେବାକୁ ଚିନ୍ତା କରେନା ! ବାପର କଥା ସେ ମାନିନିଏ । ଚପେଟା ଭୟରେ ନୁହେଁ, ସେହି ଚପେଟା ପଛରେ ପିତୃସ୍ନେହର ସନ୍ଧାନ ପାଇବା ହେତୁ । ମୋ ମତରେ ସମାଜ କିପରି ଆଦର୍ଶରେ ନିୟନ୍ତ୍ରିତ ହେବା ଉଚିତ, ଉକ୍ତ ଉଦାହରଣଟି ତାହାର ଅଭିବ୍ୟକ୍ତି । ପରିବାର ପକ୍ଷରେ ଯାହା, ସମାଜ ପକ୍ଷରେ ମଧ୍ୟ ତାହା ସତ୍ୟ, କାରଣ ସମାଜ ହେଉଛି ଏକ ବୃହତ୍ତର ପରିବାର ମାତ୍ର ।

* * *

ବର୍ତ୍ତମାନ ସମୟରେ ଜାତି ଜାତି ମଧ୍ୟରେ ସାମରିକ ଅସ୍ତ୍ର ପ୍ରତିଯୋଗିତା, ଆଣବିକ ଅସ୍ତ୍ର ସଜ୍ଜା ଏବଂ ସଂପ୍ରସାରଣ ଲିପ୍ସା ମଣିଷର ନିଃସହାୟତାକୁ ପ୍ରତିପାଦନ କରୁଛି । ଏହି ପରିସ୍ଥିତିରେ ମାନବ ଜାତି ପକ୍ଷରେ ଗାନ୍ଧୀଜୀଙ୍କର ଚିନ୍ତା-ଧାରାର ଉପଯୋଗିତା ଏକାନ୍ତ ଅଧିକ ।

* * *

ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଯଥାର୍ଥରେ କହିଛନ୍ତି, "ମହାତ୍ମାଗାନ୍ଧୀ କେତେଗୋଟି ଶୁଷ୍କ ଚିନ୍ତା ବା ନୀତିବାଦର ସମାହାର ମାତ୍ର ନ ଥିଲେ ; ସେ ଥିଲେ ଏପରି ଜଣେ ଜୀବନ୍ତ ମାନବ, ଯେକି ଆମମାନଙ୍କୁ ଆମର ସର୍ବୋଚ୍ଚ ସଂଭାବନା ସଂପର୍କରେ ସ୍ମରଣ କରାଇ ଦିଅନ୍ତି । ସେହି ସଂଭାବନାକୁ ଚରିତାର୍ଥ କରିବା ପାଇଁ ମାନବ-ବ୍ୟକ୍ତିତ୍ୱ ବିବର୍ତ୍ତନ ହେବା ଆବଶ୍ୟକ" । ଠିକ୍ ଏହି କାରଣରୁହିଁ ଗାନ୍ଧୀଜୀଙ୍କର ଉଚ୍ଚତମ ଚିନ୍ତାର ନିତ୍ୟକାଳୀନ ଗୁରୁତ୍ୱ ରହିଛି ।

* * * *

କେବଳ ଏଇ ଦେଶ ନୁହେଁ, ସମଗ୍ର ପୃଥିବୀ ତାଙ୍କର ପ୍ରଦର୍ଶିତ ପନ୍ଥା ଅନୁସରଣ ନ କଲେ ସଂକଟର ସମାଧାନ ନାହିଁ ।

* * *


ଆଉ ଗୋଟିଏ ସନ୍ତାନ ହେବା ଆଗରୁ
ଭାବନ୍ତୁ
ଯେଉଁ ପୁଅଝିଅ ଅଛନ୍ତି, ଆପଣ ତାଙ୍କୁ ଠିକ ଭାବରେ ଲାଳନ-ପାଳନ କରି ପାରୁଛନ୍ତି ତ ?
ଆଉ ଗୋଟିଏ ସନ୍ତାନ ଆଶା ନ କରିବାପାଇଁ ବ୍ୟବହାର କରନ୍ତୁ
ନିରୋଧ
NIRODH

# ବିକାଶଶୀଳ ରାଷ୍ଟ୍ରସମୂହର ଯୋଜନାବଦ୍ଧ ବିକାଶ କରିବା ନିମନ୍ତେ ମିତବ୍ୟୟିତା ତଥା ସଞ୍ଚୟ ଏକାନ୍ତ ପ୍ରୟୋଜନ

ସନ୍ତୋଷ କୁମାର ପଟ୍ଟନାୟକ

"ମିତବ୍ୟୟିତା ଓ ସଂଚୟ ହେଉଛି ଦେଶର ଅଗ୍ରଗତି ଓ ସମୃଦ୍ଧି ସକାଶେ ଏକ ପ୍ରଧାନ ଆୟୁଧ । ଆମର ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ଦାରିଦ୍ର୍ୟ, ଦୁରବସ୍ଥା ତଥା ଅର୍ଥନୈତିକ ବୈଷମ୍ୟ ବିରୁଦ୍ଧରେ ଏକ ବିରାଟ ସଂଗ୍ରାମ କହିଲେ ବୋଧେ ଅତ୍ୟୁକ୍ତି ହେବ ନାହିଁ । ଯଦି ଏହା ସଫଳ ହୁଏ ତେବେ ବୈଦେଶିକ ସାହାଯ୍ୟର ବିନା ସହାୟତାରେ ଆମେ ନିଶ୍ଚେ ଅଗ୍ରଗତି ଲାଭ କରିପାରିବା । କିନ୍ତୁ ଏଥିସକାଶେ ଆମର ଜାତୀୟ ଆୟ ବାର୍ଷିକ ଶତକଡ଼ା ୫·୫ ହାରରେ ବୃଦ୍ଧି ପାଇବା ନିତାନ୍ତ ପ୍ରୟୋଜନ । ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ୧୯୮୦—୮୧ ସୁଦ୍ଧା ଆମ ଦେଶର ସଞ୍ଚୟ ଶତକଡ଼ା ୮·୮ରୁ ଶତକଡ଼ା ୧୮ ପର୍ଯ୍ୟନ୍ତ ବୃଦ୍ଧି ପାଇବା ଆବଶ୍ୟକ । ଆମେ କ'ଣ ଏତେ ପରିମାଣରେ ସଞ୍ଚୟ କରିପାରିବା ? ଏହାର ଉତ୍ତର ଦେଶବାସୀଙ୍କ ଉପରେ ହିଁ ନିର୍ଭର କରେ" ।

—ଶ୍ରୀଯୁକ୍ତ ଭି. ଭି. ଗିରି

"ଦେଶର ଅର୍ଥନୈତିକ ପ୍ରଗତି ମୁଖ୍ୟତଃ ଦୁଇଟି ଉପାଦାନ ଉପରେ ନିର୍ଭର କରେ । ପ୍ରଥମଟି ହେଲା ସଞ୍ଚୟ ଓ ଦ୍ୱିତୀୟଟି ହେଲା ଉତ୍ପାଦନ କ୍ଷେତ୍ରରେ ଅର୍ଥ ବିନିଯୋଗ । କୌଣସି ଅମିତବ୍ୟୟୀ ସମାଜ କଦାପି ଅଗ୍ରଗତି ଲାଭ କରିପାରେ ନାହିଁ । ଆମେ ଆମର ନିଜ ଉଦ୍ୟମ ବଳରେ ହିଁ ଦେଶରୁ ଦାରିଦ୍ର୍ୟ ଓ ଅର୍ଥନୈତିକ ବୈଷମ୍ୟ ଦୂର କରିପାରିବା । ଏହାର ମୂଳମନ୍ତ୍ର ହେଲା ଚଳିତ ଉପଭୋଗକୁ (Current consumption) କମାଇ ଉତ୍ପାଦନ କ୍ଷେତ୍ରରେ ଅର୍ଥ ବା ପୁଞ୍ଜି ଖଟାଇବା । ଆମେ ଯେତେବେଳେ ଜାଣୁ ଯେ ପୃଥିବୀର ୩/୪ ଅଂଶ ଅଧିବାସୀ ଅଭାବଗ୍ରସ୍ତ ସେତେବେଳେ ବ୍ୟକ୍ତିଗତ ଖର୍ଚ୍ଚ ରୋକିବା ଆମର ଏକ ମହାନ କର୍ତ୍ତବ୍ୟ କହିଲେ ବୋଧେ କିଛି ଭୁଲ ହେବ ନାହିଁ" ।

—ଶ୍ରୀମତୀ ଇନ୍ଦିରା ଗାନ୍ଧୀ

ଅଧୁନା ବିକାଶଶୀଳ ରାଷ୍ଟ୍ରସମୂହର ଅର୍ଥନୈତିକ ବିକାଶ ଏକ ବିରାଟ ସମସ୍ୟାରୂପେ ଦେଖାଦେଇଛି । ବିଶେଷତଃ ବିଗତ ଭୟାବହ ବିଶ୍ୱ-ଯୁଦ୍ଧ ପରବର୍ତ୍ତୀ କାଳରେ ଏହି ସମସ୍ୟା ଏକ ନୂତନ ରୂପ ଧାରଣ କରିଛି । ଅର୍ଥନୈତିକ ବିକାଶର ଏହି ଦୌଡ଼-ପ୍ରତିଯୋଗିତାରେ ଆଜି ପ୍ରତ୍ୟେକ ରାଷ୍ଟ୍ର ଅନ୍ୟ ରାଷ୍ଟ୍ରକୁ ପଛରେ ପକାଇ ଅଗ୍ରସର ହେବାରେ ଲାଗିଛନ୍ତି । ଆଜି ପ୍ରତି ରାଷ୍ଟ୍ର ବିଶ୍ୱାସ କରନ୍ତି ଯେ, 'ବେଗହିଁ ଉନ୍ନତିର ଲକ୍ଷଣ', ଭାରତ ମଧ୍ୟ ଏଥିରୁ ବାଦ୍ ଯାଇନାହିଁ । ବ୍ରିଟିଶ୍ କବଳରୁ ମୁକ୍ତି ହାସଲ କରିବା ସଙ୍ଗେ ସଙ୍ଗେ ଦେଶବାସୀଙ୍କୁ ସୁଖ ଓ ସମୃଦ୍ଧିମୟ ଜୀବନ ଯାପନ କରିବା

ଦିଗରେ ସହାୟକ ହେବା ଉଦ୍ଦେଶ୍ୟରେ ଆମ ଦେଶ ମଧ୍ୟ ନିଜକୁ ଅର୍ଥନୈତିକ ବିକାଶରେ ନିୟୋଜିତ କରିଛି । ଏହି ରକ୍ତହୀନମୂଳକ ସଂଗ୍ରାମରେ ଜୟଯୁକ୍ତ ହେବା ସକାଶେ ଭାରତ ଗଣତାନ୍ତ୍ରିକ ସାମ୍ୟବାଦକୁ ନିଜର ଅମୋଘ ଅସ୍ତ୍ର ରୂପେ ବାଛି ନେଇଛି ।

ନିକଟ ଅତୀତରେ ଆମ ଦେଶ ଉପରେ ପାକିସ୍ତାନର ବର୍ବର ଆକ୍ରମଣ ଓ ପରିଶେଷରେ ଆମର ବିପୁଳ ବିଜୟ ହାସଲ ଏହି ଅର୍ଥନୈତିକ ବିକାଶର ଗୁରୁତ୍ୱକୁ ଦ୍ୱିଗୁଣିତ କରି ଦେଇଛି । ସଂଗ୍ରାମର ଅବସାନ ଏତିକିରେ ହିଁ ଘଟି ନାହିଁ । କାରଣ ଏହି ରାଜନୈତିକ-ସଂଗ୍ରାମ ସହ ଆମର ଅର୍ଥନୈତିକ–ସଂଗ୍ରାମ ମଧ୍ୟ ଓତପ୍ରୋତ ଭାବେ ଜଡ଼ିତ । ଯେତେଦିନ ପର୍ଯ୍ୟନ୍ତ ଏହି ସଂଗ୍ରାମରେ ଆମେ ବିଜୟ ହାସଲ କରି ପାରି ନାହୁଁ, ସେତେଦିନ ପର୍ଯ୍ୟନ୍ତ ଆମର ଏ ସଂଗ୍ରାମର ପରିସମାପ୍ତି ନାହିଁ । ବିଗତ ଯୁଦ୍ଧ ପରେ ଦେଶର ଅର୍ଥନୈତିକ ଅବସ୍ଥା ଖୁବ୍ ସଙ୍କଟଜନକ ହୋଇ ପଡ଼ିଛି । ଏହାର ମୂଳ କାରଣ ହେଲା ପ୍ରତିରକ୍ଷା ବାବଦରେ ଆମର ଅଧିକ ଖର୍ଚ୍ଚ, ବଙ୍ଗଳା ଦେଶକୁ ଅର୍ଥନୈତିକ ସାହାଯ୍ୟ ଓ ପରିଶେଷରେ ଆମ ଦେଶକୁ ବୈଦେଶିକ ସାହାଯ୍ୟର ସ୍ୱଳ୍ପତା । ଆଜି ପର୍ଯ୍ୟନ୍ତ ଆସେମାନେ ଏହି ବୈଦେଶିକ ସାହାଯ୍ୟ ଉପରେ ଯଥେଷ୍ଟ ନିର୍ଭର କରିଆସିଥିଲୁ, କିନ୍ତୁ ବର୍ତ୍ତମାନ ଉପଯୁକ୍ତ ସମୟ ଆସିଛି, ଆମକୁ ସ୍ୱାବଲମ୍ବୀ ହେବାକୁ ପଡ଼ିବ । ଶ୍ରୀମତୀ ଗାନ୍ଧୀ ଏହି ସଂକ୍ରାନ୍ତରେ ମନ୍ତବ୍ୟ ପ୍ରକାଶ କରି କହିଛନ୍ତି ଯେ, ବୈଦେଶିକ ସାହାଯ୍ୟକୁ ଆମେ ଆମର ଅର୍ଥନୈତିକ ପ୍ରଗତିର ଏକ ବିଶିଷ୍ଟ ଅଙ୍ଗ ରୂପେ ଧରି ନେଇ ପାରିବା ନାହିଁ । ପ୍ରଶାସନିକ ସଂସ୍କାର କମିଶନ (Administrative Reforms Commission) ମଧ୍ୟ ତାଙ୍କ ରିପୋର୍ଟରେ ସୁପାରିଶ କରିଛନ୍ତି ଯେ, ସ୍ୱାବଲମ୍ବନ ଯଦି ଆମର ଶେଷ ଲକ୍ଷ୍ୟ ହୋଇ ଥାଏ, ତେବେ ଯେତେ ଶୀଘ୍ର ସମ୍ଭବ ଆମକୁ ବୈଦେଶିକ ସାହାଯ୍ୟ ଉପରୁ ଆମର ନିର୍ଭରତା କମାଇ ଦେବାକୁ ପଡ଼ିବ । ସେ ଯାହା ହେଉ, ଅତୀତରେ ଭାରତ ଯେଉଁ ପରିମାଣରେ ବୈଦେଶିକ ସାହାଯ୍ୟ ପାଉ ଥିଲା, ତାହା ବର୍ତ୍ତମାନ ପରିସ୍ଥିତିରେ ଅନେକ ପରିମାଣରେ ହ୍ରାସ ପାଇଛି । ଏଣୁ ଆମକୁ ନିଜ ଗୋଡ଼ରେ ହିଁ ଦୃଢ଼ତା ସହକାରେ ଠିଆ ହେବାକୁ ପଡ଼ିବ ।

ଆଜି କେବଳ ଭାରତ କାହିଁକି, ବିଶ୍ୱର ସମସ୍ତ ଅନୁନ୍ନତ ଦେଶ ଗୋଟିଏ ବିରାଟ ସମସ୍ୟାର ସମ୍ମୁଖୀନ । ସେମାନେ କିପରି ଅର୍ଥନୈତିକ ବିକାଶର ତୃତୀୟ ପର୍ଯ୍ୟାୟ ଯାହାକୁ ଅର୍ଥନୀତିଜ୍ଞମାନେ Take-off stage କହନ୍ତି, ସେ ପର୍ଯ୍ୟାୟରେ ପହଞ୍ଚି ପାରିବେ । କେତେକ ଦେଶ ଅବଶ୍ୟ ବୈଦେଶିକ ସାହାଯ୍ୟର ସହାୟତାରେ ଏହି ପର୍ଯ୍ୟାୟରେ ପହଞ୍ଚି ପାରିଛନ୍ତି, କିନ୍ତୁ ଅଧିକାଂଶ କ୍ଷେତ୍ରରେ ଦେଶର ଆଭ୍ୟନ୍ତରୀଣ ସଞ୍ଚୟ ହିଁ ଏହି ପର୍ଯ୍ୟାୟ ହାସଲ ଦିଗରେ ବିଶେଷ ସହାୟକ ହୋଇଛି । ପୁଞ୍ଜି ଗଠନ ବା Capital formation କ୍ଷେତ୍ରରେ ସଞ୍ଚୟର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । କେତେକ ଦେଶର ଅର୍ଥନୈତିକ ପ୍ରଗତି ହାସଲ ଦିଗରେ ସଞ୍ଚୟ ମୁଖ୍ୟ ଭୂମିକା ଗ୍ରହଣ କରିଅଛି । ଜାପାନ ଓ ରୁଷିଆ ରାଷ୍ଟ୍ର ଦ୍ୱୟ ଆଜି ବିକାଶର ଶୀର୍ଷ ସୋପାନରେ ଉପନୀତ । ଉକ୍ତ ଦେଶଗୁଡ଼ିକର ପ୍ରଗତି ମୁଖ୍ୟତଃ ଆଭ୍ୟନ୍ତରୀଣ ସଞ୍ଚୟ ଦ୍ୱାରା ହିଁ ସମ୍ଭବ ହୋଇପାରିଛି ।

ସଞ୍ଚୟ ବୃଦ୍ଧି ତଥା ଉକ୍ତ ସଞ୍ଚୟକୁ ଉପଯୁକ୍ତ ଉତ୍ପାଦନ କ୍ଷେତ୍ରରେ ବିନିଯୋଗ କରିବା ହେଉଛି ଯେ କୌଣସି ବିକାଶଶୀଳ ରାଷ୍ଟ୍ରର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ଏହି ଅନୁନ୍ନତ ଦେଶଗୁଡ଼ିକରେ ନିମ୍ନ ଆୟ, ନିମ୍ନ ସଞ୍ଚୟ ଓ ନିମ୍ନ ଉତ୍ପାଦନର ଯେଉଁ 'ଦାରିଦ୍ର୍ୟ ବୃତ୍ତକୁ (Vicious Circle of Poverty) ଲାଗି ରହିଛି, ଏଥିରୁ ମୁକ୍ତି ପାଇବାର ଏକ ମାତ୍ର

ଉପାୟ ହେଉଛି ବର୍ତ୍ତମାନର ବ୍ୟବହାର୍ଯ୍ୟ ଦ୍ରବ୍ୟର ପରିମାଣ କମାଇ ଦେଇ ସଞ୍ଚୟ ବୃଦ୍ଧି କରିବା । ଅଗ୍ରଗତିର ମୂଳମନ୍ତ୍ର ହେଉଛି ଦେଶ ଭିତରେ ଯାହା ଉଦ୍‌ବୃତ୍ତ ଉତ୍ପାଦନ (Surplus production) ହେଉଛି ତହିଁର ସବୁତକ ଖର୍ଚ୍ଚ କରି ନ ଦେଇ ଭବିଷ୍ୟତରେ ଉତ୍ପାଦନ ସମ୍ବଳ ଓ ତହିଁର ସଦୁପଯୋଗ କରିବା ଉଚିତ ।

ଚଳିତ ଆୟରୁ ଉପଭୋଗକୁ (Consumption) ବାଦ ଦେଲେ ଯାହା ଅବଶିଷ୍ଟ ରହେ, ତାକୁ ହିଁ 'ସଞ୍ଚୟ' କୁହାଯାଏ, ଏଥିରୁ ଏହା ସୁସ୍ପଷ୍ଟ ଯେ ସଞ୍ଚୟ ବୃଦ୍ଧି ସକାଶେ ଆମକୁ ହୁଏତ ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ, ନଚେତ୍ ଉପଭୋଗର ମାତ୍ରା ହ୍ରାସ କରିବାକୁ ପଡ଼ିବ, କିମ୍ବା ଉପରୋକ୍ତ ଉଭୟ ଉପାୟ ଅବଲମ୍ବନ ଦ୍ୱାରା ସଞ୍ଚୟର ହାର ବୃଦ୍ଧି କରିବାକୁ ହେବ ।

ଦେଶରେ ଯାହା ସଞ୍ଚୟ କରାଯାଏ, ତାହା ମୁଖ୍ୟତଃ ତିନୋଟି କ୍ଷେତ୍ରରୁ ଆସିଥାଏ, ଏଗୁଡ଼ିକ ହେଲା—(୧) ବ୍ୟକ୍ତିଗତ ସଞ୍ଚୟ, (୨) ନିଗମ ସଞ୍ଚୟ ବା Corporate Savings, ଏବଂ (୩) ସରକାରୀ ସଞ୍ଚୟ । ସରକାରଙ୍କର ପ୍ରୟୋଜନାତିରିକ୍ତ ରାଜସ୍ୱ ବା Surplus Revenueରୁ ଆଦାୟ ହୋଇଥାଏ । ବ୍ୟକ୍ତିଗତ ସଞ୍ଚୟର ପରିମାଣ ଅତି କମ ହୋଇ ଥିବାରୁ ଜାତୀୟ କଲ୍ୟାଣ ଦୃଷ୍ଟିରୁ ସରକାର ନିଜେ ରାଜସ୍ୱ ବାବଦରେ ଆଦାୟ ହୋଇଥିବା ଅର୍ଥରୁ କିଞ୍ଚିତ ପରିମାଣ ସଞ୍ଚୟ କରନ୍ତି । ବ୍ୟକ୍ତିଗତ ଆୟରୁ ଯାହା ସଞ୍ଚୟ କରାଯାଏ, ତାହା ବ୍ୟକ୍ତିଗତ ବା ଘରୋଇ ସଞ୍ଚୟ ରୂପେ ଅଭିହିତ ହୋଇଥାଏ । 'ନିଗମ ସଞ୍ଚୟ' ବା Corporate Savings ବଡ଼ ବଡ଼ ବାଣିଜ୍ୟ ଅନୁଷ୍ଠାନ ଦ୍ୱାରା ସଙ୍ଗଠିତ ହୋଇଥାଏ । ଏହି ବାଣିଜ୍ୟାନୁଷ୍ଠାନସମୂହ ନିଜ ନିଜ ଅନୁଷ୍ଠାନଦ୍ୱାରା ଆଦାୟ ହୋଇଥିବା ସମଗ୍ର ଲଭାଂଶକୁ ଭାଗୀଦାରମାନଙ୍କ ମଧ୍ୟରେ ବଣ୍ଟନ ନ କରି କିୟଦଂଶ ଉତ୍ପାଦନର କ୍ରମ ବିକାଶ ସକାଶେ ରଖି ଦିଅନ୍ତି । ଏହାକୁ ନିଗମ ସଞ୍ଚୟ ବା Corporate Savings କୁହାଯାଏ । ଯୋଜନାବଦ୍ଧ-ଅର୍ଥନୈତିକ ପ୍ରଗତି ନିମନ୍ତେ ଆବଶ୍ୟକୀୟ ପୁଞ୍ଜି ଯୋଗାଣ ଉଦ୍ଦେଶ୍ୟରେ ଉଭୟ ବ୍ୟକ୍ତିଗତ ଓ ନିଗମ ସଞ୍ଚୟର ଅଭିବୃଦ୍ଧି ଏକାନ୍ତ ପ୍ରୟୋଜନ ।

ଅନୁନ୍ନତ ରାଷ୍ଟ୍ରସମୂହ ମଧ୍ୟରୁ ରୋଡ଼େସିଆ, ଇସ୍ରାଏଲ, ଭେନେଜୁଏଲା, କଂଗୋ ପ୍ରଭୃତି କେତେକ ମୁଷ୍ଟିମେୟ ରାଷ୍ଟ୍ରର ସଞ୍ଚୟ ହାର ବିକାଶପ୍ରାପ୍ତ ଦେଶଗୁଡ଼ିକର ସଞ୍ଚୟ ହାର ସହ ସମକକ୍ଷ ହୋଇ ପାରିଛି । ଏମାନଙ୍କର ସଞ୍ଚୟ ଜାତୀୟ ଆୟର ଶତକଡ଼ା ୨୫ ଭାଗକୁ ବୃଦ୍ଧି ପାଇଛି । କିନ୍ତୁ ଦୁର୍ଭାଗ୍ୟବଶତଃ ଅନ୍ୟାନ୍ୟ ଅନୁନ୍ନତ ରାଷ୍ଟ୍ରସମୂହର ସଞ୍ଚୟ ହାର ଅତି ନିମ୍ନ ସ୍ତରରେ ରହିଛି, ଏହାର ମୁଖ୍ୟ କାରଣ ହେଲା ନିମ୍ନ ଉତ୍ପାଦନ, ନିମ୍ନ ଆୟ ଓ ବ୍ୟାଙ୍କ ଭଳି କୌଣସି ସଂସ୍ଥା ବା ଅନୁଷ୍ଠାନର ଅଭାବ ।

ଅତଏବ, ଅନୁନ୍ନତ ଦେଶଗୁଡ଼ିକର ଅର୍ଥନୈତିକ ପ୍ରଗତି ହାସଲ ସକାଶେ ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେଉଛି ଜାତୀୟ ଆୟର ଶତକଡ଼ା ୧୨ ହାରକୁ ସଞ୍ଚୟର ପରିମାଣ ବୃଦ୍ଧି କରିବା । ଦେଶବାସୀଙ୍କର ଯଦି ସଞ୍ଚୟ ମନୋବୃତ୍ତି ଥାଏ, ତେବେ ଜାତୀୟ ଆୟର ଶତକଡ଼ା ୧୨ ଭାଗ ସଞ୍ଚୟ କରିବା ଅସମ୍ଭବ ନୁହେଁ । ବିଶିଷ୍ଟ ଅର୍ଥନୀତିଜ୍ଞ Arthur Lewisଙ୍କ ମତରେ—

"No nation is so poor that it could not save 12 per cent of its National Income if it wanted to poverty has never prevented

nations from launching upon wars or from wasting their sub-stance in other ways."

ଅର୍ଥାତ୍, କୌଣସି ରାଷ୍ଟ୍ର ଏତେ ଦରିଦ୍ର ନୁହେଁ ଯେ ସଂଚୟ ମନୋବୃତ୍ତି ଥାଇ ମୁଦ୍ଧା ଏହା ଜାତୀୟ ଆୟର ଶତକଡ଼ା ୧୨ ଭାଗ ସଂଚୟ କରିପାରିବ ନାହିଁ । ଯୁଦ୍ଧରେ ବ୍ୟାପୃତ ହେବା ଦିଗରେ କିମ୍ବା ଅନ୍ୟ କୌଣସି କ୍ଷେତ୍ରରେ ବହୁଖର୍ଚ୍ଚ କରିବା ଦିଗରେ କୌଣସି ରାଷ୍ଟ୍ର ଆଗରେ ଦାରିଦ୍ର୍ୟ କଦାପି ପ୍ରତିବନ୍ଧକ ରୂପେ ଠିଆ ହୋଇ ପାରିନାହିଁ ।

ଅର୍ଥାତ୍ ଲୁଇସ୍‌ଙ୍କ ଅନୁମୋଦିତ ଏହି ଶତକଡ଼ା ୧୨ ହାରରେ ସଂଚୟ ମଧ୍ୟ ଭାରତ ସକାଶେ ଯଥେଷ୍ଟ ନୁହେଁ, କାରଣ ଆମ ଦେଶର ଜନସଂଖ୍ୟା ଅତି ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଜାତୀୟ ଆୟର ଶତକଡ଼ା ୧୫ ଭାଗ ଅର୍ଥ ବିନିଯୋଗ ଦ୍ୱାରା ହୁଏତ ଭାରତ ଅର୍ଥନୈତିକ ପ୍ରଗତିର 'Take-off stage'ରେ ଉପନୀତ ହୋଇପାରେ । ତୃତୀୟ ଯୋଜନା କାଳରେ ଆମ ଦେଶରେ ଜାତୀୟ ଆୟର ଶତକଡ଼ା ୧୪ ଭାଗ ସଂଚୟ କରିବା ସକାଶେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ଅତ୍ୟଧିକ ଦରଦାମ ବୃଦ୍ଧି ଉକ୍ତ ଲକ୍ଷ୍ୟ ହାସଲରେ ବାଧା ସୃଷ୍ଟି କରିଥିଲା । ଏବେ ପ୍ରକୃତ ସଂଚୟର ହାର ହେଉଛି ଶତକଡ଼ା ୧୧ ଭାଗ ମାତ୍ର ।

ଅନୁନ୍ନତ (Underdeveloped) ରାଷ୍ଟ୍ରଗୁଡ଼ିକ ସଂଚୟର ଦୁଇଟି ସମସ୍ୟା ପ୍ରତି ଦୃଷ୍ଟି ଦେବା ବିଧେୟ ; ପ୍ରଥମତଃ ଅଧିକରୁ ଅଧିକତର ସଂଚୟ କରିବା ଦିଗରେ ବ୍ରତୀ ହେବା ଏବଂ ଦ୍ୱିତୀୟତଃ ଉକ୍ତ ସଂଚୟ ଫଳରେ ସଂଗୃହୀତ ହୋଇଥିବା ପୁଞ୍ଜିକୁ ଉପଯୁକ୍ତ ଉତ୍ପାଦନ କ୍ଷେତ୍ରରେ ବିନିଯୋଗ କରିବା ।

ଅନୁନ୍ନତ ଦେଶଗୁଡ଼ିକ ଅର୍ଥନୈତିକ ବିକାଶର ପ୍ରଥମ ସୋପାନରେ ଅତ୍ୟଧିକ ଦାରିଦ୍ର୍ୟ ଯୋଗୁଁ ଖୁବ୍ କମ୍ ପରିମାଣରେ ସଂଚୟ କରିବାକୁ ସମର୍ଥ ହୋଇଥାନ୍ତି । ଅବଶ୍ୟ ଏହି ସୋପାନରୁ କ୍ରମଶଃ ଉଚ୍ଚତର ସୋପାନକୁ ଗତି କରିବା ସଂଗେ ସଂଗେ ସଂଚୟର ହାର ମଧ୍ୟ ବୃଦ୍ଧି ପାଇବାରେ ଲାଗେ । ଏହି ନିମ୍ନ ସଂଚୟର ପ୍ରଧାନ କାରଣ ହେଲା ଉପଯୁକ୍ତ ମୁଦ୍ରା ଓ ପୁଞ୍ଜି ବଜାରର (Money and Capital Market) ଅଭାବ, ସଂଚିତ ଅର୍ଥର ସୁରକ୍ଷା ନିମନ୍ତେ ବ୍ୟାଙ୍କ କିମ୍ବା ଅନ୍ୟ କୌଣସି ବିଶ୍ୱାସଯୋଗ୍ୟ ଅନୁଷ୍ଠାନର ଅଭାବ ଏବଂ ପରିଶେଷରେ ଗ୍ରାମାଞ୍ଚଳରେ କେତେକ ଲାଭଜନକ ବ୍ୟବସାୟ ଯଥା, ଛୋଟ ଛୋଟ ଦୋକାନ କିମ୍ବା ବ୍ୟାଙ୍କରେ ଟଙ୍କା ଜମା ରଖିବା ଅପେକ୍ଷା ଏହିସବୁ ବ୍ୟବସାୟରେ ଖଟାଇବା ଅଧିକ ଲାଭଜନକ ମନେ ହୋଇଥାଏ ଅତଏବ, ସଂଚୟର ହାର ବୃଦ୍ଧି କରିବାକୁ ହେଲେ ଏହିସବୁ ବାଧାବିଘ୍ନକୁ ପ୍ରଥମେ ଦୂର କରିବାକୁ ପଡ଼ିବ ।

ପ୍ରଥମତଃ, ଦେଶର ଗ୍ରାମାଞ୍ଚଳଗୁଡ଼ିକରେ ବ୍ୟାଙ୍କ କିମ୍ବା ଅନ୍ୟାନ୍ୟ ଅନୁଷ୍ଠାନର ପ୍ରସାର ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ଅବଶ୍ୟ ଜାତୀୟକରଣ ପରେ ଭାରତର ୧୪ଟି ବ୍ୟାଙ୍କ ଅନେକ ନୂତନ ଶାଖା ଖୋଲିବାରେ ଲାଗିଛନ୍ତି । ଗ୍ରାମାଞ୍ଚଳରେ ଭ୍ରାମ୍ୟମାଣ ବ୍ୟାଙ୍କର ପ୍ରସାର କରିବା ନିମନ୍ତେ କେତେକ ମତ ବ୍ୟକ୍ତ କରନ୍ତି । ଏତଦ୍‌ବ୍ୟତୀତ ସ୍ୱଳ୍ପ ବେତନଭୋଗୀମାନଙ୍କର ସୁବିଧା ନିମନ୍ତେ କ୍ଷୁଦ୍ର ସଂଚୟ ଯୋଜନାର ବହୁଳ ପ୍ରସାର ଆବଶ୍ୟକ । ଦେଶର ଏହି ସନ୍ଧି ମୁହୂର୍ତ୍ତରେ ସଂଚୟ ସାର୍ଟିଫିକେଟ (Savings Certificate) ପ୍ରତି ଅତ୍ୟଧିକ ଗୁରୁତ୍ୱ ଆରୋପ କରିବା ଉଚିତ ।

ଏତଦ୍‌ବ୍ୟତୀତ କେତେକ କ୍ଷେତ୍ରରେ ବାଧ୍ୟତାମୂଳକ ସଂଚୟ ପ୍ରତି ମଧ୍ୟ ଦୃଷ୍ଟି ଦେବା ଉଚିତ । କେତେକ ଯୁକ୍ତି ବାଢ଼ନ୍ତି ଯେ ଭାରତ ଭଳି ଗୋଟିଏ ଗରିବ ଦେଶରେ ବାଧ୍ୟତାମୂଳକ ସଂଚୟ ବିନା ସଂଚୟର ହାର ବୃଦ୍ଧି ପାଇବା

ଏକ ଦୁରୂହ ବ୍ୟାପାର । କିନ୍ତୁ ଅପର ପକ୍ଷରେ ବାଧ୍ୟତାମୂଳକ ସଂଚୟ ସକାଶେ ଯେଉଁସବୁ ପନ୍ଥା ଅବଲମ୍ବନ କରା-ଯାଇଥାଏ, ସେଗୁଡ଼ିକର କୁ-ପରିଣାମ ମଧ୍ୟ ରହିଛି । ଅତ୍ୟଧିକ କର ସଂଗ୍ରହ ଦରଦାମ ବୃଦ୍ଧିର ସହାୟକ ହୁଏ । ତେଣୁ ଦରଦାମ ସ୍ଥିରୀକରଣ (Price Stabilisation) ଏବଂ ନିମ୍ନହାରବିଶିଷ୍ଟ ପରୋକ୍ଷ କର (Indirect Taxation) ସଂଗ୍ରହ ଏହି ଉଭୟ ଅସ୍ତ୍ରଦ୍ୱାରା 'ସ୍ୱେଚ୍ଛିକ ସଂଚୟ' (Voluntary Savings)କୁ ବୃଦ୍ଧି କରିବା ହେଉଛି ଉପଯୁକ୍ତ ପନ୍ଥା । ଏଥି ନିମନ୍ତେ ପ୍ରଥମେ ବଢ଼ା ଦରଦାମକୁ ରୋକିବା ନିତାନ୍ତ ପ୍ରୟୋଜନ । କାରଣ ଦରଦାମ ବୃଦ୍ଧି ଟଙ୍କାର ପ୍ରକୃତ ମୂଲ୍ୟକୁ ହ୍ରାସ କରିଦିଏ । ଫଳରେ ଦେଶବାସୀ ଏଥିପ୍ରତି ଆସ୍ଥା ହରାଇ ବ୍ୟାଙ୍କ ପ୍ରଭୃତିରେ ଟଙ୍କା ଜମା ନ ରଖି କିମ୍ବା ଉତ୍ପାଦନ କ୍ଷେତ୍ରରେ ପୁଂଜି ବିନିଯୋଗ ନ କରି ସୁନା, ରୂପା ବା ଜମିବାଡ଼ି ପ୍ରଭୃତି ଖରିଦ କରିବା ଉଚିତ ମନେ କରନ୍ତି । ଦେଶର ପୁଂଜି ଗଠନ (Capital formation) ଦିଗରେ 'ନିଅଣ୍ଟିଆ ଅର୍ଥ' ବା 'Deficit Financing' ମଧ୍ୟ ବିଶେଷ ସହାୟକ ହୁଏନାହିଁ, ଅତଏବ 'ସ୍ୱେଚ୍ଛିକ ସଂଚୟ' (Voluntary Savings)ର ଅଭିବୃଦ୍ଧି ନିତାନ୍ତ ଆବଶ୍ୟକ ।

ସଂଚୟ ବୃଦ୍ଧି ନିମନ୍ତେ ସୁଧ ହାର ମଧ୍ୟ ବୃଦ୍ଧି ପାଇବା ଆବଶ୍ୟକ । ସୋଭିଏତ୍ ଦେଶରେ ସଂଚୟ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ସୁଧର ହାରକୁ ଶତକଡ଼ା ୯ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା ।

ସଂଚୟ ବୃଦ୍ଧି ଦିଗରେ କୃଷକ ସମାଜର ଯଥେଷ୍ଟ ଦାୟିତ୍ୱ ରହିଛି । ପ୍ରାୟ ସମସ୍ତ ଅନୁନ୍ନତ ରାଷ୍ଟ୍ରରେ ଜାତୀୟ ଆୟର ଶତକଡ଼ା ୫୦ ଭାଗ କେବଳ କୃଷି କ୍ଷେତ୍ରରୁ ହିଁ ଆଦାୟ ହୋଇଥାଏ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଆମ ଦେଶରେ ସଂଚୟ କ୍ଷେତ୍ରରେ କୃଷିର ଅବଦାନ ଅତି ନଗଣ୍ୟ । ଅଧୁନା ଭାରତରେ 'ସବୁଜ ବିପ୍ଳବ'ର ସଫଳତା ପରେ କୃଷି ଉତ୍ପାଦନ ଅନେକ ପରିମାଣରେ ବୃଦ୍ଧି ପାଇଛି । ତେଣୁ ଉପଯୁକ୍ତ କର ଓ ଟିକସ ମାଧ୍ୟମରେ ଏହି କୃଷି କ୍ଷେତ୍ରରୁ ସଂଚୟ ବୃଦ୍ଧି କରିବା ବିଧେୟ ।

ଏତଦ୍‌ବ୍ୟତୀତ 'ବୈଦେଶିକ ବ୍ୟାପାର' (Foreign Trade) ମଧ୍ୟ ସଂଚୟ ବୃଦ୍ଧି ଦିଗରେ ଯଥେଷ୍ଟ ସହାୟକ ହୋଇଥାଏ । ତେଣୁ ଏହାର ଉତ୍ତରୋତ୍ତର ସମୃଦ୍ଧି ପ୍ରତି ଦୃଷ୍ଟିଦେବା ଆବଶ୍ୟକ ।

ସଂଚୟ କ୍ଷେତ୍ରରେ ସମବାୟ ସଂସ୍ଥାଗୁଡ଼ିକର ଯଥେଷ୍ଟ ଦାୟିତ୍ୱ ରହିଛି । ଜର୍ମାନୀ, କାନାଡ଼ା, ଚେକୋସ୍ଲୋଭାକିଆ ପ୍ରଭୃତି ପାଶ୍ଚାତ୍ୟ ରାଷ୍ଟ୍ରସମୂହର ପ୍ରଗତି ଓ ସମୃଦ୍ଧି ଦିଗରେ ସମବାୟ ସଂସ୍ଥାର ଅବଦାନ ଅତୁଳନୀୟ । କିନ୍ତୁ ଦୁର୍ଭାଗ୍ୟର କଥା, ଅଧିକାଂଶ ବିକାଶଶୀଳ ଦେଶଗୁଡ଼ିକରେ ବିଶେଷତଃ ଭାରତରେ ଏହି ସମବାୟ ସଂସ୍ଥାଗୁଡ଼ିକ ସଂଚୟର ସହାୟକ ହେବା ପରିବର୍ତ୍ତେ କେବଳ ଋଣ ବଣ୍ଟନ ସଂସ୍ଥା ରୂପେ କାର୍ଯ୍ୟ କରିଆସିଛନ୍ତି । ଏହି ଦୃଷ୍ଟିରୁ ସମବାୟ ସଂସ୍ଥାଗୁଡ଼ିକର ସଂସ୍କାର ଓ ବହୁଳ ପ୍ରସାର ହେବା ଉଚିତ ।

ସଂଚୟ କ୍ଷେତ୍ରରେ 'ବୀମା ସଂସ୍ଥାଗୁଡ଼ିକ' ମଧ୍ୟ ଖୁବ୍ ସହାୟକ ହୋଇଥାଏ । ଭାରତରେ ୧୯୫୬ ମସିହାରେ ଜୀବନ ବୀମାକୁ ଜାତୀୟକରଣ କରାଯାଇ ଜୀବନ ବୀମା କର୍ପୋରେସନ୍ ସ୍ଥାପିତ କରାଗଲା । ଜାତୀୟକରଣର ପରବର୍ତ୍ତୀ କାଳରେ ଏହା ଅବଶ୍ୟ ଖୁବ୍ ପ୍ରସାର ଲାଭକରିଛି ।

ବିକାଶଶୀଳ ରାଷ୍ଟ୍ରସମୂହର ଆର୍ଥିକ ଉନ୍ନତି ତଥା ସଂଚୟ ବୃଦ୍ଧିର ଅନ୍ୟ ଏକ ପ୍ରଧାନ ପନ୍ଥା ହେଲା ଦେଶରେ ଲୁକ୍କାୟିତ ଅବସ୍ଥାରେ ଥିବା 'ସ୍ୱର୍ଣ୍ଣ ସଂପଦ' ପୂର୍ଣ୍ଣ ବ୍ୟବହାର କରିବା । ହିସାବରୁ ଜଣାଯାଇଛି ଯେ ଭାରତ ତଥା

ଦକ୍ଷିଣ-ପୂର୍ବ ଏସିଆର କେତେକ ଦେଶରେ ଜାତୀୟ ଆୟର ଶତକଡ଼ା ୧୨ ଭାଗ ସ୍ୱର୍ଣ୍ଣ ସଂପଦ ଆକାରରେ ରହିଛି । କେବଳ ଭାରତରେ ହିଁ ଏହାର ପରିମାଣ ୯୦୦ କୋଟି ଟଙ୍କାରୁ ଅଧିକ । ଏହି ସ୍ୱର୍ଣ୍ଣ ସଂପଦକୁ ବିଦେଶରୁ ଆମଦାନୀ କରାଯାଉଥିବା କଳକବ୍ଜା ପ୍ରଭୃତି ଖରିଦ କରିବା ଦିଗରେ ବିନିଯୋଗ କରାଯାଇ ପାରନ୍ତା । ଏଥିସକାଶେ ପ୍ରଥମେ ଦେଶବାସୀଙ୍କୁ ଉପଯୁକ୍ତ ଶିକ୍ଷା ଦେବା ଆବଶ୍ୟକ ।

ସଂଚୟ ବୃଦ୍ଧିର ଅନ୍ୟ ଏକ ଉପାୟ ହେଉଛି ଅନୁନ୍ନତ ଦେଶସମୂହର 'ଅର୍ଦ୍ଧ ବେକାର' ମାନଙ୍କ ଉତ୍ପାଦିକା ଶକ୍ତିକୁ ଗ୍ରାମାଂଚଳରେ କିମ୍ବା ଅନ୍ୟାନ୍ୟ ଉତ୍ପାଦନ କ୍ଷେତ୍ରରେ ପୂର୍ଣ୍ଣ ବିନିଯୋଗ କରିବା । ଏହି ଅର୍ଦ୍ଧ ବେକାରମାନଙ୍କର ସଂପୂର୍ଣ୍ଣ ବିନିଯୋଗହିଁ ଅଛି ଚୀନ୍ ଦେଶର ଅଗ୍ରଗତିର ମୁଖ୍ୟ କାରଣ ।

ଶେଷରେ ଯେ କୌଣସି ଯୋଜନାର ସଫଳତା ପାଇଁ ଦେଶବାସୀଙ୍କର ପୂର୍ଣ୍ଣ ପ୍ରାଣରେ ସହଯୋଗିତା ହେଉଛି ଅତୀବ ଗୁରୁତ୍ୱପୂର୍ଣ୍ଣ । ପ୍ରତି ଭାରତୀୟ ଉପଲବ୍ଧି କରିବା ଉଚିତ ଯେ, ଦେଶ ସଂଗଠନ ଦିଗରେ ସେମାନଙ୍କର ଗୁରୁଦାୟିତ୍ୱ ରହିଛି । ତେଣୁ ଆଜି ଯାହା ମିଳୁଛି ତାକୁ ପୁରାପୁରି ଖର୍ଚ୍ଚ କରି ନ ଦେଇ ଭବିଷ୍ୟତ ପ୍ରତି ଦୃଷ୍ଟି ଦେବାକୁ ହେବ । ବର୍ତ୍ତମାନର ଆୟକୁ ଯଥେଷ୍ଟ ପରିମାଣରେ ସଂଚୟ କରି ସଂଚିତ ଅର୍ଥକୁ ଉତ୍ପାଦନଶୀଳ ଯୋଜନାରେ ଲଗାଇବାକୁ ପଡ଼ିବ । ଆମକୁ ମନେରଖିବାକୁ ହେବ ବିନ୍ଦୁ ବିନ୍ଦୁ ଜଳର ସମ୍ମିଶ୍ରଣରେ ସାଗରର ସୃଷ୍ଟି ହୁଏ । ସେହିପରି ପ୍ରତିବ୍ୟକ୍ତିଙ୍କ ଯତ୍ କିଂଚିତ୍ ସଂଚୟ ପୁଂଜି ଗଠନର ସହାୟକ ହେବ । ଆଜି ଆମେ ଯେତେବେଳେ ରାଜନୈତିକ ସ୍ୱାଧୀନତାର ରୌପ୍ୟ ଜୁବୁଲି ପାଳନ କରୁଛୁ, ସେତେବେଳେ ଅର୍ଥନୈତିକ ସ୍ୱାଧୀନତା ହାସଲ ନିମନ୍ତେ ମଧ୍ୟ ଆମେମାନେ ଦୃଢ଼ ପ୍ରତିଜ୍ଞାବଦ୍ଧ ହେବା । ଆମକୁ ମନେ ରଖିବାକୁ ପଡ଼ିବ ଯେ ଅର୍ଥନୈତିକ ସ୍ୱାଧୀନତା ବିନା ରାଜନୈତିକ ସ୍ୱାଧୀନତା ସ୍ୱାଦହୀନ ଓ ମୂଲ୍ୟହୀନ ।

———

# ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ସଞ୍ଚୟର ଭୂମିକା

## ଡକ୍ଟର ନରେନ୍ଦ୍ର ନାଥ ମିଶ୍ର

ସେଇଦିନଟି ଥିଲା ୧୭୯୦ ଖ୍ରୀଷ୍ଟାବ୍ଦର ନବବର୍ଷର ଦିନ । ବେଭେରିଆର ରାଜଧାନୀରେ ଧର୍ମଯାଜକ ଗତାନୁଗତିକ ରୀତିରେ ନବବର୍ଷ ବାଣୀ ବୟାନ କଲେ—ପୁଣ୍ୟ କାର୍ଯ୍ୟ ନ କଲେ, ଓ ପାପ ଆଚରଣ କଲେ ଲୋକମାନଙ୍କୁ ଦରିଦ୍ର ହୋଇ ରହିବାକୁ ପଡେ । ସବୁ ଦରିଦ୍ରମାନେ ନିଜ ପାପର ଫଳ ଭୋଗ କରନ୍ତି । କିନ୍ତୁ ମୁକ୍ତମନା କାଉଣ୍ଟ ରମ୍‌ଫୋର୍ଡ, ବେଭେରିଆର ପ୍ରିଭିକାଉନ୍‌ସିଲର ଅନ୍ୟତମ ସଦସ୍ୟ ଘୋଷଣା କଲେ—ଲୋକ ଦରିଦ୍ର ହେଲେହେଁ ସବୁ ପ୍ରକାର ମନ୍ଦ କାର୍ଯ୍ୟରେ ଲିପ୍ତ ରହନ୍ତି । ଆଉ ସମାଜରେ ଧନୀମାନଙ୍କ ଅନ୍ୟାୟ ଫଳରେହିଁ ବହୁଲୋକ ଦରିଦ୍ର ହୋଇ ରହିଛନ୍ତି । ସେ ଯୁଗରେ ଯୁକ୍ତିଦ୍ୱାରା ଏହା କାହାରିକୁ ବୁଝାଇବା ଏକପ୍ରକାର ଅସମ୍ଭବ ବିଷୟ ଥିଲା । କିନ୍ତୁ ନିଜ ମତର ସତ୍ୟତା ପରୀକ୍ଷା କରି ଦେଖାଇ ଦେବା ପାଇଁ କାଉଣ୍ଟ ଏକ ଅଭିନବ ପନ୍ଥାର ଆଶ୍ରୟ ନେଲେ । ମିଉନିକ୍ ସହରର ଷାଠିଏ ହଜାର ଅଧିବାସୀଙ୍କ ମଧ୍ୟରେ ଯେତେ ଭିକ୍ଷୁକ ଓ ଅସହାୟ ବ୍ୟକ୍ତିଥିଲେ ସେମାନଙ୍କୁ ଏକତ୍ରକରି ଗୋଟିଏ ଶିଳ୍ପ କାରଖାନା ପ୍ରତିଷ୍ଠା କଲେ ଓ ନାନାପ୍ରକାର କାମଧନ୍ଦାରେ ସେମାନଙ୍କୁ ଲଗାଇଦେଲେ । ଶତାବ୍ଦୀ ପୂର୍ବର ମିଉନିକ୍‌ରେ ଏଇଭାବରେ ଏକ ନବ ଜୀବନର ଉଦୟ ହୋଇଥିଲା ।

ଆମ ସମାଜରେ ଏବେ ବି ଶତକଡ଼ା ଅଧାରୁ ଅଧିକ ଲୋକେ ଘୋର ଦାରିଦ୍ର୍ୟରେ ସଢ଼ୁଛନ୍ତି । ଏଥିଲାଗି ପୁରୁଣା କାଳିଆ ଲୋକେ ହୁଏତ ଭାଗ୍ୟ ବା ଭଗବାନଙ୍କୁ ଦୋଷଦେଇ ଆତ୍ମସନ୍ତୋଷ ଲାଭ କରିପାରନ୍ତି । ମାତ୍ର ଏଇ ଦାରିଦ୍ର୍ୟ ଶତ ଶତ ବର୍ଷର ସାମାଜିକ ଓ ଆର୍ଥିକ ଅନ୍ୟାୟ ଓ ଅନୀତିର ଫଳ । ଏହାର ନିରାକରଣପାଇଁ ନାନା ପନ୍ଥା ଏବେ ଖୋଜାଯାଉଛି । ଆଇନ ବଳରେ ଜୋରକରି ଧନୀଙ୍କଠାରୁ ସମ୍ପତ୍ତି କାଢିନେଇ ଦାରିଦ୍ର୍ୟ ଦୂରକରିବା ଆପାତ ଦୃଷ୍ଟିରେ ଏକ ସହଜ ପନ୍ଥା ମନେହୋଇପାରେ । ମାତ୍ର ଯେଉଁଠି ଧନୀଙ୍କ ସଂଖ୍ୟା ମୁଷ୍ଟିମେୟ ଓ ଅଧିକାଂଶ ଦରିଦ୍ର ସେଠାରେ ଏହା ସମ୍ଭବ ହେବ କିପରି ? ସଞ୍ଚୟ ଦ୍ୱାରା ସମ୍ବଳ ସୃଷ୍ଟି ଓ ଏହି ସମ୍ବଳ ବିନିଯୋଗକରି ଦ୍ରୁତ ସାମାଜିକ ପ୍ରଗତି ସାଧନହିଁ ସାମାଜିକ ନ୍ୟାୟ ପ୍ରତିଷ୍ଠାର ଏକମାତ୍ର ପନ୍ଥା । ସମୟର ପରିବର୍ତ୍ତନ ସହ ସାମଞ୍ଜସ୍ୟ ରକ୍ଷି, ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ଓ ଆଧୁନିକ ମାନବ ବିଦ୍ୟାର ଆଲୋକରେ ସମାଜର ଦରିଦ୍ର ଓ ଅବହେଳିତ, ଆଧୁନିକ ଶିକ୍ଷା ଦୀକ୍ଷାରୁ ବଞ୍ଚିତ ଜନସାଧାରଣଙ୍କୁ ମୁକ୍ତିର ଯଥାର୍ଥ ସ୍ୱାଦ ଦେବାକୁ ହେଲେ ସଞ୍ଚୟ ଏକମାତ୍ର ପନ୍ଥା ।

ସାମାଜିକ ନ୍ୟାୟ ପ୍ରତିଷ୍ଠା ନ ହେଲେ ଏକ ଦିଗରେ ଦରିଦ୍ର ଯେପରି ସୁଖ ସ୍ୱାଚ୍ଛନ୍ଦ୍ୟରୁ ବଞ୍ଚିତ ହୁଏ ଧନୀ ମଧ୍ୟ ତାହାର ବିନିଯୋଗର ନିଶ୍ଚିତ ଫଳ ଲାଭ ସୁଯୋଗରୁ ବଞ୍ଚିତ ହୁଏ । ସାମାଜିକ ନିରାପତ୍ତାର ଅଭାବ ସମାଜ ଜୀବନକୁ କଳଙ୍କିତ ଓ ବିପର୍ଯ୍ୟସ୍ତ କରେ । ସବୁ ପ୍ରକାର ଦୁର୍ନୀତିର ମୂଳ ଏଇଠାରେ ନିହିତ ।

ଜୀବନ ଓ ଜଗତ ପରିବର୍ତ୍ତନଶୀଳ। ଆଜିର ଶିଶୁ କାଲି ହୁଏ ଯୁବା, ଯୁବା ହୁଏ ବୃଦ୍ଧ। ଆଜିର ନୂତନ ପତ୍ର କାଲି ଫିକାହୋଇ ଝଡ଼ିଯାଏ। ଏହିଭଳି ପରିବର୍ତ୍ତନ ପ୍ରକୃତିର ନିୟମ। ଆମେ ଚାହୁଁ ବା ନ ଚାହୁଁ ପରିବର୍ତ୍ତନ ଘଟେ ; କିନ୍ତୁ ପ୍ରଗତି ସାଧନସାପେକ୍ଷ।

ପୃଥିବୀରେ ଏବେ ବହୁ ଜନ ସମାଜ ଅଛି, ବୟସରେ ଖୁବ୍ ପ୍ରାଚୀନ। କେତେ ପ୍ରାକୃତିକ ପରିବର୍ତ୍ତନ ସେମାନେ ଅଙ୍ଗେ ନିଭାଇଛନ୍ତି। କେତେ ଅତ୍ୟାଚାର ସହିଛନ୍ତି। କେତେ ନୂତନ ସମାଜ, ଶକ୍ତିମାନ ସଭ୍ୟ ଜାତିଙ୍କ ସମ୍ପର୍କରେ ଶତ ଶତ ବର୍ଷ ଧରି ଏକାଠି ରହିଛନ୍ତି। ତଥାପି ସେମାନଙ୍କ ସମାଜର କୌଣସି ପ୍ରଗତି ହୋଇନାହିଁ। ଅଶିକ୍ଷା, ରୋଗ, ଜଞ୍ଜାଳ, ଅପମୃତ୍ୟୁ ହୋଇଛି ସେମାନଙ୍କ ଜୀବନର ନିତ୍ୟ ସହଚର।

ଏହାର କାରଣ କ'ଣ ? ଏମାନେ ପ୍ରଗତି ପାଇଁ କୌଣସି ସାଧନା କରନ୍ତି ନାହିଁ। ଶ୍ରମ ଓ ସମ୍ପଦ, ଜ୍ଞାନ ଓ ଉଦ୍ଭାବନର କୌଣସି ସଞ୍ଚିତ ପୁଞ୍ଜି ଏହି ସମାଜ ହାତରେ ନ ଥାଏ। ଏହି ସମାଜରେ ପରିବର୍ତ୍ତନ ମଧ୍ୟ ଘଟେ ଅଳ୍ପ। ଏମାନେ ଯେତେ ସବୁ ପୁରୁଣା କଥାକୁ ଜାବୋଡ଼ି ଧରନ୍ତି। ସବୁ ନୂଆ କଥାକୁ ଡରନ୍ତି। ନିଜର ଅଭ୍ୟାସ ଆଦୌ ବଦଳାନ୍ତି ନାହିଁ। ପ୍ରତିଦିନ ଖୋଜି ଖୋଳି ଯାହା ପାଆନ୍ତି ସେଥିରେ କୌଣସିମତେ ପ୍ରାଣ ଧାରଣ କରନ୍ତି। ସେମାନେ ପ୍ରକୃତି କୋଳରେ ବଣ ପର୍ବତରେ ଅସହାୟଭାବେ ଜୀବନ କଟାନ୍ତି। ସଭ୍ୟତାବୋଲି ଏମାନଙ୍କର କିଛି ନ ଥାଏ।

ଅନ୍ୟ ପକ୍ଷରେ ସଭ୍ୟ ମାନବ ପ୍ରଗତି ଇଚ୍ଛାରେ ନିଜର ଜୀବନ ଧାରା ଓ ସମାଜକୁ ପ୍ରତିନିୟତ ବଦଳାଇବାକୁ ଚାହେଁ। ସଭ୍ୟ ସମାଜ କୌଣସି ପ୍ରଭୁଶକ୍ତି ବା ଅନ୍ଧବିଶ୍ୱାସରେ ଆସ୍ଥା ରଖେ ନାହିଁ। ନିଜର ସାଧନା ଓ ଶକ୍ତି, ନୂଆ ପରୀକ୍ଷା, ନୂଆ ଭାବନା ଉପରେ, ନିଜର ଜିଜ୍ଞାସୁ ମନ, ବୁଦ୍ଧିର ବଳ ଉପରେ ଆସ୍ଥା ରଖେ। କୌଣସି ଅବସ୍ଥାରେ ସେ ପରାଜୟ ମାନିନିଏ ନାହିଁ। ସେ ମରୁଭୂମିରେ ଫସଲ ଫଳାଇବାର ସଙ୍କଳ୍ପ କରେ, ମହାମାରୀ ବିରୁଦ୍ଧରେ ସଂଗ୍ରାମ କରେ। ମନରେ ଯୁଦ୍ଧ ଜୟର ସଙ୍କଳ୍ପ, ହାତରେ ନିତ୍ୟ ନୂତନ ହତିଆର—ନବ ନବ ଉଦ୍ଭାବନ—ପ୍ରଗତିର ପଥ କେହି ରୋଧକରି ପାରେନାହିଁ।

ସଭ୍ୟମାନବର ପ୍ରଗତି ଚିନ୍ତାର ଇତିହାସ ଅତି ପ୍ରାଚୀନ। ଆମର ପୁରାଣ କଳ୍ପନାରେ ରାମ ରାଜ୍ୟ ଥିଲା ସବୁଠାରୁ ଶ୍ରେଷ୍ଠ। ପ୍ରାଚୀନ ଗ୍ରୀକ୍‌ମାନେ ପ୍ରଥମେ ଜଣେ ମୁକୁଟଧାରୀ ରାଜାଙ୍କ ସ୍ୱର୍ଗରାଜ୍ୟ କଥା କଳ୍ପନା କରୁଥିଲେ। ଦାର୍ଶନିକ ପ୍ଲେଟୋ ପ୍ରମୁଖ କହୁଥିଲେ ବା ଦାର୍ଶନିକମାନେ ରଜା ହେଲେହେଁ ସମାଜରେ ଶାନ୍ତି ଓ ପ୍ରଗତି ସମ୍ଭବ ହେବ। ଆଧୁନିକ ଯୁଗରେ ଗେଲିଲିଓ, ନିଉଟନ୍‌ଙ୍କଠାରୁ ଡାରଉଇନ ପର୍ଯ୍ୟନ୍ତ ପ୍ରାକୃତିକ ନିୟମରେ ପ୍ରଗତି ସମ୍ଭବ ବୋଲି ବିଶ୍ୱାସ କରୁଥିଲେ। କୋମ୍ଟଙ୍କ ଭଳି ଦାର୍ଶନିକଙ୍କ ବିଶ୍ୱାସ ଥିଲା ଧର୍ମବିଶ୍ୱାସ, ଦର୍ଶନତତ୍ତ୍ୱ ଓ ବୈଜ୍ଞାନିକ ବିଷୟର ପ୍ରତିଷ୍ଠା ମଧ୍ୟରେ ସମାଜର ପ୍ରଗତି ସାଧିତ ହୋଇପାରେ। ମାର୍କସଙ୍କ ଧାରଣା ଅନୁସାରେ ସାମନ୍ତତନ୍ତ୍ର, ପୁଞ୍ଜିବାଦ ଓ ସାମ୍ୟବାଦ କ୍ରମବିକାଶ ମଧ୍ୟରେ ସମାଜର ପ୍ରଗତି ସମ୍ଭବ। କୌଣସି ଅନ୍ଧବିଶ୍ୱାସ ବା ପୂର୍ବକଳ୍ପିତ ଧାରଣା ଅନୁସାରେ ବିଶ୍ୱର ନ ଦେଖି ମାନବ ପ୍ରଗତିର ଇତିହାସ ପ୍ରତି ଲକ୍ଷ୍ୟ କଲେ ଜଣାଯିବ ବୈଜ୍ଞାନିକ ଉଦ୍ଭାବନ ଓ ଯନ୍ତ୍ର ବିପ୍ଳବ ସବୁ ସମାଜରେ ପ୍ରଗତିର ଭିତ୍ତି ସ୍ଥାପନ କରିଛି।

ଏହା ଅବଶ୍ୟ ସତ, ଅନେକ ସମୟରେ ବୈଜ୍ଞାନିକ ଉଦ୍ଭାବନ ସବୁ ଆକସ୍ମିକ ଭାବରେ ଘଟିଥାଏ । କେତେବେଳେ ଅବା ପ୍ରତିଭାଶାଳୀ ବ୍ୟକ୍ତିଙ୍କ ସାଧନା ଫଳରେ ନବ ନବ ଉଦ୍ଭାବନ ସମ୍ଭବ ହୋଇଥାଏ । ମାତ୍ର ଯେକୌଣସି ଉଦ୍ଭାବନରୁ ସୁଫଳ ପାଇବାକୁ ହେଲେ ଉତ୍ପାଦନ କ୍ଷେତ୍ରରେ ଏହାର ପ୍ରୟୋଗ ଓ ପରୀକ୍ଷା ପାଇଁ ସମାଜକୁ ମୂଲ୍ୟ ଦେବାକୁ ହୁଏ । ଏଥିପାଇଁ ଦରକାର ହୁଏ ଶିଳ୍ପ ଓ ପ୍ରଯୁକ୍ତି ବିଦ୍ୟାଗତ ସଙ୍ଗଠନ । ପୁଣି ନୂତନ ଉଦ୍ଭାବନ ଉପରେ ଭିତ୍ତିକରି ଗଢ଼ିବାକୁ ହୁଏ ନାନା ଶିଳ୍ପ କାରଖାନା । ଏଥିପାଇଁ ଲୋଡ଼ା ହୁଏ ପ୍ରଚୁର ମୂଳଧନ ଏଉ ମୂଳଧନ ବା ପୁଞ୍ଜି ଖଟାଇବାର ସାମର୍ଥ୍ୟ ଓ ସାହସ ଯେଉଁଠି ଯେତେ ଅଧିକ, ବୈଜ୍ଞାନିକ ଉଦ୍ଭାବନରୁ ସେଠାରେ ସେତେ ଅଧିକ ପରିମାଣରେ ସୁଫଳ ମିଳିବା ସମ୍ଭବ ।

ଅନେକ ସମୟରେ ଦେଖାଯାଏ, ଯେଉଁ ଦେଶର ବୈଜ୍ଞାନିକ ନୂତନ କିଛି ଉଦ୍ଭାବନ କରନ୍ତି, ସେ ଦେଶ ତାହାର ଫଳ ପାଏନାହିଁ । ସଦ୍ୟଜାତ ଶିଶୁଭଳି ନୂତନ ଉଦ୍ଭାବନକୁ ପ୍ରଥମେ ଲାଳନ କରିବାକୁ ହୁଏ । ଏଥିପ୍ରତି ଆଗ୍ରହ ବା କ୍ଷମତା ଯେଉଁ ଦେଶର ନ ଥାଏ, ସେ ଦେଶ ବୈଜ୍ଞାନିକ ଉଦ୍ଭାବନର ଧାତ୍ରୀ ହୋଇପାରେ ନାହିଁ । ଏପରିକି ସେ ଦେଶର ବୈଜ୍ଞାନିକମାନେ ଅନ୍ୟ ଦେଶରେ ଆଶ୍ରୟ ନିଅନ୍ତି । ଏ ବିଷୟରେ ଗୋଟିଏ ସୁନ୍ଦର କାହାଣୀ ଅଛି । ବୈଜ୍ଞାନିକ ଫାରାଡ଼େ ନିଜର ସଦ୍ୟ ଉଦ୍ଭାବିତ ଗୋଟିଏ ବିଦ୍ୟୁତ୍ ଜେନେରେଟର ଯନ୍ତ୍ର ବିଲାତର ପ୍ରଧାନ ମନ୍ତ୍ରୀଙ୍କୁ ଦେଖାଇ ଏହି ଯନ୍ତ୍ରର ବିକାଶ ସାଧନ ପାଇଁ ପୃଷ୍ଠପୋଷକତା କରିବାକୁ ବିଲାତର ପ୍ରଧାନ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଯନ୍ତ୍ରଟିକୁ ଦେଖି, ପ୍ରଧାନ ମନ୍ତ୍ରୀ ବୈଜ୍ଞାନିକଙ୍କୁ ପଚାରିଲେ, ଏହିଭଳି ଗୋଟିଏ କଦାକାର ଯନ୍ତ୍ରପାଇଁ ଏତେ ଅର୍ଥ ବ୍ୟୟକଲେ ମାନବ ଜାତିର କି ଉପକାର ହେବ । ବୈଜ୍ଞାନିକ ଉତ୍ତର ଦେଲେ, ଅଯତ୍ନ ଓ ଅସହାୟ ସଦ୍ୟଜାତ ଶିଶୁଟିକୁ ଏତେ ଅର୍ଥ, ସ୍ନେହ ଓ ଶ୍ରମ ଦେଇ ପାଳିବାରେ କି ଉପକାର ମାନବ ଜାତିର ହୁଏ ?

ନବ ନବ ଉଦ୍ଭାବନ ପାଇଁ ପୃଷ୍ଠପୋଷକତା ସବୁ କ୍ଷେତ୍ରରେ ଲାଭଜନକ ହୋଇ ନ ପାରେ । ପୁଣି ନୂତନ କଳ୍ପନାଟିକୁ ଲାଭଜନକ କରିବାପାଇଁ ଯେଉଁ ସମୟ ଓ ପୁଞ୍ଜି ଆବଶ୍ୟକ ତାହା ଦେବାକୁ କେହି ଘରୋଇ ପୁଞ୍ଜିପତି ଆଗ୍ରହୀ ନ ହୋଇ ପାରନ୍ତି । କାରଣ ତତ୍କାଳ ଲାଭ ଉପରେ ସେମାନଙ୍କ ଦୃଷ୍ଟି ଆବଦ୍ଧ ରହିବା ସ୍ୱାଭାବିକ । ଏହା ବ୍ୟତୀତ ନୂତନ କଳ କାରଖାନା ବା ବୈଜ୍ଞାନିକ ଜ୍ଞାନର କ୍ଷେତ୍ର ଶମାରରେ ବିନିଯୋଗ ପାଇଁ ସମାଜର ଏକ ସାମଗ୍ରିକ ବୈଷୟିକ ଉନ୍ନୟନ ପ୍ରୟାସ ଆବଶ୍ୟକ । ଅନେକ ସମୟରେ ନୂତନ ଶକ୍ତି, ବିଦ୍ୟୁତ, ଜଳଶକ୍ତି ଆଦି ଅନୁନ୍ନତ, ଏପରିକି ମନୁଷ୍ୟ ବାସର ଅନୁପଯୋଗୀ ଅଞ୍ଚଳରେ ଥିବାର ଦେଖାଯାଏ । ପ୍ରଥମେ କେହି ବ୍ୟକ୍ତିଗତ ପୁଞ୍ଜି ଖଟାଇ ସେ ସ୍ଥାନକୁ ପଥ ଫିଟାଇବା, ସ୍ୱାସ୍ଥ୍ୟକର କରିବା ପାଇଁ ଯତ୍ନକରି ନ ପାରେ । ସେ କ୍ଷେତ୍ରରେ ସରକାରଙ୍କୁ ନୂତନ ସଡ଼କ ଓ ରେଳ ପଥ ଫିଟାଇବାକୁ ପଡ଼େ । ଏହି ସବୁକୁ ରକ୍ଷା କରିବାପାଇଁ ପ୍ରଥମେ କ୍ଷତି ବି ସହିବାକୁ ହୁଏ ।

ଏଥିଲାଗି କେବଳ ଶାସନ ନୁହେଁ, ଆର୍ଥିକ ପରିକଳ୍ପନା ମଧ୍ୟ ଦେଶ ଶାସନର ଏକ ଅଙ୍ଗ ହୋଇପଡ଼ିଛି । ଦେଶର ଉନ୍ନତି ଓ ସମାଜର ପ୍ରଗତି ପାଇଁ ଉନ୍ନୟନ ପରିକଳ୍ପନା କରାହୋଇଥାଏ । ଏହାକୁ କାର୍ଯ୍ୟକାରୀ କରିବାକୁ ସରକାରଙ୍କୁ ବହୁତ ମୂଳଧନ ଖଟାଇବାକୁ ହୁଏ । ସାଧାରଣ କରରୁ ସରକାରଙ୍କ ପକ୍ଷରେ ଶିକ୍ଷା ଓ ସାଧାରଣ ଶାସନ ବ୍ୟୟ ମେଣ୍ଟାଇ ଦେଶର ଉନ୍ନୟନ ପାଇଁ ପୁଞ୍ଜି ପାଇବା ସହଜ ହୁଏ ନାହିଁ । ପୁଣି ଆମ ଦେଶଭଳି ଅନୁନ୍ନତ ଦେଶରେ ବାହାର ଦେଶରୁ ବୈଜ୍ଞାନିକ ତଥ୍ୟ ଓ ଯନ୍ତ୍ର କୌଶଳ ଶିଖିବା ପାଇଁ ମଧ୍ୟ ନାନା ଭାବରେ ମୂଲ୍ୟ ଦେବାକୁ ହୁଏ ।

ଏକ ସମୟରେମାନେ କରାଯାଉଥିବା ଅନୁନ୍ନତ ଦେଶର ଉନ୍ନୟନ ପାଇଁ ପୁଂଜି ବା ମୂଳଧନ ଉନ୍ନତ ଧନୀ ଦେଶ-
ମାନଙ୍କର ବଳକା ସମ୍ପଦରୁ ମିଳିପାରିବ । ପ୍ରଥମ ବିଶ୍ୱଯୁଦ୍ଧ ପରେ ଏହି ଉଦ୍ଦେଶ୍ୟରେ ଏକ ଆନ୍ତର୍ଜାତିକ ମୂଳଧନୀ ସଂସ୍ଥା
ପ୍ରାକୃତିକ ଭାବରେ ଗଢ଼ି ଉଠୁଥିଲା । ମାତ୍ର ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ରାଜନୈତିକ ବିଷ ବାୟୁରେ ଏହାର ମୃତ୍ୟୁ
ଘଟିଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଉନ୍ନତ ଦେଶର ସରକାରମାନେ ଅନୁନ୍ନତ ଦେଶକୁ ସାହାଯ୍ୟ କରିବାକୁ ଏକ ନୀତି
ବୋଲି ଘୋଷଣା କରୁଛନ୍ତି । ମାତ୍ର ଅନ୍ୟ ଆର୍ଥିକ କାତରତା ଏବେ ଏତେ ପ୍ରଭାବଶାଳୀ ହୋଇଛି ଯେ, ସେଥିରେ
ଏହି ନୀତିର ସୁଫଳ ଅନୁନ୍ନତ ଦେଶମାନେ ପାଇପାରୁ ନାହାନ୍ତି । ସବୁ ଭାବରେ ଦେଶର ସ୍ୱାଧୀନ ନୀତି ନିୟନ୍ତ୍ରଣ କରିବାକୁ
ସୁହୁଁଥିବା ସରକାରମାନେ ଚାହାନ୍ତି ବନ୍ଧନମୁକ୍ତ ସାହାଯ୍ୟ । ମାତ୍ର ନିଃସ୍ୱାର୍ଥ ସାହାଯ୍ୟକାରୀ ଜଗତରେ ବିରଳ । ଅନ୍ୟ
ଏକ ଦେଶକୁ ସାହାଯ୍ୟ କରିବାକୁ ସୁହୁଁଥିବା ସରକାରଙ୍କୁ ଖୋଲାଖୋଲି ଏକ ସିଦ୍ଧାନ୍ତ ନେବାକୁ ହୁଏ । ଏଥିରେ
ରାଜନୈତିକ ବିଚାର ପ୍ରାଧାନ୍ୟ ପାଏ । ଆର୍ଥିକ ବିଚାର ବା ମାନବିକ ଆଦର୍ଶ କେବଳ କଥାର କଥା ହୋଇରହେ ।

କୌଣସି ଦେଶର ସାମାଜିକ ସାମଗ୍ରିକ ପ୍ରଗତି ପାଇଁ ଦରକାର ସମାଜର ସବୁ ସ୍ତରର ଲୋକଙ୍କ ପାଇଁ ଉନ୍ନତ ମାନର ପ୍ରୟୋଜନଭିତ୍ତିକ ଶିକ୍ଷା । କିନ୍ତୁ ଉତ୍ପାଦନ କ୍ଷେତ୍ରରେ ଥିବା ପ୍ରଯୋକ୍ତାଙ୍କ ଲାଗି ଦରକାର ସମ୍ପ୍ରସାରଣ ଶିକ୍ଷା । ଅନୁନ୍ନତ ସମାଜରେ ଯେଉଁମାନେ ଶ୍ରମିକ, ଉନ୍ନତ ସମାଜରେ ସେମାନେ ଦେଖାଦିଅନ୍ତି କୁଶଳୀ ବୈଜ୍ଞାନିକ କଳା କୌଶଳ ଅଭିଜ୍ଞ କର୍ମୀ ଭାବରେ । ଏମାନେ ପୁଣି ସର୍ବଦା ଉଚ୍ଚ ଆକାଂକ୍ଷା ପୋଷଣ କରିଥାନ୍ତି । ଏହା ପୂରଣ ପାଇଁ ଯେଉଁ ସମାଜ ଯେତେ ବେଶି ସୁଯୋଗ ସୃଷ୍ଟି କରିପାରେ ସେ ଦେଶର ପ୍ରଗତି ସେତେ ତ୍ୱରାନ୍ୱିତ ହୋଇଥାଏ । ତାହା ନହେଲେ ପ୍ରଗତି ଶ୍ରମିକ ଶ୍ରେଣୀର ଅସନ୍ତୋଷ ବହ୍ନିରେ ଦେଶର ସାମାଜିକ ଜୀବନର ଶାନ୍ତି ବିଘ୍ନିତ । ଅଶାନ୍ତ ସମାଜରେ ସମୃଦ୍ଧିର ପଥହୁଏ କଣ୍ଟକିତ ।

ଏହି ଦିଗରେ ସଞ୍ଚୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସଞ୍ଚୟ ସଞ୍ଚୟକାରୀଙ୍କୁ ଭବିଷ୍ୟତ ଉପରେ ଆସ୍ଥାଶୀଳ କରାଇଥାଏ । ସଞ୍ଚୟ ଅଭ୍ୟାସର ଲୋକ ସମାଜ ଜୀବନରେ ସଂଯମ ଅବଲମ୍ବନ କରନ୍ତି । ତାଙ୍କର ଆଦର୍ଶ ନୂତନ ରୁଚି ସୃଷ୍ଟିକରେ । ଅନ୍ୟ ପକ୍ଷରେ ସ୍ୱଳ୍ପ ସଞ୍ଚିତ ବ୍ୟକ୍ତିଗତ ଅର୍ଥ ସରକାରଙ୍କ ହାତରେ ସାଧାରଣ ପୁଂଜିରେ ପରିଣତ ହୋଇ ଦେଶର ସାମଗ୍ରିକ ଉନ୍ନୟନ ପାଇଁ ଏକ ହତିଆର ଭାବରେ କାର୍ଯ୍ୟକରେ । ଏବେ ବହୁ ଅଦ୍ଭୁତ ବିସ୍ମୟକର ଉଦ୍ଭାବନ ଓ ବୈଜ୍ଞାନିକ ଜ୍ଞାନ ଆମର ଯନ୍ତ୍ରବିତ୍ ଓ ବୈଜ୍ଞାନିକଙ୍କ ଗବେଷଣାଗାରର ପରୀକ୍ଷା ମଧ୍ୟରେ ସୀମାବଦ୍ଧ ହୋଇ ରହିଅଛି । ଏହାକୁ କାର୍ଯ୍ୟରେ ଲଗାଇବାକୁ ଯେଉଁ କଳକାରଖାନା ବସାଇବା ଦରକାର ସେଥିଲାଗି ପୁଂଜି ଲଗାଣର ସାହସ ଓ ସାମର୍ଥ୍ୟ ନାହିଁ । ତାହାହିଁ ଆମର ସକଳ ଅନଗ୍ରସରତାର କାରଣ । ଏହି ସାହସ ଓ ସାମର୍ଥ୍ୟ ସୃଷ୍ଟି କେବଳ ସ୍ୱଳ୍ପ ସଞ୍ଚୟ ଯୋଜନା ଦ୍ୱାରା ସମ୍ଭବ । ସକଳ ପ୍ରକାର ରାଜନୈତିକ ବିତଣ୍ଡା, ଆଦର୍ଶଗତ ବିଚାର ଊର୍ଦ୍ଧ୍ୱରେ ସାମାଜିକ ପ୍ରଗତିର ସ୍ଥାନ । ଏକ ସମାଜ ପ୍ରଗତିଶୀଳ ନହେଲେ କୌଣସି ବ୍ୟକ୍ତିବିଶେଷ ପକ୍ଷରେ ସୁଖୀ ଓ ଉନ୍ନତ ଜୀବନଯାପନ ସମ୍ଭବ ନୁହେଁ । ଆମର ବ୍ୟକ୍ତିଗତ ଜୀବନରେ ସୁଖ ସନ୍ତୋଷ ପାଇଁ ସମାଜର ପ୍ରଗତି ଆବଶ୍ୟକ । ସାମାଜିକ ପ୍ରଗତି ପାଇଁ ଲୋଡ଼ା ବୈଷୟିକ, ଆର୍ଥିକ ଓ ସାଂସ୍କୃତିକ ଉନ୍ନତି । ଏହି ସକଳ ଉନ୍ନତି ପାଇଁ ପ୍ରୟୋଜନ ସାଧାରଣ ପୁଂଜି । ଏହି ପୁଂଜି ଗଠନ ସ୍ୱଳ୍ପ ସଞ୍ଚୟ ଦ୍ୱାରା କେବଳ ସମ୍ଭବ ।

ସାମାଜିକ ପ୍ରଗତି ଉପରେ ବ୍ୟକ୍ତିଗତ ପୁଂଜି ଓ ସାଧାରଣ ପୁଂଜିର ପ୍ରଭାବ ମଧ୍ୟ ବିସ୍ମୟଯୋଗ୍ୟ । ବ୍ୟକ୍ତିଗତ ପୁଂଜି ଲଗାଣକାରୀ ପ୍ରଚଳିତ ଜ୍ଞାନ ବିନିଯୋଗ କରନ୍ତି, ଏହାର ବିକାଶ ପାଇଁ ଅର୍ଥ ବ୍ୟୟ କରନ୍ତି ନାହିଁ । ଫଳରେ ବୈଜ୍ଞାନିକ ଗବେଷଣା ଓ ଉଦ୍ଭାବନ କ୍ଷେତ୍ର ସଙ୍କୁଚିତ ହୁଏ । ସେ ଅଧିକ ଲାଭ କରିବାକୁ ଚାହାନ୍ତି, ଏହି ଲାଭ ଅଳ୍ପ ବ୍ୟକ୍ତିଙ୍କ ମଧ୍ୟରେ ଆବଦ୍ଧ ରହେ । ଏଥିରେ ଆର୍ଥିକ ଅରାଜକତା ଓ ସାମାଜିକ ବୈଷମ୍ୟ ବଢ଼େ । ଅନ୍ୟ ପକ୍ଷରେ ସାଧାରଣ ପୁଂଜି ବ୍ୟବହାରକାରୀ ସରକାରୀ ସଂସ୍ଥା ଅଳ୍ପ ଲାଭ, ଅଧିକ ସେବାକୁ ନିଜର ଲକ୍ଷ୍ୟ ରୂପେ ଗ୍ରହଣ କରନ୍ତି । ଏହାର ଲାଭ ବହୁଙ୍କ ମଧ୍ୟରେ ବଣ୍ଟିତ ହୁଏ । ସାମାଜିକ ଅସାମ୍ୟ ଓ ଆର୍ଥିକ ଅରାଜକତା ବିରୁଦ୍ଧରେ ଏହା ଏକ ପ୍ରତିବନ୍ଧକ ଭାବରେ କାର୍ଯ୍ୟ କରିଥାଏ ।

ସ୍ୱଳ୍ପ ସଞ୍ଚୟ ମହାନ୍ ମାନବୀୟ ସଂହତିର ଓ ବିପୁଳ ସାମାଜିକ ପ୍ରଗତିର ଏକମାତ୍ର ସାଧନ ।

---

ସୂଚନା—ଏହି ପ୍ରବନ୍ଧ ଅନ୍ତର୍ଗତ ବିଷୟରେ ଅଧିକ ଜାଣିବାକୁ ଏନ୍‌ସାଇକ୍ଲୋପିଡ଼ିଆ ଅଫ୍ ସୋସିଏଲ୍ ସାଇନ୍‌ସେସ୍ ଓ ଗୁନାର ମିରଡାଲ୍‌ଙ୍କ ବିୟଣ୍ଡ ଦି ୱେଲ୍‌ଫେୟାର ଷ୍ଟେଟ୍ ଆଦି ଦ୍ରଷ୍ଟବ୍ୟ ।

# ଖଣ୍ଡିଏ ଚିଠି

## ଭାଗୀରଥି ନେପାକ୍

ସ୍ନେହର ଦେବେନ୍ଦ୍ର,

ମୁଁ ଜାଣେ, ତୁ ଏ ଚିଠିପାଇ ନିଶ୍ଚୟ ଆଶ୍ଚର୍ଯ୍ୟ ହେବୁ। କାରଣ ତୁ ଏଇ ମାତ୍ର ମୋ' ପାଖରୁ ଓ ତୋର ମାଆ ପାଖରୁ ବିଦାୟନେଇ ସହରକୁ ଚାକିରୀ କରିବାକୁ ଗଲୁ। ତୁ ଯିବାପରେ ହିଁ ଏ ଚିଠି ଲେଖିଲି। କାରଣ, ତୋତେ ମୋର ଏମିତି କେତେଟା ଜିନିଷ କହି ଛାଡ଼ିବାର ଥିଲା, ଯାହା ତୁ ଗାଁରୁ ବିଦାୟ ନେଇ ଗଲାବେଳେ କହିପାରିଲି ନାହିଁ।

ମୁଁ ତୋ ମନର କଥା ବୁଝିଛି। ତୋର ଇଚ୍ଛା ଥିଲା, ତୁ ଆହୁରି ପାଠ ପଢ଼ିଥାନ୍ତୁ। ମନ ଇଚ୍ଛା ପାଠ ପଢ଼ି ତୋର ରୁଚି ମୁତାବକ ଚାକିରୀ କିମ୍ବା ସ୍ୱାଧୀନ ବ୍ୟବସାୟ କରିଥାନ୍ତୁ। ତାହା ହେଲାନାହିଁ। କାରଣ ଆମର ଆର୍ଥିକ ଅବସ୍ଥା ଏମିତି ଏକ ସ୍ତରରେ ପହଞ୍ଚି ଯାଇଥିଲା, ଯହିଁରେ କି ତୋର ଚାକିରୀ କରିବା ବ୍ୟତୀତ ଅନ୍ୟ ପନ୍ଥା ନଥିଲା।

କିନ୍ତୁ ଦେବେନ୍ଦ୍ର, ତୁ କ'ଣ ଭାବୁଛୁ ମନ ଆନନ୍ଦରେ ଆମେ ତୋତେ ଏମିତି ଏକ ଛୋଟ କାମର ଚାକିରି କରିବାପାଇଁ ସହରକୁ ଛାଡ଼ିଦେଲୁ ? ନୁହେଁରେ ନୁହେଁ। ତୋ'ଠୁ ବଳି ମନ ଦୁଃଖ ହେଲା ତୋ ମାଆର। ଆଉ ମୋର ମାନସିକ ଅବସ୍ଥା କଥା ବର୍ଣ୍ଣନା ନକରିବା ଭଲ। ଏକଥା ସତ, ମୁଁ ତୋରିପରି କିମ୍ବା ତୋ' ମାଆ ପରି କାନ୍ଦି ପାରିଲିନାହିଁ। କାନ୍ଦିଥିଲେ ବା ହୋଇଥାନ୍ତା କ'ଣ ? ସେ କାନ୍ଦ ତ ଆଉ ତୋର କିମ୍ବା ତୋ' ମାଆର ଦୁଃଖକୁ ଲାଘବ କରିପାରି ନଥାନ୍ତା। ତେଣୁ ଛାତି ଭିତରଟା କୋହରେ ଦଳି ଚକଟି ହୋଇ ଯାଉଥିଲେ ମଧ୍ୟ, ମୁଁ ପଥର ପାଲଟିଗଲି।

ଅଥଚ ତୋତେ କେନ୍ଦ୍ର କରି ଆମର ସଂସାରରେ କେତେ ସୁନାର ସ୍ୱପ୍ନ ଆମେ ଦେଖୁଥିଲୁ ! କଳ୍ପନାରେ କେତେ ଲୋଭନୀୟ ମୀନାର ଗଢ଼ୁଥିଲୁ ! ଆମର ଆଶା ଥିଲା, ତୁ ପାଠପଢ଼ି ଖୁବ୍ ବଡ଼ ହେବୁ ! ତୋରି ଯଶଗାନ କରି ଏ ଅଞ୍ଚଳ ଉଚ୍ଛୁଳି ଉଠିବ। ସମସ୍ତେ ତୋର ଭୂରି ଭୂରି ପ୍ରଶଂସା କରିବେ।

କିନ୍ତୁ ଦେବେନ୍ଦ୍ର, କେବଳ ସୁବର୍ଣ୍ଣ ସ୍ୱପ୍ନ ଦେଖି ବସିଲେ ବା କଳ୍ପନାର ମୀନାର ଗଢ଼ିଲେ, କୌଣସି କାର୍ଯ୍ୟ ସଫଳ ହୁଏନାହିଁ। ଯଦି ଇଚ୍ଛା କଲେ ସବୁ କାର୍ଯ୍ୟ ସାଧନ ହୋଇ ପାରୁଥାନ୍ତା, ଦୁନିଆର ଏତେ ଦୁଃଖ, ଏତେ ଜଞ୍ଜାଳ ରହନ୍ତା ନାହିଁ। ସମସ୍ତେ ସୁଖରେ ତଥା ନିରାପଦରେ ଜୀବନଯାପନ କରୁଥାନ୍ତେ।

ତାହାହେଲେ ଏ ଦୁନିଆରେ ଏତେ ଦୁଃଖ, ଏତେ ଅନୁତାପ କାହିଁକି ? ପୁଣି ଏତେ ଚିନ୍ତା, ଏତେ ଅନୁଶୋଚନା କାହିଁକି ?

ମୋ' ମତରେ ସାଧନା ବିନା କୌଣସି କାର୍ଯ୍ୟ ସାଧନ କରାଯାଇ ପାରେନାହିଁ। ନିଷ୍ଠା ଓ ସାଧନା ବଳରେ ମଣିଷ ଅସାଧ୍ୟ ସାଧନ କରିପାରେ।



ଉତ୍କଳ ପ୍ରସଙ୍ଗ, ଜାନୁଆରୀ—୧୯୭୩

### ଖଣ୍ଡିଏ ଚିଠି

ଭଗବାନ କାହାରିକୁ ହେଲେ ଧନ ସମ୍ପଦ ଦାନ କରନ୍ତି ନାହିଁ। ସେ ମଣିଷର ସୁଖ ସ୍ୱାଚ୍ଛନ୍ଦ୍ୟପାଇଁ ହାତ, ଗୋଡ, ଆଖି, ମନ, ବିବେକ ପରି କେତେକ ଅମୂଲ୍ୟ ପଦାର୍ଥ ଦାନ କରିଛନ୍ତି। ଏହାରି ବଳରେ ମଣିଷ ସବୁକିଛି ଲାଭ କରେ।

ତୁ ପଚାରିବୁ, ତୁମର ସବୁଥାଇ ମଧ୍ୟ କିଛି ହେଲାନାହିଁ କାହିଁକି ? କାହିଁକି ତୋତେ ଅଧିକ ପାଠ ପଢାଇ ପାରିଲି ନାହିଁ ?

ହଁ ଦେବେନ୍ଦ୍ର ! ଏ ପ୍ରଶ୍ନ ଖାଲି ତୋର ନୁହେଁ। ମୁଁ ମଧ୍ୟ ବାରମ୍ବାର ମୋ' ନିଜକୁ ଏଇ କେତୋଟି ପ୍ରଶ୍ନ ପଚାରିଛି। ଆଉ ଏବେ ତାର ଉତ୍ତର ମଧ୍ୟ ପାଇଛି। ଏ ଉତ୍ତର ମୋ' ବୟସର। ଏ ଉତ୍ତର ମୋ' ଅଭିଜ୍ଞତାର।

ଜୀବନରେ ମୁଁ ମଧ୍ୟ ଦିନେ ମୋ' ବାପ ମାଙ୍କ ଦୟାରୁ ଅନେକ ସ୍ନେହ ଲାଭ କରିଥିଲି। ଅଭାବ 'ଅନଟନ ଆମର କିଛି ନଥିଲା। ପାଠ ପଢିବାକୁ ଚାହିଁଥିଲେ ବହୁତ ପାଠ ପଢି ପାରିଥାନ୍ତି। କିନ୍ତୁ ଅବଶେଷରେ ହେଲା କ'ଣ ?

ମୁଁ ସ୍କୁଲ ଫାଇନାଲ ଡେଇଁ କଲେଜ ପାହାଚ ମାଡ଼ି ପାରିଲି ନାହିଁ। ସବୁ ସମୟତକ ଖେଳାବୁଲା, ଗପସପରେ କଟାଇ ଦେଲି। ସାଥିମେଳରେ ସିନେମା ଦେଖିବା, ବିଭିନ୍ନ ହୋଟେଲ ବୁଲି ( ଜଳଖିଆ ଖାଇବା, ମୋ ଛାତ୍ର ଜୀବନର ପେଶା ହେଲା। ବନ୍ଧୁମାନେ ମୋ ଟଙ୍କାରେ ମଉଜକରି ମସ୍‌ଗୁଲ ରହିଲେ। କେହିହେଲେ, ମୋତେ ମୋ କର୍ତ୍ତବ୍ୟ ସଂପର୍କରେ ସଚେତନ କରାଇ ଦେଲେନାହିଁ। ମୋର ଭଲ ବନ୍ଧୁ ଅପେକ୍ଷା ଖରାପ ଧରଣର ବନ୍ଧୁ ଥିଲେ ଅନେକ। ସ୍କୁଲ ଶିକ୍ଷକଙ୍କ ଉପଦେଶ ଆମ କାନରେ ପଶିଲା ନାହିଁ।

କିନ୍ତୁ ବାପା ମା' ମୋର ନିହାତି ସରଳ ଧରଣର ଥିଲେ। ସେମାନେ ମୋତେ ସ୍କୁଲ ପାଠପଢ଼ା ସଂପର୍କରେ କୌଣସି କଥା ପଚାରୁ ନଥିଲେ।

ଏହାରି ଫଳରେ, ସ୍କୁଲ ଫାଇନାଲ ପରୀକ୍ଷା ଉତ୍ତୀର୍ଣ୍ଣ ହେବାକୁ ମୋତେ ଗୁଡ଼ାଏ ବର୍ଷ ଲାଗିଗଲା। ସ୍କୁଲ ପାଠ ପରେ କଲେଜ ମାଡ଼ିବାକୁ ମନ ବଳିଲା ନାହିଁ।

ବାପା ମା କହିଲେ, ସ୍କୁଲ ପାଠ ତ ସରିଲା। କଲେଜ ପାଠ ନପଢିବୁ ଯଦି ନାହିଁ। ଘରେ ରହି ଚାଷବାସ କଥା ବୁଝ୍। କହିବୁ ଯଦି, ବ୍ୟବସାୟଟିଏ ମଧ୍ୟ ଆରମ୍ଭ କରିବା।

କିନ୍ତୁ ମୁଁ ଘରେ ରହିବାକୁ ପସନ୍ଦ କଲି ନାହିଁ। ସରକାରୀ ଚାକିରୀ କରି ଆରାମ ଜୀବନ ଯାପନ କରିବାକୁ ମନ ବଳାଇଲି।

ଇତି ମଧ୍ୟରେ ମୋର ବାହାଘର ହେଲା। ତୋ ମାଆକୁ ସଙ୍ଗରେ ନେଇ ସହରରେ ରହିଲି। ଘରୁ ଚାଉଳ ଡାଲି ଠାରୁ ଆରମ୍ଭକରି ତେଲ, ଘିଅ ପର୍ଯ୍ୟନ୍ତ ଆସୁଥାଏ। ଦରମା ଟଙ୍କାରେ କେବଳ ମଉଜ ମଜଲିସ୍ ଚଳେ।

ଏହିପରି ଗୁଡ଼ାଏ ଦିନ କଟିଗଲା। ବାପା ମୋର ସ୍ୱର୍ଗବାସୀ ହେଲେ। ଏହାପରେ ଚାଷବାସ କରିବା ସମ୍ଭବ ହେଲା ନାହିଁ।

ମାଆଙ୍କ ଅନିଚ୍ଛା ସତ୍ତ୍ୱେ, ଆମର ସ୍ୱଳ୍ପ ଜମି ସବୁ ଖଣ୍ଡ ଖଣ୍ଡ କରି ବିକି ଶେଷ କରିଦେଲି । ସଂଚିତ ସମ୍ପଦ ଅପବ୍ୟୟ କରି କିଛିଦିନ ପାଇଁ ଆରାମରେ ଚଳିଲି ।

କିନ୍ତୁ ଜୀବନରେ ପ୍ରଥମ ଆଘାତ ପାଇଲି ସେହିଦିନ, ଯେଉଁଦିନ, ମୋର ମାଆ ରୋଗରେ ପଡ଼ିଲେ । ମୋର ଇଚ୍ଛା ଥିଲା, ତାଙ୍କୁ ସହରର ସବୁଠୁ ବଡ଼ ଡାକ୍ତରଙ୍କୁ ଦେଖାଇ ସୁସ୍ଥ ସବଳ କରିଥାନ୍ତି । କିନ୍ତୁ ଉପସ୍ଥିତ ଆର୍ଥିକ ଅବସ୍ଥା ମୋତେ ମୋ ଇଚ୍ଛାରୁ ବଞ୍ଚିତ କଲା ।

ଆମର ସଂସାର କ୍ରମେ ଅଚଳ ଅବସ୍ଥାକୁ ଗତି କଲା ।

ମୋର ପୂର୍ବର ଜୀବନ ଧାରଣର ମାନ ବଦଳିଗଲା । ଶେଷରେ ମୁଁ ଅନୁଭବ କଲି, ମୋ ଜୀବନରେ ଅପବ୍ୟୟ କରି କେବଳ ଅତୀତ କି ବର୍ତ୍ତମାନ ନୁହେଁ, ଭବିଷ୍ୟତକୁ ମଧ୍ୟ ନଷ୍ଟଭ୍ରଷ୍ଟ କରି ଦେଇଛି ।

ମୋ'ମନ ଏକାବେଳକେ ଭାଙ୍ଗିଗଲା । ମୁଁ ଚିନ୍ତାରେ ପଡ଼ିଗଲି । କିନ୍ତୁ ବେଳ ଗଡ଼ିଯାଇଥିଲା । ବନ୍ଧ ଭାଙ୍ଗି ଯାଇଥିଲା । ଭଙ୍ଗା ବନ୍ଧରେ ପାଣିକି କେବେ ଅଟକି ରହେ ?

ତେଣୁ ତୋତେ କଲେଜକୁ ପଠାଇ ପାରିଲି ନାହିଁ । କାରଣ ଆମର ଆର୍ଥିକ ଅବସ୍ଥା ଦୋହଲୁ ଥିଲା । ତୋତେ ସ୍କୁଲରେ ନଛାଡ଼ିବା ପାଇଁ ଗତି ନଥିଲା । ଅବଶେଷରେ ମୁଁ ଓ ତୋ ମାଆ ମନଦୁଃଖରେ ତୋତେ ସହରକୁ ଛାଡ଼ିଲୁ ।

* * * * * * *

ଦେବେନ୍ଦ୍ର, ଏସବୁ କଥା ଶୁଣି ତୁ ମନ ବ୍ୟସ୍ତକରିବୁ, ଏ କଥା ମୁଁ ଜାଣେ । କିନ୍ତୁ ମନବ୍ୟସ୍ତ ନକରି ତୁ ନିଜକୁ ନିଜେ ଗଢ଼ିତୋଳିବୁ । ସମୟ ନଷ୍ଟ ବା ଅପବ୍ୟୟ ପ୍ରତି ମନ ବଳାଇବୁ ନାହିଁ । ଦିନରେ ଚାକିରୀ ସମ୍ଭାଳି ରାତିରେ ସାନ୍ଧ୍ୟ କଲେଜରେ ପଢ଼ିବୁ । ତୁ ନିଜେ ସବଳ ହେଲେ, ଏ ପରିବାରକୁ ସବଳ କରି ପାରିବୁ ।

ଶେଷରେ ତୋ'ମାଆ ଓ ମୁଁ ଆଶୀର୍ବାଦ କରୁଛୁ, ତୁ ମଣିଷ ହୁଅ । ଭଗବାନ ତୋତେ ଶୁଭ ବୁଦ୍ଧି ଦିଅନ୍ତୁ । ଦେହ ପ୍ରତି ସଜାଗ ଥିବୁ । ଚିଠି ପାଇ ଉତ୍ତର ଦେବୁ । ଇତି ।

ତୋର

ଶୁଭାକାଂକ୍ଷୀ

'ବାପା'

# ସଞ୍ଚୟ ସମ୍ପର୍କରେ

ସୋମନାଥ ନାୟକ

ଅଭାବ ସବୁବେଳେ ଲାଗିରହିଛି । ଅର୍ଥନୀତି କହୁଛି Human wants are unlimited. ତେଣୁ ଆମେ ଭଲ ରୋଜଗାର କଲେ ବି ଏ ଅଭାବ ସବୁକୁ ଗୋଟିଏ ପରେ ଗୋଟିଏ ମେଣ୍ଟାଇବାକୁ ଯାଇ ଆହୁରି ଅଭାବୀ ହୋଇପଡୁ । ଦୁର୍ଦ୍ଦିନ ପାଇଁ ସଂଚୟ କରିବାକୁ ଭାବୁଥିଲେ ବି ଅନେକ ସମୟରେ କିଛି କରି ହୁଏନାହିଁ ।

ଦୁର୍ଦ୍ଦିନ ଠିକ୍ ସମୟରେ ଆସେ । ଆମେ ଧନ୍ଦିହେଉ । ଅନ୍ୟ ଆଗରେ ଗୋଡ଼ଭାଙ୍ଗି ଠିଆହେଉ । କୌଣସି ପ୍ରକାରେ ସେ ସମୟ ପାଇଁ ଅସୁବିଧା ସୁଧାରି ନେଉ । ପିମ୍ପୁଡ଼ିମାନଙ୍କ କଥା ମନେପକାଉ । ମହୁମାଛିମାନଙ୍କ ବୁଦ୍ଧିକୁ ତାରିଫ୍ କରୁ, କାନ ମୋଡ଼ିହେଉ । ବେଶି ନପାରିଲେ ବି ଅଳ୍ପ ଅଳ୍ପ ସଂଚୟ କରିବାକୁ ଯୋଜନା କରୁଁ । ମାସିକିଆ ବଜେଟକୁ କିପରି କଟ୍‌ସର୍ଟ୍ କରିବାକୁ ହେବ ଚିନ୍ତାକରୁଁ ।

ଆଜିକାଲି ହୋଇ ସମୟ ବହିଯାଏ । ପୁଣି ଦୁର୍ଦ୍ଦିନ ଆସେ । ପୁଣି ସେଇ ପଶ୍ଚାତାପ, ପରିକଳ୍ପନା । ଆମେ ବେଶି ବୁଦ୍ଧିଆ ହୋଇ ଏପରି ସବୁବେଳେ ଠିକୁ । ତଥାପି ଏ ମାଟିର ଅଭାବ ଅସୁବିଧା କଥା ଭୁଲି ପରମାର୍ଥିକ ଯୁକ୍ତି ବାଢୁ । ସଂଚୟ କାହା ପାଇଁ ? ଯିଏ ଆମକୁ ଏଠାକୁ ଆଣିଛି ସେ କ'ଣ ଆମକଥା ବୁଝିବନି ! ଯେତେବେଳେ ଯାହା ହେବାକୁ ଥିବ ଅଇବତ ହେବ । ତା'ପାଇଁ ଆଗରୁ ଏତେ ହୁସିଆରି କାହିଁକି ? ଆଉ ବେଳେ ବେଳେ ଗ୍ଲାନି କରି ଚାର୍ବାକବାଣୀ ଋଣଂ କୃତ୍ୱା ଘୃତଂ ପିବେତ୍—ଶୁଣାଉ ।

ଏଇ ସ୍ଥବିର ମନୋବୃତ୍ତି ସାଙ୍ଗକୁ ଆମ ମହାପୁରୁଷମାନଙ୍କ ମହତ୍‌ବାଣୀ, ନିଜକୁ ଯେତେ ଅଡାଡ଼ି ଦେଇ ପାରିବ ତୁମର ଅଣ୍ଟି ସେତିକି ପୁରିଉଠିବ । କାମନା ନ ରହିଲେ ଦୁଃଖ ବା କାହିଁ ? — ଆମର ଯୁକ୍ତିବାଦୀ ମନକୁ ଆହୁରି ବଳିଷ୍ଠ ସମର୍ଥନ ଯୋଗାଏ ।

ଆମର ଏ ଚିରପ୍ରବାହମାନ ପରଂପରା ପାଖରେ ଆମ ସ୍ୱାଧୀନୋତ୍ତର ବିକାଶମୁଖୀ ଜାତୀୟ ଜୀବନର ଅନେକ ପ୍ରଗତିବାଦୀ ଯୋଜନା । ଯେପରି ଜଣେ କହୁଛି ସେ ଚକା ପକାଇ ବସିବ, ଅନ୍ୟ ଜଣକ କହୁଛି ନାହିଁ ନାହିଁ ଦୌଡ଼ିବାକୁ ହେବ । ଧୀରପାଣି ପଥରକାଟେ ସାଙ୍ଗକୁ ବେଗ ହିଁ ଉନ୍ନତିର ଲକ୍ଷଣ । ଏଥିରେ ପୁଣି ଗୋଟାଏ ସାଲିସ୍ କିପରି ହେବ ?

ଏଇ ପରଂପରାକୁ ବାଦ୍‌ଦେଇ ହୁଅନ୍ତା କି ! ଯୋଜନା ତା ବାଟରେ ଯିଏ ଚାଲନ୍ତା ନା । ନା ତା କିମିତି ହେବ ? ଜଣଙ୍କର ବିଶ୍ୱାସ, ଧ୍ୟାନ ଧାରଣାକୁ ଜବରଦସ୍ତ ବାହାର କରିଦେଇ ହେବନାହିଁ, ଏଇଟା ଧର୍ମନିରପେକ୍ଷ ରାଷ୍ଟ୍ର । ହେଲେ ଏଇ ପରଂପରାକୁ ଚାପି ଦେଲାଭଳି ଗୋଟିଏ ରାସ୍ତା ଆମ ଆଗରେ । ତା ହେଲା ଆମ ଯୋଜନାର ଆକର୍ଷଣୀୟ ବିଜ୍ଞାପନ, ପରିପ୍ରଚାର । ଯାହାକି ଆମ ସ୍ଥବିରତାକୁ ଟହଲେଇ ଦେଇ ଅନ୍ତତଃ କିଛି ସମୟ ପାଇଁ ଆମକୁ ଉତ୍ତେଜିତ କରିପାରିବ । ଯୋଜନା ଆଡ଼କୁ ଟିକିଏ ଟାଣିନେବ । ଦୈନିକ ଖବର କାଗଜରେ ସୁସ୍ଥ ସୁନ୍ଦର ଚେହେରାର ବାପମାଆଙ୍କ ସାଙ୍ଗକୁ ସୁରଯାତ୍ରୀ କିଶୋର କିଶୋରୀଙ୍କ ହସ ହସ ମୁହଁ । ଅମୁକ ବ୍ୟାଙ୍କରେ ଟଙ୍କା ରଖନ୍ତୁ । ସୁଧ ହାର ଉତ୍ତମ । ଆପଣଙ୍କ ପିଲାଛୁଆଙ୍କ ଭବିଷ୍ୟତ ଉଜ୍ଜ୍ୱଳ । କୌଣସି ପତ୍ର ପତ୍ରିକାରେ ସ୍ୱଳ୍ପ ସଂଚୟ ଯୋଜନାର ଲକ୍ଷ୍ୟ ତାର ପରିକଳ୍ପନାର ଅଭିନବ ବିଜ୍ଞାପନ । ଟଙ୍କା ଖଟାନ୍ତୁ । ଦେଶର ସମୃଦ୍ଧିରେ ସହଯୋଗ କରନ୍ତୁ । ଦେଶର ସମୃଦ୍ଧି ଆପଣଙ୍କର ସମୃଦ୍ଧି ।

ଏ ସବୁ ସତ୍ତ୍ୱେ ଆମର କିପରି ଏକ ନିଷ୍କ୍ରିୟତା । ଆଉ କାହାର ବା ଛକାପଞ୍ଝା । ଯେଉଁମାନଙ୍କ ଦାଣ୍ଡରୁ ଯାଉ ଚୁଲିରେ ପଶେ ସେମାନଙ୍କ ପାଖରେ ଏ ସଂଚୟ ଶବ୍ଦ ଏକ ଅଜବ ଶବ୍ଦ । ଆମେ ତୁମେ ଯେଉଁ ତ୍ରିଶଙ୍କୁ ଶ୍ରେଣୀ ଆମ ସାମାଜିକ ସ୍ଥିତିକୁ ସମ୍ଭାଳୁ ସମ୍ଭାଳୁ ସଂଚୟକଥା ଭୁଲିଯାଉ । ଆଉ ଯେଉଁମାନେ ବୈକୁଣ୍ଠବାସୀ ସେମାନଙ୍କର ଅନ୍ଦରମହଲ ସାମ୍ନାରେ ସାଇନ୍ ବୋର୍ଡ ଝୁଲୁଥିବ—ଅନ୍ଦର ଯାନା ମନା ହେ । ସେମାନଙ୍କ ସଂଚୟ ନିଶ୍ଚୟ ମୋଟା ଧରଣର । କିନ୍ତୁ ସଂଚୟର ପନ୍ଥା ସେମାନଙ୍କ ପାଖରେ ଅଲଗା । ନିଜ ଅଣ୍ଡାଗିଆ ଯୋଜନାର ସଫଳତା ପାଇ ଏ ସଂଚୟର ମୋଟା ଅଂଶ କାମ କରେ । ଏ ମାଟିର ଯୋଜନାକୁ ଦ୍ରୁତତର କରିବାକୁ ହେଲେ ଦିନକୁ ଦିନ ଆମ ସଂଚୟକୁ ମୋଟା କରିବାକୁ ହେବ । ବାହାର ଋଣ ଯେତିକି ସୁଝାଇ ପାରିବା ସେତିକି ଆଣି ଆମ ସରୋଉ ସଂଚୟ ଉପରେହିଁ ବେଶି ନିର୍ଭର କରିବାକୁ ହେବ ।

ପ୍ରଥମେ ଆମ ତଳିଆ ଶ୍ରେଣୀଙ୍କ ଜୀବନ ଧାରଣର ମାନ ବଢ଼ାଇବାକୁ ହେବ । ଯୋଉଥିପାଇଁ ଆମର ସବୁ ସମାଜବାଦୀ ଯୋଜନା ଗଢ଼ିବା ହଟାରେ ପ୍ରତିଧ୍ୱନି । ଯେଉଁମାନେ ଦି'ଓଳି ଦି'ମୁଠାଖାଇ ଦି' ପଇସା ସଂଚି ପାରିବେ । ନିଜେ ଅସମୟ ଆଗରେ ଛାତି ଦେଖାଇ ଛିଡ଼ା ହୋଇପାରିବେ । ଏଥିପାଇଁ ସେମାନଙ୍କ ଭାଗ୍ୟବାଦୀ ମନୋବୃତ୍ତିକୁ ବଦଳାଇବାକୁ ହେବ । ଯୋଗ୍ୟତମର ଉଦ୍‌ବର୍ତ୍ତନ କଥା ପଢ଼େଇବାକୁ ହେବ । ଦ୍ୱିତୀୟରେ ଆମ ତ୍ରିଶଙ୍କୁ ଶ୍ରେଣୀ, ଯେଉଁମାନେ ସଂଚୟ ପାଇଁ ସଚେତନ, ଅଥଚ ବିଳାସ ବ୍ୟସନ ପାଇଁ ବ୍ୟଗ୍ର । ଏଇ ବିଳାସୀ ମନର ଲଗାମକୁ ହାତମୁଠାକୁ ଆଣିବାକୁ ହେଲେ ବେଳେ ବେଳେ ନାକ ଆଖିକୁ ସିଠିକରି ପକାଇବାକୁ ହେବ । ବଙ୍ଗଳା ଦେଶର ଶୋଷଣା ପରି ଦରକାର ପଡ଼ିଲେ ବାସନାତେଲ ସାବନ ସ୍ନୋ ପାଉଡ଼ର ଦାମିକା ଘଡ଼ି କଲମର ବ୍ୟବହାରକୁ ନିଷ୍ଠୁରଭାବେ ରୋକି ଦେବାକୁ ହେବ । ଦେଶର ମେରୁଦଣ୍ଡକୁ ମଜବୁତ୍ କଲାପରେ ଯାଇ ତକ୍ତଳିଆ ଟେଟେହରା କଥା ।

ଆଉ ଶେଷରେ ବୈକୁଣ୍ଠବାସୀଙ୍କ ଅନ୍ଦର ମହଲର ଘୁମରକୁ ପଦାରେ ପକାଇବାକୁ ହେବ । ହୃଦୟ ନ ଥିବା ଲୋକଙ୍କ ହୃଦୟ ପରିବର୍ତ୍ତନ କଥା । କେତେ ଅଲଣା କଥା । ତେଣୁ ଆମ ସରକାରଙ୍କୁ ଟିକିଏ କଠୋର ହେବାକୁ ହେବ । ନହୁବା ଏମାନଙ୍କର ଅଣ୍ଡାଳୁଆ ଯୋଜନା ପାଖରେ ଆମ ସରକାରଙ୍କ ସମାଜବାଦୀ ଯୋଜନା ଫେଲ୍ ମାରିବ । ଏମାନଙ୍କ ଐଶ୍ୱର୍ଯ୍ୟକୁ ତ ଆଉ ଦିବାଲୋକରେ ସଶସ୍ତ୍ର ଡକାୟତି କରି ଲୁଟ୍ କରାଯିବନି, ଖାଲି ଯାହା ଅନ୍ଦର ମହଲରୁ ବାହାର କରି ଆମ ଯୋଜନାରେ ଖଟାଯିବ । ବାସ ସେତିକି ।

କିନ୍ତୁ ଦିନକୁ ଦିନ ଯେମିତି ଜିନିଷ ପତ୍ରର ଦରଦାମ ବଢ଼ିବାରେ ଲାଗିଛି । ଟଙ୍କା ପଇସା ଶସ୍ତା ହେଉଛି । ସଂଚୟକାରୀ ଭୟ ପାଉଛି । ସେ ଦେଖୁଛି ତା ଟଙ୍କା ପଇସାର ମୂଲ୍ୟ ସାତ ଆଠ ବର୍ଷ ତଳେ ଯାହା ଥିଲା ଆଜି ତାହା ଅଧାକୁ ଆସିଛି । ତା ଆୟ ବଢ଼ିଛି ସତ, ଅନୁପାତ ରହିନି । ତେଣୁ ସେ ସରକାରଙ୍କଠୁ ଚାହୁଁଛି ତା' ସଂଚୟ ପାଇଁ ଏକ ପ୍ରତିଶ୍ରୁତି । ଆନ୍ତର୍ଜାତିକ ବଜାର ପରିସ୍ଥିତି ଯାହା ହେଉନା କାହିଁକି ତା ଟଙ୍କାର କ୍ରୟ ମୂଲ୍ୟ ହ୍ରାସ ନ ହେଉ । ସରକାର ସଂଚୟକାରୀର ଏ ମନକଥାଟିକୁ ବୁଝିବେ ବୋଲି ଆଶା । ସଂଚୟକାରୀ ବୁଝିଲାଣି ତା ସଂଚୟର ଓଜନ କେତେ । ତା ସଂଚୟରେ ଦେଶର ବଡ଼ ବଡ଼ ଯୋଜନାର ସଫଳତା, କିନ୍ତୁ ଅନ୍ୟ ପକ୍ଷରେ ସମୟ ଅସମୟ ରହିଛି । ତା ଅସମୟ ବେଳେ ତ ସଂଚୟ ଟଙ୍କାରୁ ଯଦି କିଛି ଦରକାର କରେ ବ୍ୟାଙ୍କର ଯେଉଁ ତିନିବେଣୀରେ ପାଣି ଆସିବ ବର୍ତ୍ତମାନର ନିୟମ ଅଛି ସେଥିରେ ସେ ଟଙ୍କା ପାଉ ପାଉ ଘରବୁଡ଼ି ଆଣ୍ଠୁଏ ପାଣି । ତେଣୁ ତା ବ୍ୟାଙ୍କ ତା ପାଇଁ ଟିକେ କୋହଳ ନହେଲେ ତା ସାହା ଭରସା ବୁଡ଼ିଯିବ । ପରସ୍ପରର ବୁଝାମଣାରେ ଉଭୟଙ୍କ କଲ୍ୟାଣ, ଦେଶର ପ୍ରଗତି ।

# ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର

**ପ୍ରଶାନ୍ତ ପଟ୍ଟନାୟକ**

ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟରେ ଥିବା ୧୦ ଗୋଟି ବିଭିନ୍ନ ବିଭାଗରେ ଅନେକ ଚମତ୍କାର ଦର୍ଶନୀୟ ପଦାର୍ଥ ରଖାଯାଇଛି । ଏହା ଦେଖିବା ନିମନ୍ତେ ପ୍ରତିଦିନ ରାଜ୍ୟର ଗ୍ରାମ ଓ ସହରାଞ୍ଚଳ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ବହୁ ପର୍ଯ୍ୟଟକ ଆସିଥାନ୍ତି । ସଂଗ୍ରହାଳୟରେ ଯେଉଁ କେତେକ ଦୁର୍ଲଭ ଦ୍ରବ୍ୟ ସଂଗୃହୀତ ହୋଇଛି ତାହା ଦେଖିବା ନିମନ୍ତେ ଅନେକ ବିଦେଶୀ ପର୍ଯ୍ୟଟକ ତଥା ପଣ୍ଡିତ ବ୍ୟକ୍ତି ମଧ୍ୟ ଏହି ସଂଗ୍ରହାଳୟ ପରିଦର୍ଶନ କରୁଛନ୍ତି । ଦର୍ଶନୀୟ ବସ୍ତୁଗୁଡ଼ିକୁ ସଂଗ୍ରହାଳୟର ଯେଉଁ ୧୦ ଗୋଟି ବିଭାଗରେ ସୁରକ୍ଷିତ କରି ରଖାଯାଇଛି ସେସବୁ ହେଲା – ( ୧ ) ସ୍ଥାପତ୍ୟ ; ( ୨ ) ଶିଳା ଅଭିଲେଖ ; ( ୩ ) ଆୟୁଧାଗାର; ( ୪ ) ଖଣି ଓ ଭୂତତ୍ତ୍ୱ ; ( ୫ ) ପ୍ରାକୃତିକ ଇତିହାସ ; ( ୬ ) ମଧୁସୂଦନ, ଗୋପବନ୍ଧୁ ଓ ଗୋଦାବରୀଶ ଗ୍ୟାଲେରୀ ; ( ୭ ) କଳା ଓ ହସ୍ତଶିଳ୍ପ ; ( ୮ ) ଆର୍ଟ ଗ୍ୟାଲେରୀ ; ( ୯ ) କୃଷି ଗ୍ୟାଲେରୀ ଏବଂ ( ୧୦ ) ପାଣ୍ଡୁଲିପି । ଖଣି ଓ ଭୂତତ୍ତ୍ୱ ଗ୍ୟାଲେରୀ, ଆର୍ଟ ଗ୍ୟାଲେରୀ ଓ କୃଷି ଗ୍ୟାଲେରୀ ଯଥାକ୍ରମେ ଖଣି ନିର୍ଦ୍ଦେଶକ, ଓଡ଼ିଶା, ଲଳିତ କଳା ଏକାଡେମୀ ଓ କୃଷି ନିର୍ଦ୍ଦେଶକଙ୍କ ଅଧୀନରେ ରହିଅଛି । ସେମାନେ ଏହି ଗ୍ୟାଲେରୀରେ ଦର୍ଶନୀୟ ବସ୍ତୁ ରଖିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରିଥାନ୍ତି ।



ରାଜଧାନୀର ଏକ ସୁବିଧାଜନକ ସ୍ଥାନରେ ଅବସ୍ଥିତ ରାଜ୍ୟ ସଂଗ୍ରହାଳୟର ଦୃଶ୍ୟ ।



ସଂଗ୍ରହାଳୟର ସ୍ଥାପତ୍ୟ ବିଭାଗରେ ବୁଦ୍ଧଦେବଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି ସଂରକ୍ଷିତ କରାଯାଇଛି । ଏହି ପ୍ରତିମୂର୍ତ୍ତି ଟି ଭଦ୍ରଖଣ୍ଡିତ ଖଡ଼ିଆପଡ଼ାରୁ ସଂଗୃହୀତ ହୋଇଥିଲା । ଏହା ୭ମ ଖ୍ରୀଷ୍ଟାବ୍ଦର ବୌଦ୍ଧ ସ୍ଥାପତ୍ୟର ଏକ ନମୁନା ଅଟେ ।



ସଂଗ୍ରହାଳୟର ସ୍ଥାପତ୍ୟ ବିଭାଗରେ ଅନେକ ପ୍ରାଚୀନ ବୌଦ୍ଧ, ଜୈନ ଓ ହିନ୍ଦୁ ସ୍ଥାପତ୍ୟର ଦର୍ଶନୀୟ ବସ୍ତୁ ରହିଅଛି । ଏଠାରେ ଥିବା ଶାନ୍ତିନାଥ ବିଗ୍ରହ ୯ମ ଓ ୧୦ମ ଶତାବ୍ଦୀ



୧୦ମ ଶତାବ୍ଦୀରେ ନିର୍ମିତ ହୋଇଥିବା 'ମହାବୀର' ସଂଗ୍ରହାଳୟରେ ସ୍ଥାନ ପାଇଛି ।



ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ହୋଇଥିବା ଏକ ବୌଦ୍ଧ ସ୍ତୂପର ପ୍ରତିକୃତି ବିହାରର ପାଟଳୀପୁତ୍ରରୁ ସଂଗୃହୀତ ହୋଇଛି ।



୧୦ମ ଶତାବ୍ଦୀରେ ନିର୍ମିତ ଅବଲୋକିତେଶ୍ୱର ବିଗ୍ରହ କଟକର ରତ୍ନଗିରିରୁ ସଂଗୃହୀତ ହୋଇଛି ।



ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ
[illegible]



ସଂଗ୍ରହାଳୟରେ ଅଭିଲେଖ
[illegible]



ସଂଗ୍ରହାଳୟର ଆୟୁଧାଗାରରେ ପୁରାତନ ଅସ୍ତ୍ରଶସ୍ତ୍ର ସଂରକ୍ଷିତ କରାଯାଇଛି ।



ପୁରାତନ ବନ୍ଧୁକ



ପୁରାତନ ତରବାରୀ ଓ ଫାର୍ଶା



ରାଜ୍ୟ ସଂଗ୍ରହାଳୟରେ ଥିବା ପ୍ରାକୃତିକ ଇତିହାସ ଗ୍ୟାଲେରୀ ଦେଖିବା ପାଇଁ ଗ୍ରାମାଞ୍ଚଳରୁ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଛାତ୍ର ଛାତ୍ରୀ ଆସିଥାନ୍ତି । ବିଭିନ୍ନ ଜାତିର ବାଘ ଓ ଅନେକ ପ୍ରକାରର ପଶୁପକ୍ଷୀ ସଂରକ୍ଷିତ କରାଯାଇଛି ।



ପ୍ରାକୃତିକ ଇତିହାସ ଗ୍ୟାଲେରୀ ପାଇଁ ନିକଟରେ ସଂଗହୀତ ହୋଇଥିବା କଙ୍ଗାରୁ ।



ମଧୁସୂଦନ, ଗୋପବନ୍ଧୁ ଓ ଗୋଦାବରୀଶ ଗ୍ୟାଲେରୀରେ ପ୍ରଦର୍ଶିତ ହୋଇଥିବା କନାରେ ଚିତ୍ରିତ ରାମଲୀଳା ।



ସଂଗ୍ରହାଳୟରେ ଥିବା ମଧୁସୂଦନ, ଗୋପବନ୍ଧୁ ଓ ଗୋଦାବରୀଶ ଗ୍ୟାଲେରୀରେ ପ୍ରଦର୍ଶିତ ପିତଳ ନିର୍ମିତ ଷଣ



ସଂଗ୍ରହାଳୟର ନୃତତ୍ତ୍ୱ ବିଭାଗରେ ଥିବା ପ୍ରାକ୍-ଐତିହାସିକ ଓ ନୂତନ ପ୍ରସ୍ତର ଯୁଗର ଅସ୍ତ୍ରଶସ୍ତ୍ର ।



ନୃତତ୍ତ୍ୱ ବିଭାଗରେ ଥିବା ବିଭିନ୍ନ ଧରଣର କଣ୍ଢେଇ ।



ବିକ୍ରମଖୋଲର ଶିଳାଲେଖ ନୃତତ୍ତ୍ୱ ବିଭାଗରେ ସଂରକ୍ଷିତ କରାଯାଇଛି ।



କୃଷି ଗ୍ୟାଲେରୀର ଏକ 'ସୋ କେସ୍'। ଏଥିରେ ବିଭିନ୍ନ ପ୍ରକାର ଫଳ ଓ ପନିପରିବାର ମାଟି ତିଆରି ନମୁନା ସଂରକ୍ଷିତ ହୋଇଛି । କୃଷିର କ୍ରମବିକାଶ ସଂପର୍କରେ କେତେକ ମାଟି ତିଆରି ନମୁନା କୃଷି ଗ୍ୟାଲେରୀରେ ରଖାଯାଇଛି ।



ସଂଗ୍ରହାଳୟର ପାଣ୍ଡୁଲିପି ବିଭାଗରେ ବହୁ ପୁରାତନ ତଥା ମୂଲ୍ୟବାନ ପାଣ୍ଡୁଲିପି ରଖାଯାଇଛି । ଏହି ସଂଗୃହୀତ ପାଣ୍ଡୁଲିପି ମଧ୍ୟରେ ସବୁଠାରୁ ପୁରାତନ ହେଉଛି 'ଅଭିନବ ଗୀତ ଗୋବିନ୍ଦ'। ପୁରୀ ଗଜପତି ପୁରୁଷୋତ୍ତମ ଦେବ ଏହି ଗୀତଗୋବିନ୍ଦ



ସଂଗ୍ରହାଳୟର ପାଣ୍ଡୁଲିପି ବିଭାଗରେ ଅଷ୍ଟାଦଶ ଶତାବ୍ଦୀରେ କାଗଜରେ ଚିତ୍ରିତ ହୋଇଥିବା ଗୋପଲୀଳା ଚିତ୍ର ଦେଖାଯାଉଛି । ମୋଗଲ ଢାଞ୍ଚାରେ ଚିତ୍ରିତ ହୋଇଥିବା ଏହି ଗୋପଲୀଳା ଚିତ୍ରଟି କଟକ ଜିଲ୍ଲା ଜଗତସିଂହପୁର ଅଞ୍ଚଳରୁ ମିଳିଥିଲା ।



ସଂଗ୍ରହାଳୟର ପରିସର ମଧ୍ୟରେ ଥିବା ମନୋରମ ଉଦ୍ୟାନର ଏକ ଦୃଶ୍ୟ । ଏଠାରେ ଥିବା ଶାନ୍ତ ପରିବେଶ ମଧ୍ୟରେ ପରିଦର୍ଶକମାନେ ଆନନ୍ଦ ଅନୁଭବ କରନ୍ତି ଓ ସେମାନେ ସଂଗ୍ରହାଳୟର ସବୁଜ ପ୍ରାନ୍ତରରେ ବିଶ୍ରାମ ନେଇଥାନ୍ତି ।



# ଯୁବ ହୋମିଓପାଥଙ୍କ ରେଡ଼କ୍ରସ ସୋସାଇଟିରେ ଯୋଗଦାନ

ଡ: ରାମଚନ୍ଦ୍ର ପଟ୍ଟନାୟକ

ଭୁବନେଶ୍ୱରର ହୋମିଓ ଡାକ୍ତର ତଥା ରଶ୍ମି ହୋମିଓ ଫାର୍ମାସିର ପ୍ରୋପ୍ରାଇଟର୍ ଡାକ୍ତର ରାମଚନ୍ଦ୍ର ପଟ୍ଟନାୟକ ଭାରତୀୟ ରେଡ଼କ୍ରସ ସୋସାଇଟିରେ ସଭ୍ୟ ଭାବରେ ଯୋଗଦାନ କରିଛନ୍ତି । ପିଲାଦିନରୁ ଜନ ସେବା ପ୍ରତି ତାଙ୍କର ପ୍ରବଳ ଇଚ୍ଛା ଓ ଆଗ୍ରହ ରହିଥିଲା । ସେ ପିଲାଦିନରୁ ପାଠ ପଢ଼ିବା ସଙ୍ଗେ ସଙ୍ଗେ ଅବସର ସମୟରେ ହୋମିଓ ଚିକିତ୍ସା କରନ୍ତି । ଚାକିରୀ ଲାଳସା ଛାଡ଼ି ନିଜେ ସ୍ୱାଧୀନ ଭାବରେ ରହି ଜନ ସେବା କରିବା ତାଙ୍କର ଇଚ୍ଛା । ନିକଟ ଭବିଷ୍ୟତରେ ହୋମିଓପ୍ୟାଥିକ ଔଷଧ ତିଆରି କରିବାପାଇଁ ଗୋଟିଏ ଲାବରେଟୋରୀ ଖୋଲିବାକୁ ସେ ଚେଷ୍ଟା ଚଳାଇଛନ୍ତି । ଓଡ଼ିଶାରେ କିପରି ହୋମିଓ ଚିକିତ୍ସାର ଦ୍ରୁତ ଉନ୍ନତି ହୋଇ ପାରିବ ସେଥିପାଇଁ ସେ ସବୁବେଳେ ଚେଷ୍ଟିତ । ବହୁ ସମାଜସେବୀ ଅନୁଷ୍ଠାନ ସହ ସେ ସଂଶ୍ଲିଷ୍ଟ ଅଛନ୍ତି । ବର୍ତ୍ତମାନ ସେ ରେଡ଼କ୍ରସ ସୋସାଇଟିରେ ସଭ୍ୟ ଭାବରେ ରହି ଆହୁରି ଉନ୍ନତିମୂଳକ କାମ କରିବେ ବୋଲି ଆଶା ପୋଷଣ କରି ଅଛନ୍ତି । ଶ୍ରୀ ପଟ୍ଟନାୟକଙ୍କ ଜନ୍ମସ୍ଥାନ ଖୋର୍ଦ୍ଧା ସବ୍‌ଡିଭିଜନ ଅନ୍ତର୍ଗତ ବାଣପୁର ଥାନାର ବଡ଼ ଚନ୍ଦୁଆଡ଼ ଗ୍ରାମରେ ।

# ଆମ ଓଡ଼ିଶା

'ଉତ୍କଳ ପ୍ରସଙ୍ଗ'ର ଏହି ବିଭାଗ ନିମନ୍ତେ ପାଠକମାନଙ୍କଠାରୁ ଲେଖା ଆହ୍ୱାନ କରାଯାଉଛି । ପ୍ରତ୍ୟେକ ଲେଖା ସତ୍ୟ ଘଟଣା ଉପରେ ପ୍ରତିଷ୍ଠିତ ହୋଇଥିବ ଓ ୨୦୦ ଶବ୍ଦ ମଧ୍ୟରେ ସୀମିତ ରହିବ । ଓଡ଼ିଶାର ବୈଭବପୂର୍ଣ୍ଣ ଓ ବୈଚିତ୍ର୍ୟମୟ ଜୀବନ ଉପରେ ଆଧାରିତ ଏହି ଲେଖାର ଏକ ସୁଦୂର ପ୍ରସାରୀ ପ୍ରଭାବ ରହିଥିବ । ପ୍ରତ୍ୟେକ ପ୍ରକାଶିତ ଲେଖା ପାଇଁ ପାରିଶ୍ରମିକ ଦିଆଯିବ ।

ସେଦିନ ଥିଲା ଆଷାଢ଼ର ଏକ ବର୍ଷଣମୁଖର ସନ୍ଧ୍ୟା । ଅଫିସରୁ ଫେରି ହାଟ ସଉଦା କରିବା ମୋର ଗୋଟାଏ ଅଭ୍ୟାସରେ ପଡ଼ି ଯାଇଥାଏ । ସ୍ୱଳ୍ପ ଆୟକାରୀ ହୋଇଥିବାରୁ ଜଗି ରଖିବାକୁ ପଡ଼େ । ତେଣୁ ଯେଉଁ ଦିନ ନିତାନ୍ତ ସେତିକି ସଉଦା ନ କଲେ ନ ଚଳେ ସେତିକି ମାତ୍ର ସଉଦା କରିବା ମୋର ଅଭ୍ୟାସରେ ପଡ଼ିଗଲାଣି ।

ଚିଡ଼ିବୁଡ଼ି ହାଟରେ ପହଞ୍ଚି ସଉଦା କରିବାକୁ ଆରମ୍ଭ କଲି । ଦେଖିଲି ହାଟ ଦୁଆର ମୁହଁରେ ଜଣେ ବୁଢ଼ା ବସି ବାଇଗଣ ବିକୁଛି । ପଚାରିଲି 'କେତେ' ? ବୁଢ଼ା କହିଲା, "ବାବୁ, ଦେଖୁଛ ତ କେମିତିଆ ବର୍ଷା ହେଉଛି, ସଅଳ [illegible] ଏତକ ବିକି ଦେଇ କେମିତି ଘରକୁ ଲେଉଟିବି, ସେଇ ଚିନ୍ତା । ତେବେ ଅନ୍ୟ କେଉଁ ଦିନ ହୋଇଥିଲେ କିଲୋ ୮୦ ପଇସା ନେଇଥାନ୍ତି । ଆପଣ ୭୦ରେ ନିଅନ୍ତୁ ।"

ମୁଁ କହିଲି "ଦେଖ ବୁଢ଼ା, ଦର ବହୁତ ହୋଇ ଯାଉଛି । ୫୦ ପଇସା ନିଅ ।" "ହଉ ଯାହା ଦେଉଛ ଦିଅ" କହି ସେ ବାଇଗଣ ତଉଲି ଦେଇଦେଲା ଓ ମୁଁ ତାକୁ ପାଞ୍ଚ ଟଙ୍କିଆ ନୋଟ୍‌ଟିଏ ବଢ଼େଇ ଦେଲି । ବର୍ଷା ଓ ପବନ ଜୋରରେ ପିଟିବାରୁ ମୁଁ ତିନ୍ତି ଜୁବୁବୁବୁ । ବୁଢ଼ା ମୋତେ ଖଣ୍ଡିଏ ଦୁଇଟଙ୍କିଆ ନୋଟ ଓ ଟଙ୍କାକର [illegible] ଦେଇଦେଲା । ମୁଁ ନ ଗଣି ପଇସା ପକେଟ୍‌ରେ ପୂରାଇ ଅନ୍ୟ ସଉଦା କିଣାକିଣି କରି ଘରକୁ ଫେରିଲି ।

ରାତିରେ ଯେତେବେଳେ ହିସାବ ଲେଖିବାକୁ ଯାଏ ଦେଖିଲି କେବଳ ମୋର ଦେଢ଼ ଟଙ୍କାର ହିସାବ ଗୋଳମାଳ । ଭାବିଲି, ବର୍ଷାବେଳେ କେଉଁଠି ହଜିଲା । ମନ ଖରାପ ହେଲା । ଖାଇପିଇ ଥିର ହୋଇ ଶୋଇଲି ।

ଆଶ୍ଚର୍ଯ୍ୟ କଥା । ତିନିଦିନ ପରେ ଦେଖିଲି ସେ ବୁଢ଼ା ଯେ କି ମୋତେ ବାଇଗଣ ବିକିଥିଲା, ମୋତେ ଜଗିକରି ରହି ବସିଛି । ମୋତେ ଦେଖି ମୋ ପାଖକୁ ଦଉଡ଼ି ଆସିଲା । କହିଲା, 'ବାବୁ, ମୋର ଗୋଟାଏ ମସ୍ତ ଅପରାଧ ହୋଇଯାଇଛି । ମାଫ୍ କରିବେ । ଆପଣଙ୍କର ମନେ ଥିବ ସେଦିନ ବର୍ଷା ବେଳେ ଆପଣଙ୍କଠାରୁ ମୁଁ ଟ ୫ ନେଇ ମାତ୍ର ଟ ୩ ଫେରାଇଛି । ମୋର ହୋସ ନାହିଁ ବାବୁ, ବର୍ଷା ଯୋଗୁଁ ସବୁ ଗୋଳମାଳିଆ ହୋଇଗଲା । ଏଇ ଆପଣଙ୍କର ଦେଢ଼ ଟଙ୍କା ପାଇବାର କଥା ନିଅନ୍ତୁ' । ବୁଢ଼ାର ସଚ୍ଚୋଟପଣିଆ ମୋତେ ଅବାକ୍ କରିଦେଲା । ମୁଁ ତାକୁ ଅଧିଅଣା ବକ୍‌ସିସ୍ ସ୍ୱରୂପ ଦେବାକୁ ବସିବାରୁ ସେ ନମ୍ରଭାବରେ ପ୍ରତିବାଦ କଲା । ମୋର ବାରଣ ସତ୍ତ୍ୱେ ମୋତେ ଅଉ ଏକକେଜି ବାଇଗଣ 'ବକ୍‌ସିସ୍' ଦେଇ ବିଦାୟ କଲା ।

ସୁ. କୁ. ପ.
ନୟାଗଡ଼



OGP—MP-II [Home (P. R.)] 82—10,000—23-1-1973




ନୂଆଦିଲ୍ଲୀରେ ଅନୁଷ୍ଠିତ ତୃତୀୟ ଏସିଆ ଆନ୍ତର୍ଜାତିକ ବାଣିଜ୍ୟ ମେଳାର ଏକ ଦୃଶ୍ୟ ।



ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ୧୯୭୨ ଡିସେମ୍ବର ୧୧ ତାରିଖ ଦିନ ଏସିଆ-୭୨ ବାଣିଜ୍ୟ ମେଳାରେ ଓଡ଼ିଶା ମଣ୍ଡପ ପରିଦର୍ଶନ କରିଥିଲେ ।

(ଚିତ୍ରରେ) ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ପ୍ରଧାନମନ୍ତ୍ରୀଙ୍କୁ ଏକ ସମ୍ବଲପୁରୀ ଶାଢ଼ୀ ଉପହାର ଦେଉଛନ୍ତି ।



ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ୧୯୭୨ ଡିସେମ୍ବର ୧୧ ତାରିଖ ଦିନ ଏସିଆ-୭୨ ବାଣିଜ୍ୟ ମେଳା ପରିଦର୍ଶନ କରିଥିଲେ । (ଚିତ୍ରରେ) ଶ୍ରୀମତୀ ଗାନ୍ଧୀ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସହିତ ଓଡ଼ିଶା ମଣ୍ଡପ ବୁଲି ଦେଖୁଛନ୍ତି ।




ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ୧୯୭୨ ଡିସେମ୍ବର ୮ ତାରିଖ ଦିନ ଏସିଆ-୭୨ ବାଣିଜ୍ୟମେଳା ପରିଦର୍ଶନ କରିଥିଲେ ।

(ଚିତ୍ରରେ) ଶ୍ରୀମତୀ ଗାନ୍ଧୀ ଜାହାଜ ଓ ପରିବହନ ବିଭାଗର ମଣ୍ଡପ ବୁଲି ଦେଖୁଛନ୍ତି ।

## ଚିତ୍ରେ ସମ୍ବାଦ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଏସିଆ-୭୨ ବାଣିଜ୍ୟମେଳାରେ ଓଡ଼ିଶା ମଣ୍ଡପ ପରିଦର୍ଶନ କରୁଛନ୍ତି ।





ାର ରାଜ୍ୟପାଳ ଶ୍ରୀ ବି. ଡି. ଜାତି ଓ ଶ୍ରୀମତୀ ଜାତି ୧୯୭୨ ଡିସେମ୍ବର ୩ ତାରିଖ ଦିନ ଏସିଆ-୭୨ ବାଣିଜ୍ୟ ମେଳା ପରିଦର୍ଶନ କଲେ । (ଚିତ୍ରରେ) ରାଜ୍ୟପାଳ ଶ୍ରୀ ଜାତି ଓ ଶ୍ରୀମତୀ ଜାତି ଓଡ଼ିଶା ମଣ୍ଡପର ତାରକସି କାମ ଦେଖୁଛନ୍ତି । ଓଡ଼ିଶାର ତାରକସି କାମ ଦେଖିବା ପାଇଁ ଓଡ଼ିଶା ମଣ୍ଡପରେ ବହୁ ଦର୍ଶକଙ୍କର ସମାଗମ ହେଉଛି ।

## ଚଟେ ସମ୍ବାଦ

କେରଳର ଅର୍ଥମନ୍ତ୍ରୀ ଡକ୍ଟର କେ. ଟି. ଆଡ଼ିୟୋଡ଼ି କେରଳ ରାଜ୍ୟ ସରକାରଙ୍କ ତରଫରୁ ୧୯୭୨ ଡିସେମ୍ବର ୨୦ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କର ନୂଆଦିଲ୍ଲୀସ୍ଥ ବାସଭବନରେ ଗୋଟିଏ ହାତୀଛୁଆ ଉପହାର ଦେଇଥିଲେ । ଏହି ହାତୀଛୁଆଟି ପୂର୍ବରୁ ଏସିଆ-୭୨ ବାଣିଜ୍ୟ ମେଳାର କେରଳ ମଣ୍ଡପରେ ରଖାଯାଇଥିଲା । (ଚିତ୍ରରେ) ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କୁ ହାତୀଛୁଆଟି ପୁଷ୍ପମାଳ ପିନ୍ଧାଇ ଦେଉଥିବାର ଦୃଶ୍ୟ






କଲିକତାଠାରେ ବଙ୍ଗ ସଂସ୍କୃତି ସମ୍ମିଳନୀ ଦ୍ୱାରା ଆୟୋଜିତ ପ୍ରଦର୍ଶନୀରେ ଓଡ଼ିଶା ମଣ୍ଡପର ବହିରଙ୍ଗର ଦୃଶ୍ୟ ।

## ଚିତ୍ରେ ସମ୍ବାଦ

କଲିକତାଠାରେ ବଙ୍ଗ ସଂସ୍କୃତି ସମ୍ମିଳନୀ ଉପଲକ୍ଷେ ଆୟୋଜିତ ପ୍ରଦର୍ଶନୀରେ ଓଡ଼ିଶା ମଣ୍ଡପକୁ ଦର୍ଶକମାନଙ୍କ ସମାଗମ ।





ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ୧୯୭୨ ଡିସେମ୍ବର ୭ ତାରିଖ ଦିନ ସଶସ୍ତ୍ର ବାହିନୀର ପତାକା ଦିବସ ଉପଲକ୍ଷେ ଚାନ୍ଦା ପ୍ରଦାନ କରୁଛନ୍ତି ।

## ଚିତ୍ରେ ସମ୍ବାଦ

୧୯୭୨ ଡିସେମ୍ବର ୧୯ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କର ନୂଆଦିଲ୍ଲୀସ୍ଥ ବାସଭବନରେ ଭାରତସ୍ଥିତ ବଙ୍ଗଳାଦେଶର ହାଇକମିଶନର ଡକ୍ଟର ଏ. ଆର. ମଲ୍ଲିକ ଗୋଟିଏ ମୋଟର କାର ଉପହାର ଦେଇଥିଲେ ।

(ଚିତ୍ରରେ) ଡକ୍ଟର ମଲ୍ଲିକ ଶ୍ରୀମତୀ ଗାନ୍ଧୀଙ୍କୁ କାର୍‌ଟିର ଚାବି ପ୍ରଦାନ କରୁଛନ୍ତି ।





ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଓ ବର୍ତ୍ତମାନ ରାଜସ୍ଥାନର ରାଜ୍ୟପାଳ ସରଦାର ଯୋଗେନ୍ଦ୍ର ସିଂହଙ୍କୁ ୧୯୭୨ ଡିସେମ୍ବ
ଭୁବନେଶ୍ୱର ବିମାନଘାଟୀଠାରେ ଉଚ୍ଛ୍ୱସିତ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଓଡ଼ିଶାର ସ୍ୱରାଷ୍ଟ୍ର ଶାସନସଚିବ
ସରକାରୀ କର୍ମଚାରୀ ବିମାନଘାଟୀଠାରେ ତାଙ୍କୁ ବିଦାୟ ଦେଇଥିଲେ ।

## ଚିତ୍ରେ ସମ୍ବାଦ

ଓଡ଼ିଶାର ସଚିବାଳୟ ସାଂସ୍କୃତିକ ସଂଘ ଅହମଦାବାଦଠାରେ ଅନୁଷ୍ଠିତ ନିଖିଳ ଭାରତ ସଚିବାଳୟ ନାଟକ ପ୍ରତିଯୋଗି
ନାମକ ଓଡ଼ିଆ ନାଟକ ପରିବେଷଣ କରି ଛଅଟି ପୁରସ୍କାର ବିଜେତା ହୋଇପାରିଛନ୍ତି । ଚିତ୍ରରେ ଓଡ଼ିଶା ସରକାରଙ୍କ
ଓଡ଼ିଶା ସଚିବାଳୟ ସାଂସ୍କୃତିକ ସଂଘର ଜଣେ ସଦସ୍ୟଙ୍କୁ ସିଲ୍ଡ ପ୍ରଦାନ କରୁଛନ୍ତି ।





୧୯୭୨ ଡିସେମ୍ବର ୧୯ ତାରିଖରେ କଟକ ନାରୀ ସଂଘ ସଦନଠାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ । ପରେ ସହରର ବିଭିନ୍ନ ମହିଳା ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।

## ଚିତ୍ରେ ସମ୍ବାଦ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ୧୯୭୨ ଡିସେମ୍ବର ୨୧ ତାରିଖ ଦିନ ଦରଦାମ ବୃଦ୍ଧି ରୋକିବା ସଂପର୍କରେ ବ୍ୟବସ୍ଥା ଗ୍ରହଣ କରିବା ସକାଶେ ଆଲୋଚନା କରିବା ପାଇଁ କଟକରେ ଆହୂତ ଏକ ବୈଠକରେ ଆଲୋଚନା କରୁଛନ୍ତି ।





ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ୧୯୭୩ ଜାନୁଆରୀ ୧ ତାରିଖ ଦିନ ନବବର୍ଷ ଉପଲକ୍ଷେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ବି. ଡି. ଜାଟିଙ୍କସହ ସାକ୍ଷାତ କରି ଶୁଭେଚ୍ଛା ଜ୍ଞାପନ କରିଥିଲେ ।

## ଚନ୍ଦ୍ରେ ସମ୍ବାଦ

ଜୟନ୍ ଚେୟାରମ୍ୟାନ ଶ୍ରୀ ଏସ୍. ଏମ୍. ସାହୁକାର ଗୁଣୁପୁରଠାରେ ଶହ ଶହ ବନ୍ୟା ପ୍ରପୀଡ଼ିତ ହରିଜନ ଓ ଗିରିଜନ ବ୍ୟକ୍ତିଙ୍କୁ ବସ୍ତ୍ର ବିତରଣ କରୁଛନ୍ତି । ପ୍ରାୟ ଦଶ ହଜାର ଟଙ୍କା ମୂଲ୍ୟର ବସ୍ତ୍ର ରାଜଗାଙ୍ଗପୁରସ୍ଥିତ ମେସରସ ଓଡ଼ିଶା ସିମେଣ୍ଟ ଲିମିଟେଡଙ୍କ ପକ୍ଷରୁ ଦାନ କରାଯାଇ ଥିଲା ।





ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ୧୯୭୨ ଡିସେମ୍ବର ୧୯ ତାରିଖ ଦିନ କଟକ ରେଭେନସା କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାଉତ୍ସବରେ ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିଲେ ।

(ଚିତ୍ରରେ) ଶ୍ରୀମତୀ ଶତପଥୀ କ୍ରୀଡ଼ା ପ୍ରତିଯୋଗିତା ଦେଖୁଛନ୍ତି ।

## ଚିତ୍ରେ ସମ୍ବାଦ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ୧୯୭୨ ଡିସେମ୍ବର ୧୯ ତାରିଖ ଦିନ ରାଧାନାଥ ପ୍ରଶିକ୍ଷଣ ମହାବିଦ୍ୟାଳୟର ଶିଶିର ଉତ୍ସବ ଉପଲକ୍ଷେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।





ଓଡ଼ିଶାର ରାଜ୍ୟପାଳ ଶ୍ରୀ ବି: ଡ଼ି: ଯାଟି ୧୯୭୨ ଡିସେମ୍ବର ୬ ତାରିଖ ଦିନ ଭୁବନେଶ୍ୱର ବିମାନଘାଟିଠାରେ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ହସ୍ତରୁ ଶ୍ରୀ ଅରବିନ୍ଦଙ୍କ ପବିତ୍ର ଦେହାବଶେଷ ଗ୍ରହଣ କରୁଛନ୍ତି ।

## ଚିତ୍ରେ ସମ୍ବାଦ

ଓଡ଼ିଶାର ରାଜ୍ୟପାଳ ଶ୍ରୀ ବି: ଡ଼ି: ଯାଟି ୧୯୭୨ ଡିସେମ୍ବର ୧୧ ତାରିଖ ଦିନ ଭଦ୍ରକ କଲେଜ ୟୁନିୟନ ଉଦଘାଟନ କରି ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଉଛନ୍ତି ।





ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ୧୯୭୨ ଡିସେମ୍ବର ୧୧ ତାରିଖ ଦିନ ତୃତୀୟ ଏସିଆ ଆନ୍ତର୍ଜାତିକ ବାଣିଜ୍ୟ ମେଳା ପରିଦର୍ଶନ କରିଥିଲେ ।

(ନିମ୍ନରେ) ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଓଡ଼ିଶା ମଣ୍ଡପରେ ପହଞ୍ଚିବା ପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ

Vol. XXIX. No. 6 UTKAL PRASANGA Regd. No
Licence No. C. R. N. P. 5—Licensed to post without pre-payment



# ରାଉରକେଲା ଇସ୍ପାତ ପ୍ରକଳ୍ପ
# ଓଡ଼ିଶାର ଶିଳ୍ପ ବିକାଶକୁ ଉତ୍ସାହିତ କରୁଛି

ରାଉରକେଲା ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ହେବା ଫଳରେ ଓଡ଼ିଶାରେ ଅନେକ ଉପଯୋଗୀ ଏବଂ ସହାୟକ ଶିଳ୍ପର ବିକାଶ ହୋଇ ପାରିଛି । ଏଥିମଧ୍ୟରୁ ୩୦ଟି ସହାୟକ ଶିଳ୍ପ ପ୍ରତିଷ୍ଠାନ ଅନ୍ୟ ୨୦୦୦ ଲୋକଙ୍କୁ କର୍ମସଂସ୍ଥାନ ଯୋଗାଇବା ସହିତ ରାଉରକେଲା ଇସ୍ପାତ ପ୍ରକଳ୍ପକୁ ବାର୍ଷିକ ୨୦ କୋଟି ଟଙ୍କାର ଦ୍ରବ୍ୟ ଯୋଗାଉଛନ୍ତି ।

ଓଡ଼ିଶା ସରକାରଙ୍କର ସକ୍ରିୟ ପ୍ରୋତ୍ସାହନ ପାଇ ଏପରି ଅନେକ ଶିଳ୍ପ ପ୍ରତିଷ୍ଠାନ ଆଗାମୀ କେତେ ବର୍ଷ ମଧ୍ୟରେ ରାଉରକେଲାଠାରେ ଶିଳ୍ପୋଦ୍ୟୋଗୀମାନଙ୍କ ଦ୍ୱାରା ସ୍ଥାପିତ ହେବ ଏବଂ ଅନ୍ୟ ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେବ ।

ଏହି ଅଞ୍ଚଳରେ ଥିବା ଏହି ଅବ୍ୟାହତ ରହିବ ରାଉରକେଲା ଇସ୍ପାତ ପ୍ରକଳ୍ପ ଓଡ଼ିଶାର ଶିଳ୍ପାୟନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

HINDUSTAN STEEL LIMITED
ହିନ୍ଦୁସ୍ତାନ ଷ୍ଟିଲ
ଭାରତ୍ ଅଗ୍ରଗତି ଉନ୍ନତି ଏକ ଭାରତୀୟ ଅଗ୍ର